# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର,ଏପ୍ରିଲ ୨୦/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 20/2019 | ★★★★★★

୪୫ଶ ଭାଗ ୧୪୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-



## ଆମ ଭାଷା, ଜୀବନଜୀବିକା ଏବଂ ଐତିହ୍ୟ ପାଇଁ କେନ୍ଦ୍ର ବିଜେପିର କୁମ୍ଭୀର କାନ୍ଦଣା ।

### ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ କୋଶଲୀ/ସମ୍ବଲପୁରୀ ଭାଷା

୫ବର୍ଷ ପରେ ମଧ୍ୟ କେନ୍ଦ୍ରର ବିଜେପି ସରକାର ଦ୍ୱାରା ପ୍ରାପ୍ତିସ୍ୱୀକାରରେ ସୀମିତ । ପ୍ରାୟ ୨କୋଟି ଲୋକଙ୍କ ଦ୍ୱାରା ବ୍ୟବହୃତ ଭାଷା ବିରୁଦ୍ଧରେ ଏହା ଏକ ଯୋଜନାବଦ୍ଧ ଷଡଯନ୍ତ୍ର ।



### ଲକ୍ଷ ଲକ୍ଷ ଓଡ଼ିଆଙ୍କର ଜୀବନଧାରା : ମହାନଦୀ

ମହାନଦୀକୁ ଶୁଖାଇ ଦେବା ପାଇଁ ତତ୍କାଳୀନ ଛତିଶଗଡ ସରକାରଙ୍କ ଷଡଯନ୍ତ୍ର ଏବଂ ସେଥିରେ କେନ୍ଦ୍ର ବିଜେପି ସରକାରର ପ୍ରରୋଚନା । ଆଇନର ଆଶ୍ରୟ ହିଁ ଆମକୁ ଶେଷରେ ଦେଲା ସୁରକ୍ଷା ।



### ମରାଳମାଳିନୀ ଚିଲିକା : ଲକ୍ଷାଧିକ ମତ୍ସ୍ୟଜୀବୀଙ୍କ ମା’

ଚିଲିକାର ପର୍ଯ୍ୟାବରଣ ସହିତ ଲକ୍ଷ୍ୟାଧିକ ମତ୍ସ୍ୟଜୀବୀଙ୍କ ଜୀବନଜୀବିକା ସଂପୂର୍ଣ୍ଣ ଭାବରେ ଧ୍ୱଂସ ହୋଇଯାଇଥାନ୍ତା, ଯଦି ଆମେ ଠିକଣା ସମୟରେ ହସ୍ତକ୍ଷେପ ନ କରି କେନ୍ଦ୍ର ବିଜେପି ସରକାର ଦ୍ୱାରା ପ୍ରସ୍ତାବିତ ୱାଟର ଏରୋଡମ୍‌କୁ ବନ୍ଦ କରାଇ ନଥାନ୍ତୁ ।



### କୋଣାର୍କର ସୂର୍ଯ୍ୟ ମନ୍ଦିର : ଆମ ବିଶ୍ୱପ୍ରସିଦ୍ଧ ଐତିହ୍ୟ

କୋଣାର୍କର ସୂର୍ଯ୍ୟ ମନ୍ଦିରର ମରାମତି ଏବଂ ରକ୍ଷଣାବେକ୍ଷଣରେ କେନ୍ଦ୍ର ପ୍ରତ୍ନତତ୍ୱ ବିଭାଗର ଐତିହାସିକ ଅବହେଳା ।



ଯାହା ଜଣାପଡୁଛି, ଆମ ଗର୍ବ ଓ ଗୌରବର ପ୍ରତୀକ ଆମ ଐତିହ୍ୟ, ଆମ ପ୍ରାକୃତିକ ସଂପଦ ଏବଂ ଆମ ପର୍ଯ୍ୟାବରଣକୁ ଧ୍ୱଂସ କରିଦେବା ପାଇଁ କେନ୍ଦ୍ରର ବିଜେପି ସରକାରର ଏକ ଅଘୋଷିତ ଷଡଯନ୍ତ୍ର ଚାଲିଛି ।

**ଏବେ ଏହାକୁ ପ୍ରତିହତ କରିବାର ସମୟ ।**

ବିଜୁ ଜନତା ଦଳ

ଓଡ଼ିଶାର ସ୍ୱାର୍ଥ, ସ୍ୱାଭିମାନ ଓ ବିକାଶ ପାଇଁ ଲଢ଼େଇ

ବିଜେଡିକୁ ଜିତାଇବା ।
କେନ୍ଦ୍ର ବିରୁଦ୍ଧରେ ଆମ ସଂଗ୍ରାମକୁ ଜୋରଦାର୍ କରିବା ।

# ଭାଜପାକୁ ଭୁଲରେ ଭୋଟ ଦେଇ ନିଜ ଅଙ୍ଗୁଳି କାଟିଲେ

ବୁଲନ୍ଦସହର,୧୯।୪

ଉତ୍ତରପ୍ରଦେଶର ବୁଲନ୍ଦସହରରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ପବନ କୁମାର(୨୫) ନାମକ ଜଣେ ଦଳିତ ମତଦାତା ବିଏସ୍‌ପି ପ୍ରାର୍ଥୀ ଯୋଗେଶ ବର୍ମାଙ୍କୁ ଭୋଟ ଦେବାକୁ ଚାହୁଁଥିଲେ। କିନ୍ତୁ ଭୁଲବଶତଃ ସେ ଭାଜପା ପ୍ରାର୍ଥୀ ଭୋଲା ସିଂଙ୍କୁ ଭୋଟ ଦେଇଥିଲେ। ପଦ୍ମଫୁଲ ଚିହ୍ନରେ ଭୁଲ ବଟନ୍ ଦବାଇ ଦେଇଥିବାରୁ ଗୁରୁବାର ସେ ନିଜ ତର୍ଜନୀ ଅଙ୍ଗୁଳିକୁ କାଟିଦେଇଥିବା କହିଛନ୍ତି । ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।



# ରଜନୀକାନ୍ତଙ୍କ ଡାହାଣ ତର୍ଜନୀରେ କାଳିଚିହ୍ନ

ଚେନ୍ନାଇ,୧୯।୪

ଅଭିନେତାରୁ ରାଜନେତା ସାଜିଥିବା ରଜନୀକାନ୍ତ ଗୁରୁବାର ଚେନ୍ନାଇର ଷ୍ଟେଲା ମାରିସ୍ କଲେଜକୁ ଭୋଟ ଦେବାକୁ ଯାଇଥିଲେ। ନିୟମ ଅନୁସାରେ ଭୋଟ ଦେବା ପୂର୍ବରୁ ତାଙ୍କର ବାମହାତ ତର୍ଜନୀରେ କାଳିଚିହ୍ନ ଲଗାଇବା କଥା। କିନ୍ତୁ ସେଠାରେ ନିୟୋଜିତ ନିର୍ବାଚନ ଅଧିକାରୀ ଜଣକ ରଜନୀକାନ୍ତଙ୍କ ଡାହାଣ ହାତ ତର୍ଜନୀରେ କାଳିଚିହ୍ନ ଲଗାଇଦେଇଥିଲେ। ଏହା ଜଣାପଡ଼ିବା ପରେ ନିର୍ବାଚନ କମିଶନ ତାମିଲନାଡୁ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସତ୍ୟବ୍ରତ ସାହୁଙ୍କୁ ରିପୋର୍ଟ ମାଗିଛନ୍ତି। ଅନ୍ୟପକ୍ଷରେ ୨୦୨୧ରେ ତାମିଲନାଡୁରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ସମସ୍ତ ୨୩୪ ଆସନରେ ଲଢ଼ିବାକୁ ପ୍ରସ୍ତୁତ ଥିବା ତାମିଲ ସୁପରଷ୍ଟାର ରଜନୀକାନ୍ତ କହିଛନ୍ତି।



# ଭାଜପା କର୍ମୀଙ୍କୁ ଅଙ୍ଗୁଳି ଦେଖାଇଲେ...

**ଗାଜିଆବାଦ,୧୯।୪ :** ଭାଜପା କର୍ମୀଙ୍କୁ ଅଙ୍ଗୁଳି ଦେଖାଇଲେ ୪ ଘଣ୍ଟା ମଧ୍ୟରେ ପ୍ରତିଶୋଧ ନିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ମନୋଜ ସିହ୍ନା ଧମକ ଦେଇଛନ୍ତି। ଉତ୍ତରପ୍ରଦେଶର ଗାଜିପୁର ଏମ୍‌ପି ମନୋଜ ଏଥର ଏହି ଲୋକ ସଭା ଆସନରୁ ପୁଣିଥରେ ଭାଜପା ପ୍ରାର୍ଥୀ ହୋଇଛନ୍ତି। ସୈଦପୁର ଅଞ୍ଚଳରେ 'କିଷାନ ପଞ୍ଚାୟତ ସମ୍ମିଳନୀ'କୁ ଗୁରୁବାର ସମ୍ବୋଧିତ କରି ସେ କହିଛନ୍ତି, ଭାଜପା କର୍ମୀମାନେ ଦୁର୍ନୀତି ଏବଂ ଆପରାଧିକ କାର୍ଯ୍ୟକଳାପ ଜରିଆରେ ଠୁଳ କରାଯାଇଥିବା ଧନ ହଟାଇବାକୁ ପ୍ରସ୍ତୁତ ଅଛନ୍ତି। ମୁଁ ଆପଣମାନଙ୍କୁ ପ୍ରତିଶ୍ରୁତି ଦେଉଛି ଯେ, ଭାଜପା କର୍ମୀମାନଙ୍କୁ ଯିଏ ଅଙ୍ଗୁଳି ଦେଖାଇବେ ସିଏ ୪ ଘଣ୍ଟା ମଧ୍ୟରେ ସୁରକ୍ଷିତ ନ ଥିବେ। ପୂର୍ବାଞ୍ଚଳର କୌଣସି ଅପରାଧୀ ଗାଜିପୁର ସୀମାକୁ ପ୍ରବେଶ କରିବା ଅବସ୍ଥାରେ ନାହାନ୍ତି। କେହି ଭାଜପା କର୍ମୀଙ୍କ ଉପରେ ନଜର ପକାଇଲେ ତାଙ୍କ ଆଖି ତାଡ଼ି ଦିଆଯିବ। ପ୍ରକାଶ ଯେ, ଏହି ଆସନରେ ମନୋଜଙ୍କ ବିରୋଧରେ ମାଫିଆରୁ ରାଜନେତା ପାଲଟିଥିବା ମୁଖ୍‌ତାର ଅନ୍‌ସାରିଙ୍କ ଭାଇ ଅଫ୍‌ଜଲ ଅନ୍‌ସାରିଙ୍କୁ ବିଏସ୍‌ପି ପ୍ରାର୍ଥୀ କରିଛି।



■ ୨୪ ବର୍ଷ ପରେ ଗୋଟିଏ ମଞ୍ଚରେ ମୁଲାୟମ, ମାୟାବତୀ

# ପରସ୍ପରକୁ ପ୍ରଶଂସା, ମୋଦିଙ୍କୁ ଟାର୍ଗେଟ

ମୈନ୍‌ପୁରୀ,୧୯।୪(ପି.ଟି.)

ଦୀର୍ଘ ୨୪ ବର୍ଷର ଶତ୍ରୁତାକୁ ଭୁଲି ଗୋଟିଏ ମଞ୍ଚରେ ଏକାଠି ହୋଇଛନ୍ତି ଉତ୍ତରପ୍ରଦେଶର ଦୁଇ ବରିଷ୍ଠ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମାୟାବତୀ ଓ ମୁଲାୟମ୍ ସିଂ ଯାଦବ। ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ ଓ ସମାଜବାଦୀ ପାର୍ଟି (ଏସ୍‌ପି) ପ୍ରତିଷ୍ଠାତା ମୁଲାୟମ ଶୁକ୍ରବାର ମୈନ୍‌ପୁରୀର ଏକ ନିର୍ବାଚନୀ ସଭାରେ ଗୋଟିଏ ମଞ୍ଚରେ ଏକତ୍ରିତ ହେବା ଜାତୀୟ ରାଜନୀତିର ସବୁଠୁ ଚର୍ଚ୍ଚିତ ଘଟଣା ପାଲଟିଛି। ମାୟାବତୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ନକଲି ନେତା' ବୋଲି ସମାଲୋଚନା କରିବା ସହ ମୁଲାୟମ୍‌ଙ୍କୁ ପଛୁଆ ବର୍ଗର ଜଣେ 'ପ୍ରକୃତ ନେତା' ଭାବେ ଅଭିହିତ କରିଛନ୍ତି। ଏହାସହ ସେ ମୁଲାୟମ୍‌ଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଅନ୍ୟପକ୍ଷରେ ମାୟାବତୀଙ୍କ ଋଣ କେବେ ଭୁଲି ପାରିବେନାହିଁ ବୋଲି କହି ପ୍ରଶଂସାରେ ତାଙ୍କୁ ପୋତି ଦେଇଛନ୍ତି ୭୯ ବର୍ଷୀୟ ମୁଲାୟମ୍।

୧୯୯୩ରେ ଏସ୍‌ପି-ବିଏସ୍‌ପି ମଧ୍ୟରେ ମେଣ୍ଟ ହୋଇଥିଲା। ଦୁଇ ଦଳ ମିଶି ଦୁଇବର୍ଷ ସରକାର ଚଳାଇଥିଲେ। ୧୯୯୫ ମେ ମାସରେ ଲକ୍ଷ୍ନୌସ୍ଥିତ ଭିଭିଆଇପି ଗେଷ୍ଟ ହାଉସ୍‌ରେ ଏସ୍‌ପି କର୍ମୀମାନେ ମାୟାବତୀଙ୍କୁ ଦୁର୍ବ୍ୟବହାର ଦେଖାଇବା ପରେ ମେଣ୍ଟ ଭାଙ୍ଗିଯାଇଥିଲା। ସେବେଠୁ ଦୁଇନେତା ପରସ୍ପରକୁ କେବେ ଚାହିଁ ନ ଥିଲେ। ଏହାର ୨୪ ବର୍ଷ ପରେ ରାଜନୀତିର ବାଧ୍ୟବାଧକତା ଉଭୟଙ୍କୁ ପୁଣି ଏକାଠି କରିଛି ଗୋଟିଏ ମଞ୍ଚରେ। ଖ୍ରୀଷ୍ଟିୟାନ୍ କଲେଜ ଗ୍ରାଉଣ୍ଡରେ ଆୟୋଜିତ ସଭାରେ ତାଙ୍କ ସହ ସାମିଲ ହୋଇଥିଲେ ମହାମେଣ୍ଟର ସୂତ୍ରଧର ତଥା ଏସ୍‌ପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବ। ଏସ୍‌ପି-ବିଏସ୍‌ପି-ଆର୍‌ଏଲ୍‌ଡି ମହାମେଣ୍ଟ ପକ୍ଷରୁ ମୈନ୍‌ପୁରୀ ଲୋକ ସଭା ଆସନର ପ୍ରାର୍ଥୀ ହୋଇଥିବା ମୁଲାୟମ୍ ମଞ୍ଚ ଉପରକୁ ଆସିବାବେଳେ ମାୟାବତୀ ତାଙ୍କୁ ଛିଡ଼ାହୋଇ ସ୍ୱାଗତ କରିଥିଲେ। ଏସ୍‌ପିର ଦୁର୍ଗ ଭାବେ ପରିଚିତ ମୈନ୍‌ପୁରୀରେ 'ମାୟାବତୀ ଜୀ'ଙ୍କୁ ସବୁବେଳେ ସମ୍ମାନ ଦେବାକୁ ଦଳୀୟ ସମର୍ଥକଙ୍କୁ ମୁଲାୟମ୍ ପରାମର୍ଶ ଦେଇଥିଲେ। ମୁଲାୟମ୍ କହିଥିଲେ, ଅନେକ ଦିନ ପରେ ମାୟାବତୀଙ୍କ ସହ ଗୋଟିଏ ମଞ୍ଚରେ ଛିଡ଼ା ହୋଇଛି। ଶେଷଥର ପାଇଁ ନିର୍ବାଚନ ଲଢୁଥିବାରୁ ବିପୁଳ ଭୋଟରେ ବିଜୟୀ କରିବାକୁ ସେ ମତଦାତାଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ଦେଶରେ ବଢ଼ିଚାଲିଥିବା ନାରୀ ନିର୍ଯାତନାକୁ ନେଇ କେନ୍ଦ୍ର ଉପରେ ସେ ବର୍ଷିଥିଲେ। ତେବେ ୧୯୯୫ ଘଟଣାକୁ ମାୟାବତୀ ଭୁଲିପାରି ନ ଥିବା ତାଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଛି। ମାୟାବତୀ କହିଥିଲେ, ଗେଷ୍ଟ ହାଉସ୍ ଘଟଣା ସତ୍ତ୍ୱେ ସେ ମୁଲାୟମ୍‌ଙ୍କ ପାଇଁ କାହିଁକି ପ୍ରଚାର କରିଆସିଛନ୍ତି ସେନେଇ ଲୋକଙ୍କ ମନରେ ପ୍ରଶ୍ନ ଥାଇପାରେ। ହେଲେ ଏସ୍‌ପି ସହିତ ମେଣ୍ଟ କରିବାର କଠିନ ନିଷ୍ପତ୍ତି ଦେଶ, ଜନସାଧାରଣ ଓ ଦଳୀୟ ଅଭିଯାନର ସ୍ୱାର୍ଥ ପାଇଁ ନିଆଯାଇଛି। ମୁଲାୟମ୍ ସବୁ ବର୍ଗର ଲୋକଙ୍କୁ ନେଇ ଏସ୍‌ପି ଟିକେଟ ଦେଇଛନ୍ତି। ଦଳ ତାଙ୍କୁ ମୋଦିଙ୍କ ଭଳି ନକଲି ନୁହେଁ, ବରଂ ପଛୁଆ ବର୍ଗର ଅସଲ ନେତା ବୋଲି ମନେକରୁଛି। ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳୁ ସରକାରୀ କଳର ଅପବ୍ୟବହାର କରିଆସିଛନ୍ତି। ଏବେ ତାଙ୍କର ନକଲି ଚୌକିଦାରି ଡ୍ରାମା ଭାଜପାକୁ ଆଉ ବଞ୍ଚାଇ ପାରିବନାହିଁ। ମାୟବତୀ 'ଜୟ ଭୀମ' ସ୍ଲୋଗାନ ସହ 'ଜୟ ଲୋହିଆ' ଯୋଡ଼ି ନିଜ ବକ୍ତବ୍ୟ ଶେଷ କରିଥିଲେ। ସେହିପରି ଅଖିଳେଶ କହିଥିଲେ, ଭାଜପା ବାଲା 'ନୂଆ ଭାରତ' ଗଢ଼ିବା କଥା କହୁଛନ୍ତି। ଆମେ କହୁଛି ନୂଆ ପ୍ରଧାନମନ୍ତ୍ରୀ ଦରକାର। ନୂଆ ପ୍ରଧାନମନ୍ତ୍ରୀ ଆସିଲେ ଦେଶ ଆପେ ବଦଳିଯିବ।



ମୈନ୍‌ପୁରୀ ସଭାରେ ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ସହ ଏସ୍‌ପି ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବ ଓ ଦଳର ଅଧ୍ୟକ୍ଷ ଅଖିଳେଶ ଯାଦବ।

- ■ ଭାଜପାକୁ ବଞ୍ଚାଇ ପାରିବନି ଚୌକିଦାରଙ୍କ ଡ୍ରାମା: ମାୟାବତୀ
- ■ ମୁଲାୟମ କହିଲେ ମାୟାବତୀଙ୍କ ଋଣ ଭୁଲି ପାରିବିନାହିଁ
- ■ ନୂଆ ପ୍ରଧାନମନ୍ତ୍ରୀ ଆସିଲେ ଦେଶ ବଦଳିଯିବ: ଅଖିଳେଶ

■ ୨୬/୧୧ ଶହୀଦଙ୍କ ପ୍ରତି ପ୍ରଜ୍ଞା ଠାକୁରଙ୍କ ବିବାଦୀୟ ମନ୍ତବ୍ୟ

# 'ଅଭିଶାପରୁ ହୋଇଥିଲା କର୍‌କରେଙ୍କ ମୃତ୍ୟୁ'



ଭୋପାଳ,୧୯।୪(ପି.ଟି.)

୨୬/୧୧ ଆକ୍ରମଣବେଳେ ଶହୀଦ ହୋଇଥିବା ମୁମ୍ବାଇ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ମୁଖ୍ୟ ହେମନ୍ତ କର୍‌କରେଙ୍କ ପ୍ରତି ଭୋପାଳର ଭାଜପା ପ୍ରାର୍ଥୀ ତଥା ମାଲେଗାଓଁ ବିସ୍ଫୋରଣ ମାମଲାର ଅଭିଯୁକ୍ତ ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ତାଙ୍କ ଅଭିଶାପରୁ କର୍‌କରେଙ୍କ ମୃତ୍ୟୁ ହୋଇଥିଲା ବୋଲି ସେ କହିଛନ୍ତି। ତାଙ୍କର ଏଭଳି ମନ୍ତବ୍ୟକୁ ଆଇପିଏସ୍ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମାମାଗନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଅନ୍ୟପକ୍ଷରେ ଏହା ପ୍ରଜ୍ଞାଙ୍କ ବ୍ୟକ୍ତିଗତ ମତ ବୋଲି ଭାଜପା କହିଛି।

ଭୋପାଳରେ ପ୍ରଜ୍ଞା କହିଥିଲେ, ମାଲେଗାଓଁ ବିସ୍ଫୋରଣ ମାମଲାରେ ସେ ଜେଲ୍‌ରେ ଥିବାବେଳେ ତାଙ୍କୁ କର୍‌କରେ ନିର୍ଯାତନା ଦେଇଥିଲେ। ତାଙ୍କ ବିରୋଧରେ ଯଦି ପ୍ରମାଣ ନ ମିଳେ ତେବେ ବେଆଇନ ଭାବେ ଜେଲରେ ରଖାଯାଇପାରିବ ନାହିଁ ବୋଲି ତଦନ୍ତ କମିଶନ କର୍‌କରେଙ୍କୁ କହିଥିଲେ। କିନ୍ତୁ ତାଙ୍କୁ ଜେଲ୍‌ରୁ ଛଡାଯାଉ ବୋଲି କର୍‌କରେ ଚାହୁଁ ନ ଥିଲେ। ପ୍ରମାଣ ଯୋଗାଡ଼ ଲାଗି ସେ ଯାହା କିଛି ବି କରିପାରିବେ, ଏପରିକି ପ୍ରମାଣ ପ୍ରସ୍ତୁତ କରିପାରିବେ ବୋଲି କର୍‌କରେ କହିଥିଲେ। ବାରମ୍ବାର ଜେରା ଓ ନିର୍ଯାତନାରେ ଅତିଷ୍ଠ ହୋଇ ପ୍ରଜ୍ଞା ତାଙ୍କୁ ଅଭିଶାପ ଦେଇଥିଲେ। ଏହାର ଦେଢ଼ମାସ ପରେ ମୁମ୍ବାଇ ଆକ୍ରମଣ ବେଳେ ଆତଙ୍କବାଦୀଙ୍କ ଗୁଳିରେ କର୍‌କରେଙ୍କ ମୃତ୍ୟୁ ହୋଇଥିଲା ବୋଲି ପ୍ରଜ୍ଞା କହିଛନ୍ତି। ଆତଙ୍କବାଦ ନିରୋଧୀ ଲଢ଼େଇରେ ଦେଶ ପାଇଁ ଜୀବନ ଦେଉଥିବା ସମସ୍ତ ଯବାନଙ୍କ ପ୍ରତି ଏହା ଅପମାନ ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା ସମାଲୋଚନା କରିଛନ୍ତି।

## ରିପୋର୍ଟ ମାଗିଲେ ଇସି

ସେପଟେ ନିର୍ବାଚନ କମିଶନ(ଇସି) ପ୍ରଜ୍ଞାଙ୍କ ମନ୍ତବ୍ୟକୁ ନେଇ ରିପୋର୍ଟ ମାଗିଛନ୍ତି। ଏହାକୁ ନେଇ ବିବାଦ ସୃଷ୍ଟି ହେବା ପରେ ପ୍ରଜ୍ଞା ନିଜ ମନ୍ତବ୍ୟରୁ ଓହରି ଯିବା ସହ କ୍ଷମା ମାଗିଛନ୍ତି।

# ଶିବସେନାରେ ପ୍ରିୟଙ୍କା ଚତୁର୍ବେଦୀ

ମୁମ୍ବାଇ,୧୯।୪(ପି.ଟି.)

ପୂର୍ବତନ କଂଗ୍ରେସ ମୁଖପାତ୍ର ପ୍ରିୟଙ୍କା ଚତୁର୍ବେଦୀ ଶୁକ୍ରବାର ଶିବସେନାରେ ଯୋଗଦେଇଛନ୍ତି। ତାଙ୍କୁ ଦୁର୍ବ୍ୟବହାର କରିଥିବା ଦଳୀୟ କର୍ମୀଙ୍କୁ କଂଗ୍ରେସ ପୁନର୍ବାର ଦଳରେ ସାମିଲ କରିଥିବା ସେ ଅଭିଯୋଗ କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ପ୍ରିୟଙ୍କାଙ୍କୁ ସ୍ୱାଗତ କରି ଦଳ ଜଣେ ଭଲ ଭଉଣୀ ପାଇଲା ବୋଲି କହିଥିଲେ। ମହିଳାଙ୍କ ହକ୍ ନିମନ୍ତେ ଲଢ଼ିବା ପାଇଁ ଶିବସେନା ଭଲ ପ୍ଲାଟଫର୍ମ ଅନୁଭବ କରି ସେ ଉକ୍ତ ଦଳରେ ସାମିଲ ହୋଇଥିବା ପ୍ରିୟଙ୍କା କହିଛନ୍ତି।

କିଛିଦିନ ପୂର୍ବରୁ ମଥୁରାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉତ୍ତରପ୍ରଦେଶର କିଛି କଂଗ୍ରେସ କର୍ମୀ ପ୍ରିୟଙ୍କାଙ୍କୁ ଦୁର୍ବ୍ୟବହାର କରିବା ସହ ତାଙ୍କୁ ଧମକ ଦେଇଥିଲେ। ସେମାନଙ୍କୁ ପୁନର୍ବାର ଦଳରେ ସାମିଲ କରାଯିବା ତାଙ୍କୁ ଖୁବ୍ ଆଘାତ ଦେଇଥିଲା ବୋଲି ପ୍ରିୟଙ୍କା କହିଛନ୍ତି। ଯେଉଁଠି ନିଜର ଆତ୍ମସମ୍ମାନ ପାଇଁ ଲଢ଼ିପାରିଲି ନାହିଁ ସେଠାରେ ମହିଳାଙ୍କ ପାଇଁ କିପରି ଲଢ଼ିବି ଅନୁଭବ କରି କଂଗ୍ରେସ ଛାଡିଲି ବୋଲି ସେ ଗଣମାଧ୍ୟମକୁ କହିଛନ୍ତି।



# ହାର୍ଦ୍ଦିକଙ୍କୁ ଚାପୁଡ଼ା

ଅହମଦାବାଦ,୧୯।୪(ପି.ଟି.)

କଂଗ୍ରେସ ନେତା ହାର୍ଦ୍ଦିକ ପଟେଲଙ୍କୁ ଶୁକ୍ରବାର ଜଣେ ବ୍ୟକ୍ତି ଚାପୁଡ଼ା ମାରିଛନ୍ତି। ଗୁଜରାଟର ସୁରେନ୍ଦ୍ରନଗର ଜିଲା ବଲଦାନା ଗ୍ରାମର ଏକ ସଭାକୁ ହାର୍ଦ୍ଦିକ ସମ୍ବୋଧିତ କରୁଥିବାବେଳେ ତରୁଣ ଗଜ୍ଜାର ନାମକ ବ୍ୟକ୍ତି ତାଙ୍କ ଗାଲରେ ଚାପୁଡ଼ା ମାରିଥିବା ଅଭିଯୋଗ ହୋଇଛି। ଏହା ପଛରେ ଭାଜପାର ହାତ ରହିଛି ଏବଂ ତରୁଣ ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିଲେ ବୋଲି କ୍ଷୁବ୍ଧ ହାର୍ଦ୍ଦିକ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ଶାସକ ଦଳର କିଛି ଭୂମିକା ନାହିଁ। ଲୋକ ସଭା ନିର୍ବାଚନରେ ଭୋଟ ପାଇବା ପାଇଁ ଏହା କଂଗ୍ରେସର ଏକ ଡ୍ରାମା ବୋଲି ଭାଜପା ପକ୍ଷରୁ କୁହାଯାଇଛି। ମେହସାନା ଜିଲା କାଡ଼ି ସହର ନିବାସୀ ତରୁଣଙ୍କୁ ମଧ୍ୟ କଂଗ୍ରେସ କର୍ମୀ ଓ ହାର୍ଦ୍ଦିକଙ୍କ ସମର୍ଥକମାନେ ମାଡ ମାରିଛନ୍ତି। ଆହତ ତରୁଣ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସେ କହିଛନ୍ତି, ସେ କୌଣସି ଦଳ ସହ ଜଡ଼ିତ ନୁହନ୍ତି। ୨୦୧୫ ଅଗଷ୍ଟରେ ପଟିଦାର ସଂରକ୍ଷଣ ପାଇଁ ହାର୍ଦ୍ଦିକଙ୍କ ଆନ୍ଦୋଳନ ଯୋଗୁ ତାଙ୍କ ସ୍ତ୍ରୀ ଓ ପିଲା ହଇରାଣ ହୋଇଥିଲେ। ଏଥିଲାଗି ହାର୍ଦ୍ଦିକଙ୍କୁ ଆକ୍ରମଣ କରିବା ପାଇଁ ସେ ସେବେଠୁ ଯୋଜନା ଚଳାଇଥିଲେ। କିନ୍ତୁ ପୂର୍ବ ଉଦ୍ୟମ ବିଫଳ ହୋଇଥିଲା।





# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୦/୨୦୧୯ | Bhubaneswar, Saturday, April 20/2019 | ପୃଷ୍ଠା-୧




**‘କଳଙ୍କ’ରେ ସୋନାକ୍ଷୀ ସିହ୍ନା**

ଅଭିଷେକ୍ ବର୍ମନଙ୍କ ଚଳଚ୍ଚିତ୍ର ‘କଳଙ୍କ’ରେ ନିଜର ଭୂମିକାକୁ ନେଇ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ସନ୍ତୋଷ ବ୍ୟକ୍ତ କରିଛନ୍ତି।

୦୬

୧୭

**କୋହଲିଙ୍କ ଶତକ**

ବିରାଟ କୋହଲିଙ୍କ ଶତକ ସହାୟତାରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଶୁକ୍ରବାର ଆଇପିଏଲ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସକୁ ପରାସ୍ତ କରିଛି।








**ଆଜିର ସମ୍ପାଦକୀୟ**

ଇଡିରେ ବି ଗୋଷ୍ଠୀ

**ଆଜିର ମନ୍ତବ୍ୟ**

“ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଭଳି ପ୍ରଚାର କରୁଛନ୍ତି ସତେ ଯେପରି ସେ ନିଜେ ବାଲାକୋଟ ଯାଇ ଏୟାର ଷ୍ଟ୍ରାଇକ୍ କରିଛନ୍ତି।

-ଏଚ୍.ଡି. କୁମାରସ୍ୱାମୀ, କର୍ନାଟକ ମୁଖ୍ୟମନ୍ତ୍ରୀ






# ଦଳି ମାରିଦେଲା ଦନ୍ତା

## ୫ ମୃତ, ତାଳଚେର ସ୍ତବ୍ଧ

**ତାଳଚେର,୧୯।୪ (ନି.ପ୍ର.)**

ଏକାବେଳେ ୫ ଜୀବନ ନେଇଛି ହାତୀ। ଘର ଭାଙ୍ଗି ଦଳି ମାରିଛି ୪ଜଣଙ୍କୁ। ଖଣ୍ଡ ଖଣ୍ଡ କରି ଫୋପାଡ଼ି ଦେଇଛି ଜଣେ ବୃଦ୍ଧଙ୍କୁ। ଗୁରୁବାର ବିଳମ୍ବିତ ରାତିରେ ଅନୁଗୋଳ ଜିଲା ତାଳଚେର ପୌରାଞ୍ଚଳର ଷଣ୍ଢ ଗାଁ ଓ ନିକଟସ୍ଥ ସନ୍ଥପଡ଼ାରେ ଘଟିଥିବା ଏପରି ଏକ ଅଭାବନୀୟ ଘଟଣା ସ୍ତବ୍ଧ କରିଦେଇଛି ସମସ୍ତଙ୍କୁ। ଖବରପାଇ ସକାଳୁ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ସମସ୍ତ ମୃତଦେହ ଉଦ୍ଧାର କରିଛନ୍ତି। ଢେଙ୍କାନାଳ ଜିଲା ମହାବିରୋଡ ରେଞ୍ଜରୁ ବ୍ରାହ୍ମଣୀ ନଦୀ ପାର ହୋଇ ଚାଲିଆସିଥିବା ଏକ ଦନ୍ତାହାତୀର ଏପରି ଉନ୍ମତ୍ତକାଣ୍ଡ



ଟ୍ରାଙ୍କୁଲାଇଜ ପରେ ଦନ୍ତାହାତୀର ଦାନ୍ତ କଟାଯାଉଛି।

- ଷଣ୍ଢଗାଁରେ ଘର ଭାଙ୍ଗି ୪ଜଣଙ୍କ ଜୀବନ ନେଲା
- ସନ୍ଥପଡ଼ାରେ ଶୌଚ ପାଇଁ ଯାଉଥିବା ବୃଦ୍ଧଙ୍କୁ ମାରିଲା
- ୨ ବର୍ଷରେ ନେଲାଣି ୧୯ ଜଣଙ୍କ ପ୍ରାଣ
- ଟ୍ରାଙ୍କୁଲାଇଜ କରି ରାତିରେ କଟାଗଲା ଦାନ୍ତ

କ୍ଷୁବ୍ଧ କରିଛି ଅଞ୍ଚଳବାସୀଙ୍କୁ। ଗତ ୨ ବର୍ଷ ମଧ୍ୟରେ ମହାବିରୋଡ ଓ ତାଳଚେର ରେଞ୍ଜରେ ମୋଟ୍ ୧୯ଜଣଙ୍କ ଜୀବନ ନେଇଛି ଏହି ଦନ୍ତା। ☞ପୃଷ୍ଠା-୨

# ଓଡ଼ିଶାରେ ଭୋଟ ହାର ୭୨.୫୬%

**ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ**

- କମିଲା ମତଦାନ ହାର
- ୮ ବୁଥ୍‌ରେ ହେବ ସାନି ମତଦାନ
- ୬ ପ୍ରିଜାଇଡିଂ, ୭ ସେକ୍ଟର ଅଫିସର ନିଲମ୍ବିତ

**ଭୁବନେଶ୍ୱର,(ବ୍ୟୁରୋ)/ ବରଗଡ଼ ଅଫିସ,୧୯।୪**

ଗୁରୁବାର ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପ୍ରକ୍ରିୟା ଶେଷ ହୋଇଛି। ଏଥିରେ ଭୋଟ ହାର ରହିଛି ୭୨.୫୬ ପ୍ରତିଶତ। ପ୍ରଥମ ପର୍ଯ୍ୟାୟ (୭୩.୭୬ %) ତୁଳନାରେ ମତଦାନ ହାର ଦ୍ୱିତୀୟ ପର୍ଯ୍ୟାୟରେ ପାଖାପାଖି ୨ ପ୍ରତିଶତ ହ୍ରାସ ପାଇଛି। ବରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ୭୭.୫୭ ପ୍ରତିଶତ ମତଦାନ ହୋଇଥିବା ବେଳେ ବଲାଙ୍ଗୀରରେ ୭୨.୪୨, କନ୍ଧମାଳରେ ୭୨.୮୮, ସୁନ୍ଦରଗଡ଼ରେ ୭୧.୪୪ ଏବଂ ଆସିକାରେ ୬୬.୩ ପ୍ରତିଶତ ମତଦାନ ହୋଇଛି। ଏ ନେଇ ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ନିର୍ବାଚନ କାର୍ଯ୍ୟରେ ଗୁରୁତର ଅବହେଳା କରିଥିବାରୁ ଶୁକ୍ରବାର ୧୩ଜଣଙ୍କୁ ନିଲମ୍ବିତ କରାଯାଇଛି। ସେମାନଙ୍କ ମଧ୍ୟରେ ୬ ପ୍ରିଜାଇଡିଂ ଅଫିସର ଏବଂ ୭ ଜଣ ସେକ୍ଟର ଅଫିସର ରହିଛନ୍ତି। ଭାରତର ନିର୍ବାଚନ କମିଶନ(ଇସିଆଇ)ଙ୍କ ନିର୍ଦ୍ଦେଶାନୁସାରେ ସୁନ୍ଦରଗଡ଼, ବଣାଇ, ଅତାବିରା, ଦଶପଲ୍ଲା, ପଦ୍ମପୁର ଏବଂ ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଦାୟିତ୍ୱରେ ☞ପୃଷ୍ଠା-୨






ଭାଜପା ନେତୃତ୍ୱରେ ଏନ୍‌ଡିଏ କେନ୍ଦ୍ରରେ କ୍ଷମତାକୁ ଆସିଲେ କ୍ଷୁଦ୍ର ବ୍ୟବସାୟୀଙ୍କୁ ବିନା ବନ୍ଧକ, କ୍ରେଡିଟ କାର୍ଡ ଏବଂ ପେନ୍‌ସନ ସ୍କିମ୍‌ରେ ୫୦ ଲକ୍ଷ ଟଙ୍କା ଋଣ ମିଳିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଘୋଷଣା କହିଛନ୍ତି। ବ୍ୟବସାୟର ସରଳୀକରଣ ଲାଗି ତାଙ୍କ ସରକାର ଗତ ୫ ବର୍ଷରେ ୧୫୦୦ ପୁରୁଣା ଆଇନକୁ ରଦ୍ଦ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ବାବୁ
ପରିବାରବର୍ଗ



ସୋନୁ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶାରେ ଭୋଟ...

ଥିବା ଉକ୍ତ ୧୩ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ନିର୍ବାଚନମଣ୍ଡଳୀଗୁଡ଼ିକରେ ମନୁଷ୍ୟକୃତ ଯାନ୍ତ୍ରିକ ତ୍ରୁଟି ଯୋଗୁ ୭ଟି ବୁଥ୍‌ରେ ମତଦାନ ବାତିଲ କରାଯାଇଛି। ସେହି ବୁଥ୍‌ଗୁଡ଼ିକ ହେଲା ସୁନ୍ଦରଗଡର ୨୧୩ ନମ୍ବର ବୁଥ୍(ରଙ୍ଗାଡ଼ିପା ପ୍ରାଥମିକ ବିଦ୍ୟାଳୟ), ବଣାଇର ୧୨୯, ଦଶପଲ୍ଲାର ୨୧୦(ବାହାଡ଼ାଖୋଲା-କ) ଓ ୨୨୨(ବେତନଟୀ),ଅତାବିରାର ୨୩୫(ଅରେଇଗୁଡ଼ି ଉନ୍ନୀତ ପ୍ରାଥମିକ ସ୍କୁଲ),ପଦମ୍ପୁରର ୧୬(ଡଭା ପ୍ରାଥମିକ ସ୍କୁଲ) ଏବଂ ବରଗଡର ୬୮ ନମ୍ବର ବୁଥ୍ (ଶକ୍ତିନଗର ପ୍ରାଥମିକ ସ୍କୁଲ)। ସେହିପରି ଗଞ୍ଜାମ ଜିଲାର ସୋରଡ଼ା ନିର୍ବାଚନ ମଣ୍ଡଳୀର ରେଣ୍ଟି ବୁଥ୍(ନଂ ୧୮୨)ରେ ଇଭିଏମ୍ ଭଙ୍ଗାରୁଜା ହୋଇଥିବା। ଏହି ମୋଟ ୮ ବୁଥ୍‌ରେ ସାନି ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ଏଥିପାଇଁ ଇସିଆଇଙ୍କୁ ରାଜ୍ୟ ନିର୍ବାଚନ ଅଧିକାରୀ ଜଣାଇଛନ୍ତି। ନିର୍ବାଚନ କମିଶନଙ୍କ ପକ୍ଷରୁ ସବୁଜ ସଙ୍କେତ ମିଳିବା ପରେ ଆସନ୍ତା ୨୩ ତାରିଖରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ମତଦାନରେ ଉକ୍ତ ବୁଥ୍‌ଗୁଡିକରେ ପୁନଃ ମତଦାନ ଅନୁଷ୍ଠିତ ହେବ। ନିଲମ୍ବିତ କର୍ମଚାରୀମାନଙ୍କ ମଧ୍ୟରେ ରହିଛନ୍ତି ବରଗଡ଼ ନିର୍ବାଚନମଣ୍ଡଳୀର ବୁଥ୍ ନଂ-୬୮ର ପ୍ରିଜାଇଡିଂ ଅଫିସର ଉମାଶଙ୍କର ପାଣିଗ୍ରାହୀ, ସେକ୍ଟର ଅଫିସର ମନୋରଞ୍ଜନ ପାଣିଗ୍ରାହୀ, ଅତାବିରା ନିର୍ବାଚନମଣ୍ଡଳୀର ବୁଥ୍ ନଂ-୨୩୫ର ପ୍ରିଜାଇଡିଂ ଅଫିସର ପ୍ରିୟବ୍ରତ ସାହୁ, ସେକ୍ଟର ଅଫିସର ପ୍ରଶାନ୍ତ କୁମାର ସେଠୀ ଏବଂ ପଦ୍ମପୁର ନିର୍ବାଚନମଣ୍ଡଳୀ ବୁଥ୍ ନଂ-୧୬ର ପ୍ରିଜାଇଡିଂ ଅଫିସର ରସମ ସେଙ୍ଗୀ ପଟରାୟ ଓ ସେକ୍ଟର ଅଫିସର ପ୍ରଦୀପ କୁମାର ପ୍ରଧାନ। ସେହିପରି ଦଶପଲ୍ଲା ନିର୍ବାଚନମଣ୍ଡଳୀର ବାହାଡ଼ାଖୋଲା-କ (୨୧୦ ନମ୍ବର ବୁଥ୍)ର ପ୍ରିଜାଇଡ଼ିଂ ଅଫିସର ପ୍ରକାଶ କୁମାର ପଟ୍ଟନାୟକ ଓ ସେକ୍ଟର ଅଫିସର ସୁକାନ୍ତ କୁମାର ପଟ୍ଟନାୟକ, ବେତନଟୀ( ୨୨୨ ନମ୍ବର ବୁଥ୍)ର ପ୍ରିଜାଇଡ଼ିଂ ଅଫିସର ଲକ୍ଷ୍ମୀଧର ସୁବୁଦ୍ଧି ଓ ସେକ୍ଟର ଅଫିସର ନେତ୍ରରଞ୍ଜନ ମିଶ୍ର ନିଲମ୍ବିତ ହୋଇଛନ୍ତି।

ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ମତଦାନ ହାର ୭୨.୫୬ ପ୍ରତିଶତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୭୩.୭୫ ପ୍ରତିଶତ ମହିଳା ଓ ୭୧.୪୪ ପ୍ରତିଶତ ପୁରୁଷ ଓ ୧୨.୪୦ ପ୍ରତିଶତ ଅନ୍ୟାନ୍ୟ ଭୋଟର ମତଦାନ କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

# ଦଳି ମାରିଦେଲା...

ପୂର୍ବରୁ ରାଜ୍ୟର କେଉଁଠାରେ ବି ହାତୀ ଏକକାଳୀନ ୫ଜଣଙ୍କ ଜୀବନ ନେଇ ନ ଥିବା ବେଳେ ତାଳଚେରର ଏହି ଘଟଣା ରାଜ୍ୟରେ ଚହଳ ପକାଇ ଦେଇଛି। ତେବେ ରାତିରେ ଉକ୍ତ ଦନ୍ତାଙ୍କୁ ଟ୍ରାଙ୍କୁଲାଇଜ କରାଯାଇ ଦାନ୍ତ କାଟିଦିଆଯାଇଛି।

ତାଳଚେର ପୌରାଞ୍ଚଳର ଷଣ୍ଢ ଗାଁରେ ଗତ ୨୦ ବର୍ଷ ହେଲା ରହୁଛନ୍ତି ପାଲଲହଡା ଗୋବିନ୍ଦପୁର ଅଞ୍ଚଳର ବରୁଣ ସିଂ। ଅତି ଗରିବ ବରୁଣ ଟ୍ରକ୍ ଚଳାଉଥିବା ବେଳେ ପୁଅ କାଳିଆ ସିଂ (୨୫), ବୋହୂ ମମତା ସିଂ (୨୦), ଦେଢ଼ବର୍ଷର ନାତୁଣୀ ଅନିଷା ଓ ଝିଅ ସାରଥି ସିଂ (୧୬) ତାଳବରଡ଼ା ଘେରା ଘରେ ରହୁଥିଲେ। ଗୁରୁବାର ରାତିରେ ସମସ୍ତେ ଶୋଇଥିବା ବେଳେ ନଦୀପାର ହୋଇ ଚାଲିଆସିଥିବା ଉକ୍ତ ଦନ୍ତା ହାତୀ ସେମାନଙ୍କ ଘର ଭାଙ୍ଗି ଦେଇଥିଲା। ଭୟରେ ସମସ୍ତେ ଏଣେତେଣେ ଧାଉଁଥିବା ବେଳେ ପ୍ରଥମେ ଦେଢ଼ବର୍ଷର ଅନିଷାଙ୍କୁ ହାତୀ ମାରିଦେଇଥିଲା। ପରେ କାଳିଆ ଓ ସାରଥିଙ୍କୁ ଦଳି ଦେଇଥିଲା। କିନ୍ତୁ ମମତା ଦୌଡ଼ି ପଳାଇବାରୁ ବର୍ତ୍ତିଯାଇଥିଲେ। ପାଖରେ ରହୁଥିବା ସମ୍ବଲପୁର କ୍ଷେତରାଜପୁର ଅଞ୍ଚଳର ଶ୍ରମିକ ମନବୁଲ ସେଠ (୪୦)ଙ୍କ ଘରକୁ ମଧ୍ୟ ହାତୀ ଭାଙ୍ଗି ଦେଇଥିଲା। ହାତୀକୁ ଦେଖି ମନବୁଲ ଓ ତାଙ୍କ ସ୍ତ୍ରୀ ସୁନିତା (୩୫) ଜୀବନ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ହେଲେ ହାତୀ ସୁନିତାଙ୍କୁ ଦଳିଦେଇଥିଲା। ମନବୁଲ ସେହି ସ୍ଥାନ ଛାଡି ଦୂରକୁ ପଳାଇ ଯାଇଥିବାରୁ ମରଣ ମୁହଁରୁ ରକ୍ଷା ପାଇଯାଇଥିଲେ। ଏହାପରେ ଶାନ୍ତ ପଡ଼ି ନ ଥିବା ଦନ୍ତା ସେଠାରୁ ୨ କିମି ଦୂର ସନ୍ଥପଡା ଗ୍ରାମର ଭ୍ରମରବର ସାମଲ (୭୦)ଙ୍କୁ ଆକ୍ରମଣ କରିଥିଲା। ଭ୍ରମରବର ଶୌଚ ପାଇଁ ରାତିରେ ଯାଉଥିବା ବେଳେ ହାତୀଟି ତାଙ୍କୁ ୪ଖଣ୍ଡ କରି ଦେଇଥିଲା। ସକାଳୁ ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ଉତ୍ତେଜନା ଦେଖାଦେଇଥିଲା। ଘଟଣାସ୍ଥଳକୁ ଜିଲାପାଳ, ବନ ବିଭାଗ ବରିଷ୍ଠ ପଦାଧିକାରୀ ଆସିବାକୁ ସନ୍ଥପଡ଼ା ଗ୍ରାମବାସୀ ଅଡି ବସିଥିଲେ। ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ, ଚାକିରି ଏବଂ ଉକ୍ତ ନରହନ୍ତା ଦନ୍ତାକୁ ଟ୍ରାଙ୍କୁଲାଇଜ କରି ତୁରନ୍ତ ସ୍ଥାନାନ୍ତର କରିବା ଦାବିରେ ସେମାନେ ମୃତଦେହ ଅଟକ ରଖିଥିଲେ। ବନବିଭାଗ ଅଧିକାରୀ ଓ ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ପ୍ରତି ମୃତକଙ୍କ ପାଇଁ ପ୍ରାଥମିକ ଭାବେ ୪୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିବା ପରେ ଲୋକେ ମୃତଦେହ ଛାଡ଼ିଥିଲେ। ପୋଲିସ ସମସ୍ତ ମୃତଦେହ ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ତାଳଚେର ଥାନାରେ ୫ଟି (ନଂ. ୭, ୮, ୯, ୧୦, ୧୧/୧୯) ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ୫ଜଣଙ୍କ ଜୀବନ ନେଇଥିବା ଉକ୍ତ ଦନ୍ତା ଟିଟିପିଏସ୍ ଆଶ୍‌ପଣ୍ଡରେ ଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ଟ୍ରାଙ୍କୁଲାଇଜ କରାଯାଇ ଦାନ୍ତ କାଟି ଦିଆଯାଇଛି। ଓୟୁଏଟିର ପ୍ରଫେସର ଇନ୍ଦ୍ରମଣି ଦାସ ଓ ନନ୍ଦନକାନନର ୪ ଜଣିଆ ଟିମ୍ ଅପରାହ୍ନରେ ତାଳଚେରରେ ପହଞ୍ଚିଥିଲେ। ପରେ ଏହି ଟିମ୍ ହାତୀ ରହିଥିବା ଟିଟିପିଏସ୍ ଆଶ୍‌ପଣ୍ଡକୁ ଯାଇ ଟ୍ରାଙ୍କୁଲାଇଜ କରିବାରେ ସଫଳ ହୋଇଥିଲା। ପ୍ରାୟ ୩୦ ପ୍ରତିଶତ ଦାନ୍ତ କାଟି ଦିଆଯାଇଥିବାବେଳେ ଚେତା ଧୀରେ ଧୀରେ ଫେରୁଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଅନୁଗୋଳର ୨ ଜଣ ଡିଏଫ୍‌ଓ, ୨ ଜଣ ଏସିଏଫ୍, ତାଳଚେର ରେଞ୍ଜ ଅଫିସର ଓ ବିଭିନ୍ନ ଅଞ୍ଚଳର ରେଞ୍ଜ ଅଫିସରମାନେ ସହଯୋଗ କରିଥିଲେ। ହାତୀଟି ସୁସ୍ଥ ହେବା ପରେ ତାକୁ ଅନ୍ୟତ୍ର ଘଉଡ଼ାଇ ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ତାଳଚେର ରେଞ୍ଜ ଅଫିସର ତ୍ରିଲୋଚନ ବେହେରା କହିଛନ୍ତ, ହାତୀ ଆସିବା ସମ୍ପର୍କରେ କର୍ମଚାରୀମାନେ ଜାଣି ପାରି ନ ଥିଲେ। ଶୁଦ୍ଧିକାର୍ଯ୍ୟ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ସହାୟତା ରାଶି ପ୍ରଦାନ କରାଯାଇଛି। କାଗଜପତ୍ର ଦାଖଲ କରିବା ପରେ ସରକାରଙ୍କ ନିୟମ ଅନୁସାରେ ଅବଶିଷ୍ଟ ଟଙ୍କା ପରିବାରକୁ ପ୍ରଦାନ କରାଯିବ।

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷରେ ସୁନା ଆମଦାନୀ ୩% ହ୍ରାସ ଘଟି ୩୨.୮ ବିଲିୟନ ଡଲାର ରହିଛି। ଏହା ୨୦୧୭-୧୮ରେ ୩୩.୭ ବିଲିୟନ ଡଲାର ରହିଥିଲା। – **ବାଣିଜ୍ୟ ମନ୍ତ୍ରଣାଳୟ**

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ରବିଙ୍କ ଆଲୋକରେ ଆଲୋକିତ ଚନ୍ଦ୍ର ଆପଣଙ୍କ ପରିବାର ସକାଶେ ସୁଖ,ସୌଭାଗ୍ୟକାରକ ହେବ। ଫଳରେ ଶାନ୍ତି ଓ ସହାବସ୍ଥାନ ଜୀବନଯାତ୍ରା ପାଇଁ ପ୍ରୀତିପ୍ରଦାୟକ ରହିବ। ନୂତନ ଯାନବାହନ, ନୂତନ କର୍ମାରମ୍ଭ ଓ ଆଲୋଚନା ପାଇଁ ସୁସ୍ଥ ପରିବେଶ ସୃଷ୍ଟିହେବ। ଆଜିର ଯାତ୍ରା, ବ୍ୟବସାୟ, ନିର୍ମାଣ ତଥା ପରିବହନ ପାଇଁ ଦିନଟି ବହୁତ ଭଲ।

**ବୃଷ** – ଚନ୍ଦ୍ରଙ୍କ ସହ ବୁଧ ଓ ଶୁକ୍ରଙ୍କ ଷଡ଼ାଷ୍ଟକ ସ୍ଥିତି ଯୋଗୁ ମନ ଚାହୁଁଥିବା ପ୍ରକାରେ କାର୍ଯ୍ୟ ହାସଲ କରିବା କଷ୍ଟସାଧ ହୋଇପାରେ। ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇବା ସକାଶେ ବାଧ ହୋଇପାରନ୍ତି। ଶିଳ୍ପ, ବ୍ୟବସାୟ, ଋଣପରିଶୋଧ,ସମସ୍ୟା ସମାଧାନ, ସୁସମ୍ପର୍କ ରକ୍ଷା କରିବା ପ୍ରଭୃତି କ୍ଷେତ୍ରରେ ଅପୂର୍ଣ୍ଣତା ରହିବ।

**ମିଥୁନ** – ଆଜିର ଦିନଟି ଏମିତି ଯେ ହାତରୁ ଖାଇ ଘୋଡ଼ା ପଛରେ ଧାଇଁଲାଭଳି ପରିସ୍ଥିତି ସୃଷ୍ଟି ହୋଇପାରେ। ଅନ୍ୟକୁ ଯେତେ ସାହାଯ୍ୟକଲେ ମଧ ସାମାନ୍ୟ ଟିକିଏ ପ୍ରଶଂସା ବଦଳରେ ଅଧିକ କାମର ବରାଦ ପାଇବେ। କେବଳ ଶୁକ୍ରଯୁକ୍ତ ବୁଧ ଯୋଗୁ ପରିବାର, ପରିବହନ, ରାଜନୀତି ଓ ଆନୁଷ୍ଠାନିକ କାମ କେତେକାଂଶରେ ଭଲ ରହିବ।

**କର୍କଟ** – ଚନ୍ଦ୍ର ଓ ରବିଙ୍କ ସ୍ଥିତି ଆପଣଙ୍କ ସାମଗ୍ରିକ କାର୍ଯ୍ୟକଳାପ ଓ ଚିନ୍ତାଧାରା ସକାଶେ ଅନୁକୂଳ ରହିବାରୁ କର୍ମକ୍ଷେତ୍ର କିମ୍ବା ପ୍ରଶାସନିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ ଓ ସାମାଜିକ ସ୍ତରରେ ଉଚ୍ଚ ସମ୍ମାନ ଓ ପ୍ରଶଂସା ପାଇବେ। ଅର୍ଥ ସମ୍ପର୍କିତ, ରାଜନୈତିକ, ଆନୁଷ୍ଠାନିକ, ବନ୍ଧୁସମ୍ପର୍କ ଓ ପାରିବାରିକ ଦିଗ ବହୁତ ଭଲ ରହିବ।

**ସିଂହ** – ଆଜି ଧାର୍ମିକ କାର୍ଯ୍ୟରେ ବନ୍ଧୁମିଳନ, ବସ୍ତ୍ରଭୂଷଣ ଲାଭ,ସଭାସମିତିରେ ସମ୍ମାନ ଓ ପାରିବାରିକ ସୌଖ୍ୟ ଲାଭ କରିବେ। ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଶନିଙ୍କ କୁପ୍ରଭାବରେ ସାମାଜିକ ସ୍ତରରେ ବିରୋଧୀମାନେ ମୃଦୁ ଗୁଞ୍ଜରଣ ସୃଷ୍ଟି କରିପାରନ୍ତି।

**କନ୍ୟା** – ମନ ଭିତରେ ଯାହା ଥାଉନା କାହିଁକି ସହଜାତ ସୁଲଭ ଗୁଣରେ ହସି କଥା କହି ବନ୍ଧୁମାନଙ୍କ ପ୍ରୀତିଭାଜନ ହେବେ। ଅର୍ଥର ଅଭାବ ରହିବନାହିଁ। ନୂତନ ସ୍ଥାନ ପରିଦର୍ଶନ ସାଙ୍ଗକୁ ବ୍ୟବସାୟିକ ସ୍ଥିତି ମଧ ମନ୍ଦ ହେବନି। ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ପ୍ରଭାବରୁ ଦୀର୍ଘଦିନର ଅପୂରଣୀୟ ଆଶା ମନରେ ବାରମ୍ବାର ଆଲୋଡ଼ନ କରିବା କାରଣରୁ ସାମୟିକ ଅଶାନ୍ତ ରହିପାରେ।

**ତୁଳା** – ଆଜି ଆପଣ ନିଜ କାର୍ଯ୍ୟ ପଛକୁ ପକାଇ କର୍ମକ୍ଷେତ୍ରକୁ ପ୍ରାଧାନ୍ୟ ଦେବେ। ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇଲେ ମଧ ଆବଶ୍ୟକ ଅର୍ଥ ବିଭିନ୍ନ ସୂତ୍ରରୁ ପାଇବାରେ ଅସୁବିଧା ହେବ ନାହିଁ। ସରକାରୀ ଆଦେଶପ୍ରାପ୍ତ ଯାତ୍ରା,ପ୍ରତିଦ୍ୱନ୍ଦ୍ୱିତା, କଳା, ସାହିତ୍ୟରେ ସମସ୍ୟା ସମାଧାନ ସକାଶେ ବିଳମ୍ବ ଘଟିପାରେ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ପ୍ରଶାସନିକ ସ୍ତରରେ ସୁଫଳ ପାଇବେ।

**ବିଛା** – ଚନ୍ଦ୍ରଙ୍କ ତୃତୀୟସ୍ଥ ଶନି ଓ କେତୁ ତଥା ବୃହସ୍ପତି ପାଖପଡ଼ୋଶୀ, ଜଣାଶୁଣା ବ୍ୟକ୍ତିମାନେ ପରୋକ୍ଷଭାବରେ ବିରୁଦ୍ଧାଚରଣ କରିପାରନ୍ତି। ପରିବହନ, ବିବାଦ, ଆଇନ ସହାୟତା ତଥା କ୍ରୀଡ଼ା, କଳା, ସାହିତ୍ୟ ଓ ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ। ନିର୍ମାଣାଧୀନ କାମ, ସ୍ଥଗିତ କାର୍ଯ୍ୟ,ବନ୍ଧୁଙ୍କ ମୃଦୁ ଭର୍ତ୍ସନା ମନରେ ଭାବାବେଗ ସୃଷ୍ଟିକରିବ।

**ଧନୁ** – ଏକାଧିକ ବଳଶାଳୀ ଗ୍ରହଙ୍କ ପ୍ରଭାବ ଆପଣଙ୍କୁ ସୁଫଳ ବ୍ୟତୀତ ବିବାଦୀୟ ସ୍ଥିତି ଉତ୍ପନ୍ନ କରିବେ। ଫଳରେ ସୁଯୋଗ ହାତକୁ ଆସି ଫେରିଯାଇପାରେ। ସହକର୍ମୀଙ୍କ ଠାରୁ କୌଣସି ଉଦ୍‌ବେଗ ସୃଷ୍ଟିକାରୀ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ମୂଳା ନକ୍ଷତ୍ର ବିଭିନ୍ନ ପ୍ରକାର ପ୍ରତିବନ୍ଧକ ମଧ୍ୟରେ ଗତି କରିବାକୁ ବାଧ ହେବେ।

**ମକର** – ଗ୍ରହମାନଙ୍କ ଶୁଭତ୍ୱ କୌଣସି ଅସୁବିଧା ସୃଷ୍ଟି ନ କଲେ ମଧ ଦ୍ୱାଦଶସ୍ଥ ଶନି ପ୍ରଭାବରେ ନିଜର କାର୍ଯ୍ୟ, ଚିନ୍ତାଧାରାରେ ନୈରାଶ୍ୟ ଓ ସୁନିଦ୍ରାରେ ବାଧା ସୃଷ୍ଟି କରିବ। ତଥାପି ଆଜିର ପ୍ରତ୍ୟୁଷରେ ଯେଉଁ କାମରେ ବାହାରିଛନ୍ତି ସେଥିରେ ସଫଳତା ପାଇବେ। ରପ୍ତାନୀ କାରବାର, ପ୍ରଶାସନିକ କ୍ଷେତ୍ର, ଯାନବାହନ କ୍ରୟ ,ନିର୍ମାଣ, ପରିବହନ ପ୍ରଭୃତି ମଧ୍ୟମ ପ୍ରକାର ରହିବ।

**କୁମ୍ଭ** – କର୍ମକ୍ଷେତ୍ର ସରଗରମ ରହିବାରୁ ମାନସିକ ଉଦ୍‌ବେଗ ବୃଦ୍ଧି ସୁଖ, ସନ୍ତୋଷ ଛଡ଼ାଇ ନେଇପାରେ। ନୂତନ କର୍ମାରମ୍ଭ, ମାଲିମକଦ୍ଦମା, ଜମିଜମା ବିବାଦ, ଅର୍ଥନୈତିକ କାର୍ଯ୍ୟ, ଯୋଗାଯୋଗ, ଭ୍ରମଣ ପ୍ରଭୃତି କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆର୍ଥିକ ଉନ୍ନତି ଘଟିବ, କିଛି ବ୍ୟାଙ୍କ ଜମା ମଧ କରିବାର ସମ୍ଭାବନା ରହିଛି।

**ମୀନ** – ଆଜି ଆପଣ ପରିସ୍ଥିତି ପ୍ରତି ସଜାଗ ରହି କାମ କରିବା ଫଳରେ ନିଶ୍ଚିତ ସମସ୍ୟାମୂଳକ ପରିସ୍ଥିତିରୁ ରକ୍ଷା ପାଇବେ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ। ସାମାଜିକ ସ୍ତରରେ ବିଶିଷ୍ଟ ବ୍ୟକ୍ତିଙ୍କ ନିମନ୍ତ୍ରଣ ପାଇ ବିସ୍ମୟାଭୂତ ହୋଇପାରନ୍ତି। ସ୍ୱାସ୍ଥ୍ୟ ଓ ବନ୍ଧୁ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

ଆଜି ବୈଶାଖ କୃଷ୍ଣ ପ୍ରତିପଦାଯୁକ୍ତ ଦ୍ୱିତୀୟା ଶନିବାର, ଶ୍ରୀମନ୍ଦିରରେ ସେତୁବନ୍ଧ ପ୍ରସ୍ତାବ, ଏପ୍ରିଲ ୨୦ ତାରିଖ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ପ୍ରତିପଦାର ଏକୋଦ୍ଦିଷ୍ଟ ଏବଂ ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ। ସକାଳ ଘ୦୧।୫୪ମି. ଗତେ, ଘ୦୧।୧୯ମି. ମଧ୍ୟେ ଅମୃତବେଳା। ଦିବା ଘ୦୭।୦୦ମି. ଗତେ, ଘ୦୮।୩୪ମି. ମଧ୍ୟେ, ଘ୦୧।୧୯ମି. ଗତେ, ଘ୦୨।୫୪ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୦୮।୩୭ମି. ଗତେ, ଘ୧୦।୧୧ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



## SALE

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

Gharabari boundary wall plot for sale near Rangabazar- Tankapani Bhubaneswar. Contact: 9040432066, 9437068666. D-12237

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/-(outright). 9776934361, 8144706560. D-66317

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

Bhubaneswar AIIMS front Govt. road କୁ ଲାଗି gharabari yellow zone plot ବିକ୍ରିହେବ: 8480745797. D-66332

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

Gharabari plot near to Bhubaneswar. Adjacent with Hospital college school just Rs. 599 only. 7978965052. D-65885

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12238

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66345

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-12239

Yellowzone Gharabari plots BDA area Badagada canal road sqft. 2300/-. 7735738102. D-12167

2BHK simplex 1200 sqft. land 12,80,000/- 5km. from BJEM-II monthly Installment 10,000/-. 7735738102. D-12168

Bhubaneswar Patia KIIT, Tamando, Argul ରେ ଘର ଓ business ଉପଯୋଗୀ କମ ଦାମରେ land. 7991006699. D-65883

ଭୁବନେଶ୍ୱର Tamando Kendriya Vihar କଲୋନୀଠାରେ yellowzone 30' road plot କିଣନ୍ତୁ। 9348767829. D-66347

Bhubaneswar ପାତ୍ରପଡ଼ା ମାର୍କେଟ HDFC Bank ରୁ 500 mtr. କଲୋନୀ ଭିତରେ BDA Yellowzone ସ୍ଥିତିବାନ plot କିଣି ତୁରନ୍ତ ଘର କରନ୍ତୁ। 6370292040. D-66348

Yellowzone plot with boundary near Sai Temple, Tankapani Road, Uttara square. 8144344542. D-66349

KIIT University ନିକଟରେ 30ft. revenue road କୁ ଲାଗି yellowzone ସ୍ଥିତିବାନ 4ଟି ପ୍ଲଟ ବିକ୍ରିହେବ। Sqft. 800/- 9776866520. D- 66350

ନଖରା ତ୍ରିନାଥ ବଜାର ଠାରେ SC ଘରବାରି ପ୍ଲଟ 1200କୁ 3,80,000/- ପ୍ରତାପ ନଗରୀ ଧାଙ୍କୁଲେଇ ପାଠ ଠାରେ 1200କୁ 3,00,000/- (outright). 9776934361, 8144706560. D-66318

2400 sft. GA plot sale at SUM Hospital, (Bharatpur), Bhubaneswar. Contact Deepak- 9937329999 (Brokers excuse). D-66217

ଭୁବନେଶ୍ୱର AIIMS Medical, DOON School, NMIET College ନିକଟରେ Yellowzone Gharabari 30' road, electricity ଥାଇ boundary plot 1,500/- 9777553622. D- 66125

ଭୁବନେଶ୍ୱର କଣ୍ଟାବାଡ଼/ ଅନ୍ଧାରୁଆରେ (ପିତାପଲ୍ଲୀ କଟକ) NH bypass road sideରେ ଘରବାରି ପଟ୍ଟା plot- 9437971401 D-66126

କଟକ-ଭୁବନେଶ୍ୱର **Twin city** ମଧ୍ୟରେ ନିର୍ମିତ ବୃହତ୍ତମ **commercial Hub (Grand bazar)** ସମ୍ମୁଖରେ ଘରବାରି ବାସୋପଯୋଗୀ **plot** ଶସ୍ତାରେ ମିଳୁଅଛି। **Chandrasekar: 9337060334.** D-66353

Bhubaneswar ପାଖାପାଖି ହଂସପାଳ, ବାଲିଅନ୍ତା area କମ ମୂଲ୍ୟରେ ଘରବାରି plot କିଣନ୍ତୁ: 9439487505. D-12231

4BHK triplex at Balakati, Panchayat road. Land 1130 sqft. Construction 1520 sqft. Just 37.99 lakh. 8763244211. D-65884

**BDAର Southcity IIT Argulଠାରେ Railway Stationରୁ** ଅଳ୍ପ ଦୁରତାରେ ପିଚୁ ରାସ୍ତାର ସୁବିଧା ଥାଇ ଘରବାରି **plot** କିଣନ୍ତୁ। **Pravakar: 8847825690.** D-66351

1260 gharabari boundary plot 30ft. road Ranga Bazar- 8,82,000/-. 8144998588. D-66356

ଭୁବନେଶ୍ୱର ଗଙ୍ଗପଡ଼ାରେ ଲେଆଉଟ୍ ଆପ୍ରୋଭାଲ ଥାଇ ଘରବାରି ପ୍ଲଟ ମିଳୁଅଛି। 9556124345, 9437287595. D-12186

## LEASE

Land requires on basis of outright, sharing, marketing. 9583295832, 9437261587. D-12164

## PURCHASE

ଶ୍ୟାମପୁର, ନୂଆଗାଁ, ଗୋଠପାଟଣା locationରେ ବାସୋପଯୋଗୀ ସ୍ଥିତିବାନ ଘରବାରି ପ୍ଲଟ ଆବଶ୍ୟକ। 6371090682. D-12226



**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12240



**4000 sqft. godown for rent at BJB Nagar, Kalpana, Bhubaneswar. 9040071079** D-65882

High value Rentals BBSR Commercial/ Office space/ Plug n play office/ Service Apartment. For rent out/ Rent in. Call: 9437570020/ 9777170926. D-66436

At Raghunathpur, Patia 3BHK to 6BHK fully furnished flats with 6 toilets. For Corporate Guest-house/ Residence. Rent 25,000/- to 60,000/-. Call: 9437570020. D-66437

At BJB Nagar 1BR to 4BR fully furnished AC Rooms with attached toilets. For small Office or Residence corporate Guest-house/ Residence. Rent 15000/- to 60,000/-. Call: 9437570020. D-66438

Cold store size 15x12x10 near Rasulgarh Chaka, Bhubaneswar. 7377773777, 7377774777. D-12169

1500 sqft. A/C hall suitable for tutorials or restaurant near DLF Patia. Contact: 9437068052. D-12229

A/C saloon 4 seater, near DLF Patia. Contact: 9437068052. D-12230



Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Sampark ayurvedic massage club fully relaxed by smart lady, home service available. 8280102993. D-65873

Physiotherapy, full body massage by trained Ladies/ Gents Therapist: 7008773793. D-66432

Herbal full body massage with refreshment by well trained therapist. 7381239385, 0674-2540855. D-66090

Experience full body massage with us by experts. Enquiry- 0674-2597822, 7377048581. D-66091

Herbal full body massage by smart/expert therapist. Contact: 8338067247. D-66092

Newly opening ayurvedic body massage smart therapist Shree herbal. 7750020754. D-66093

Summer special mesmerizing offer expert therapeutic refreshing massage appointment. 9668374480. D-66094

Ayurvedic full body massage ladies/ gents smart experts therapist. 9114697517. D-65876

Sai solution ayurvedic full body massage ladies/ gents. Contact: 8117033493. D-65886

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

ବିଜେପି
ଫିର୍ ଏକ୍ ବାର୍ ମୋଦି ସରକାର
ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର
ନୂଆ ଓଡ଼ିଶା ପାଇଁ ସଂକଳ୍ପ
ବିଜେପି ସରକାର ଆସିବାର ୩ ମାସ ମଧ୍ୟରେ ସବୁ ଚିଟ୍‌ଫଣ୍ଡ ଠକ ଏବଂ ଖଣି ଦଲାଲମାନଙ୍କୁ ଜେଲ୍ ପଠାଯିବ
ନୂଆ ଆଶା, ପୂରା ଭରସା, ମୋଦିଙ୍କ ସାଥେ ନୂଆ ଓଡ଼ିଶା
Issued by BJP, 4R-3/2, Kharavel Nagar, Unit-3, Bhubaneswar
ଏମ୍‌ପି ଏବଂ ଏମ୍‌ଏଲ୍‌ଏ ପାଇଁ ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ ଦିଅନ୍ତୁ



ଓଡ଼ିଶାର ସ୍ୱାର୍ଥ, ସ୍ୱାଭିମାନ ଓ ବିକାଶ ପାଇଁ ଲଢ଼େଇ
ମରୁଡି ଆସିଲା : ଦେଖା ନାହିଁ କି ଟଙ୍କା ନାହିଁ।
ବନ୍ୟା ହେଲା : ଦେଖା ନାହିଁ, ଟଙ୍କା ନାହିଁ କି ସମବେଦନା ନାହିଁ।
ତିତ୍‌ଲି ଆସିଲା : ଦେଖା ଦର୍ଶନ ନାହିଁ, ଅନୁଦାନ ବି ନାହିଁ।
ଭୋଟ୍ ଆସିଗଲା : ଯୋଉଠି ଦେଖ ସେଠି ହାଜର।
କେନ୍ଦ୍ରର ବିଜେପି ନେତାଙ୍କ କୁମ୍ଭୀର କାନ୍ଦଣା!
ବିଜୁ ଜନତା ଦଳ
୨୧ରୁ ୨୧ରେ 'ବିଜେଡି'କୁ ଜିତାଇବା, ଓଡ଼ିଶାର୍ ହକ୍ ପାଇଁ ଲଢ଼ିବା।





# ଖସିଲା ପାରଦ, ତାତିରୁ ତ୍ରାହି

**ଭୁବନେଶ୍ୱର,୧୯।୪(ବ୍ୟୁରୋ):** ଶେଷରେ ତାତିରୁ ତ୍ରାହି ମିଳିଛି। କିଛିଦିନ ହେବ ୪୦ ଡିଗ୍ରୀ ଉପରେ ରହୁଥିବା ରାଜ୍ୟର ଅନେକ ସହରର ତାପମାତ୍ରା ଶୁକ୍ରବାର ହ୍ରାସ ପାଇଛି। ସବୁ ସହରରେ ୪୦ ଡିଗ୍ରୀରୁ କମ୍ ତାପମାତ୍ରା ରହିଛି। ପାରଦ ୩ରୁ ୪ ଡିଗ୍ରୀ ଖସିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଯେଉଁଳି ତାତି ଅନୁଭୂତ ହେଉଥିଲା, ସେଥିରୁ ଲୋକେ ଆଶ୍ୱସ୍ତି ଅନୁଭବ କରିଛନ୍ତି। ତେବେ ୨୦ତାରିଖଠାରୁ ତାପମାତ୍ରା କ୍ରମଶଃ ବୃଦ୍ଧି ପାଇବ। ପଶ୍ଚିମା ଗରମ ପବନ ସିଧାସଳଖ ରାଜ୍ୟକୁ ପ୍ରବାହିତ ହେବାକୁ ଥିବାରୁ ପ୍ରବଳ ଗରମ ଅନୁଭୂତ ହେବ। ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ବଢ଼ିବ। ୨୫ତାରିଖଠାରୁ ତାପମାତ୍ରା ପୁଣିଥରେ ରେକର୍ଡ ଭାଙ୍ଗିବ। ଅଧିକାଂଶ ସହରରେ ୪୨ ଡିଗ୍ରୀ ଟପିଯିବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଶନିବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, କୋରାପୁଟ, ନବରଙ୍ଗପୁର ଓ କଳାହାଣ୍ଡିର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିପାରେ। ହାଲ୍‌କା ବର୍ଷା ସହ କାଳବୈଶାଖୀ ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ବର୍ଷା ସହ ବଜ୍ରପାତ ସମ୍ଭାବନା ଥିବାରୁ ଲୋକଙ୍କ ଉପରେ ପ୍ରଭାବ ପଡ଼ିପାରେ। ତେଣୁ ସତର୍କତା ଅବଲମ୍ବନ କରିବାକୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଶୁକ୍ରବାର ସୁନ୍ଦରଗଡ଼ରେ ସର୍ବାଧିକ ତାପମାତ୍ରା ୩୯ ଡିଗ୍ରୀ ରହିଥିବା ବେଳେ ମାଲକାନଗିରି ୩୮.୮, ଟିଟିଲାଗଡ଼ ୩୮.୫, ଭବାନୀପାଟଣା ୩୮ ଓ ଭୁବନେଶ୍ୱରରେ ୩୭.୬ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଅନ୍ୟ ସମସ୍ତ ସହରରେ ପାରଦ ୩୫ ଡିଗ୍ରୀ ତଳକୁ ଖସିଆସିଛି।

# ବଜ୍ରପାତରେ ଚାଷୀ ମୃତ

**ଡୁଙ୍ଗୁରିପାଲି, ୧୯।୪(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଇଚ୍ଛାପୁର ଗ୍ରାମର ଜଣେ ଚାଷୀଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ହେଲେ ଉଦୟ କୁମାର ସାହୁ (୫୫)। ଅପରାହ୍ନରେ ସେ କ୍ଷେତକୁ ପାଣି ମଡାଇବାକୁ ଯାଇଥିବାବେଳେ ଝଡବର୍ଷା ସହ ବଜ୍ରପାତ ହୋଇଥିଲା। ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକ କ୍ଷେତକୁ ଯାଇ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଡୁଙ୍ଗୁରିପାଲି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୮/୧୯)ରୁଜୁ ହୋଇଥିବା ଏଏସ୍‌ଆଇ ସୁରୁରି ସେଠୀ କହିଛନ୍ତି।

ଏମ୍‌ପି ପ୍ରାର୍ଥୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ମାମଲା

# ଗିରଫ ହେଲେ ଖବରଦାତା

**କେନ୍ଦୁଝର, ୧୯।୪(ଡି.ଏନ.ଏ.):** ସ୍ଥାନୀୟ ଲୋକ ସଭା ଆସନ ପାଇଁ ଲଢୁଥିବା ପ୍ରାର୍ଥୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ମାମଲାରେ ଶୁକ୍ରବାର କେନ୍ଦୁଝର ଟାଉନ୍ ପୋଲିସ ଜଣେ ଖବରଦାତାଙ୍କୁ ଗିରଫ କରିଛି। ସେ ହେଲେ ସୀମାଞ୍ଚଳ ପାତ୍ର। ସୀମାଞ୍ଚଳ ଏକ ପ୍ରମୁଖ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମରେ କାମ କରୁଥିଲେ। ଏହି ଘଟଣାରେ ମୋଟ ୫ ଜଣଙ୍କୁ ପୋଲିସ ଗିରଫ କରିଛି। ପୂର୍ବରୁ ଗିରଫ ହୋଇଥିବା ଚାରି ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନ ଜିଲା ଜଜ୍ କୋର୍ଟରେ ଖାରଜ ହୋଇଯିବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଭୁବନେଶ୍ୱରରୁ ସୀମାଞ୍ଚଳଙ୍କୁ ପୋଲିସ ଗିରଫ କରିଥିବା ସଦର ଏସ୍‌ଡିପିଓ ପ୍ରକାଶ ଜେମ୍‌ସ୍ ଟପ୍ପୋ କହିଛନ୍ତି।

# ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ବଲିଉଡ ଷ୍ଟାର


ମାନେଶ୍ୱରରେ ବଲିଉଡ ଷ୍ଟାରମାନେ ବିଜେଡି ପାଇଁ ପ୍ରଚାର କରୁଛନ୍ତି ।

**ସମ୍ବଲପୁର,୧୯।୪(ବ୍ୟୁରୋ):** ସମ୍ବଲପୁର ଲୋକସଭା ଓ ବିଧାନସଭା ଆସନ ପାଇଁ ଏପ୍ରିଲ ୨୩ରେ ଭୋଟ ଗ୍ରହଣ ହେବ । ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରଚାର ମଧ୍ୟ ଜୋରଦାର ଚାଲିଛି । ଏହି ଅବସରରେ ସମ୍ବଲପୁର ଜିଲା ରେଙ୍ଗାଲି ନିର୍ବାଚନୀ ମଣ୍ଡଳୀରେ ହିନ୍ଦୀ ସିନେମା ଜଗତ (ବଲିଉଡ)ର ତାରକା ଅମିଶା ପଟେଲ ଓ ଅବତାବ ଶିବିଦଶାନୀ ଶୁକ୍ରବାର ପ୍ରଚାର କରିଛନ୍ତି । ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ରୀନା ତନ୍ତୀ ଓ ସମ୍ବଲପୁର ଲୋକସଭା ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନଙ୍କୁ ଭୋଟ ଦେବା ପାଇଁ ଦୁଇ ଷ୍ଟାର ଭୋଟରଙ୍କୁ ଅନୁରୋଧ କରିଛନ୍ତି । ତେବେ ଏମାନଙ୍କୁ ଦେଖିବାକୁ ଲୋକଙ୍କ ଭିଡ ଜମିଥିଲା । ଲୋକସଭା ପ୍ରାର୍ଥୀ ନଳିନୀ ପ୍ରଧାନ, ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ରୀନା ତନ୍ତୀ, ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ସେହିଭଳି ରେଙ୍ଗାଲି ରାମଚନ୍ଦ୍ର ନଗରଠାରୁ ମହାବୀର ଛକ ପର୍ଯ୍ୟନ୍ତ ରୋଡ ଶୋ କରାଯାଇଥିଲା। ପରେ ରେଙ୍ଗାଲି ମହାବୀର ଛକଠାରେ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା।


NECC NATIONAL EGG CO-ORDINATION COMMITTEE 19.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 90 | 145 | 155 |
| CTC | 91 | 146 | 156 |
| DKL | 90 | 145 | 155 |
| BDK | 93 | 149 | 159 |
| BLS | 94 | 150 | 160 |
| ANG | 91 | 146 | 156 |

*Conditions Apply
Eggs Retail Price- 41/-Dozen
Issued in the Interest of Consumers



Shop online on www.durian.in
Durian SINCE 1985
FLAT 50%* OFF
ON SELECTED HOME & OFFICE FURNITURE
LAST 2 DAYS LEFT
BAJAJ FINSERV EMI | Pine Labs | HDFC BANK
*Conditions apply
5 year warranty | Flexible delivery | 37 stores across India
Plot No. 2060, Part 2061/62, Samantarapur.
M.: 7381206666 / 7381216666 ✆ 1800 22 3242



Experience the joy of cooling even at 52°C
Extreme Cooling Range

| | | |
|---|---|---|
| 0.26 | Model ASGG12CGTA | 1.20 Ton |
| 0.26 | Model ASGG14CGTA | 1.30 Ton |
| 0.26 | Model ASGG18CGTA | 1.60 Ton |
| 0.30 | Model ASGG24CGTA | 2.30 Ton |

Min - Max
New Efficient & Tropical Inverter Air Conditioners
E Tropical Inverter Series
The all new E-Tropical Super Inverter Split Air Conditioners from General is specially designed for extreme tropical conditions. Its hyper tropical rotary compressor enables cooling even at 52°C, while being energy efficient. It's what we call a dream combination!
Extreme Saving with Human Sensor
Extreme Voltage Range 155V – 265V
Extreme Precision Temperature Control 0.5°C
Extreme Cooling with Hybrid Lambda Heat Exchanger
Extreme Airflow with Coanda Effect
5.12 ISEER Extreme Efficiency 5 Star BEE Rating
*Conditions apply.
GENERAL AIR CONDITIONERS
The Extreme Machine
www.generalindia.com | Customer Care: 1860 2081 007
Whatsapp for Call Registration 637 988 1007
General Air Conditioner Customer App
ETA General Pvt. Ltd., Email: info@etageneral.com, For Enquiries: Jagannath 78730 78714 / 89175 12415, General Arcade: Berhampur: Kalinga Enterprises 93383 01549 / 78095 77777 / 94397 21119 / 98613 28990, Authorised Distributors: Bhubaneswar Gupta Distributors 70089 89330, South Odisha: Trupti Agencies 93374 47339, Sambalpur: G .N. Electronics 89081 12233, Baleswar: Mohapatra Sales Mart 94370 52545, Authorised Dealers: Bhubaneswar: Bapuji Nagar: Patra Electronics 97782 04054, Great Eastern 70080 15299, Comfotronics 99370 59925, Stabiliser House 94370 61858, Sahid Nagar: Cool Care Refrigeration 94370 44416, Orissa Enterprises 98610 92982, Khandagiri: Sahoo Engineering Services 89082 27066, Baramunda: Gupta Distributors 99384 69841, Patra Electronics 90904 37166, Patia: Great Eastern 92379 44614, Gupta Distributors 97780 47796, CRP: Jai Jagannath Refrigeration 94370 01699, UNIT-4: Dew Point 92384 60111, Nayapalli: Jolly Refrigeration 94370 16329, Cuttack: Buxibazar: L.K. Refrigeration 94370 54355, Dola Mundai: Gupta Distributors 93380 01570, CDA: LS Refrigeration 94371 63278, Patra Electronics 94370 61055, Great Eastern 70080 15299, Mahanadi Vihar: Sai World 93377 86661, Badambadi: Patra Electronics 94375 79644, Great Eastern 91781 44607, Jajpur: Dew Point 92384 60123, Angul: Ace Business Associates 98611 33277 / 98611 80774, Puri: JN Enterprises 94370 23688, Sahoo Distributors 92385 91616, Berhampur: Priyabrata Enterprises 96685 24211, Talcher: The Home Makers 95837 97856, Keonjhar: Koyal Techno Services 97761 99299 / 97761 00200, Baripada: Aero Vision 98618 28643, Balasore: Mohapatra Sales Mart 94370 52545, Videozone 94370 69262, Patra Electronics 98617 24244, Great Eastern 90780 65989, Salipur: Zinc Electro Bazar 90403 96003, Jharsuguda: Patra Electronics 85988 34736, Bolangir: Ably Info Solutions 94370 25475, Bargarh: New Patra Needs 97763 23188, Rourkela: Patra Electronics 77900 10878, Dua & Dua 89841 17166. Registered Office: R.S. Nos. 79 To 81, Kalitheerthalkuppam, Mannadipet, Pondicherry 605107, Ph. 044 43402345. CIN: U29308PY1999PTC001499.

କର୍ମମାର୍ଗର ଭଲ ଦିଗଟି ହେଲା– ତା'ଭିତରେ ଭଗବାନଙ୍କ ସହିତ ଶତ୍ରୁତା ବି ଯଦି ହୁଏ– ତେବେ ସେହି ଶତ୍ରୁତା ମଧ୍ୟ ମୁକ୍ତିର ଉପାୟ ହୋଇଉଠେ। କେବେ କେବେ ଭଗବାନ ଆମକୁ ତାଙ୍କ ପାଖକୁ ଟାଣି ନିଅନ୍ତି ଓ ଧରିରଖନ୍ତି – ସବୁଠାରୁ କ୍ଷିପ୍ର ଉପାୟଟି ଦ୍ୱାରା। ତା'ହେଲା – ସେ ଯେତେବେଳେ ଆମର ଦୁର୍ଦମ ଦୁର୍ଦ୍ଧର୍ଷ ଐକାନ୍ତିକ ଶତ୍ରୁ ହୋଇଉଠନ୍ତି। –ଶ୍ରୀଅରବିନ୍ଦ

# ଇଡିରେ ବି ଗୋଷ୍ଠୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବି କ'ଣ ସିବିଆଇ ବାଟରେ ଯାଉଛି? ନିକଟରେ ଜଣେ ବରିଷ୍ଠ ତଦନ୍ତ ଅଧିକାରୀଙ୍କୁ ନେଇ ଦେଖାଦେଇଥିବା ବିବାଦରୁ ଜଣାପଡୁଛି ଯେ, ସଂସ୍ଥାରେ ଗୋଷ୍ଠୀ ବିବାଦ ଆରମ୍ଭ ହୋଇଯାଇଛି। ଯୁଗ୍ମ ନିର୍ଦ୍ଦେଶକ ସତ୍ୟବ୍ରତ କୁମାର ମୁମ୍ବାଇ ଜୋନାଲ ୟୁନିଟ୍ ଏବଂ କୋଇଲା ବ୍ଲକ୍ ଆବଣ୍ଟନ ମାମଲାର ପର୍ଯ୍ୟବେକ୍ଷଣ ଦାୟିତ୍ୱରେ ଥିଲେ। ତାଙ୍କୁ କୋଇଲା ବ୍ଲକ୍ ଆବଣ୍ଟନ ମାମଲା ବ୍ୟତୀତ ମୁମ୍ବାଇ ଜୋନାଲ ୟୁନିଟ୍‌ର ସମସ୍ତ ଦାୟିତ୍ୱରୁ ମୁକ୍ତ କରିଦିଆଯିବା ସହ ଅତିରିକ୍ତ ନିର୍ଦ୍ଦେଶକ (ଡବ୍ଲ୍ୟୁଆର୍) ଭାବେ ସବୁ ଦାୟିତ୍ୱ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହି ଆଦେଶନାମା ବାହାରିବାର ମାତ୍ର କେଇ ଘଣ୍ଟା ଭିତରେ ତାହା ପୂରା ଓଲଟିଗଲା ଏବଂ ଜଣାପଡ଼ିଲା ଯେ ଇଡିର ପଶ୍ଚିମାଞ୍ଚଳ ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ନିର୍ଦ୍ଦେଶକ ବିନୀତ ଅଗ୍ରୱାଲ ଇଡି ମୁଖ୍ୟାଳୟ ସହ ପରାମର୍ଶ ନ କରି ଏହି ଆଦେଶନାମା ଜାରି କରିଥିଲେ। ବରିଷ୍ଠ ଅଧିକାରୀମାନଙ୍କୁ ଏହା ଭଲ ଲାଗିଲା ନାହିଁ, ତେଣୁ ଆଦେଶନାମାଟି କେଇ ଘଣ୍ଟା ଭିତରେ ରଦ୍ଦ ହୋଇଗଲା। ଅଗ୍ରୱାଲ ନିଶ୍ଚୟ ଇଡି ମୁଖ୍ୟଙ୍କ ବିନା ଅନୁମୋଦନରେ ଏହି ଆଦେଶନାମା ରୁଜୁ କରି ତାଙ୍କ କ୍ଷମତା ବହିର୍ଭୂତ କାର୍ଯ୍ୟ କରିଛନ୍ତି। କେତେକେ ଭାବୁଛନ୍ତି, ଏହି ଘଟଣାର ସିବିଆଇରେ ଘଟିଥିବା ଘଟଣା ସହ ସାଦୃଶ୍ୟ ରହିଛି, ଯାହା ଉକ୍ତ ଗୋଇନ୍ଦା ସଂସ୍ଥାର ମର୍ଯ୍ୟାଦାହାନି ଘଟାଇଥିଲା। ଏହି ଘଟଣାରୁ ଇଡି ଆଉ ସିବିଆଇ ପରି ଗୋଷ୍ଠୀ ବିବାଦ ଆଡ଼କୁ ମୁହାଁଉ ନାହିଁ ତ?

### କେରଳ ବାବୁ ରୋଷର ଶିକାର

କେରଳର ମୁଖ୍ୟ ଶାସନ ସଚିବ ଟମ୍ ଜୋସ୍ ଆଉ ରାଜ୍ୟ ସରକାରଙ୍କ ସୁନଜରରେ ନାହାନ୍ତି। ପ୍ରାପ୍ତ ସୂତ୍ରରୁ ଜଣାପଡ଼ିଛି ଯେ, ଜୋସ୍ ଗତବର୍ଷ ଡିସେମ୍ବର ୩୧ ପର୍ଯ୍ୟନ୍ତ ନିଆଯାଇଥିବା ସମସ୍ତ କୃଷିଋଣ ଆଦାୟ ସ୍ଥଗିତ କରିବା ସହ ସରକାରଙ୍କ କୃଷି ପ୍ୟାକେଜ କାର୍ଯ୍ୟକାରୀ କରିବାକୁ ଆଦେଶନାମା ଜାରି କରି ନ ଥିବାରୁ ରାଜ୍ୟ କ୍ୟାବିନେଟ୍‌ର ରୋଷର ଶିକାର ହୋଇଛନ୍ତି। ରାଜସ୍ୱମନ୍ତ୍ରୀ ଇ. ଚନ୍ଦ୍ରଶେଖରନ୍ ଅନୁମୋଦନ ଦେବା ପରେ ମଧ୍ୟ ନିର୍ବାଚନ ଆଚରଣବିଧି ଲାଗୁ ହେବା ପୂର୍ବରୁ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ଆଦେଶନାମା ଜାରି କରି ନ ଥିବାରୁ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍ ମଧ୍ୟ ଜୋସ୍‌ଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ବାବଦରେ ଜୋସ୍ ଯେଉଁ କୈଫିୟତ୍ ପ୍ରଦାନ କରିଛନ୍ତି, ତାହାକୁ କ୍ୟାବିନେଟ୍ ଅଗ୍ରାହ୍ୟ କରିବା ସହିତ ଋଣ ଆଦାୟ ସ୍ଥଗିତୀକରଣ ସହ କୃଷି ପ୍ୟାକେଜ୍ କାର୍ଯ୍ୟକାରୀ କରିବାକୁ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛି। ମୁଖ୍ୟ ଶାସନ ସଚିବ ଜୋସ୍ ଏବଂ ପ୍ରମୁଖ ରାଜସ୍ୱ ସଚିବ ଡ. ବେଣୁ ଭି. କ୍ୟାବିନେଟ୍‌କୁ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, କୃଷି ବିଭାଗର ନିର୍ଦ୍ଦେଶ ଏବଂ ଋଣ ଆଦାୟ ସ୍ଥଗିତୀକରଣ ପାଇଁ ଆଦେଶନାମା ଜାରି କରିଥିଲେ ତାହାଦ୍ୱାରା ନିର୍ବାଚନ ଆଚରଣବିଧିର ଉଲ୍ଲଂଘନ ହୋଇଥାନ୍ତା। ଜୋସ୍ ମଧ୍ୟ ସୂଚାଇଛନ୍ତି ଯେ, ଋଣ ଆଦାୟ ସ୍ଥଗିତୀକରଣ ଆସନ୍ତା ଅକ୍ଟୋବର ସୁଦ୍ଧା ଲଗୁ କରାଯାଇପାରିବ ଏବଂ ଏଥିରେ କୃଷକମାନେ ବ୍ୟସ୍ତ ହେବାର କୌଣସି କାରଣ ନାହିଁ। କିନ୍ତୁ ତାଙ୍କର ଏହି ସ୍ପଷ୍ଟୀକରଣ କ୍ରୁଦ୍ଧ ନେତାମାନଙ୍କୁ ଶାନ୍ତ କରିପାରି ନାହିଁ।

### ସିଭିସି: ଏକ ଗ୍ରୀଷ୍ମ ମଧ୍ୟାନ୍ତର

ଅଷ୍ଟ୍ରିଆର ଲାକ୍‌ଜେନ୍‌ବର୍ଗ ହେଉଛି ଭିଏନାର ଦକ୍ଷିଣକୁ ଅବସ୍ଥିତ ଏକ ଶାନ୍ତ ସହର ଏବଂ ଏହା ତା'ର ଅପରୂପ ସୌନ୍ଦର୍ଯ୍ୟ ପାଇଁ ବିଖ୍ୟାତ। ଏହା ମଧ୍ୟ ଇଣ୍ଟର୍‌ନ୍ୟାଶ୍‌ନାଲ ଆଣ୍ଟିକରପ୍ସନ ଏକାଡେମୀ (ଆଇଏସିଏ)ର ମୁଖ୍ୟାଳୟ, ଯାହା କିପରି ଦୁର୍ନୀତି ବିରୋଧରେ ପଦକ୍ଷେପ ନେବାକୁ ହେବ ସେ ବିଷୟରେ ସରକାରୀ ବାବୁମାନଙ୍କୁ ତାଲିମ ଦିଏ। ଆସନ୍ତା ଜୁନ୍ ପ୍ରାରମ୍ଭରେ ଭାରତରୁ ମୁଖ୍ୟ ଭିଜିଲାନ୍ସ ଅଫିସର (ସିଭିଓ)ମାନଙ୍କର ଏକ ଦଳ ସେଠାକୁ ଭିଜିଲାନ୍ସ-ସମ୍ପର୍କିତ ତାଲିମ ନେବାକୁ ଯାଉଛନ୍ତି। କେନ୍ଦ୍ରୀୟ ଭିଜିଲାନ୍ସ ଆୟୋଗ (ସିଭିସି) ପକ୍ଷରୁ ଏହି ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ଏବଂ ଏହି ଦଳରେ ସାମିଲ ହେବା ପାଇଁ ଅନେକ ଯୋଗ୍ୟ ମୁଖ୍ୟ ଭିଜିଲାନ୍ସ ଅଫିସର ଅଛନ୍ତି। କିଛିଦିନ ପାଇଁ ହେଉ ପଛେ ଦିଲ୍ଲୀର ଗରମ ପାଣିପାଗଠାରୁ ଦୂରରେ ରହିବା ଲାଗି ବାବୁମାନଙ୍କର କାହିଁରେ କ'ଣ ଉତ୍ସାହ ଦେଖିବାକୁ ମିଳୁଛି। ଆୟୋଗର କହିବା ଅନୁସାରେ ଯେଉଁ ମୁଖ୍ୟ ଭିଜିଲାନ୍ସ ଅଧିକାରୀ (ସିଭିଓ)ମାନେ ଚଳିତ ଏପ୍ରିଲ ପହିଲା ସୁଦ୍ଧା ଗତ ଦୁଇବର୍ଷ ଭିତରେ ବିଦେଶରେ କୌଣସି ତାଲିମ ନେଇ ନ ଥିବେ ସେମାନେ ଏହି ତାଲିମ କାର୍ଯ୍ୟକ୍ରମ ପାଇଁ ଯୋଗ୍ୟ ବିବେଚିତ ହେବେ। ଯାହା ଜଣାଯାଏ, ବାବୁମାନଙ୍କର ଦେଶରେ ଓ ଦେଶ ବାହାରେ ତାଲିମ ପାଇଁ କାର୍ମିକ ଓ ପ୍ରଶିକ୍ଷଣ ମନ୍ତ୍ରଣାଳୟ ୨୪୦ କୋଟି ଟଙ୍କା ମଞ୍ଜୁର କରିଛି। କାର୍ମିକ ମନ୍ତ୍ରଣାଳୟ ସିଭିସି ପାଇଁ ଏକ ନୋଡାଲ ବିଭାଗ ପରି କାମ କରୁଛି।

Email: dilipcherian@gmail.com

# ଭବ ଭୟ ଓ ଜୀବନ



ଡ. ରମେଶ ଚନ୍ଦ୍ର ପରିଡ଼ା

ଜନ୍ମର ଠିକ୍ ପରକ୍ଷଣଠାରୁ ଆମ ଜୀବନସ୍ରୋତ ନିଃଶବ୍ଦରେ ବହି ଚାଲିଥାଏ ମୃତ୍ୟୁର କରାଳ ଲହରିକୁ ଭେଟିବା ପାଇଁ। ଏହି ଅବସରରେ ଆମ ବୟସ ବଢ଼ିଚାଲେ ଏବଂ ଶୈଶବ, ଯୁବାବସ୍ଥା ଓ ପୌଢ଼ତ୍ୱ ଦେଇ ଆମେ ବାର୍ଦ୍ଧକ୍ୟରେ ଉପନୀତ ହେଉ। ସେଥିପାଇଁ କୁହାଯାଏ ଜୀବନ ପରିସ୍ଥିତିମାନଙ୍କର ଏକ ସୁଦୀର୍ଘ ମାଳା, ନିରନ୍ତର ଭାବେ ପରିବର୍ତ୍ତନଶୀଳ। ଏହି ପରିବର୍ତ୍ତନ ଛୋଟବଡ଼ ସମସ୍ୟାମାନ ସୃଷ୍ଟିକରେ। ସେଗୁଡ଼ିକର ସମାଧାନକରି ଚାଲିବା ହେଲା ଜୀବନ। ତେବେ ସେଥି ସହିତ ଆମେ ସବୁବେଳେ ଖାପଖୁଆଇ ପାରୁନା। ବିଶେଷକରି, ବୟସାଧିକ୍ୟ ପରେ ଆମର ମାନସିକ ଓ ଦୈହିକ ସାମର୍ଥ୍ୟ ହ୍ରାସ ପାଇବାକୁ ଲାଗେ। କାରଣ, ସେତେବେଳେ ଆମ ସ୍ନାୟୁ ବ୍ୟବସ୍ଥା ଦୁର୍ବଳ ହୋଇପଡ଼େ ଏବଂ ଚୟାପଚୟ ମନ୍ଥର ହୋଇଯାଏ। ଏଣୁ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର କାର୍ଯ୍ୟ ଦକ୍ଷତାରେ ଅଧୋଗତି ଘଟେ। ପରିଣାମ ସ୍ୱରୂପ, ନିମ୍ନଗାମୀ ହୁଏ ଆମର ଆତ୍ମବିଶ୍ୱାସ; ଯାହାକି ଆମ ସମସ୍ୟା ସମାଧାନ କ୍ଷମତାକୁ ପ୍ରଭାବିତ କରେ ଏବଂ ଛୋଟ ସମସ୍ୟାଟି ମଧ୍ୟ ଆମକୁ ବଡ଼ ବୋଲି ମନେହୁଏ। ଅତଏବ ସୃଷ୍ଟି ହୁଏ ମାନସିକ ଅବସାଦଠାରୁ ଆରମ୍ଭ କରି ମାନସିକ ତଥା ଶାରୀରିକ ରୋଗବ୍ୟାଧି ଓ ଅକ୍ଷମତା।

ଏହାକୁ ପ୍ରତିହତ କରିବାକୁ ହେଲେ ଆମକୁ ଜୀବନସ୍ରୋତର ପ୍ରବାହ ସହିତ ଆସୁଥିବା ପରିବର୍ତ୍ତିତ ପରିସ୍ଥିତିକୁ ମାନସିକ ସ୍ତରରେ ଗ୍ରହଣ କରିନେବାକୁ ହେବ। ତା'ହେଲେ ଏହା ଆମକୁ ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲି ମନେହେବ ଏବଂ ଆମେ ତାହାକୁ ନେଇ ଅନାବଶ୍ୟକ ଭାବେ ମାନସିକ ଚାପର ସମ୍ମୁଖୀନ ହେବାନାହିଁ। ମହୀମଣ୍ଡଳରେ ଦେହ ବହିବାକୁ ହେଲେ ସବୁ ମଣିଷକୁ ଦିନେ ଏସବୁର ମୁକାବିଲା କରିବାକୁ ପଡ଼ିବ ବୋଲି ଆମର ହୃଦୟଙ୍ଗମ ହେବ। ଯେଉଁମାନେ ଏହା କରିପାରନ୍ତି ସେମାନେ ସହଜରେ ଆତ୍ମବିଶ୍ୱାସ ହରାନ୍ତି ନାହିଁ ଏବଂ ଦୃଢ଼ତାର ସହ ସମସ୍ୟାଗୁଡ଼ିକର ଯଥାସମ୍ଭବ ସମାଧାନ କରିବାକୁ ଆଗେଇ ଆସନ୍ତି। ଫଳରେ ସେମାନେ ଦୀର୍ଘ ଓ ସୁସ୍ଥ ଜୀବନର ଅଧିକାରୀ ହୁଅନ୍ତି। ତେବେ, ଏହା ଏତେଟା ସହଜ କଥା ନୁହେଁ। ସେଥିପାଇଁ ଆମେ ଆମ ମନକୁ ହାଲୁକା ଓ ଦୃଢ଼ କରିବା ଦରକାର ଏବଂ ତା' ମଧ୍ୟରେ ଭରିଦେବା ଦରକାର ସକାରାତ୍ମକ ଚିନ୍ତାଧାରା। ଆଧ୍ୟାତ୍ମିକ ଚିନ୍ତନଠାରୁ ଆରମ୍ଭକରି ଉତ୍ସର୍ଗୀକୃତ ସମାଜସେବାରେ ନିଜକୁ ନିୟୋଜିତ କରିବା କିମ୍ବା ରୁଚି ଅନୁସାରେ କାର୍ଯ୍ୟବ୍ୟସ୍ତ ରହିବା ଦ୍ୱାରା ଏହା କିଛିମାତ୍ରାରେ ସାଧନ କରାଯାଇପାରେ।

ଏଥିସହିତ ତହିଁରୁ ଆମକୁ ଦୂରକରିବାକୁ ହେବ ଜୀବନର ଅଳୀକତାକୁ ନେଇ ଭୟ। ଅତଏବ, ଆମେ ଅନୁଭବ କରିପାରିବା ଯେ ମାତୃଗର୍ଭରେ ଭ୍ରୂଣଟିଏ ହୋଇ ସୃଷ୍ଟି ହେଲା ପରଠାରୁ ମୃତ୍ୟୁ ସତତ ଆମର ପଶ୍ଚାତ୍ ଧାବନ କରୁଛି। ଏହାର ନିକଟତର ହେବାର ଅସୀମ ମାର୍ଗ ରହିଛି ଏବଂ ଦୂରତା ଅତୀବ ସସୀମ। ମୃତ୍ୟୁର ସମୟ ବା ଅବସ୍ଥା ପ୍ରତି ସମ୍ମାନ ନ ଥାଏ। ଏହା 'ମହା କ୍ରୂର' ଓ 'ବଡ଼ ଅବିଶ୍ୱାସୀ', 'ପହଞ୍ଚିଯାଏ ସେ କେତେବେଳେ ଆସି'। ସନ୍ଥ କବୀରଙ୍କ ମତରେ ଜୀବନ ଜଳର ଏକ ବୁଦ୍‌ବୁଦ୍ ସଦୃଶ। ସକାଳର ତାରା ଭଳି ଦେଖୁଦେଖୁ ଛପିଯାଏ। ଏଣୁ ଆମେ ସଦ୍ୟଜାତ ଶିଶୁ ହେଉ କିମ୍ବା ଶତାୟୁ ହେଉ ଆମ ଜୀବନ ଘାସପତ୍ରରେ ପଡ଼ିଥିବା ଜଳବିନ୍ଦୁଟିଏ ଭଳି ଢଳଢଳ ହେଉଥାଏ ବୋଲି କହିଯାଇଛନ୍ତି ସଦ୍‌ଗୁରୁ ଶିବାନନ୍ଦ ମୂର୍ତ୍ତି। ତେବେ ତାଙ୍କ ଦୃଷ୍ଟିରେ ଏହି ଜଳବିନ୍ଦୁ ସିନା ଉଷା ଆଗମନ ପରେ ପରେ ଅଦୃଶ୍ୟ ହୋଇଯାଏ, ତଥାପି ତାହାରି ମଧ୍ୟରେ ଏହା ଚମତ୍କାର ସୂର୍ଯ୍ୟକିରଣକୁ ଶୋଷଣ ଏବଂ ପ୍ରତିଫଳନ କରି ସାରିଥାଏ। ଏଣୁ ଜୀବନ କେବଳ ମୃତ୍ୟୁର ସାନ୍ନିଧ୍ୟ ଛଡ଼ା ଅନ୍ୟ କିଛି ନ ହେଲେ ହେଁ ଏହାକୁ ତା' ସ୍ଥାନରେ ରଖି ଆମେ ସୃଷ୍ଟିର ଗୌରବକୁ ପ୍ରଶଂସା କରିବା ଦରକାର। ତା' ହେଲେ ଆମେ ଯେତିକି ଦିନ ବଞ୍ଚି ରହୁନା କାହିଁକି ତାହା ପ୍ରଫୁଲ୍ଲିତ ହୋଇପାରିବ ଏବଂ ଆମେ ବୟସକୁ ବୋଝ ବୋଲି ମନେକରିବା ନାହିଁ କି ମୃତ୍ୟୁକୁ ଏକ ଭୟାବହ ପରିଣତି ବୋଲି ବିଚାର କରିବା ନାହିଁ।

ବାର୍ଦ୍ଧକ୍ୟ କ'ଣ? ବୟସକୁ ନେଇ ବ୍ୟସ୍ତବିବ୍ରତ ହେବା ହିଁ ବାର୍ଦ୍ଧକ୍ୟର ପ୍ରତୀକ। ଏହା ଆମକୁ ଅଧିକ ବୃଦ୍ଧ କରିଦିଏ। ଯିଏ ନିତିଦିନ ନିଜଠାରେ ନୂତନତା ଦେଖିପାରେ ତା' ମନକୁ ବାର୍ଦ୍ଧକ୍ୟ ସ୍ପର୍ଶ କରିପାରେନା। ସମୟର କ୍ଷୟକାରୀ ପ୍ରଭାବ ସତ୍ତ୍ୱେ ତା'ର ଚେତନା ସଦା ସତେଜ ରହେ। ଅନ୍ୟପକ୍ଷରେ, ଆଶା ସଦାସର୍ବଦା ଯୁବକ। ଏହା ଆମଠାରେ ନୂଆ ନୂଆ ଶକ୍ତି ସଞ୍ଚାରକରେ– ବିଶେଷକରି ମାନସିକ ସ୍ତରରେ। ଏଣୁ ଆମେ ଯେତେ ଦିନ ବଞ୍ଚିଛେ ଏବଂ ସଚେତନ ଅଛେ, ମନରେ ନୂତନ ଆଶାକୁ ସ୍ଥାନ ଦେବା ଉଚିତ। ଶାନ୍ତିରେ ରହିବା ଆମର ଏକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ। ଏହା ଆମକୁ ତାହା ପ୍ରଦାନ କରିପାରିବ। କୁହାଯାଏ ଯେ ବିତିଯାଇଥିବା ଅତୀତକୁ ନେଇ ଭବିଷ୍ୟତ ପାଇଁ ଭୟଭୀତ ହେଉଥିବା କୋଡ଼ିଏ ବର୍ଷର ଯୁବକ ହେଉଛି ଜଣେ ବୃଦ୍ଧ। ଅନ୍ୟପକ୍ଷରେ, ଆଶାବାଦୀ ହୋଇ ଭବିଷ୍ୟତକୁ ଦେଖିପାରୁଥିବା ୮୦ ବର୍ଷର ବ୍ୟକ୍ତି ମଧ୍ୟ ଜଣେ ଯୁବକ।

ଶରୀର ଏବଂ ମନ ଅଭିନ୍ନ। ଏଣୁ ଗୋଟିକର ପ୍ରଭାବ ଅନ୍ୟ ଉପରେ ପଡ଼ିବା ସ୍ୱାଭାବିକ। ତେବେ, ଗଭୀର ଭାବେ ଅନୁଧ୍ୟାନ କଲେ ଶରୀର ଉପରେ ମନର ଏକ ପ୍ରକାର କର୍ତ୍ତୃତ୍ୱ ରହିଛି ବୋଲି ମନେହୁଏ। ଏହା ଆମର ଭୌତିକ ଢାଞ୍ଚାକୁ ମାନସିକତାର ଉପସ୍ଥାପନ ବୋଲି ବିଶ୍ୱାସ କରିବାକୁ ଦିଏ। ସେଥିପାଇଁ ଅନେକ ସମୟରେ ସୁସ୍ଥ ଶରୀର ଏବଂ ଏକ ଦୁଃଖିତ ଆତ୍ମାଯୁକ୍ତ ଯୁବକ ଏବଂ ହୃଦୟ ଖୋଲି ହସିପାରୁଥିବା ଜଣେ ବୃଦ୍ଧ ଆମର ଦୃଷ୍ଟିଗୋଚର ହେବା ବିରଳ ନୁହେଁ।

ଅସନ୍ତୋଷ ଆମକୁ ଅସମୟରେ ବୃଦ୍ଧ ଏବଂ ଅକର୍ମଣ୍ୟ କରିଦେଲାବେଳେ, ସନ୍ତୁଷ୍ଟି ଏବଂ ଆନନ୍ଦ ଆମକୁ ସୁସ୍ଥ ଓ ଯୁବକସୁଲଭ ମାନସିକତା ସମ୍ପନ୍ନ କରି ରଖିଥାଏ। ମାନସିକ ଶାନ୍ତି ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ମନ୍ଥରକରେ ବୋଲି ଏବେ ମିଳିଲାଣି ଭୂରି ଭୂରି ବୈଜ୍ଞାନିକ ପ୍ରମାଣ। ତେବେ, ଆମେ ଯାହାକୁ ସୁଖ ବୋଲି କହୁଛୁ ତାହା ଶାନ୍ତି ସହିତ ସମ୍ପୃକ୍ତ ନୁହେଁ। କବି ରାଧାନାଥଙ୍କ ଭାଷାରେ– 'ସୁଖ ବୋଲି ଯାହା ଜନନେତ୍ରେ ଦିଶେ, ହାତେ ଆସେ ହାତୁ ପଡ଼ିବା ପାଇଁ ସେ। / ବସ୍ତୁ ନୁହଁଇ ସେ ଅଟଇ ଟିଧୂମ, ଆନ ନାମ ତା'ର ଆକାଶ କୁସୁମ।' ପ୍ରକୃତରେ ଶାନ୍ତି ମନ ଓ ଚେତନା ସହିତ ଓତପ୍ରୋତ ଭାବେ ଜଡ଼ିତ ହେଲା ବେଳେ ସୁଖ ଅଧିକ ମାତ୍ରାରେ ଭୌତିକ। ତେବେ ଏହାରି ପଛରେ ହିଁ ଆମେ ଅଧିକାଂଶ ସମୟରେ ଧାଇଁଥାଉ। ଅନେକ ସ୍ଥଳେ ଏହା ଆମ ଦୁଃଖର କାରଣ ବି ହୋଇଥାଏ।

ସନ୍ତୋଷ ହେଉଛି ଶାନ୍ତିର ଏକ ଗଣ୍ଠିବନ୍ଧ। ଆମର ଯାହା କିଛି ଅଛି, ଏପରିକି ଯାହା ନାହିଁ ତାକୁ ନେଇ ଆମେ ସନ୍ତୁଷ୍ଟ ରହିବା ଦରକାର। ଋଷି ଶ୍ରୀଅରବିନ୍ଦଙ୍କ ଭାଷାରେ– 'ଯଦି ତୁମେ ଏବେ ଯେପରି ଅଛ ତାହାକୁ ନେଇ ସନ୍ତୁଷ୍ଟ ନୁହଁ, ତେବେ ତୁମେ କଦାପି ସନ୍ତୋଷ ଲାଭ କରିପାରିବନି।' ସୁତରାଂ ବିବିଧ ସମସ୍ୟା ମଧ୍ୟରେ ବି ଆମେ ସନ୍ତୁଷ୍ଟ ରହିବା ଉଚିତ। ଏହି ମହତ ମାନସିକତା ଆମକୁ ସୁସ୍ଥ ଓ ସ୍ୱଚ୍ଛନ୍ଦ ଜୀବନଯାପନ କରିବା ଏବଂ ସସମ୍ମାନେ ବଞ୍ଚିବାକୁ ଦେବ। ଅତଏବ ମୃତ୍ୟୁର ଭୟ କିମ୍ବା ବାର୍ଦ୍ଧକ୍ୟ ଆମକୁ ନକାରାତ୍ମକ ଭାବେ ପ୍ରଭାବିତ କରିପାରିବ ନାହିଁ। ଏ ପ୍ରକାର ଚିନ୍ତାଧାରା କେବଳ ଆଧ୍ୟାତ୍ମିକ ନୁହେଁ, ବିଜ୍ଞାନସମ୍ମତ ମଧ୍ୟ। ଏହା ମନକୁ ଆଣିଥାଏ ବିଶିଷ୍ଟ ଦାର୍ଶନିକ ଓ ଲେଖକ ମାର୍କ ଟ୍ୱାଇନଙ୍କର ଏକ ପ୍ରସିଦ୍ଧ ଉକ୍ତି– ବୟସ (ଏଠାରେ ବାର୍ଦ୍ଧକ୍ୟ) ହେଉଛି ଏକ ମାନସିକ ଅବବୋଧ ମାତ୍ର। ଯଦି ତୁମେ ଏହାକୁ ମନରେ ଘେନା ନ କର, ତେବେ ତାହା ପ୍ରଭାବହୀନ।

ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରିବିହାର
ଭୁବନେଶ୍ୱର,ମୋ–୯୯୩୭୯୮୫୭୬୭

# ଭାଇ ଦୁଃଖରେ ଭାଇ



ତୁଳସୀଦାସ ମିଶ୍ର

ଠିକଣା ସମୟରେ ସ୍ୱିଡେନର ଟେଲିକମ୍ ଉପକରଣ ନିର୍ମାତା ଏରିକ୍‌ସନଙ୍କୁ ୪୬୨ କୋଟି ବାକିଆ ଟଙ୍କା ପରିଶୋଧ କରି ଅଗ୍ରଜ ମୁକେଶ ଅମ୍ବାନୀ ଋଣଗ୍ରସ୍ତ ଅନୁଜ ଅନିଲ ଅମ୍ବାନୀଙ୍କୁ ଆସନ୍ନ ଜେଲଦଣ୍ଡରୁ ତ୍ରାହି ଦେଇଛନ୍ତି। ସଫଳ ବ୍ୟବସାୟ ଏବଂ ଅମାପ ସମ୍ପତ୍ତି ପାଇଁ ବିଶ୍ୱର ଦଶଜଣ ଧନାଢ଼୍ୟଙ୍କ ମଧ୍ୟରେ ସ୍ଥାନ ପାଇ ନିଜକୁ ଏବଂ ଦେଶକୁ ଗୌରବାନ୍ୱିତ କରିଥିବା ମୁକେଶ କେମିତି ଭଲା ଅନିଲଙ୍କୁ ଋଣଗ୍ରସ୍ତଙ୍କ ତାଲିକାରେ ସାମିଲ ହେବାକୁ ଦିଅନ୍ତେ? ବରଂ ସେ ଭାବିଥିବେ– ଯଦିବା ମୋ ଭାଇ ଋଣୀ ହେବ ମୋ ପାଖରେ ହେଉ, ଆଉ କାହା ପାଖରେ ନୁହେଁ। ଅନିଲ ଅମ୍ବାନୀ ମଧ୍ୟ କରୁଣାରେ ଆର୍ଦ୍ର ଭାଇ ମୁକେଶ ଓ ଭାଉଜ ନୀତାଙ୍କ ପ୍ରତି ମୁକ୍ତକଣ୍ଠରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଅସମୟରେ ସେମାନଙ୍କର ଏ ଅକୁଣ୍ଠ ସାହାଯ୍ୟ ଅନିଲଙ୍କର ଚିରକାଳ ମନେ ରହିବ।

ପ୍ରଖ୍ୟାତ ବ୍ୟବସାୟୀ ଧୀରୁଭାଇ ଅମ୍ବାନୀଙ୍କ ଅନ୍ତେ କେବେ ଦିନେ ଏ ଦୁଇଭାଇଙ୍କ ମଧ୍ୟରେ ଘମାଘୋଟ କଳି ଲାଗିଥିଲା। ବିବାଦ ସମାଧାନର ଅନ୍ୟବାଟ ନ ପାଇ ମା' କୋକିଳା ବେନ୍ ଶେଷରେ ସମସ୍ତ ପୈତୃକ ସମ୍ପତ୍ତିକୁ ଦୁଇଭାଗ କରିଦେଲେ। ଦୁଇଭାଇଙ୍କର ବସା, ବେପାର ଅଲଗା ହୋଇଗଲା। ଯେତେ ଭାଇ ସେତେ ଘର– କହିଲା ଲୋକ ଠିକ୍ କହନ୍ତି। କେବଳ ଦେଶ ନୁହେଁ, ଆନ୍ତର୍ଜାତିକ ବଜାରରେ ମଧ୍ୟ ଏ ପାରିବାରିକ ବିବାଦ ଏବଂ ବିଭାଜନ ଚହଳ ସୃଷ୍ଟି କରିଥିଲା।

ତେବେ ମା' ଶିଶୁକୁ ଜନ୍ମ ସିନା ଦିଏ କିନ୍ତୁ କର୍ମ ଦେଇ ନ ଥାଏ। ସେଥିପାଇଁ ତ ଗୋଟେ ବୃନ୍ତର ଦୁଇଟି ଫୁଲର ଦୁଇଟି ଅଲଗା ଗନ୍ତବ୍ୟ ହୋଇଥାଏ। ଗୋଟେ ଫୁଲ ଶିବଙ୍କ ଚୂଡ଼ାରେ ଶୋଭାପାଏ। ଆଉ ଗୋଟେ ଫୁଲ ଗଣିକାର ଗଭାରେ। ଗୋଟେ ଶୈଳ ଶିଖରରୁ ଦୁଇଟି ସ୍ରୋତସ୍ୱିନୀ ନିମ୍ନଗାମୀ ହୁଅନ୍ତି ସତ, କିନ୍ତୁ ଗୋଟେ ନଦୀ ସାଗରରେ ମିଶେ ତ ଆଉ ଗୋଟେ ମରୁଭୂମିରେ ହଜେ। ମୁକେଶ ଏବଂ ଅନିଲଙ୍କ କ୍ଷେତ୍ରରେ ମଧ୍ୟ ଠିକ୍ ସେମିତି ଘଟିଛି। ଗୋଟେ ପଟେ ନିଜର ବେପାର ବିସ୍ତାର କରି, ସଫଳତାର ଶିଡ଼ି ଚଢ଼ି ମୁକେଶ ଯେଉଁଠି ବିଶ୍ୱର ତୁଙ୍ଗ ଧନପତିଙ୍କ ମଧ୍ୟରେ ନିଜର ଆସ୍ଥାନ ସୁଦୃଢ଼ କଲେ, ସେଠି ଅନିଲ ବ୍ୟବସାୟରେ ଅସଫଳ ହେଲେ, କ୍ଷତି ସହିଲେ, ନିବେଶକଙ୍କ ଋଣ ଶୁଝି ନ ପାରି ଜେଲ ପଥର ଯାତ୍ରୀ ହେଲେ।

କିନ୍ତୁ ଯେମିତି ଲାଠି ପାହାରରେ ପାଣି ଦି'ଭାଗ ହେଇଯାଏନା, ସେମିତି ବାହ୍ୟ ପ୍ରଭାବରେ ରକ୍ତର ସମ୍ପର୍କ ସାମୟିକ ଭାବେ କିଛିଟା ହୁଗୁଳା ହୁଏ ତ ହୋଇଯାଏ, କିନ୍ତୁ ସମ୍ପୂର୍ଣ୍ଣ ଛିଣ୍ଡି ଯାଏନା। ସେଥିପାଇଁ ମୁକେଶ ହୁଏତ ଭାଇର ବିପତ୍ତିକୁ ଅଣଦେଖା କରିପାରି ନ ଥିବେ। ଭ୍ରାତୃପ୍ରେମର ଉଚ୍ଛ୍ୱାସ ହୃଦୟକୁ ଆଲୋଡ଼ିତ କରିଥିବ। ସେ ହୁଏତ ନିଜକୁ ନିଜେ ପ୍ରଶ୍ନ କରିଥିବେ–ମୋ ଭାଗରେ ନଭଶ୍ଚୁମ୍ବୀ ଭବ୍ୟ ଏଣ୍ଟିଲିଆରେ ନିବାସ, ଅଥଚ ମୋ ଭାଇର ଭାଗ୍ୟରେ କାରାବାସ। ଏ କେମିତି ସମ୍ଭବ? ବାସ୍, ତା'ପରେ ତାଙ୍କ ସମ୍ପତ୍ତିର ସାଗରରୁ ଆଞ୍ଜୁଳାଏ ପାଣି ଫିଙ୍ଗି ମନ୍ତ୍ର କଲା ପରି ଅନିଲଙ୍କ ଆପଦକୁ ଉଭେଇ ଦେଇଥିବେ।

ତେବେ ଆମେ ଯଦି ଆମ ଚାରିପଟେ ଦୃଷ୍ଟି ପକେଇବା, କି ଗ୍ରାମ, କି ନଗର, ସବୁଠି ଆମକୁ ଏମିତି ଅନେକ ଉଦାର ଭ୍ରାତା ମିଳିଯିବେ। ସେମାନେ ମୁକେଶଙ୍କ ଭଳି ଉଜ୍ଜ୍ୱଳ ଦୃଷ୍ଟାନ୍ତ ହୋଇ ନ ପାରନ୍ତି। କିନ୍ତୁ ସେମାନଙ୍କ ସାହାଯ୍ୟ, ସହାନୁଭୂତିରେ ଆମକୁ ମୁକେଶଙ୍କ ଭ୍ରାତୃପ୍ରେମ ଏବଂ ସ୍ନେହର ଉଷ୍ମତା ଅନୁଭୂତ ହେବ। ଏମିତି ଅନେକ ଭାଇଙ୍କୁ ପାଠକେ ଜାଣିଥିବେ, ଯେଉଁମାନେ ଆଉ ଏକ ଭାଇର ବିପତ୍ତିରେ ସାହାଯ୍ୟ କରିବାକୁ ଧାଇଁ ଆସନ୍ତି। ଆଉ କିଛି ଭାଇଙ୍କ ବିଷୟରେ ପାଠକେ ହୁଏତ ଶୁଣିଥିବେ, ଯିଏ ଅଗ୍ରଜ କି ଅନୁଜଙ୍କ ଅକାଳ ନିଧନରେ ତାଙ୍କ ପୂରା ପରିବାରର ଦାୟିତ୍ୱ ବିନା ଦ୍ୱିଧାରେ ମୁଣ୍ଡେଇ ନେଇଥିବେ। ଭାଉଜଙ୍କୁ ଆଶ୍ରୟ ଦେବାରେ କୁଣ୍ଠା କରି ନ ଥିବେ, ପୁତୁରା–ଝିଆରୀଙ୍କୁ ପିତୃସ୍ନେହରୁ ବଞ୍ଚିତ କରି ନ ଥିବେ କି ତାଙ୍କ ଭବିଷ୍ୟତ ଗଢ଼ିବାରେ ହେଳା କରି ନ ଥିବେ।

ଆମେ ଯଦି ପୁରାଣ, କାହାଣୀ, କିମ୍ବଦନ୍ତୀର ପୃଷ୍ଠା ଓଲଟାଇବା, ଆମକୁ ଭ୍ରାତୃପ୍ରେମର ସ୍ନେହ–ସୌହାର୍ଦ୍ଦ୍ୟର ଅଗଣିତ ଉଦାହରଣ ମିଳିବ। ପୁତ୍ରମୋହରେ ଅନ୍ଧ କୈକେୟୀ ଚକ୍ରାନ୍ତ କରି ବନବାସରେ ପଠେଇ ହୁଏତ ରାମଚନ୍ଦ୍ରଙ୍କୁ ସେତିକି ଦୁଃଖ ଦେଇ ନ ଥିଲେ, ଯେତିକି ସୁଖ ତାଙ୍କୁ ବିମାତାଙ୍କ ପୁତ୍ର ଭରତର ଭ୍ରାତୃପ୍ରେମରୁ ମିଳିଥିଲା। ଭରତ ମଧ୍ୟ ମାତାଙ୍କ ମହତ୍ତ୍ୱାକାଂକ୍ଷାକୁ ତାଚ୍ଛଲ୍ୟ କରି ରାମଙ୍କ ପକ୍ଷ ନେଇଥିଲେ। ସେଥିପାଇଁ ପରବର୍ତ୍ତୀ ସମୟରେ ହନୁମାନଙ୍କ ଅନୁରକ୍ତିରେ ପ୍ରୀତ ହୋଇ ରାମଚନ୍ଦ୍ର ତାଙ୍କୁ ଭରତଙ୍କ ସଙ୍ଗେ ତୁଳନା କରିଛନ୍ତି–''ରଘୁପତି କୀନ୍‌ହୀ ବହୁତ ବଡ଼ାଇ। ତୁମ ମମ ପ୍ରିୟ ଭରତହି ସମ ଭାଇ।।'' ସେଇ ରାମାୟଣରେ ଗୋଟେ ମା'ର ସନ୍ତାନ ହେଲେ ବି ବାଳି–ସୁଗ୍ରୀବଙ୍କ ଭାଗ୍ୟରେ କିନ୍ତୁ ଭ୍ରାତୃ ସମ୍ପର୍କରେ ସୁଖ ଲେଖା ନ ଥିଲା। ଗୋଟେ ଦୃଷ୍ଟିରୁ ବିଭୀଷଣଙ୍କୁ ରାମଙ୍କର ପରମ ଭକ୍ତ ଆଖ୍ୟା ଦିଆଯାଏ। କିନ୍ତୁ ସେ ବଡ଼ଭାଇ ରାବଣର ମୃତ୍ୟୁଭେଦ କହିବାରୁ ରାମଚନ୍ଦ୍ରଙ୍କ ହାତରେ ତାଙ୍କର ନିଧନ ହୋଇଥିଲା।

ମହାଭାରତ ମଧ୍ୟ ଭ୍ରାତୃବିବାଦ ଏବଂ ତଜ୍ଜନିତ ବୃଥା ରକ୍ତପାତର ଏକ କରୁଣ କାବ୍ୟ। ଠିକ୍ ସେମିତି ଇତିହାସରେ ଅଶୋକ, ଔରଙ୍ଗଜେବ୍‌ଙ୍କ ଭଳି ଅନେକ ଚରିତ୍ର ବିଦ୍ୟମାନ, ଯେଉଁମାନେ ଭାଇମାନଙ୍କ ଲହୁଲୁହରେ ରାଜସିଂହାସନକୁ ଧୋଇ ନିଜକୁ ଅଭିଷିକ୍ତ କରେଇଥିଲେ। ଦେଖିବାକୁ ଗଲେ ଭାଇକୁ ଭଗାରି ହେବାକୁ ସମୟ ଲାଗେନି। ଆଉ ସବୁବେଳେ ମାତାପିତାଙ୍କ ଦେହାନ୍ତ ପରେ ନୁହେଁ, ଅନେକ ସମୟରେ ସେମାନଙ୍କ ଜୀବିତାବସ୍ଥାରେ ମଧ୍ୟ ଭାଇମାନେ କଳି ଲାଗି ସମ୍ପତ୍ତି ଭାଗ କରିନେଇଛନ୍ତି। ଖାଲି ସେତିକି ନୁହେଁ, ବାପା–ମା'ଙ୍କୁ ବି ଦି'ଭାଗରେ ବାଣ୍ଟି ସେମାନଙ୍କ ଅତିକ୍ରାନ୍ତ ବୟସର ଦାମ୍ପତ୍ୟ ସୁଖ, ସାନ୍ତ୍ୱନାକୁ ବିଧ୍ୱସ୍ତ କରିଛନ୍ତି। ଅମିତାଭ–ହେମାଙ୍କ 'ବାଗ୍‌ବାନ୍' ଏମିତି ଏକ ତିକ୍ତ ବାସ୍ତବତାର ଚଳଚ୍ଚିତ୍ର ରୂପାନ୍ତର। କାଳିନ୍ଦୀଚରଣଙ୍କ 'ମାଟିର ମଣିଷ'ରେ ବିବାଦ ଏବଂ ବିଚ୍ଛେଦ ପରେ ବରଜୁ ଏବଂ ଛକଡିଙ୍କର ପୁନର୍ମିଳନ ବି ଅପଢ଼ ପରେ ଅଲଗା ହେଇଯାଇଥିବା ଭାଇମାନଙ୍କୁ ଏମିତି କିଛି ସକାରାତ୍ମକ ସନ୍ଦେଶ ଦିଏ।

ଭୋଗବାଦ ଓ ବସ୍ତୁବାଦ ପ୍ରଭାବରେ ଭାରତୀୟ ବୃହତ୍ ପରିବାର ଆଜି ବିଲୁପ୍ତପ୍ରାୟ। ରକ୍ତର ସମ୍ପର୍କ କେଉଁଠି ହୁଗୁଳା ତ କେଉଁଠି ଛିନ୍ନ। ତେବେ ଏ ସଙ୍କଟ ଦୀର୍ଘସ୍ଥାୟୀ ହୋଇପାରେନା। ଆମେ ଭାରତୀୟମାନେ ଯେହେତୁ ସ୍ୱଭାବତଃ ଭାବପ୍ରବଣ ଏବଂ ସ୍ନେହରଙ୍କୁଣା, ତେଣୁ ପାରିବାରିକ ସମ୍ପର୍କ ପ୍ରତି ଆମର ଅନୁରକ୍ତି ଏବଂ ପ୍ରତିବଦ୍ଧତା ସର୍ବଦା ରହିବ।

ମୋ–୯୮୬୧୫୫୨୭୯୩

## ଏଇ ଭାରତରେ

ଚିଠି ଲେଖି ଭଗବାନଙ୍କ ନିକଟରେ ଗୁହାରି କରୁଛନ୍ତି ଯୁବତୀ। ମଧ୍ୟପ୍ରଦେଶର ମଣ୍ଡସୌରରେ ଥିବା ପଶୁପତିନାଥ ମହାଦେବଙ୍କ ଦାନବାକ୍ସରୁ ମିଳିଛି ଏମିତି କିଛି ପତ୍ର ଯାହାକୁ ପଢ଼ିଲେ ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ। ଏଠାରେ ଦାନବାକ୍ସ ଖୋଲିବା ବେଳକୁ ସାଦାକାଗଜରେ ଲେଖାଥିବା କିଛି ପତ୍ର ଦେଖିବାକୁ ମିଳିଥିଲା। ଏସବୁ ଖୋଲି ପଢ଼ିବା ପରେ ଜଣାପଡିଥିଲା କି ଜଣେ ଯୁବତୀ ଭଗବାନଙ୍କୁ ଲେଖିଥିଲେ, 'ଭଗବାନ ମୋ ବାହାଘର 'ପବନ' ନାମକ ଯୁବକ ସହ କରାଇ ଦିଅନ୍ତୁ।' ଅନ୍ୟଜଣେ ନିଜ ଭାଇଙ୍କ ବାହାଘର ପାଇଁ ମହାଦେବଙ୍କୁ ଚିଠି ଲେଖି ଦାନବାକ୍ସରେ ପକାଇ ଦେଇଥିଲେ। ସେମିତି ଆଉ ଜଣେ ଯୁବତୀ ଲେଖିଥିଲେ, 'ହେ ଭଗବାନ ମୋ ବାପା ମୋ କଥାରେ ରାଜି ହୋଇଯାଆନ୍ତୁ ଆଉ ମୋ ବାହାଘର ଶୀଘ୍ର ହୋଇଯାଉ।' ଠାକୁରଙ୍କୁ ମିଳିଥିବା ଦାନ ସହ ଏସବୁ ଚିଠି ଆସିଥିଲା ଚର୍ଚ୍ଚାକୁ। ଏବେ କେତେକ ଭକ୍ତ ନିଜ ମନସ୍କାମନା ପୂରଣ ପାଇଁ ମହାଦେବଙ୍କ ଦାନବାକ୍ସରେ ଏଭଳି ପତ୍ର ଲେଖି ପକାଉଥିବା କହନ୍ତି ମନ୍ଦିର ପରିଚାଳକ। ଏହି ମନ୍ଦିରକୁ ଦେଶ ତଥା ଦେଶ ବାହାରୁ ଅନେକ ଭକ୍ତ ପରିଦର୍ଶନରେ ଆସି ଅର୍ଥ ଦାନ କରିଥାଆନ୍ତି।

## ଚିରନ୍ତନୀ

''ବେଦନାର ଅଶ୍ରୁକଣା
ଝରେ ଯେବେ ନୟନର କୋଣୁ
''ହୃଦୟ ଶୀତଳ କରି
ଧରା ଧୂଳି ଝାଡି ଦେଇ ମନୁ।
(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଏପ୍ରିଲ ୧୯୯୪

- ଦକ୍ଷିଣ ଆଫ୍ରିକାର ପ୍ରଥମ ଗଣତାନ୍ତ୍ରିକ ନିର୍ବାଚନରେ ଇନ୍‌କାଥା ପାର୍ଟିକୁ ଅଂଶଗ୍ରହଣ ସୁଯୋଗ ଦେବା ପାଇଁ ଦକ୍ଷିଣ ଆଫ୍ରିକାର ପ୍ରମୁଖ ରାଜନୈତିକ ଦଳର ନେତାମାନେ ରାଜି ହୋଇଛନ୍ତି।
- ଓଡ଼ିଶାରେ ମାଟ୍ରିକ ପର୍ଯ୍ୟନ୍ତ ପାଠ ପଢୁଥିବା ଆଦିବାସୀ ଛାତ୍ରବୃତ୍ତି ୧୫୦ ଟଙ୍କାରୁ ୨୦୦ ଟଙ୍କା ଓ ଆଦିବାସୀ ଛାତ୍ରୀଙ୍କୁ ବୃତ୍ତି ମାସିକ ୧୫୫ରୁ ୨୨୫ ବୃଦ୍ଧି କରିବାକୁ ନିଷ୍ପତ୍ତି।

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 1 | | | | E | 0 | C | | | | 2 | | 5 | 8 |
| | C | | | B | | A | | | | 9 | | | | |
| | B | | A | | 4 | | | | | 3 | E | | 7 | |
| | | | 8 | 0 | | | | 7 | | | D | 2 | | 1 |
| 8 | 5 | 4 | | | 1 | 6 | 3 | | | | | | 9 | |
| E | 7 | | | | D | | | | | | | | | |
| | 8 | | 0 | A | | | | 3 | | 7 | | | | 6 |
| | 9 | | 5 | | | | | | | 6 | | | | D |
| | | | 6 | | C | D | A | | | | | | | |
| 4 | | | | | 3 | 7 | | | | D | C | | 1 | B |
| 6 | | 9 | | | | | | | | | | | B | |
| | | | 1 | 8 | | 5 | 2 | | 9 | 0 | | 7 | | |
| | | 3 | D | | 9 | | | 0 | 1 | 8 | B | | 6 | 4 |
| | | | 2 | 4 | | | | | | | | | | |
| 0 | A | 5 | | | | | 1 | | | | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | A | 8 | 2 | 3 | 9 | 5 | D | E | B | 6 | 0 | C | 1 | 4 |
| 5 | B | D | C | 0 | 4 | 8 | 1 | 6 | E | 3 | 2 | 7 | A | 9 |
| 9 | 0 | 4 | 8 | 5 | E | A | 3 | 2 | C | 1 | 7 | 6 | D | B |
| 6 | C | 1 | 7 | B | A | 4 | 9 | 0 | 5 | D | 8 | 3 | 2 | E |
| 2 | 3 | E | D | 6 | 1 | C | B | 7 | 4 | 9 | A | 5 | 0 | 8 |
| C | 9 | 7 | 4 | 8 | D | B | E | 5 | 6 | 0 | 1 | 2 | 3 | A |
| A | D | 6 | E | 7 | 0 | 2 | 8 | C | 3 | 5 | 9 | 4 | B | 1 |
| 1 | 2 | 3 | 5 | C | B | 0 | 7 | 4 | 8 | A | E | D | 9 | 6 |
| E | 4 | 5 | 9 | 2 | 6 | 3 | A | 1 | D | C | B | 8 | 7 | 0 |
| B | 8 | 0 | 1 | A | 3 | 9 | 6 | D | 7 | 2 | 4 | E | 5 | C |
| 4 | 7 | B | A | D | C | 1 | 0 | 3 | 2 | 8 | 6 | 9 | E | 5 |
| 0 | 1 | 2 | 6 | 4 | 8 | E | 5 | A | 9 | 7 | 3 | B | C | D |
| D | 5 | 9 | 3 | 1 | 2 | 6 | 4 | B | A | E | C | 0 | 8 | 7 |
| 8 | 6 | C | 0 | E | 7 | D | 2 | 9 | 1 | B | 5 | A | 4 | 3 |
| 3 | E | A | B | 9 | 5 | 7 | C | 8 | 0 | 4 | D | 1 | 6 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କୁମାରୀ ମାତୃତ୍ୱର ବୋଝ

ମହାଶୟ,

ଧରିତ୍ରୀ (୧୩।୩)ରେ ପ୍ରକାଶିତ ପ୍ରୀତିଛନ୍ଦା ଧଳଙ୍କ 'କୁମାରୀ ମାତୃତ୍ୱର ବୋଝ' ପାଠକରି ମୁଁ ଭାବୁଛି ଭାରତ ପାଇଁ ଗଣତନ୍ତ୍ର ଶାସନ ଶୁଭଙ୍କର ନୁହେଁ ବୋଲି। ମୋଦିଜୀଙ୍କ ବେଟି ବଚାଓ ଆହ୍ୱାନ କ'ଣ ହେଲା? ରୁଗ୍‌ଣ ମାନସିକତାର ଲୋକେ ଝିଅମାନଙ୍କୁ ନେଇ ଫାଇଦା ଉଠାଇବେ, ଆମେ କିଛି କରିପାରିବା ନାହିଁ? ସରକାର କେତେକ ପଦକ୍ଷେପ ନେଇଛନ୍ତି। ହେଲେ ଫଳପ୍ରସୂ ହେଉନାହିଁ। ସରକାର ଯଦି ଗାଇଡ୍‌ଲାଇନ ଉଲ୍ଲଂଘନ କରୁଥିବା ଲୋକଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରନ୍ତେ, ତା'ହେଲେ ସୁଫଳ ମିଳନ୍ତା। ଆମ ସମସ୍ତଙ୍କୁ ସଜାଗ ରହିବାକୁ ହେବ। ନାବାଳିକାଙ୍କୁ ପ୍ରଥମରୁ ଭଲ ସଂସ୍କାର ଦେବାକୁ ହେବ। ମା'ମାନେ ଓ ମାତ୍ରନମାନେ ଏଥିପ୍ରତି ସଜାଗ ରହିବା ଉଚିତ।

ବାବାଜୀ ଚରଣ ସେଠୀ, ଶ୍ରୀରାମନଗର, ଭୁବନେଶ୍ୱର

### ସମ୍ପୂର୍ଣ୍ଣ ତାଲିକା ପ୍ରକାଶ କରାଯାଉ

ରାଜ୍ୟ ସରକାର କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ କରିଥିବା ଚାଷୀମାନଙ୍କ ତାଲିକାରେ ନାମକୁମାତ୍ର ଚାଷୀ ତଥା ଭୂମିହୀନ କୃଷି ଶ୍ରମିକଙ୍କୁ ସାମିଲ କରାଯାଉ। ପୁନଃ ଯାଞ୍ଚ କରି ଗ୍ରାମପଞ୍ଚାୟତରେ ସଂଶୋଧିତ ତାଲିକା ଲଗାଇବା ଆବଶ୍ୟକ। କେବଳ ତରବରିଆ ଭାବେ ନାମତାଲିକା କଲେ ଚାଷୀର ଉନ୍ନତି ହେବନାହିଁ। ଆବେଦନ କରିବା ସତ୍ତ୍ୱେ ଅନେକ ପ୍ରକୃତ ହିତାଧିକାରୀଙ୍କ ନାମ ତାଲିକାରେ ନାହିଁ। ଚାଷୀର ଉନ୍ନତି ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉ।

ରମେଶ ଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଯୁବରାଜ ନରୁହିଟୋ ମେ ୧ରେ ଜାପାନ ସମ୍ରାଟ ଭାବେ ଅଭିଷିକ୍ତ ହେବେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ସ୍ତ୍ରୀ ମିଲେନିଆ ପ୍ରଥମ ବିଦେଶ ରାଷ୍ଟ୍ର ଅତିଥି ଭାବେ ମେ ୨୫ରୁ ୨୮ ଜାପାନ ଗସ୍ତରେ ଯାଇ ନୂଆ ସମ୍ରାଟଙ୍କୁ ସାକ୍ଷାତ କରିବେ। ଏଥିସହିତ ସେ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ହ୍ୱାଇଟ୍ ହାଉସ ପକ୍ଷରୁ କୁହାଯାଇଛି।








## ନିର୍ବାଚନକୁ ପ୍ରଭାବିତ କରିବା ଆଶଙ୍କା

# ବଦଳିଲା ଟିଟୋଙ୍କ ଠିକଣା

**ଭୁବନେଶ୍ୱର, ୧୯।୪(ବ୍ୟୁରୋ)/ କେନ୍ଦ୍ରାପଡା ଅଫିସ**

ଆଗାମୀ ୨୯ ତାରିଖରେ କେନ୍ଦ୍ରାପଡ଼ାରେ ଚତୁର୍ଥ ପର୍ଯ୍ୟାୟ ମତଦାନ ହେବ। ଏଥିଲାଗି ପ୍ରାୟ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ହେଲେ ଏହି ନିର୍ବାଚନକୁ କେନ୍ଦ୍ରାପଡ଼ା ଜେଲରେ ଥିବା ଗ୍ୟାଙ୍ଗଷ୍ଟର ଟିଟୋ ଓରଫ ସୟଦ ଉସ୍ମାନ ଅଲି ପ୍ରଭାବିତ କରିବାର ଆଶଙ୍କା ରହିଛି। ତେଣୁ ଟିଟୋଙ୍କୁ ଶୁକ୍ରବାର କେନ୍ଦ୍ରାପଡ଼ା ଜେଲରୁ ଭୁବନେଶ୍ୱରର ଝାରପଡ଼ା ଜେଲକୁ ସ୍ଥାନାନ୍ତର କରାଯାଇଛି। ପୂର୍ବାହ୍ନ ପ୍ରାୟ ୧୦ଟାରେ ଟିଟୋଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଭୁବନେଶ୍ୱର କୋର୍ଟରେ ହାଜର କରାଯାଇଥିଲା। ପରେ ତାଙ୍କୁ ଝାରପଡ଼ା ଜେଲକୁ ନିଆଯାଇଛି। ତାଙ୍କୁ ଜେଲରେ କଡା ସୁରକ୍ଷା ମଧ୍ୟରେ ରଖାଯାଇଛି। ତାଙ୍କ ସେଲ୍ ନିକଟରେ ଦୁଇଜଣ ସୁରକ୍ଷାକର୍ମୀ ସବୁ ସମୟରେ ଜଗି ରହିବେ ବୋଲି ଝାରପଡା

**କେନ୍ଦ୍ରାପଡ଼ାରୁ ଝାରପଡ଼ା ଜେଲକୁ ସ୍ଥାନାନ୍ତର**



ଜେଲ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ଟିଟୋ କେନ୍ଦ୍ରାପଡ଼ାରୁ ଝାରପଡ଼ା ଜେଲକୁ ସ୍ଥାନାନ୍ତର ହେବା ନେଇ ତାଙ୍କ ଓକିଲ ବନ ମହାନ୍ତି କହିଛନ୍ତି, କେଉଁ ଗ୍ରାଉଣ୍ଡରେ ତାଙ୍କୁ ସ୍ଥାନାନ୍ତର କରାଗଲା ତାହା ଜଣା ନ ଥିବା ବେଳେ କାଗଜରେ ଆଡମିନିଷ୍ଟ୍ରେଟିଭ କାରଣ ଦର୍ଶାଯାଇଛି। ଏଭଳି ସ୍ଥାନାନ୍ତର ରାଜ୍ୟ ସରକାର କରିପାରିବେ ବୋଲି ସେ କହିଛନ୍ତି। ସେହିପରି କେନ୍ଦ୍ରାପଡ଼ା ଜେଲର ସରୋଜ କୁମାର ବିଶ୍ୱାଳ କହିଛନ୍ତି, ଜେଲ୍‌ରେ ଅଧିକ ସଂଖ୍ୟକ କଏଦୀ ରହୁଛନ୍ତି। ଏନେଇ ପୂର୍ବରୁ ଜେଲ ଅଧୀକ୍ଷକଙ୍କୁ ଜଣାଇ ଦିଆଯାଇଥିଲେ ସୁଦ୍ଧା ସ୍ଥାନାନ୍ତର ସମ୍ପର୍କରେ କୌଣସି ସୂଚନା ମିଳି ନ ଥିଲା। ଗୁରୁବାର ଜେଲ୍ ଅଧୀକ୍ଷକଙ୍କ ନିର୍ଦ୍ଦେଶନାମା ଆସିବା ପରେ ଟିଟୋଙ୍କୁ ଝାରପଡ଼ା ଜେଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ଏସ୍‌ପି ପ୍ରଶାନ୍ତ ଭୋଇ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଆସନ୍ତା ୨୯ତାରିଖରେ ମତଦାନ ହେବ। ଚଳିତ ନିର୍ବାଚନ ଓ ଟିଟୋଙ୍କ ବିରୋଧରେ ଥିବା ଅପରାଧ ମାମଲାର ସାକ୍ଷୀଙ୍କୁ ସେ ପ୍ରଭାବିତ କରାଇବା ଆଶଙ୍କା ଥିବାରୁ ତାଙ୍କୁ କେନ୍ଦ୍ରାପଡାରୁ ଭୁବନେଶ୍ୱର ସ୍ଥାନାନ୍ତର ପାଇଁ ଚିଠି ଲେଖାଯାଇଥିଲା। ଏହି ଚିଠି ଅନୁଯାୟୀ ତାଙ୍କୁ ଝାରପଡ଼ା ଜେଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ୨୦୧୮ ଜୁନ୍ ୩୦ରେ କ୍ରାଇମ୍‌ବ୍ରାଞ୍ଚର ଏସ୍‌ଟିଏଫ୍ ଯାଜପୁର ଜିଲାର ଚଣ୍ଡିଖୋଲ ନିକଟରେ ଟିଟୋଙ୍କୁ ଏନ୍‌କାଉଣ୍ଟର କରିଥିଲା। ଟିଟୋଙ୍କୁ ପ୍ରଥମେ ବଡଚଣା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ସୁସ୍ଥ ହେବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଟେଣ୍ଡର ଫିକ୍ସିଂ ମାମଲା, ଦାଦାବଟି ଆଦାୟ ଭଳି ସଙ୍ଗିନ ମାମଲା ଟିଟୋଙ୍କ ବିରୋଧରେ ରହିଥିଲା। ଏସ୍‌ଟିଏଫ୍ ଯାଞ୍ଚ କରିବା ପରେ ଟିଟୋଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ କରାଯାଇଥିଲା। ଏପରିକି ତାଙ୍କ ନାମରେ ଦୁଇଟି ପେଟ୍ରୋଲ ଟାଙ୍କି ରହିଥିଲା। କେଉଁ ପରିସ୍ଥିତିରେ ସେ ପେଟ୍ରୋଲ ଟାଙ୍କି କାରବାର ପାଇଁ ଅନୁମତି ପାଇଲେ ସେନେଇ ମଧ୍ୟ ସିବିଆଇ ତଦନ୍ତ କରିଥିଲା। ଏହାପରେ ପାରାଦୀପରେ ଟିଟୋଙ୍କର ୧୦ରୁ ଊର୍ଦ୍ଧ୍ୱ ଟ୍ରକ୍ ଜବତ କରାଯାଇଥିଲା। ଟିଟୋଙ୍କୁ ପଚରାଉଚରା କରାଯିବା ପରେ ତାଙ୍କ ଲିଙ୍କ୍‌ରେ ଥିବା ୧୮ଜଣ ସହଯୋଗୀଙ୍କୁ ଗିରଫ କରାଯାଇଛି।

### ଚୋରା ବନ୍ଧୁକ ରଖିବା ମାମଲା

## ରଞ୍ଜିତା, ଆଲୋକଙ୍କ ଜାମିନ ଆବେଦନ ଖାରଜ

**କଟକ ଅଫିସ,୧୯।୪:** ଚୋରା ବନ୍ଧୁକ ରଖି ପୋଲିସ ହାତରେ ଗିରଫ ହୋଇଥିବା ସିଏମ୍‌ସିର ପୂର୍ବତନ କର୍ପୋରେଟର ରଞ୍ଜିତା ବିଶ୍ୱାଳ ଓ ତାଙ୍କ ସହଯୋଗୀ ଆଲୋକ ପୃଷ୍ଟିଙ୍କ ଜାମିନ ଆବେଦନ ଖାରଜ ହୋଇଛି। କଟକ ସଦର ଏସ୍‌ଡିଜେଏମ୍ ଉଭୟଙ୍କ ଜାମିନ ଆବେଦନର ଶୁଣାଣି କରି ଏହାକୁ ଖାରଜ କରିଛନ୍ତି। ସୂଚନାଥାଉ କି, ରଞ୍ଜିତାଙ୍କ ସମେତ ଆଲୋକଙ୍କୁ ପୋଲିସ ଗତ ୧୦ ତାରିଖରେ ଚୋରା ବନ୍ଧୁକ ରଖିବା ଅଭିଯୋଗରେ ଗିରଫ କରିଥିଲା। ଏହାପୂର୍ବରୁ ମଧ୍ୟ ରଞ୍ଜିତା ଗ୍ୟାଙ୍ଗଷ୍ଟର ଧଳସାମନ୍ତ ଭ୍ରାତଙ୍କ ଲିଙ୍କ୍‌ରେ ଗିରଫ ହୋଇ ଜେଲ୍ ଯାଇଥିଲେ। ଜେଲ୍‌ରେ ଥିବା ଧଳସାମନ୍ତ ଭ୍ରାତାଙ୍କ ଅପରାଧ ସାମ୍ରାଜ୍ୟକୁ ରଞ୍ଜିତା ସମ୍ଭାଳୁଥିବା ନେଇ ପୋଲିସ ପାଖରେ ଖବର ପହଞ୍ଚିଥିଲା।

## କାର ଧକ୍କାରେ ଜଣେ ମୃତ

**କଟକ ଅଫିସ, ୧୯।୪:** ଜଗତ୍‌ପୁର ବ୍ରିଜ୍ ଉପରେ ଶୁକ୍ରବାର କାର ଧକ୍କାରେ ବାଦାମବାଡି ଅଞ୍ଚଳର ସନ୍ତୋଷ ମହାନ୍ତିଙ୍କ ମୃତ୍ୟୁ ଘଟିଛି। ସକାଳେ ସେ ବାଇକ୍‌ରେ ମଙ୍ଗୁଳିରୁ କଟକ ଆସୁଥିବାବେଳେ ଏକ କାର ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପରେ ଚିକିତ୍ସାଲାଗି ତାଙ୍କୁ କଟକ ବଡଡାକ୍ତରଖାନା ପଠାଯାଇଥିଲା।

## ରୋହିତଙ୍କୁ ହତ୍ୟା କରାଯାଇଛି

**ନୂଆଦିଲ୍ଲୀ, ୧୯।୪:** ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍.ଡି.ତିୱାରୀଙ୍କ ପୁଅ ରୋହିତ ଶେଖର ତିୱାରୀଙ୍କର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଗତ ମଙ୍ଗଳବାର ଶ୍ୱାସରୁଦ୍ଧ କରି ରୋହିତଙ୍କୁ ମାରିଦିଆଯାଇଥିବା ପୋଲିସ କହିବା ସହ ହତ୍ୟା ମାମଲା ରୁଜୁ କରିଛି। ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମ୍ ବ୍ରାଞ୍ଚକୁ ଦିଆଯାଇଛି।

**ଏକାଦଶାହ ଉପଲକ୍ଷେ**



**୰ ରବୀନ୍ଦ୍ର କୁମାର ଜେନା**
ନିକିରାଇ, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୯।୧୧।୧୯୩୮
ତିରୋଧାନ: ୧୦।୦୪।୨୦୧୯

ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା ଓ ଆଶୀର୍ବାଦ ଆମ ପାଇଁ ପଥ ପ୍ରଦର୍ଶକ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।

ଆପଣଙ୍କର ହତଭାଗ୍ୟ
ସ୍ତ୍ରୀ, ପୁତ୍ର, କନ୍ୟା, ପୁତ୍ରବଧୂ, ନାତି, ନାତୁଣୀ, ଝିଅ ଜ୍ୱାଇଁ, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ।

## ନମୋ ଟିଭି ପ୍ରସାରଣ କଟକଣା କୋହଳ ହେଲା

**ନୂଆଦିଲ୍ଲୀ,୧୯।୪(ପି.ଟି.):** ଭାଜପା ପ୍ରାୟୋଜିତ ନମୋ ଟିଭିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷଣ ପ୍ରସାରଣ ଉପରେ କଟକଣାକୁ ନିର୍ବାଚନ କମିଶନ(ଇସି) କୋହଳ କରିଛନ୍ତି। ଯଦି ଉକ୍ତ ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ଅଞ୍ଚଳ ସମ୍ପର୍କରେ ଭାଷଣରେ ଉଲ୍ଲେଖ ନ ଥିବ ତେବେ ନିର୍ବାଚନର ନୀରବ ସମୟ (ସାଇଲେନ୍ସ ପିରିୟଡ) ମଧ୍ୟରେ ଏହାକୁ ପ୍ରସାରଣ କରାଯାଇପାରିବ ବୋଲି ଇସି କହିଛନ୍ତି। ସେହିପରି ପ୍ରସ୍ତାବିତ ନ୍ୟାୟ ଯୋଜନା ଉପରେ କଂଗ୍ରେସକୁ ଭୋଟ ଦେବା ପାଇଁ ଦଳ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କରିଥିବା ଟୁଇଟ୍‌ରେ କୌଣସି ପ୍ରାର୍ଥୀ କିମ୍ବା ନିର୍ବାଚନ ମଣ୍ଡଳୀ ନାଁ ନ ଥିବାରୁ ଏହା ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ନୁହେଁ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

### ବିଜେଡି ବିରୋଧରେ ବୁଥ୍ କ୍ୟାପ୍‌ଚରିଂ ଅଭିଯୋଗ ଆଣିଲା ଭାଜପା

# ୩୦୧ ବୁଥ୍‌ରେ ପୁନଃ ମତଦାନ ଦାବି

**ଭୁବନେଶ୍ୱର,୧୯।୪(ବ୍ୟୁରୋ)**

**ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ**

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଶାସକଦଳର ଗୁଣ୍ଡାମାନେ ଅନେକ ବୁଥ୍‌ରେ ପଶି ରିଗିଂ ଏବଂ କ୍ୟାପ୍‌ଚରିଂ କରିଛନ୍ତି ବୋଲି ଶୁକ୍ରବାର ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ଭେଟି କହିଛନ୍ତି, କେତେକ ସ୍ଥାନରେ ଇଭିଏମ୍‌ରେ ସମସ୍ୟା ଦେଖାଯିବା ସହ ଅନେକ ସ୍ଥାନରେ ବିଳମ୍ବରେ ମତଦାନ ହୋଇଛି। ପ୍ରଥମ ପର୍ଯ୍ୟାୟରେ ବିଜେଡି ୬ଟି ବୁଥ୍ କ୍ୟାପ୍‌ଚରିଂ କରିଥିଲା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏହା ୨୬ରେ ପହଞ୍ଚିଛି। ବିଜେଡି ଗୁଣ୍ଡାରାଜ କରି ଭୋଟରମାନଙ୍କୁ ଡରାଇ ଧମକାଇ ମତଦାନରୁ ବଞ୍ଚିତ କରୁଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ବେଳେ ଏଭଳି ବୁଥ୍ ସଂଖ୍ୟା ୨୭ ଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଏହା ୪୭ରେ ପହଞ୍ଚିଛି। ସେହିପରି ବିଜେଡି ପ୍ରଥମ ପର୍ଯ୍ୟାୟରେ ୬ଟିରେ ବୁଥ୍ ରିଗିଂ କରିଥିଲାବେଳେ ୨ୟ ପର୍ଯ୍ୟାୟରେ ଏହା ୩୩ରେ ପହଞ୍ଚିଛି। ପର୍ଯ୍ୟାପ୍ତ ପୋଲିସ ବାହିନୀ ମୁତୟନ କରାଯାଉ ନାହିଁ ଏବଂ ମତଦାନ କେନ୍ଦ୍ରରେ ସିସିଟିଭି ଲଗାଯାଉନାହିଁ। ବିଜେଡିର ପ୍ରଭାବଶାଳୀ ନେତାଙ୍କୁ ପୋଲିସ ସୁଯୋଗ ଦେଉଛି। ପ୍ରଥମ ପର୍ଯ୍ୟାୟରେ ସମ୍ପୂର୍ଣ୍ଣ ୧୦୫ ବୁଥ୍‌ରେ ପୁନଃ ମତଦାନ କରିବାକୁ ଭାଜପା ଦାବି କରିଥିଲା। ମୁଖ୍ୟ ନିର୍ବାଚନ ଅଧିକାରୀ ଏହାକୁ ଗ୍ରହଣ କଲେ ନାହିଁ। ଦ୍ୱିତୀୟ ପର୍ଯ୍ୟାୟରେ କ୍ୟାପ୍‌ଚରିଂ ଓ ରିଗିଂ ହୋଇଥିବା ୩୦୧ ବୁଥ୍‌ରେ ପୁନଃ ମତଦାନ କରିବାକୁ ସିଇଓଙ୍କ ନିକଟରେ ସମୀର ଦାବି କରିଛନ୍ତି। ସିଇଓ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଅବହେଳା କରିଥିବା ସେ ଅଭିଯୋଗ ଆଣିଛନ୍ତି। ପ୍ରତିନିଧି ଦଳରେ ନିର୍ବାଚନ ପ୍ରକୋଷ୍ଠର ଆବାହକ ରବିଶଙ୍କର ପଟ୍ଟନାୟକ ଏବଂ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ସାମିଲ ଥିଲେ।

# ୮ ଫୁଟର ମୃତ ବଉଳା କୁମ୍ଭୀର ଉଦ୍ଧାର



**ଆଳି, ୧୯।୪ (ଡି.ଏନ୍.ଏ.):** ଆଳି ଥାନା ଅଧୀନ ଦେମାଳ ପଞ୍ଚାୟତର ଗିରିବନ୍ଧ ଗ୍ରାମ ଦେଇ ପ୍ରବାହିତ ଖରସ୍ରୋତା ନଦୀର ବଳିତର ଘାଟ ନିକଟରୁ ଶୁକ୍ରବାର ଏକ ୮ ଫୁଟ ଲମ୍ବର ମୃତ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକମାନେ କୁମ୍ଭୀର ମୃତଦେହ ନଦୀରେ ଭାସୁଥିବା ଦେଖି ରାଜନଗର ବନବିଭାଗ ଅଧୀନରେ ଥିବା ଆଳି ଫରେଷ୍ଟ ବିଟ୍ ହାଉସକୁ ଖବର ଦେଇଥିଲେ। ଖବରପାଇ ଫରେଷ୍ଟର ଅଭିମନ୍ୟୁ ତରାଇ ଘଟଣାସ୍ଥଳରେ ପହଞ୍ଚି କୁମ୍ଭୀର ମୃତଦେହ ଉଦ୍ଧାର କରି ବିଟ ହାଉସକୁ ନେଇଥିଲେ। କୁମ୍ଭୀରର ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ବ୍ୟବଚ୍ଛେଦ ପରେ ବିଟ ହାଉସ ପରିସରରେ କୁମ୍ଭୀରକୁ ପୋତି ଦିଆଯାଇଥିବା ଜଣାପଡିଛି।

# ଭାଜପାର ଦୃଢୋକ୍ତି ଦେଖି ବିଜେଡି ହତାଶ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୯।୪(ବ୍ୟୁରୋ)**

ରାଜ୍ୟରେ ଭାଜପା ସରକାର ଗଢ଼ିବାର ୯୦ଦିନ ମଧ୍ୟରେ ଚିଟ୍‌ଫଣ୍ଡ ଲୁଟେରା ଏବଂ ଖଣି ଦୁର୍ନୀତିର ନାୟକ ଓ ମହାନାୟକମାନେ ଜେଲ ଯିବେ। ଭାଜପାର ଏଭଳି ଦୃଢ ଘୋଷଣା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିଲ୍ଲୀର ବଡ ଇଞ୍ଜିନକୁ ତଳେ ପକାଇଦେବା କଥା କହିବା ତାଙ୍କ ହତାଶାର ପ୍ରତିଫଳନ। ଭାଜପାର ଏଭଳି ଘୋଷଣା ପରେ ମୁଖ୍ୟମନ୍ତ୍ରୀଙ୍କୁ ଡର ଘାରିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସାମାଜିକ ଗଣମାଧ୍ୟମ ଜରିଆରେ ଧର୍ମେନ୍ଦ୍ର କହିଛନ୍ତି, ଚିଟ୍‌ଫଣ୍ଡ ଓ ଖଣି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ଡର୍ଜନ ନେତା ଜେଲ୍ ଯାଇଥିବା ବେଳେ ମାମଲାରେ ଫସି ରହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନାଁ ମଧ୍ୟ ଏଥିରେ ସଂଶ୍ଳିଷ୍ଟ ଥିବାରୁ ସେ ଭୟଭୀତ ହୋଇଯାଇଛନ୍ତି। ବିଜେଡି ନେତାଙ୍କ ଜେଲ୍ ଯିବା କଥା ଶୁଣିଲେ ମୁଖ୍ୟମନ୍ତ୍ରୀ ପ୍ରତିହିଂସା ପରାୟଣ ହେବା ସ୍ୱାଭାବିକ। ନିର୍ବାଚନ ଆସିଲେ ଗଣତନ୍ତ୍ରରେ ବିତର୍କ ହେବ। ମୁଖ୍ୟମନ୍ତ୍ରୀ ରାଜନୈତିକ ସମାଲୋଚନା କରିବାରେ କୌଣସି ଆପତ୍ତି ନାହିଁ। ମାତ୍ର ସରୋଜ ସାହୁଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ସମ୍ପର୍କ କ'ଣ ସେନେଇ ସ୍ପଷ୍ଟ କଲେନାହିଁ। ସେହିପରି ଓଡିଶାରେ ପରିବର୍ତ୍ତନ କଥା ଶୁଣିଲେ ବିଜେଡି ନେତାଙ୍କ ମନରେ ପିଡା ହେଉଛି। ଭୁଲ୍‌ରେ ଯଦି କିଏ ପରିବର୍ତ୍ତନ କଥା ଉଠାଉଛି ଲଙ୍କାରେ ହରିନାମ ଭଳି ତାଙ୍କୁ କଷ୍ଟ ହେଉଛି। ନବୀନ ପଟ୍ଟନାୟକ ଆସନ୍ତା ମେ ୨୩ରେ ଦିଲ୍ଲୀରେ ବଡ ଇଞ୍ଜିନକୁ ତଳେ ପକାଇଦେବୁ ଓ ରେଳପଟିରୁ ବାହାର କରିଦେବା କଥା କହିଲେ। ଓଡିଶା ମୁଖ୍ୟମନ୍ତ୍ରୀଙ୍କ ଜାଗିର ନୁହେଁ, ସେ ଯାହା କହିଦେବେ ଲୋକେ ତାକୁ ମୁଣ୍ଡପାତି ମାନି ନେବେ। ୧୯ବର୍ଷରେ କ'ଣ କରିଛନ୍ତି ଏବଂ ଆସନ୍ତା ୫ବର୍ଷରେ କ'ଣ କରିବେ ତାର ହିସାବ ମୁଖ୍ୟମନ୍ତ୍ରୀ ଦେଉନାହାନ୍ତି। ଭାଜପାକୁ ରାଜ୍ୟରେ ଥରେ ସରକାରକୁ ଆଣିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଆ ଲୋକଙ୍କୁ ନିବେଦନ କରିଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଅସହିଷ୍ଣୁ ହୋଇ ମୋଦିଙ୍କୁ କଟାକ୍ଷ କରୁଛନ୍ତି। ମୁଖ୍ୟମନ୍ତ୍ରୀ ଦେଶରେ ଅସ୍ଥିର ସରକାର ଚାହୁଁଛନ୍ତି କି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। କେନ୍ଦ୍ରରେ ଅସ୍ଥିର ସରକାର ହେଲେ ସୀମା ଅସୁରକ୍ଷିତ ହେବାସହ ଅର୍ଥନୀତି ଦୁର୍ବଳ ହେବ, ଭ୍ରଷ୍ଟାଚାର, ଦୁର୍ନୀତି ବଢ଼ିବ। ଓଡିଶାରେ ରେଳବାଇ ଓ ଏନ୍‌ଏଚ୍ ପ୍ରକଳ୍ପରେ ମୁଖ୍ୟମନ୍ତ୍ରୀଙ୍କ ନୀତି ଓଡିଶାର ବିକାଶରେ ବାଧା ସୃଷ୍ଟି କରୁଛି। ନବୀନ ବାବୁ ଅସ୍ଥିର ଓ ଅରାଜକତାର ବାର୍ତ୍ତା ଦେଉଛନ୍ତି। ଦେଶରେ ଏକ ନିର୍ଣ୍ଣାୟକ ଓ ସ୍ଥିର ସରକାର ମୋଦିଙ୍କ ଦ୍ୱାରା ସମ୍ଭବ। ଏଥର ନରେନ୍ଦ୍ର ମୋଦିଙ୍କ ସପକ୍ଷରେ ଓଡିଆ ଲୋକେ ଯିବାକୁ ପ୍ରସ୍ତୁତ ହୋଇଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।




**AUTHORISED DISTRIBUTORS:** **UTKAL ENTERPRISES** - BHUBANESWAR - 7978225085, **RAJDHANI ELECTRONICS** - BHUBANESWAR - 9938316244, **EXCELLENT ENGICON PVT LTD.** - JAJPUR ROAD - 9438866545, **KRISHNA ENTERPRISES** - CUTTACK - 9437012843, **SHANKAR ELECTRONICS (SHA)** - JAJPUR ROAD - 7978019038.

**DEALERS:** **DEVRAJ ELECTRONICS** - JAJPUR TOWN - 9040626315, **JAGANNATH ELECTRONICS** - SINGPUR - 9937464564, **SAHOO ELECTRONICS** - THAKURMUNDA - 9556302825, **MAHARATHI ELECTRONICS** - BHUBANESWAR - 8249516652, **RAJ ELECTRONICS** - BHUBANESWAR - 9090045595, **KALNGA DISTRIBUTOR** - BHUBANESWAR - 9937894427, **UTKAL SALES** - BHUBANESWAR - 9437353892, **EURO FRESH INDIA** - NAYAGARH - 9437030826, **PLAZMA VISION** - BHUBANESWAR - 9937071298, **ASM WESTERN ODISHA- ARABINDA**- 7381541721, **ASM COSTAL ODISHA- SANTOSH**- 7381054899.



"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗକୁ ଲଡ୍ଡୁ ଦେବାରେ ବିଫଳ ହୋଇଛନ୍ତି। ଏବେ ଆମ ରାଜ୍ୟରୁ ଭାଜପାକୁ ଏକ ବଡ଼ ରସଗୋଲା ମିଳିବ।

-ମମତା ବାନାର୍ଜୀ,
ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

# ୫୭୦ ଜଣଙ୍କ ବିରୋଧରେ ଆପରାଧିକ ମାମଲା

**ନୂଆଦିଲ୍ଲୀ,୧୯।୪**

ଆସନ୍ତା ୨୩ ତାରିଖରେ ତୃତୀୟ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥିପାଇଁ ମୋଟ ୧୬୧୨ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରୁ ୫୭୦ ଜଣଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବା ଆସୋସିଏଶନ୍ ଅଫ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ରିପୋର୍ଟରେ ପ୍ରକାଶ ପାଇଛି। ପ୍ରାର୍ଥୀମାନଙ୍କ ସତ୍ୟପାଠ ଯାଞ୍ଚ ପରେ ଏଡିଆର୍ ଶୁକ୍ରବାର ପ୍ରକାଶ କରିଥିବା ରିପୋର୍ଟରୁ ଏହା ଜଣାପଡିଛି।

ପ୍ରମୁଖ ରାଜନୈତିକ ଦଳ କଂଗ୍ରେସର ୯୦ ପ୍ରାର୍ଥୀଙ୍କ ମଧ୍ୟରୁ ୪୦ ଜଣ ଏବଂ ଭାଜପାର ୯୭ ପ୍ରାର୍ଥୀଙ୍କ ମଧ୍ୟରୁ ୩୮ ଜଣଙ୍କ ବିରୋଧରେ ଅପରାଧ ମାମଲା ରହିଛି। ସିପିଆଇଏମ୍‌ର ସର୍ବନିମ୍ନ ପ୍ରାର୍ଥୀଙ୍କ ବିରୋଧରେ ଅପରାଧ ମାମଲା ରହିଛି। ୧୪ ପ୍ରାର୍ଥୀ କୋର୍ଟ ଦ୍ୱାରା ଦୋଷୀସାବ୍ୟସ୍ତ ହୋଇଛନ୍ତି। ୧୩ଜଣଙ୍କ ବିରୋଧରେ ହତ୍ୟା ମାମଲା, ୨୯ ଜଣଙ୍କ ବିରୋଧରେ ମହିଳାଙ୍କ ପ୍ରତି ଅପରାଧ ମାମଲା ଥିବା ସତ୍ୟପାଠରେ ଘୋଷଣା କରିଛନ୍ତି। ଉତ୍ତେଜନାମୂଳକ ଭାଷଣ ଦେବା ଅଭିଯୋଗରେ ୨୬ ଜଣଙ୍କ ବିରୋଧରେ ଅପରାଧ ମାମଲା ରୁଜୁ ହୋଇଛି।

ଏଡିଆର୍ ରିପୋର୍ଟ ଅନୁଯାୟୀ ଏହି ପର୍ଯ୍ୟାୟରେ ମୋଟ ୧୧୫ ନିର୍ବାଚନମଣ୍ଡଳୀରେ ମତଦାନ ହେବାକୁ ଥିବାବେଳେ ସେଥିରୁ ୬୩ଟି ଆସନ ସମ୍ବେଦନଶୀଳ ବର୍ଗରେ ରହିଛି, ଯେଉଁଠି ତିନି କିମ୍ବା ତଦୂର୍ଦ୍ଧ୍ୱ ପ୍ରାର୍ଥୀଙ୍କ ବିରୋଧରେ ଅପରାଧ ମାମଲା ରହିଛି। ତୃତୀୟ ପର୍ଯ୍ୟାୟରେ ୩୯୨ ଜଣ କୋଟିପତି ପ୍ରାର୍ଥୀ ରହିଥିବା ସତ୍ୟପାଠରୁ ଜଣାପଡିଛି। ସେମାନଙ୍କ ମଧ୍ୟରୁ ସମାଜବାଦୀ ପାର୍ଟି ପ୍ରାର୍ଥୀ କୁମାର ଦେବେନ୍ଦ୍ର ସିଂ ଯାଦବଙ୍କ ସମ୍ପତ୍ତି ସର୍ବାଧିକ ୨୦୪ କୋଟି ଟଙ୍କା ହୋଇଥିବାବେଳେ ତାଙ୍କ ପଛକୁ ଅଛନ୍ତି ଏନ୍‌ସିପିର ଭୋଁସଲେ ଶ୍ରୀମନ୍ତ ଛତ୍ରପତି। ତାଙ୍କ ସମ୍ପତ୍ତି ପରିମାଣ ୧୯୯ କୋଟି ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଛି। ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ଘୋଷଣା କରିଥିବା ପ୍ରାର୍ଥୀମାନଙ୍କ ହାରାହାରି ସମ୍ପତ୍ତି ୨.୯୫ କୋଟି ବୋଲି ଉକ୍ତ ରିପୋର୍ଟରୁ ଜଣାପଡିଛି।

**ଏଡିଆର୍ ରିପୋର୍ଟ**
- ତୃତୀୟ ପର୍ଯ୍ୟାୟରେ ୧୬୧୨ ପ୍ରାର୍ଥୀ
- ୩୯୨ ଜଣ କୋଟିପତି

ADR Association for Democratic Reforms



ଅମୃତସରରେ ଗୁଡ୍ ଫ୍ରାଇଡେ ପାଳନ ବେଳେ ଶୋଭାଯାତ୍ରାରେ ଖ୍ରୀଷ୍ଟିୟାନ ଶ୍ରଦ୍ଧାଳୁ।

## 'କଲଙ୍କ'ରେ ଭୂମିକାକୁ ନେଇ ଖୁସି



ସୋନାକ୍ଷୀ ସିହ୍ନା

**ମୁମ୍ବାଇ,୧୯।୪(ଆଇଏଏନ୍ଏସ୍):** ଅଭିଷେକ୍ ବର୍ମନଙ୍କ ଚଳଚ୍ଚିତ୍ର 'କଲଙ୍କ'ରେ ନିଜର ଭୂମିକାକୁ ନେଇ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ ଏଥିରେ ଅଭିନେତା ଆଦିତ୍ୟ ରୟ କପୁରଙ୍କ ବିରୋଧରେ ସତ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ତାଙ୍କର ଏହି ଭୂମିକାକୁ ସମସ୍ତେ ପ୍ରଶଂସା କରୁଥିବାରୁ ସେ ବହୁତ ଖୁସି ବୋଲି ସୋନାକ୍ଷୀ କହିଛନ୍ତି। ଅଭିନୟରେ ତାଙ୍କୁ ଅଭିଷେକ ପୂର୍ଣ୍ଣ ସହଯୋଗ କରିଛନ୍ତି। ବୁଧବାର ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ଦତ୍ତ, ମାଧୁରୀ ଦୀକ୍ଷିତ ନେନେ, ବରୁଣ ଧାୱନ ଏବଂ ଆଲିଆ ଭଟ୍ଟ ଅଭିନୟ କରିଛନ୍ତି।

## ସଂକ୍ଷେପରେ

### ମାଲି ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା



**ବାମାକୋ,୧୯।୪ (ଏଏଫ୍‌ପି):** ମାଲିରେ ହିଂସା ଦମନ କରିବାରେ ବିଫଳତା ପାଇଁ ପ୍ରଧାନମନ୍ତ୍ରୀ ସୁମିଲୁ ବୁବେୟି ମାଇଗା ନିଜ ମନ୍ତ୍ରିମଣ୍ଡଳ ସହ ଇସ୍ତଫା ପ୍ରଦାନ କରିଛନ୍ତି। ଦେଶର କେନ୍ଦ୍ରାଞ୍ଚଳରେ ଗତମାସରେ ଘଟିଥିବା ଗଣହତ୍ୟାରେ ୧୬୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ହିଂସା ନିୟନ୍ତ୍ରଣରେ ବିଫଳତା ପାଇଁ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ଏହାର ପ୍ରତିବାଦରେ ଦୁଇ ସପ୍ତାହ ଧରି ଗଣବିକ୍ଷୋଭ ଲାଗିରହିଥିଲା। ବୁଧବାର ମାଲି ପାର୍ଲାମେଣ୍ଟରେ ଉଭୟ ଶାସକ ଓ ବିରୋଧୀ ଦଳର ଏମ୍‌ପିମାନେ ମାଇଗାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଶେଷରେ ପ୍ରଧାନମନ୍ତ୍ରୀ ଇସ୍ତଫା ଦେଇଥିବା ରାଷ୍ଟ୍ରପତି ଇବ୍ରାହିମ୍ ବୁବାକର କେଇତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

### ଅମେଠିରେ 'ନ୍ୟାୟ' ବ୍ୟାନର ରାହୁଲଙ୍କୁ ଇସି ନୋଟିସ

**ଭୋପାଳ,୧୯।୪(ପି.ଟି.):** ଅମେଠିରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ନିର୍ବାଚନ କମିଶନ (ଇସି) କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ନୋଟିସ ଜାରି କରିଛନ୍ତି। ସ୍ଥାନୀୟ ନିର୍ବାଚନ ଅଧିକାରୀଙ୍କ ବିନା ଅନୁମତିରେ କଂଗ୍ରେସ ଦଳ ପକ୍ଷରୁ ଅମେଠିରେ ରାହୁଲଙ୍କ ଫଟୋ ସହ 'ଏବେ ହେବ ନ୍ୟାୟ' ବ୍ୟାନର ଲାଗିଛି। ବ୍ୟାନର ଲଗାଇବା ପାଇଁ ଘର ମାଲିକଙ୍କ ଅନୁମତି ମଧ ନିଆଯାଇ ନାହିଁ। ଏହା ଆଚରଣ ବିଧିର ଉଲ୍ଲଂଘନ। ନୋଟିସ ପାଇବାର ୨୪ ଘଣ୍ଟା ମଧରେ ଏହା ଉପରେ ଜବାବ ରଖିବାକୁ ରାହୁଲଙ୍କୁ ଇସି ନିର୍ଦ୍ଦେଶ ଦେଇଛନ୍ତି। ଅମେଠିର ବିଭିନ୍ନ ସ୍ଥାନରେ ଏଭଳି ୭ଟି ବ୍ୟାନର ଲାଗିଥିବା ନିର୍ବାଚନ ପର୍ଯ୍ୟବେକ୍ଷକ ଟିମ୍ ଦେଖିବାକୁ ପାଇଥିଲେ। ଏଥିପାଇଁ ଅନୁମତିପତ୍ର ଦେଖାଇବାକୁ କହିବାରୁ କଂଗ୍ରେସ କର୍ମୀ ତାହା ଦେଖାଇପାରି ନ ଥିଲେ। ରାହୁଲ ସନ୍ତୋଷଜନକ ଉତ୍ତର ଦେଇ ନ ପାରିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଇସି କହିଛନ୍ତି।

### ବାଲାକୋଟ ଆକ୍ରମଣରେ ପାକ୍ ସୈନ୍ୟ ମରି ନ ଥିଲେ: ସୁଷମା



**ଅହମ୍ମଦାବାଦ,୧୯।୪(ପି.ଟି.):** ପାକିସ୍ତାନର ବାଲାକୋଟସ୍ଥିତ ଆତଙ୍କବାଦୀ ଶିବିର ଉପରେ ଫେବୃୟାରୀ ୨୬ରେ ଭାରତୀୟ ବାୟୁସେନାର ବୋମାମାଡ଼ରେ ଜଣେ ହେଲେ ପାକସ୍ତାନୀ ସୈନ୍ୟ କିମ୍ବା ସାଧାରଣ ନାଗରିକ ନିହତ ହୋଇ ନ ଥିଲେ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ସ୍ପଷ୍ଟ କରିଛନ୍ତି। ଭାଜପା ମହିଳା କର୍ମୀଙ୍କୁ ଉଦ୍‌ବୋଧନ ଦେଇ ସୁଷମା କହିଛନ୍ତି, ପୁଲ୍‌ୱାମା ଆକ୍ରମଣ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ଭାରତୀୟ ସେନାକୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲେ ମଧ ପାକିସ୍ତାନର କେହି ନାଗରିକ କିମ୍ବା ସେଠାର ସୈନ୍ୟବାହିନୀର କୌଣସି କ୍ଷତି ନ ହେବା ଆବଶ୍ୟକ ବୋଲି କୁହାଯାଇଥିଲା। ଆମର ଏୟାର ଷ୍ଟ୍ରାଇକ୍ ଆତ୍ମରକ୍ଷା ପାଇଁ ଉଦ୍ଦିଷ୍ଟ ଥିବା କଥା ଅନ୍ତର୍ଜାତୀୟ ସମୁଦାୟକୁ ଜଣାଇ ଦିଆଯାଇଥିବା ସୁଷମା କହିଛନ୍ତି।

### ଦକ୍ଷିଣ ଆଫ୍ରିକାରେ ଚର୍ଚ୍ଚ ଭୁଶୁଡ଼ି ୧୩ ମୃତ

**ଜୋହାନ୍ସବର୍ଗ,୧୯।୪(ଆଇଏଏନ୍ଏସ୍):** ଦକ୍ଷିଣ ଆଫ୍ରିକାରେ ଏକ ଚର୍ଚ୍ଚ କାନ୍ଥ ଭୁଶୁଡ଼ିପଡିବାରୁ ୧୩ ଜଣଙ୍କର ମୃତ୍ୟୁ ହେବା ସହ ୨୯ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଉପକୂଳ ପ୍ରଦେଶ କ୍ୱାଜୁଲୁ-ନାଟାଲରେ ଗୁରୁବାର ରାତିରେ ପ୍ରବଳ ବର୍ଷା ଫଳରେ ପେଣ୍ଟେକୋଷ୍ଟାଲ ହୋଲିନେସ୍ ଚର୍ଚ୍ଚ କାନ୍ଥ ଭୁଶୁଡ଼ିପଡିଥିଲା। ସେତେବେଳେ ଚର୍ଚ୍ଚ ଭିତରେ ଲୋକମାନେ ଶୋଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଲା ନାରୀ,
ହେଲା ପାରି।**

କନ୍ୟାଦାୟରୁ ମୁକ୍ତି। ଆଗେ ଝିଅକୁ ବୋଝ ବୋଲି ଧରୁଥିଲେ। ଝିଅଟି ଯାହାତାହା ହୋଇ ବାହାହୋଇଗଲେ ମୁଣ୍ଡରୁ ବୋଝ ଗଲା ବୋଲି ଭାବୁଥିଲେ। ପରନ୍ତୁ ସମାଜ ଆଖିରେ ପୁଅଝିଅ ଉଭୟ ସମାନ। ପ୍ରତ୍ୟେକ ଘର, ପରିବାର ତଥା ପିତାମାତା ପାଇଁ ପୁଅଟି ଯେତିକି ଆବଶ୍ୟକ, ଝିଅଟିଏ ବି ସେତିକି ଆବଶ୍ୟକ। ତେଣୁ ଝିଅ କେବେ ବୋଝ ନୁହେଁ ଏକଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ।

**ଦଇବ କି କଲା !
କୁଆ ବେକରେ ପୋହଳା ଦେଲା।**

କୁଆ ଦେଖିବାକୁ କଳା। ପୋହଳା ଆଗରେ ତା'ର ରୂପବର୍ଣ୍ଣ ଫିକା। କୁଆ ବେକରେ ପୋହଳାମାଳା ଅନେକଙ୍କ ଆଖିରେ ଭ୍ରୂକୁଞ୍ଚନ ସୃଷ୍ଟି କରିବା ଭଳି କୃଷ୍ଣବର୍ଣ୍ଣ ବ୍ୟକ୍ତି ସହ ଗୌରବର୍ଣ୍ଣ ଯୁବତୀର ଯୋଡ଼ି ଚୟନ କରାଯିବା ପରିପ୍ରେକ୍ଷୀରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଇତିହାସର ଆଇନାରେ — ଏପ୍ରିଲ ୨୦ର ପ୍ରମୁଖ ଘଟଣା

୧୯୪୬ ଏପ୍ରିଲ ୨୦ରେ ଅନ୍ତର୍ଜାତୀୟ ସଂଗଠନ ଲିଗ୍ ଅଫ୍ ନେଶନ୍ସକୁ ଆନୁଷ୍ଠାନିକ ଭାବେ ଭାଙ୍ଗି ଦିଆଯାଇଥିଲା। ଜାତିସଂଘକୁ ଅଧିକ ଶକ୍ତିଶାଳୀ କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିଲା। ପ୍ରଥମ ବିଶ୍ୱଯୁଦ୍ଧ ପରେ ଅନ୍ତର୍ଜାତୀୟ ବିବାଦର ସମାଧାନ ଲାଗି ଏକ ଫୋରମ୍ ଭାବେ ୧୯୧୯ ଜୁନ୍ ୨୮ରେ ଲିଗ୍ ଅଫ୍ ନେଶନ୍ସ ଗଠନ ହୋଇଥିଲା। ଏହାକୁ ଜାତିସଂଘର ପ୍ରସ୍ତାବନାରୂପୀ ସଂଗଠନ ବିବେଚନା କରାଯାଇଥାଏ।

୨୦୧୩ ଏପ୍ରିଲ ୨୦ରେ ଚାଇନାର ସିଚୁଆନ ପ୍ରଦେଶରେ ହୋଇଥିବା ଭୂକମ୍ପରେ ୧୫୭ ଜଣଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ୫୭୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଭୂମିକମ୍ପର ତୀବ୍ରତା ଥିଲା ୬.୬। ବହୁସଂଖ୍ୟାରେ ଘରଦ୍ୱାର ଭାଙ୍ଗିବା ସହ ସର୍ବାଧିକ ମୃତ୍ୟୁ ଲୁଶାନ ଅଞ୍ଚଳରେ ଘଟିଥିଲା।


## ମନେ ପଡ଼ନ୍ତି

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ**
୨୦।୦୪।୨୦୧୯ (ଶନିବାର)



**ସ୍ୱର୍ଗତ ଡା. କ୍ଷୀରୋଦ କୁମାର ରଥ**
(କଳାପ୍ରାଣ ସାହିତ୍ୟ-ସଂସ୍କୃତିମନା ସମାଜସେବୀ)
ଏଲ୍‌ବି.-୬୧, ଷ୍ଟେଜ୍-୪, ବିଡିଏ କଲୋନୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର
ତୁମେ ଯେଉଁଠି ଥାଅ ସଦା ସୁଖଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା।
ପତ୍ନୀ-ସରୋଜିନୀ ଓ ଆତ୍ମୀୟସ୍ୱଜନବୃନ୍ଦ
D-66435

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ହାଡ଼ିବନ୍ଧୁ ମିଶ୍ର**
ବାଲିସାହି, ପୁରୀ
ନନା, ଆପଣ ଆମ୍ଭମାନଙ୍କୁ ଛାଡ଼ି ଚାଲିଯିବା ବର୍ଷେ ବିତିଛି। ଆପଣଙ୍କ ଅନୁପସ୍ଥିତି ଆମ ପରିବାରରେ ଯେଉଁ ଶୂନ୍ୟତା ସୃଷ୍ଟି କରିଛି ତାହା ଅପୂରଣୀୟ। ଆପଣଙ୍କ ଅମର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହୋଇଯାଉ ଏତିକି କାମନା। ଆପଣଙ୍କ ଶୋକସନ୍ତପ୍ତ ପୁଅ ବୁବୁଲା, ଝିଅ ପପନି, କୁନା, ବୋହୂ ସେଲି, ଜ୍ୱାଇଁ ପପୁ, ନାତି ଗୁଡୁଲ୍, ନାତୁଣୀ ଲାଡ୍‌ଲି, ଓ ହତଭାଗା ପତ୍ନୀ ବାସନ୍ତୀ।
ଧ-୧୨୨୩୨

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ରବୀନ୍ଦ୍ର କୁମାର ମହାପାତ୍ର**
ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୦୯।୦୧।୧୯୬୩
ତିରୋଧାନ: ୧୦।୦୪।୨୦୧୯
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:
ପୁତ୍ର-ଆଦିତ୍ୟ, ଅରବିନ୍ଦ, ଜ୍ୱାଇଁ-ଦିପ୍ତାଂଶୁ କିରଣ କର, ଝିଅ-ଅରୁନ୍ଧତି, ବନ୍ଧୁ ଓ ବୈଦ୍ୟ ପରିବାରବର୍ଗ।
ଧ-୧୨୧୮୨

# CLASSIFIED DISPLAY

**ALL EDITION - B/W (Every Day)**

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

**ଋଣ**
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
**ଆଦର୍ଶ ଫାଇନାନ୍ସ**
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ
ରାଶନ କାର୍ଡ, ଆଧାର କାର୍ଡ
ଚାଷ, ଏଗ୍ରିକଲ୍ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

**ଋଣ ଋଣ ଋଣ**
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FINANCE LTD**
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
7310644620
7310644390
PETUMALI, JHARMUNDA, PETUPALI, BARGARH, ODISHA- 768034

**!!ଋଣ ଋଣ ଋଣ!!**
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

**INDUS FINANCE**
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟୀକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

**FINANCE**
ACB ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
9058692160
7467886694

BUSINESS BUSINESS

**GOLD CASH**
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

**SMS JOB**
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

**ଭାରତର ନଂ.୧**
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ୍ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍।
Helpline Numbers
9430834074
8709556494
House No.267, Friends Colony, New Delhi-6

See Color Display Classified on every Tuesday & Friday
Size: 6 X 8
For 15 days: 40,000
For 8 days: 20,000
For 4 days: 11,000
For Single day: 2,800
GST: 5% will be added extra


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଉତ୍ତର ଆୟର୍ଲାଣ୍ଡର ଜଣେ ଜଣାଶୁଣା ମହିଳା ଖବରଦାତାଙ୍କୁ ଆତଙ୍କବାଦୀମାନେ ଗୁଳି କରି ହତ୍ୟା କରିଛନ୍ତି। ଗୁରୁବାର ଲଣ୍ଡନଡେରୀ ଅଞ୍ଚଳରେ ପୋଲିସ ତଲାସୀ ବେଳେ ୨୯ ବର୍ଷୀୟା ଖବରଦାତା ଲିରା ମାକିଙ୍କୁ ହତ୍ୟା କରାଯାଇଛି। ଏହା ପଛରେ ନ୍ୟୁ ଆଇଆର୍ଏ ସଂଗଠନ ସମ୍ପୃକ୍ତ ଥିବା ପୋଲିସ କହିଛି।




# କେସିଆଇର ଅଲ୍ ବ୍ରିଡ୍ ଜଜ୍ ଭାବେ ଓଡ଼ିଶାର ସଞ୍ଜିତ କୁମାର ମନୋନୀତ



**ଭୁବନେଶ୍ୱର,୧୯।୪(ବ୍ୟୁରୋ)**

କେନେଲ କ୍ଲବ ଅଫ୍ ଇଣ୍ଡିଆ(କେସିଆଇ)ର ଅଲ୍ ବ୍ରିଡ୍ ଜଜ୍ ଭାବେ ଓଡ଼ିଶାର ସଞ୍ଜିତ କୁମାର ମହାନ୍ତି ମନୋନୀତ ହୋଇଛନ୍ତି। ସେ ପ୍ରଥମ ଓଡ଼ିଆ ଭାବେ କେସିଆଇର ଅଲ୍ ବ୍ରିଡ୍ ଜଜ୍ ହୋଇଛନ୍ତି। ଅନ୍ତଃରାଷ୍ଟ୍ରୀୟ ଜଜ୍ ସଞ୍ଜିତ ଜର୍ମାନ ସେଫର୍ଡ ଡଗ୍ ସ୍ପେଶାଲିଟି ଜଜ୍ ଭାବେ ପରିଚିତ। ସେ ଜର୍ମାନ ସେଫର୍ଡ ଡଗ୍ କନ୍‌ଫେଡେରେଶନ(ଇଣ୍ଡିଆ)ର ସଭାପତି ଅଛନ୍ତି। ପୂର୍ବରୁ କେସିଆଇର କେବଳ ଜର୍ମାନ ସେଫର୍ଡ ଜଜ୍ ଥିଲେ। କିନ୍ତୁ ବର୍ତ୍ତମାନ ତାଙ୍କୁ ଅଲ୍ ବ୍ରିଡ୍ ଜଜ୍ ଭାବେ ଚୟନ କରାଯାଇଛି। ଭାରତ ଛଡ଼ା ବିଭିନ୍ନ ଜାଗାରେ ଜର୍ମାନ ସେଫର୍ଡ ଜଜ୍ ଭାବେ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ସେ ଟରଣ୍ଟୋରେ ରହୁଛନ୍ତି। ସଞ୍ଜିତ ଓଡ଼ିଶା କେନେଲ କ୍ଲବ(ଓକେସି)ର ମଧ୍ୟ ୧୫ରୁ ଊର୍ଦ୍ଧ୍ୱ ବର୍ଷ ହେବ ସଦସ୍ୟ ରହିଛନ୍ତି। କେସିଆଇର ଅଲ୍ ବ୍ରିଡ୍ ଜଜ୍ ଭାବେ ଚୟନ ହେବା ପରେ ଓକେସି ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ସ୍କୁଲ ଛୁଟିକୁ ନେଇ ହାଇକୋର୍ଟରେ ମାମଲା: ରାଜ୍ୟ ସରକାରଙ୍କୁ ନୋଟିସ

**କଟକ ଅଫିସ,୧୯।୪**

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜନିତ ସ୍କୁଲ ଛୁଟି ଘୋଷଣାକୁ ନେଇ ହାଇକୋର୍ଟରେ ଆଡଭୋକେଟ ଶିବନାରାୟଣ ବିଶ୍ୱାଳଙ୍କ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ଏହି ମାମଲାକୁ ଗ୍ରହଣ କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ସୂଚନାଥାଉ କି, ସରକାର ଚଳିତବର୍ଷ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ ସମୟର ୨୦ ଦିନ ପୂର୍ବରୁ ଅର୍ଥାତ୍ ଏପ୍ରିଲ ୧୮ରୁ ସ୍କୁଲ ଛୁଟି ଘୋଷଣା କରିଥିଲେ। ତାପମାତ୍ରା ରାଜ୍ୟରେ ସେତେ ଅଧିକ ନ ଥିବାବେଳେ ହଠାତ୍ ସରକାରଙ୍କ ସ୍କୁଲ ଛୁଟି ଘୋଷଣା ପିଲାଙ୍କୁ ଅଡୁଆରେ ପକାଇଛି। ଏହାଦ୍ୱାରା ବିଭିନ୍ନ ଶ୍ରେଣୀ ପାଇଁ ଧାର୍ଯ୍ୟ କରାଯାଇଥିବା ଶିକ୍ଷାଦିନ କମୁଥିବା ଯୋଗୁ ପିଲାଙ୍କ ପାଠପଢ଼ା ବ୍ୟାହତ ହେବ ବୋଲି ଆବେଦନକାରୀ କୋର୍ଟଙ୍କୁ ଦର୍ଶାଇଛନ୍ତି।

■ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

# ଭଲ ଫଳ ନେଇ ସବୁ ଦଳ ଆଶାବାଦୀ

**ଭୁବନେଶ୍ୱର,୧୯।୪(ବ୍ୟୁରୋ)**

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ବିଜେଡି ଭଲ ଫଳ କରିବା ନେଇ ଦଳୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶାବାଦୀ ଅଛନ୍ତି। ମୁଖ୍ୟମନ୍ତ୍ରୀ ଶୁକ୍ରବାର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି ଯେ, ବିଜେଡି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଉତ୍ତମ ପ୍ରଦର୍ଶନ କରିଛି। ପୂର୍ବରୁ ବିଜେଡି ପ୍ରଥମ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିଥିବା ଦଳ ପକ୍ଷରୁ କୁହାଯାଇଥିଲା। ସେହିପରି ଭାଜପା ପକ୍ଷରୁ ମଧ୍ୟ ଭଲ ପ୍ରଦର୍ଶନ ନେଇ କୁହାଯାଇଛି। ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି ଯେ, ୨ୟ ପର୍ଯ୍ୟାୟରେ ଭାଜପା ସମସ୍ତ ୫ ଲୋକ ସଭା ଏବଂ ୩୦ ବିଧାନସଭା ଆସନ ଜିତିବ। ଅପରପକ୍ଷରେ ରାଜ୍ୟରେ କୌଣସି ଦଳ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପାଇବ ନାହିଁ ବୋଲି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ହୋଇଥିବା ନିର୍ବାଚନରେ କଂଗ୍ରେସ ଅଧାରୁ ଅଧିକ ଆସନ ଜିତିବ ବୋଲି ତାରା ଦୃଢୋକ୍ତି ପ୍ରକାଶ କରିଛନ୍ତି।

# କୋଲକାତା ଚାଲିଯିବ ଟାଟା ସ୍ପଞ୍ଜ କର୍ପୋରେଟ ଅଫିସ

**କୋଲକାତା / କେନ୍ଦୁଝର(ସ୍ୱ.ପ୍ର), ୧୯।୪**

ଟାଟା ଷ୍ଟିଲ୍‌ର ଏକ ସହଯୋଗୀ କମ୍ପାନୀ ଟାଟା ସ୍ପଞ୍ଜ ଆଇରନ ଲିମିଟେଡ ଏହାର କର୍ପୋରେଟ ଅଫିସ୍‌କୁ କୋଲକାତାକୁ ସ୍ଥାନାନ୍ତର ଲାଗି ନିଷ୍ପତ୍ତି ନେଇଛି। ସିଙ୍ଗୁର ବିବାଦ ପରେ ଟାଟା ଗ୍ରୁପ୍‌ର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବିଶେଷ ଗୁରୁତ୍ୱ ବହନ କରୁଛି। ଏଥିସହିତ କମ୍ପାନୀର ନାମ ପରିବର୍ତ୍ତନ କରାଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି।

ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଟାଟା ସ୍ପଞ୍ଜର ବୋର୍ଡ ଅଫ୍ ଡାଇରେକ୍ଟର୍ସ ଗୁରୁବାର ବୈଠକରେ ବସି କର୍ପୋରେଟ ଅଫିସ କୋଲକାତାକୁ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନେଇଛନ୍ତି। ଯୋଡାରେ କାରଖାନା ଚାଲିବା ପାଇଁ କେବଳ ଏକ ଅଫିସ ରହିବ। ଏହାଛଡ଼ା ଟାଟା ସ୍ପଞ୍ଜ ଆଇରନ ଲିମିଟେଡକୁ ଟାଟା ଷ୍ଟିଲ୍ ଲଙ୍ଗ ପ୍ରଡକ୍ଟ ଲିମିଟେଡ ଭାବେ ନାମିତ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ତେବେ ନିୟାମକ ଓ ଶେୟାରଧାରୀଙ୍କ ଠାରୁ ଏଥିପାଇଁ ଅନୁମତି ନେବାକୁ ପଡିବ। ଯୋଡ଼ାରେ ମଧ୍ୟ କମ୍ପାନୀର କାରଖାନା ରହିଛି। କାରଖାନାର ବାର୍ଷିକ ସ୍ପଞ୍ଜ ଆଇରନ ଉତ୍ପାଦନ କ୍ଷମତା ୩ ଲକ୍ଷ ୯୦ ହଜାର ଟନ ରହିଥିବା ବେଳେ ୨୬ ମେଗାୱାଟ ୱେଷ୍ଟ ହିଟ୍ ରିକଭରୀ ପାୱାର ପ୍ଲାଣ୍ଟ ରହିଛି। ୨୦୧୮ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଟାଟା ସ୍ପଞ୍ଜର ୧,୦୪୯.୭୦ କୋଟି ଟଙ୍କାର ରାଜସ୍ୱ ଆୟ ହୋଇଛି। ଟାଟା ଷ୍ଟିଲ୍ ଏବଂ ଇଣ୍ଡଷ୍ଟ୍ରିଆଲ ପ୍ରମୋଶନ ଆଣ୍ଡ ଇନ୍‌ଭେଷ୍ଟମେଣ୍ଟ କର୍ପୋରେଶନ ଅଫ୍ ଓଡ଼ିଶା ଲିମିଟେଡ(ଇପିକଲ) ସହ ଯୌଥ ଉଦ୍ୟୋଗରେ ଏହି କମ୍ପାନୀ ୧୯୮୨ରେ ପ୍ରତିଷ୍ଠା ହୋଇଥିଲା। ଏହାପରେ ୧୯୯୧ରେ ଟାଟା ଷ୍ଟିଲ୍ ଇପିକଲ୍‌ର ସମସ୍ତ ଅଂଶଧନକୁ କିଣି ନେବା ପରେ ଟାଟା ସ୍ପଞ୍ଜ ସମ୍ପୂର୍ଣ୍ଣ ଭାବେ ଟାଟା ଷ୍ଟିଲ୍‌ର ଏକ ସହଯୋଗୀ କମ୍ପାନୀ ହୋଇଥିଲା। ଚଳିତ ବର୍ଷ ଆରମ୍ଭରେ କମ୍ପାନୀ ନିଜ କୌଶଳରେ ପରିବର୍ତ୍ତନ ଆଣି ଓଡ଼ିଶା ବାହାରେ ନିଜର ପାଦ ଥାପିବାକୁ ନିଷ୍ପତ୍ତି ନେଇ ଉଷା ମାର୍ଟିନ ଲିମିଟେଡର ଷ୍ଟିଲ୍ ଡିଭିଜନକୁ କିଣିଥିଲା। ଟାଟା ଷ୍ଟିଲ୍‌ଠାରୁ ଆର୍ଥିକ ସହାୟତା ନେଇ କମ୍ପାନୀ ଉଷା ମାର୍ଟିନର ଜାମସେଦପୁର ୟୁନିଟ, ଗୋଟିଏ ଲୁହା ଖଣି, କୋଇଲା ଖଣି ଓ ଗୋଟିଏ କ୍ୟାପଟିଭ ପାୱାର ପ୍ଲାଣ୍ଟ ଓ କିଛି ଜମିକୁ ୪୦୯୦ କୋଟି ଟଙ୍କାରେ କିଣି ନେଇଥିଲା। କୋଲକାତାକୁ କର୍ପୋରେଟ କର୍ପୋରେଟ ଅଫିସ ସ୍ଥାନାନ୍ତର ସମ୍ପର୍କରେ ପ୍ରଶ୍ନ ହେବାରୁ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, କମ୍ପାନୀ କେବଳ ଓଡ଼ିଶା ଓ ସ୍ପଞ୍ଜ ଆଇରନ ମଧ୍ୟରେ ସୀମିତ ନ ରହି ନିଜକୁ ଏକ ବଡ଼ ଖେଳାଳି ଭାବେ ଉପସ୍ଥାପନ କରିବାକୁ ଉଦ୍ୟମ କରୁଛି। ଟାଟା ସ୍ପଞ୍ଜର ସମସ୍ତ ମ୍ୟାନେଜମେଣ୍ଟ କଲିକାତାରୁ ନିଜର କାର୍ଯ୍ୟ ପରିଚାଳନା କରିବେ। ତେବେ ଓଡ଼ିଶାରୁ ଟାଟା ସ୍ପଞ୍ଜର କର୍ପୋରେଟ ଅଫିସ ଚାଲିଯିବା ରାଜ୍ୟ ପାଇଁ ଏକ ଶକ୍ତ ଝଟକା ସଦୃଶ। କେଉଁ କାରଣରୁ ଏହା ଓଡ଼ିଶା ଛାଡିଲା ତାହା ରାଜ୍ୟବାସୀ ଜାଣିବା ଆବଶ୍ୟକ। ଏହାକୁ ରୋକିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ହୋଇଛି କି ନା ଜଣାପଡିନାହିଁ। ତେବେ ଏନେଇ ଟାଟା କମ୍ପାନୀର ଓଡ଼ିଶା ମୁଖ୍ୟ ସୌମିତ୍ର ପଟ୍ଟନାୟକଙ୍କୁ ପଚରାଯିବାରୁ ସେଭଳି କିଛି ସୂଚନା ତାଙ୍କ ପାଖରେ ନାହିଁ ବୋଲି କହିଛନ୍ତି। ଟାଟା ସ୍ପଞ୍ଜ ଏକ ସ୍ୱତନ୍ତ୍ର ସଂସ୍ଥା ହୋଇଥିବାରୁ ତାହାର ତଥ୍ୟ କାରଖାନା କର୍ତ୍ତୃପକ୍ଷ ଦେଇପାରିବେ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଟାଟା ସ୍ପଞ୍ଜ ଆଇରନ ଲିମିଟେଡ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ବୋର୍ଡ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛି।

# ବାପାଙ୍କୁ ବଞ୍ଚାଇବାକୁ ଯାଇ ପୁଅ ମୃତ

**ଢେଙ୍କାନାଳ ଅଫିସ, ୧୯।୪**

ଚାଳ ଛପର କରୁଥିବାବେଳେ ବିଦ୍ୟୁତ୍ ତାରରେ ଛନ୍ଦି ହୋଇଗଲେ ବାପା। ମୃତ୍ୟୁଫାଶରୁ ବାପାକୁ ବଞ୍ଚାଇବାକୁ ଯାଇଥିବାବେଳେ ମୃତ୍ୟୁ ଜାଲରେ ଛନ୍ଦି ହୋଇଗଲେ ପୁଅ। ଢେଙ୍କାନାଳ ସଦର ଥାନା ଗେଙ୍ଗୁଟିଆ ଦଳିତ ସାହିରେ ଶୁକ୍ରବାର ଏପରି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ ଜିତେନ୍ଦ୍ର ନାଏକ (୧୯)। ଗୁରୁତର ଅବସ୍ଥାରେ ବାପା ଯୋଗୀନାଥ ନାଏକଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଉତ୍ତ୍ୟକ୍ତ ଲୋକେ ୪ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଫଳରେ ସୁନ୍ଦରଗଡ଼ରୁ ଭୁବନେଶ୍ୱର ଯାଉଥିବା ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ପ୍ରାୟ ୩ଘଣ୍ଟା ଧରି ଅଟକି ରହିଥିଲେ।



# DECLARATION ABOUT CRIMINAL ANTECEDENTS OF CANDIDATES SETUP BY THE PARTY

(As per the judgement dated 25th September, 2018 of Hon'ble Supreme Court in WP, (Civil) No. 536 of 2011 (Public Interest Foundation of Ors. Vs. Union of India & Anr.)

Name of political party: **Bharatiya Janata Party,** Name of Election: **General Election to Loksabha - 2019,** *Name of the State/UT: **Odisha**

| Sl. No. | Name of candidate | Name of constituency | Pending criminal cases | |
|---|---|---|---|---|
| | | | Name of court, case no & status of the case (S) | Section of the Acts concerned & brief description of offence (S) |
| 1 | Nitesh Ganga Deb | 3-Sambalpur PC | CT Case No. 640/13, SDJM, Deogarh | U/S: 420/468/471/120(B) of Indian Penal Code |
| 2 | Ananta Nayak | 4-Keonjhar (ST) PC | GR Case No- 1012/2011, SDJM, Keonjhar | U/S: 143/341/294/149 of IPC |
| 3 | Rudra Narayan Pany | 09-Dhenkanal PC | CT Spl. 48/2017, ADJ Cum Judge Spl. Court, Kamakshyanagar, Dhenkanal | U/S: 147, 148, 452, 294, 353, 435, 427, 336, 307, 506/149 IPC 3(I) (R) (s)/3 (2) (V) (va) SC & ST Act (Prevention of Atrocities) Act 1989 |
| | | | GR Case No.- 285/2015, JMFC, Parjang | U/S: 143, 294, 186, 435, 149 IPC & S.3 PDTP Act. |
| | | | GR PS Case No. - 32/2013 JMFC Rural Cuttack | U/S: 143, 341, 149 IPC |
| | | | GR - 960/2012, SDJM, Dhenkanal | U/S: 341, 143, 283, 149 IPC & S. 7 Cr. L. A. Act. |
| | | | GR PS Case No.- 09/2005 SDJM, Rourkela | U/S: 143, 341, 283, 149 IPC, 147, 174 of I.R. Act. |
| 4 | Dr. Sambit Patra | 17-Puri PC | RCT No. 17734/18, Sh. Vinod Kumar Patidar, 1. CJM, Bhopal, MP | Section- 188 of IPC |
| 1 | Rabi Narayan Naik | 15-Kuchinda (ST) | In the Court of Senior Most J.M.F.C. Bhubaneswar 2 (C) CC Case No. 1/2018 Status- Pending Trial Charge Not Framed | U/S 174 (a) Railway Act - Squatting or Picketing Or During any railroko agitation or Bandh |
| | | | In the Court of Senior Most J.M.F.C. Bhubaneswar G.R. Case No. 22 of 2014 Status- Pending Trial, Charge Not Framed | U/S - 143, 341, 283, 186, 149 IPC |
| | | | In the Court of Senior Most J.M.F.C. Bhubaneswar G.R. Case No 364 of 2013 Status- Pending Trial Charge not framed | U/S: 143, 341, 283, 149 IPC |
| | | | In the Court of Senior Most J.M.F.C. Bhubaneswar 2 ( C ) CC Case No 1 of 2011 Status- Pending Trial Charge not Framed | SEC 174 (a) of Railway ACT |
| | | | In the Court of Senior Most J.M.F.C. Bhubaneswar G.R. Case No. 343 of 2011 Status Pending Trial, Charge Framed on 10.3.2016 | U/S: 143, 342, 283, 189, 149 IPC & S.- 7 Crl. L. A. Act |
| | | | In the court of senior Most J.M.F.C, Bhubaneswar G.R. Case No. 110 of 2011 Status- Pending Trial, Charge Framed on dt. 15.9.2012 | U/S: 143, 448, 427, 149 IPC & S. 3 of PDPP Act |
| | | | In the court of senior Most J.M.F.C, Bhubaneswar G.R. Case No. 572 of 2007 Status- Pending Trial, Charge Framed | U/S: 341,294, 223, 506, 34 IPC |
| | | | GR Case No. - 53 of 2005 Court of - Sinior Most JMFC, Bhubaneswar | U/S: 143, 341, 283, 504, 149 IPC |
| 2 | Nauri Nayak | 16-Rengali (SC) | G. R. 3532/18 SDJM. Sambalpur | U/S- 143, 341, 283, 186, 149 IPC |
| | | | G. R. 18/2016 SDJM. Sambalpur | U/S: 147, 341, 353, 336, 431, 506, 149 IPC |
| | | | G. R. 19/2016 SDJM. Sambalpur | U/S: 143, 342, 353, 452, 336, 294, 506 IPC |
| | | | G. R. 3012/15 SDJM. Sambalpur | U/S: 294, 504, 506 IPC |
| | | | G. R. 2832/14 SDJM. Sambalpur | U/S: 143, 283, 149 IPC |
| | | | G. R. 304/12 SDJM. Sambalpur | U/S: 143, 294, 341, 283, 506 IPC |
| 3 | Jaya Narayan Mishra | 17-Sambalpur | GR Case No. 102/18, SDJM, Sohela | U/S 147/148/341/294/323/325/336/307/302/149/427/ IPC & 27 A Arms Act. |
| | | | GR Case No. 09/11, SDJM, Padampur | U/S 147/341/353/332/294/452/206/149 IPC & 7 CRL Act. |
| | | | GR Case No. 10/11, SDJM, Padampur | U/S 147/341/352/353/332/294/506/149 IPC & 3 (1)(X) S.C. & S.T. (PA) Act. |
| | | | GR Case No. 677/13, SDJM, Sambalpur | U/S 143/353/294/ IPC & 149 IPC after cs |
| | | | GR Case No. 2832/14, SDJM, Sambalpur | U/S 143/341/283/149 IPC |
| | | | GR Case No. 904/15, SDJM, Sambalpur | U/S 153AA/353/120B |
| | | | GR Case No. 905/15, SDJM, Sambalpur | U/S 186/188/153AA/153/353/323/506/120BIPC |
| | | | GR Case No. 906/15, SDJM, Sambalpur | U/S 186/188/153AA/153/353/323/506/120B/ RW 25 Arms Act. |
| | | | GR Case No. 2701/15, SDJM, Sambalpur | U/S 143/500/504/149 IPC |
| | | | GR Case No. 389/16, SDJM, Sambalpur | U/S 341/294/323/353/427/447/506/34 IPC & 3(1) (X) SC & ST (PA) Act. |
| | | | GR Case No. 1055/16, SDJM, Sambalpur | U/S 147/148/353/332/506/153/153(A)/ 149 IPC R/W 25 Arms Act. & Rw 32 Police Act. |
| 4 | Subash Panigrahi | 19-Deogarh | Deogarh PS Case No. 361/14.03.2001 | U/S: 143, 342, 149 IPC |
| | | | CJ. 419/2013 | U/S: 143, 283, 141 IPC |
| 5 | Agasti Behera | 62-Chhendipada(SC) | GR Case No. 619/2014, Court of SDJM, Angul | US 147/148/427/379/323/325/506/307/34 IPC |
| 6 | Bhagirathi Pradhan | 63-Athamallik | GR No. 1965/2018, Court of SDJM, Angul | 143/147/353/294/436/427/506/149 IPC and Sec. 3 of PDPP Act. 1984 |
| | | | GR No. 1964/2018, Court of SDJM, Angul | 143/147/332/427/351/346/365/356/294/506/149 IPC and Sec. 3 of PDPP Act. 1984 |
| | | | GR No. 1961/2018, Court of SDJM, Angul | 143/147/353/294/436/427/506/149 IPC and Sec. 3 of PDPP Act. 1984 |
| | | | GR No. 1960/2018, Court of SDJM, Angul | 143/147/353/294/436/427 506/149 IPC and Sec. 3 of PDPP Act. 1984 |
| | | | GR No. 1935/2018, Court of SDJM, Angul | 143/147/341/332/353/294//427/186/ 506/149 IPC and Sec. 3 of PDPP Act. 1984/7 Criminal Law Amendment Act |
| | | | GR No. 1921/2018, Court of SDJM, Angul | 143/147/341/285/353/332/336/337/435/186//431/294/506/307/427/120/149 IPC and Sec. 3 of PDPP Act. 1984 And 7 Criminal Law Amendment Act |
| | | | GR No. 1920/2018, Court of SDJM, Angul | 341/147/148/323/332/336/337/338//506/307/379/294/186/149/ IPC and Sec. 25(1-AAA) of Arms Act 1959 |
| | | | GR No. 1628/2018, Court of SDJM, Angul | 143/145/147/353/436/149/365/332/307/294/379/506/427/ IPC and Sec. 3 of PDPP Act 1984 |
| 7 | Dhanurjaya Sidu | 20-Telkoi (ST) | GR Case No. 691/2013, JMFC, Barbil, Keonjhar | U/S: 341/323/294/427/ 506/34 IPC |
| | | | GR Case No. 229/2011, JMFC, Anandpur, Keonjhar | U/S: 143/343/431/149 IPC & 17(2) Labour Act. |
| | | | GR Case No.449/2009, JMFC, Barbil, Keonjhar | U/S: 341/323/294/335/ 506 IPC |
| | | | GR Case No. 221/2005, JMFC, Barbil, Keonjhar | U/S: 353/294/34 of IPC |
| 8 | Prithviraj Kuanr | 21-Ghasipura | 1517/2018, SDJM, Keonjhar | U/S: 143/341/323/353/ 294/ 506/427/448/342/186 /283/149 of IPC Sec. 3 & 4 of PD&LA and 7 of the Criminal Law Act. |
| | | | 1056/2018, SDJM, Konjhar | 341/294/506/427/34 IPC |
| | | | 59/2017, SDJM, Anandapur | 143/148/149/341/343/431/32 IPC |
| | | | 438/2016, SDJM, Anandapur | Sec. 3 of SC/ST Prohibition of Affairmation Act. |
| 9 | Bhabani Sankar Nayak | 23-Patna (ST) | GR Case No. 226/2018 of Court of JMFC, Champua | U/S: 143/353/294/506/ 149 of IPC, 7 of Criminal Law 2nd Ammendment Act, 1983 |
| 10 | Mohan Charan Majhi | 24-Keonjhar (ST) | 2 (C) CC 537/16 | U/S: 174 (a) & 147 Railway Act |
| | | | GR Case No. 1012/2011/SDJM, Keonjhar | U/S: 143/341/294/149 of IPC |

Contd...

| | | | | |
|---|---|---|---|---|
| 11 | Krushna Chandra Patra | 55-Dhenkanal | GR Case No. 1368/16, JMFC, Dhenkanal | U/S: 143/341/149 of IPC / 201 of MV Act. |
| | | | GR Case No. 500/16, JMFC, Dhenkanal | U/S: 420/403/406/34 of IPC |
| | | | GR Case No. 861/08, JMFC, Dhenkanal | U/S: 147/148/452/336/427/294/506/509/171/149 of IPC /25/27 Arms Act. |
| 12 | Bibhuti Bhusan Pradhan | 58 - Parjanga | CT (SPL): 48/17 , Court of the Addl. Session Judge-com-Judge spl court, Kamakshyanagar | U/S: 147/148/452/294/353/435/427/336/307/506//149 IPC & RW Sec-7 of CRI Law Ammendment Act/Sec-3 PD P P Act & 3 SC & ST (POA) Act. |
| | | | GR Case No. 285/15, Court of the JMFC, Parjang | U/S: 143/294/186/435/149 IPC & 3 P.D.P.P Act |
| | | | GR Case No. 28/2010, Court of the JMFC, BBSR | U/S: 143/283/294/431/506/149 IPC & 7 Cri. Law Ammendment Act |
| 13 | Ashok Mohanty | 59 - Pallahara | GR Case No. 1002/2009, ASJ, Talcher | U/S: 147/341/323/294/506/332/452/427/354/336/337/149 IPC, 3- P.D.P.P., Cri.L.A. Act. |
| | | | Case No. 298/18, SDJM, Pallahara | U/S: 143, 341, 283, 149 IPC |
| | | | GR. Case No. 510/2015, SDJM, Talcher | U/S:147, 341, 427, 336, 149 IPC |
| | | | GR Case No. 940/2015, SDJM, Talcher | U/S: 447, 341, 342 , 353, 284, 506 IPC |
| | | | PS Case No. 568/16.10.2014, SDJM, Angul | U/S: 147, 148, 454, 353, 149 IPC S.3 PDPP |
| | | | GR Case No. 70/2013 | U/S:147, 341, 141, IPC, 147, 174 IR Act. |
| | | | GR Case No. 1004/2009, SDJM, Talcher | U/S:147, 294, 353, 506, 342, 447, 149 IPC, S.3 PDPP |
| | | | GR Case No. 1003/2009, SDJM, Talcher | U/S:147, 294, 353, 506, 427, 452, 332, 307, 149 IPC, S.3 PDPP |
| 14 | Kalandi Samal | 60 - Talcher | GR Case No. 605/2013, SDJM, Talcher | Sec. 498(A) /306 of IPC |
| | | | GR Case No. 465/2008, SDJM, Talcher | U/S: 47/341/427/447/336/ 149 of IPC |
| | | | GR Case No. 839/2006, SDJM, Talcher | U/S: 448/332/ 294/323/506/ 34 of IPC |
| | | | GR Case No. 356/2006, SDJM, Talcher | U/S:294/331/323/506/ of IPC |
| | | | GR Case No. 394/1995, SDJM, Talcher | U/S: 143/341/283/149 of IPC |
| | | | CT (S). No. 13/2007 in the Court of the Additional Disrict & Session Judge, Talcher | U/S: 147/148/337/332/ 427/379/149 of IPC |
| 15 | Pratap Ch. Pradhan | 61 - Angul | GR No. 961/2012 SDJM, Angul | U/S: 336/342/294/353 of IPC |
| | | | GR No. 865/2015, SDJM, Angul | U/S:143/ 186/ 294/ 448/ 427, 149 IPC |
| | | | GR No. 1047/2016, SDJM, Angul | U/S:147, 148,452, 336, 427, 353, 186, 307, 120(B), 149, IPC, . 3 & 4 PDPP Act, CRI.L. A. Act. |
| 16 | Bijay Kumar Dalabehera | 87-Baramba | GR- 75/2017 JMFC, Baramba, Cuttack | U/S: 147/148/149/427/120(B) |
| | | | 2 (C) C.C. -1/2016, JMFC, Baramba, Cuttack | U/S: 7 of E, C Act. |
| | | | GR- 112/2015, JMFC, Baramba, Cuttack | U/S: 143/341/283/278/149/ IPC |
| | | | GR- 145/2015, JMFC, Baramba, Cuttack | U/S: 143/145/147/148/341/294/336/353/427/506/149 IPC |
| | | | GR- 25/2012, JMFC, Baramba, Cuttack | U/S: 143/454/294/506/379/354/34 IPC |
| | | | GR- 178/2006, JMFC, Baramba, Cuttack | U/S: 448/294/379/506/34 IPC |
| 17 | Subhransu Mohan Padhi | 88-Banki | GR Case No. 57/2008, SDJM, Banki | U/S-143,283, 341,149 I.P.C |
| 18 | Samir Dey | 90-Barabati Cuttack | GR No. 59/2018 SDJM Cuttack Sadar | U/S 143/431/ 283 / 504/ 149 IPC / 7 Criminal Law (Ammendment) Act |
| | | | SDJM Sadar Lalbag P.S Case No. 137 Date 05.09.2018 under investigation. | U/S 147/148/ 294 /332/ 336/336/307/506/427/147/ IPC |
| | | | Case No. 155/15.6.2009 SDJM Bhubaneswar | U/S 323/294 IPC Breach of Peace Etc. |
| | | | Special Judge vigilance Bhubaneswar Vigilance P.S Case No. 31/2005 pending | U/S 13(2) r/w 13(1)(d) PC Act, 1988 and 120 (B) /420 IPC |
| 19 | Nayan Kishore Mohanty | 91-Choudwar Cuttack | GR No. 761/1998, SDJM (Sadar), Cuttack | U/S: 147/148/294/435/427 & 149 of IPC |
| 20 | Dillip Kumar Mallick | 93-Cuttack Sadar(SC) | GR Case No. 251/2001, JMFC (R), Cuttack | Sec. 142/149/341 of IPC, Read with Section 174 of Railway Act. |
| | | | GR Case No. 151/2001, SDJM, Balasore | Sec. 142/149/341 of IPC, Read with Section 174 of Railway Act. |
| 21 | Jayanta Kumar Sarangi | 107-Puri | GR No. 581/09, SDJM, Puri | Sec. 294/506/54 of IPC |
| | | | GR No. 248/2007, Gram Nayalay, Puri | Sec. 341/323/294/34 of IPC |
| 22 | Lalitendu Bidyadhar Mohapatra | 108-Brahmagiri | GR No. 2620/17, SDJM, Puri | Sec. 147/148/186/447/332/ 323/325/353/354 /354-B/336/427/294 /506 /149 of IPC 1860 Sec. 7 of Cri. Law (Ammendment) Act, 1932 |
| | | | GR No. 1039/17, SDJM, Puri | Sec. 147/148/341/294/353/332/431/336/506/149 of IPC 1860. Sec. 3 of Prevention of damage to public property Act. |
| 23 | Omm Prakash Mishra | 109-Satyabadi | GR No. 2697/2017, SDJM, Puri | U/S: 143/147/431/341/ 323/353/332/186/149 of IPC |
| | | | GR No. 2620/2017, SDJM, Puri | U/S: 147/148/186/431/ 447/323/327/353/354(B)/ 336/294/427/506/149 of IPC |
| 24 | Ashrit Pattnayak | 110-Pipili | 1.C.C.No. 22/2018, Dist Session Judge, Puri | U/S-147 ,148,341,294,379, 325,323,506, 149 I. P.C & Sec.3 of sc/sr(PA) Act |
| | | | GR No. 2620/2017, SDJM, Puri | U/S- 147,148,186,447,332, 323,325,353,354,354(B), 336,427, 294,506,149 of IPC |
| | | | GR No. 515/2013, JMFC, Pipili | U/S- 341,294,427,336, 506,34 IPC, Sec. 3, 4 of ES Act, Sec. 25,27 of Arms Act |
| | | | GR No. 590/2012, JMFC, Pipili | U/S- 143,431,109,186, 506, 149 of IPC |
| | | | GR No. 586/2012, JMFC, Pipili | U/S- 341,323,294,379,506, 307,34 IPC, Sec. 9(b) I.E Act |
| | | | GR No. 136/2012, Spl. Magistrate, BBSR | U/S- 448,323,294,186,506, 34 I.P.C |
| | | | GR No. 367/2007, JMFC, Pipili | U/S- 341, 294, 506, 34 IPC |
| | | | GR No. 306/2007, JMFC, Pipili | U/S- 341, 254, 427, 506, 34 IPC |
| | | | GR No. 23/2003, Spl. Magistrate, BBSR | U/S-143,431,188, 186,109 IPC |
| | | | GR No. 359/2001, Spl. Magistrate, BBSR | U/S-452,323,294,506, 427,34 IPC, Sec.7 Crl. LA Act |
| 25 | Prithivraj Harichandan | 118-Chilika | JMFC (O) Bhubaneswar | 448/427 /34 ofIPC |
| 26 | Smt. Surama Padhy | 119-Ranpur | CT Case No. 3282/2013, Capital Police Station, Bhubaneswar, Khurda | U/S 147/148/341/294/323/353/427/506/149/ of IPC and U/S 7 of CRIL. Act and under section 3 of PDPP Act and U/S 96 of OUP Act. |
| 27 | Smt. Irani Ray | 122-Nayagarh | GR Case No. 230/14, SDJM, Nayagarh | U/S (s): 341/323/294/427/ 332/353/171 (C) / 34 IPC |
| 28 | Narendranath Nayak | 111-Jayadev (SC) | GR No. 1602/2000 and 157/2000, SDJM, Bhubaneswar | U/S: 149/420/471 of IPC and U/S: 279/338 of IPC |
| 29 | Biswaranjan Badajena | 115-Jatani | CT No. 360/18, SDJM, Bhubaneswar | U/S: 147, 148, 294, 323, 506, 307, 427, 353, 786, 332, 149 IPC and 96 of Odisha Urban Police Act And 7 Criminal Law Act 1983 |
| | | | CT No. 652/18, SDJM, Bhubaneswar | U/S: 341, 324, 379, 34 IPC and 24, 25 Arms Act. |
| | | | CT No. 698/18, SDJM, Bhubaneswar | U/S: 147,148, 323, 294, 427, 506, 307, 35, 452, 149 IPC |
| | | | CT No. 624/18, SDJM, Bhubaneswar | U/S: 341, 323, 324, 307, 379, 34 IPC |
| | | | CT No. 617/18, SDJM, Bhubaneswar | U/S: 147, 294, 452, 307, 427, 353, 323, 506, 149, 120-B IPC |
| | | | CT No. 370/18, SDJM, Bhubaneswar | U/S: 143, 188, 506, 353, 149 IPC of Odisha Urban Police Act. |
| | | | CT No. 598/18, SDJM, Bhubaneswar | U/S: 143, 188, 294, 353, 149 IPC and Odisha Urban Police Act. |
| | | | CT No. 5579/16, SDJM, Bhubaneswar | U/S: 147, 148, 341, 323, 353, 294, 506, 427, 435, 149 IPC and 96 Odisha Urban Police Act. |
| | | | CT No. 2707/10, SDJM, Bhubaneswar | U/S: 143, 457, 294, 353, 332, 506, 149 IPC |
| 30 | Kalucharan Khandeitaray | 117-Khurda | Misc Case No. 87/19, E.M., Khurda | U/S: 107 of CRPS |
| | | | GR 270/19, SDJM, Khurda | U/S: 147, 148, 448, 323, 324, 307, 294, 506, 34 IPC and 25 & 27 Arms Act |
| | | | GR 1071/15, SDJM, Khurda | U/S: 379/34 IPC and 21 MMDR Act. |
| | | | GR 840/02, SDJM, Khurda | U/S: 147, 148, 323, 354, 452, 427, 380, 379, 506, 149 IPC |

N.B.: No candidate was convicted by any court.



ବରୀ କଂଗ୍ରେସର ନାରୀନେତ୍ରୀ ତଥା ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ଆରତୀ ଦେଓ ଶୁକ୍ରବାର କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି। ତାଙ୍କ ସହ ବରୀ ବ୍ଲକ ଯୁବ ସଭାପତି ଶୁଭକାନ୍ତ ଜେନା, ୩୧ନଂ ଜିଲା ପରିଷଦ ଜୋନର ନେତା ଆଲୋକ ସାହୁ ଦଳ ପରିତ୍ୟାଗ କରିଛନ୍ତି ବୋଲି ସୂଚନା ମିଳିଛି।

## ■ କରଞ୍ଜିଆରେ ରାଜନାଥ ସିଂଙ୍କ ନିର୍ବାଚନୀ ପ୍ରଚାର

# ରେଳ ସଂଯୋଗ ପାଇଁ ପ୍ରତିଶ୍ରୁତି ଦେଲେ

ଠାକୁରମୁଣ୍ଡା (ଡି.ଏନ.ଏ.)/ ବାରିପଦା ଅଫିସ,୧୯।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଅଧିକ ଶକ୍ତିଶାଳୀ ହୋଇପାରିଛି। ପୁଲୱାମାରେ ୪୨ ଜଣ ଯବାନଙ୍କୁ ଆକ୍ରମଣ କରାଯିବାର ୧୩ ଦିନ ମଧ୍ୟରେ ଦେଶର ବାୟୁସେନା ଯବାନମାନେ ପାକିସ୍ତାନ ସୀମା ମଧ୍ୟରେ ପଶି ଆତଙ୍କବାଦୀଙ୍କୁ ନିପାତ କରିପାରିଛନ୍ତି। ୨୦୩୦ ବେଳକୁ ଭାରତ ବିଶ୍ୱର ତୃତୀୟ ଶକ୍ତିଶାଳୀ ଦେଶରେ ପରିଣତ ହୋଇପାରିବ। ଭାଜପା ପୁନର୍ବାର କ୍ଷମତାକୁ ଆସିଲେ ଦେଶକୁ ଅଧିକ ଶକ୍ତିଶାଳୀ କରିବା ସହ ବିକାଶ ପଥରେ ଆଗେଇନେବ। ରେଳ ମାନଚିତ୍ରରୁ ବାଦ୍ ପଡିଥିବା କରଞ୍ଜିଆ ଭଳି ଅଞ୍ଚଳରେ ରେଳ ବିକାଶକୁ ପ୍ରାଥମିକତା ଦିଆଯିବ। କରଞ୍ଜିଆକୁ ରେଳପଥରେ କଲିକତା ଓ ବମ୍ବେ ସହିତ ସଂଯୋଗ କରାଯିବ ବୋଲି ଶୁକ୍ରବାର କରଞ୍ଜିଆ ଗୋଲେଇ କେନାଲ ପଡିଆଠାରେ ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଂକଳ୍ପ ସଭାରେ ଯୋଗଦେଇ କେନ୍ଦ୍ର ଗୃହ ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି।

କେନ୍ଦୁଝର ଲୋକ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମୟୂରଭଞ୍ଜ ଜିଲାର କରଞ୍ଜିଆ ବିଧାନସଭା କ୍ଷେତ୍ର ପାଇଁ ଆସନ୍ତା ୨୩ ତାରିଖ ତୃତୀୟ ପର୍ଯ୍ୟାୟରେ ନିର୍ବାଚନ ହେଉଛି। ଏଥିଲାଗି ଭାଜପା ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ କରଞ୍ଜିଆରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ଅବସରରେ କଂଗ୍ରେସ ଏବଂ ଓଡ଼ିଶାରେ ୧୯ ବର୍ଷ ଶାସନ କରିଥିବା ବିଜେଡି ସରକାରଙ୍କୁ ସମାଲୋଚନା କରିଥିଲେ।



ବିଜୟ ସଂକଳ୍ପ ସଭାରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଉଦ୍‌ବୋଧନ ଦେଉଛନ୍ତି।

**■ ଚାଷୀଙ୍କୁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମିଳିବ**

**■ ଛଉ ନୃତ୍ୟର ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରାଯିବ**

ସେ କହିଥିଲେ, କେନ୍ଦ୍ରରେ କ୍ଷମତାସୀନ ଥିବାବେଳେ କଂଗ୍ରେସ ସରକାର ୨୦୦୮ରୁ ୨୦୧୪ ମଧ୍ୟରେ ମାତ୍ର ୨୫ ଲକ୍ଷ ଗରିବଙ୍କୁ ଗୃହ ଯୋଗାଇଥିଲେ। କିନ୍ତୁ ନରେନ୍ଦ୍ର ମୋଦିଙ୍କ ସରକାର ୫ ବର୍ଷରେ ୧କୋଟି ୩୦ ଲକ୍ଷ ଗରିବଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ପାରିଛନ୍ତି। ଓଡ଼ିଶା ପ୍ରସଙ୍ଗରେ ସେ କହିଥିଲେ, ଏଠାରେ ରାସ୍ତାଘାଟ, ପାନୀୟଜଳ , ବିଜୁଳି ଭଳି ବହୁ ସମସ୍ୟା ରହିଛି। ଆଶାନୁରୂପ ବିକାଶ ହୋଇନାହିଁ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଗରିବଙ୍କ ପ୍ରତି ସମର୍ପିତ। ଏହି ସରକାର ସମସ୍ତ ଚାଷୀଙ୍କୁ ବାର୍ଷିକ ୬ ହଜାର ଟଙ୍କା ସହାୟତା ପ୍ରଦାନ କରୁଛନ୍ତି। କ୍ଷମତାକୁ ଆସିଲେ କିଷାନକାର୍ଡ ଜରିଆରେ ଚାଷୀଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ ସହ ୬୦ ବର୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ମାସିକ ୩ ହଜାର ଟଙ୍କାର ଭତ୍ତା ଦିଆଯିବ। ଓଡ଼ିଶାର ସଂସ୍କୃତି ଓ ସଭ୍ୟତାର ବିକାଶ କରାଯିବା ସହ ମୟୂରଭଞ୍ଜ ଜିଲାର ଛଉ ନୃତ୍ୟର ବିକାଶ ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ । ରାଜ୍ୟରୁ ଷ୍ଟାଣ୍ଣୁ ସରକାରଙ୍କୁ ହଟାଇ ଭାଜପାକୁ କ୍ଷମତାସୀନ କରିବା ଏବଂ କେନ୍ଦୁଝର ଏମ୍‌ପି ପ୍ରାର୍ଥୀ ଅନନ୍ତ ନାୟକ ଏବଂ ବିଧାୟକ ପ୍ରାର୍ଥୀ ପଦ୍ମ ଚରଣ ହାଇବ୍ରୁଙ୍କୁ ଭୋଟ ଦେଇ ଜିତାଇବାକୁ ସେ ଅନୁରୋଧ କରିଥିଲେ।

ରାଜନାଥ ପ୍ରଥମେ ଓଡ଼ିଆରେ ଭାଷଣ ଆରମ୍ଭ କରି ଜୟ ଜଗନ୍ନାଥ କହି ମା’ ତାରିଣୀ ଓ ମା’ କୀଚକେଶ୍ୱରୀଙ୍କୁ ପ୍ରଣାମ ଜଣାଇଥିଲେ। ଲୋକ ସଭା ପ୍ରଭାରୀ ବିରଞ୍ଚି ନାରାୟଣ ତ୍ରିପାଠୀ, ଜିଲା ସଭାପତି ନବୀନ ରାମ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ କୃପାସିନ୍ଧୁ ମହାନ୍ତ, ଗିରିଧାରୀ ପୃଷ୍ଟି , ନବକିଶୋର ପଣ୍ଡା, ସବୁଜ ମହାନ୍ତ, ବାଞ୍ଛାନିଧି ପୃଷ୍ଟି ଓ ଜିଲା ପରିଷଦ ସଭ୍ୟମାନେ ଉପସ୍ଥିତ ଥିଲେ। ରାଜନାଥ ହେଲିକପ୍ଟର ଯୋଗେ ଆସି ସଭାସ୍ଥଳ ନିକଟରେ ନିର୍ମାଣ ହୋଇଥିବା ଅସ୍ଥାୟୀ ହେଲିପ୍ୟାଡରେ ଅପରାହ୍ନ ୧ଟା ୧୦ ମିନିଟରେ ଅବତରଣ କରିଥିଲେ। ଦୀର୍ଘ ୪୦ ମିନିଟ ଧରି ଭାଷଣ ଦେଇ ସେ ଅପରାହ୍ନ ୨ଟା ୧୦ ବେଳକୁ କଟକ ଠାରେ ଆୟୋଜିତ ନିର୍ବାଚନ ସଭାରେ ଯୋଗଦେବାକୁ ଯାଇଥିଲେ। ରାଜନାଥଙ୍କ ସଭାକୁ ସଫଳ କରିବା ପାଇଁ ଦଳ ପକ୍ଷରୁ ବିଭିନ୍ନ ସ୍ଥାନରୁ କର୍ମୀଙ୍କୁ ଅଣାଯାଇଥିଲା। ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ସେହିପରି ଅପରାହ୍ନରେ ନୟାଗଡ଼ ଷ୍ଟାଡ଼ିୟମ୍‌ଠାରେ ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସଭାରେ କେନ୍ଦ୍ରମନ୍ତ୍ରୀ ସିଂ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

## ‘ଜେଲରୁ ଟିକେଟ ବାଣ୍ଟୁଛନ୍ତି ଲାଲୁ’

**ଆର୍‌ଜେଡି ପ୍ରାର୍ଥୀଙ୍କ ନାମାଙ୍କନ ରଦ୍ଦ କରିବାକୁ ଜେଡିୟୁର ଦାବି**



ପାଟନା,୧୯।୪(ପି.ଟି.)

ଆର୍‌ଜେଡି ଅଧ୍ୟକ୍ଷ ଲାଲୁପ୍ରସାଦ ଯାଦବ ଜେଲ୍‌ରେ ଥାଇ ଦଳୀୟ ପ୍ରାର୍ଥୀଙ୍କୁ ଟିକେଟ ବାଣ୍ଟିଥିବା ଅଭିଯୋଗ ହୋଇଛି। ବିହାରର ଶାସକ ଜେଡିୟୁ ମୁଖପାତ୍ର ନୀରଜ କୁମାର ଏଭଳି ଅଭିଯୋଗ ଆଣି ଆର୍‌ଜେଡି ପ୍ରାର୍ଥୀମାନଙ୍କ ନାମାଙ୍କନ ରଦ୍ଦ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ନୀରଜ କହିଛନ୍ତି, ଲାଲୁ ଏକାଧିକ ଗୋଖାଦ୍ୟ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ରାଞ୍ଚି ଜେଲରେ ଥିବାବେଳେ ଦଳୀୟ ଟିକେଟରେ ଦସ୍ତଖତ ଦେଇ ଆର୍‌ଜେଡି ପ୍ରାର୍ଥୀମାନଙ୍କୁ କିପରି ଦେଲେ। ଏଥିପାଇଁ ସେ ନିର୍ବାଚନ କମିଶନଙ୍କ ଅନୁମତି ନେଇଥିଲେ କି ବୋଲି ନୀରଜ ପ୍ରଶ୍ନ କରିଛନ୍ତି। ଲାଲୁ ଜେଲ ଆଇନର ଉଲ୍ଲଂଘନ କରିଥିବା ଦର୍ଶାଇ ସେ ମୁଖ୍ୟ ନିର୍ବାଚନ କମିଶନ (ସିଇସି)ଙ୍କୁ ମଧ୍ୟ ଚିଠି ଲେଖି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପ୍ରକାଶ ଯେ, ଆର୍‌ଜେଡି ଏଥର ୧୯ ଆସନରେ ପ୍ରାର୍ଥୀ ଦେଇଛି।

## ସଂକ୍ଷେପରେ

### ଅଣ୍ଡିରା ଟାମାରିନ୍ ମାଙ୍କଡ଼ର ମୃତ୍ୟୁ



**ବାରଙ୍ଗ,୧୯।୪(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଶୁକ୍ରବାର ଏକ ଅଣ୍ଡିରା ଟାମାରିନ ମାଙ୍କଡର ମୃତ୍ୟୁ ହୋଇଯାଇଛି। ମାଙ୍କଡମାନଙ୍କ ମଧ୍ୟରେ ଛୋଟ ପ୍ରଜାତି ହେଉଛି ଟାମାରିନ। ଗତ ୨୦୧୮ ମାର୍ଚ୍ଚ ୨୫ତାରିଖରେ ନନ୍ଦନକାନନ କର୍ତ୍ତୃପକ୍ଷ ମହୁରାଇର ଏକ ସଂସ୍ଥାଠାରୁ ହଳେ ଟାମାରିନ ୩ଲକ୍ଷ ଟଙ୍କା ବ୍ୟୟବରାଦରେ କ୍ରୟ କରି ଆଣିଥିଲେ। ଗୋଟିଏପଟେ ଏମାନଙ୍କୁ ରଖିବା ପାଇଁ ଏନକ୍ଲୋଜରର ଅଭାବ ଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ ପାଇଁ ଡାକ୍ତରଖାନାରେ ରଖାଯାଇଥିଲା। ସେହିଦିନଠାରୁ ଏହି ଟାମାରିନଦ୍ୱୟ ଡାକ୍ତରଖାନାର ଚାରିକାନ୍ଥ ମଧ୍ୟରେ ରହିଥିଲେ। ପର୍ଯ୍ୟଟକମାନେ ସେମାନଙ୍କୁ ଦେଖି ମଜ୍ଜା ଉଠାଇବା ପୂର୍ବରୁ ଅଣ୍ଡିରା ଟାମାରିନ ମୃତ୍ୟୁ କରିଥିଲା। ଫଳରେ ସାଥିହରା ହୋଇ ମାଈ ଟାମାରିନଟି ବଞ୍ଚିବା ସହ ନିଃସଙ୍ଗ ଜୀବନ ଜିଇବାକୁ ଆରମ୍ଭ କରିଛି। ଶୁକ୍ରବାର ସକାଳେ ଡାକ୍ତରଖାନାର କର୍ମଚାରୀମାନେ ଆସି ଦେଖିବାବେଳକୁ ଅଣ୍ଡିରା ଟାମାରିନଟି ମରିପଡିଥିବାର ଦେଖିଥିଲେ। ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଜନ୍ତୁବିଭାଗ ଏସିଏଫ ଅଞ୍ଜନ କୁମାର ମହାନ୍ତି କହିଛନ୍ତି। ଏହି ଟାମାରିନ ନନ୍ଦନକାନନକୁ ଆସି ଡାକ୍ତରଖାନାରେ ରହିବାର ୫ମାସପରେ ଅଗଷ୍ଟ୨ତାରିଖରେ ଜଣେ ଡାକ୍ତରଖାନା କର୍ମଚାରୀମାନଙ୍କ ଦାୟିତ୍ୱହୀନତା ଯୋଗୁ ଗୋଟିଏ ଫେରାର ହୋଇଯାଇଥିଲା। ଫେରାର ହେବାର ୪ଦିନ ପରେ ଲେବର ବ୍ୟାରେକର ଏକ ପିଜୁଳି ଗଛରୁ ଉଦ୍ଧାର ହୋଇଥିଲା।

### ମତଦାନ କେନ୍ଦ୍ରରେ ପିଇବା ପାଣି, ଗ୍ଲୁକୋଜ, ଶେଡ୍ ବ୍ୟବସ୍ଥା ଦାବି କଲା ଭାଜପା

**ଭୁବନେଶ୍ୱର,୧୯।୪(ବ୍ୟୁରୋ):** ଏବେ ପ୍ରଚଣ୍ଡ ଖରା ହେଉଛି । ଭୋଟ ଦେଲା ବେଳେ ପ୍ରବଳ ଗରମ ହେଉଥିବାରୁ ଏବଂ ମତଦାନ କେନ୍ଦ୍ରରେ ଭିଡଥିବା କାରଣରୁ ଭୋଟ୍‌ଦାତାମାନେ ଘଣ୍ଟା ଘଣ୍ଟା ଧରି ଖରାରେ ଧାଡ଼ିରେ ଠିଆହୋଇ ରହୁଛନ୍ତି ।

ଏହି ସମସ୍ୟା ପ୍ରତି ଧ୍ୟାନ ଦେବା ପାଇଁ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶୁକ୍ରବାର ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କୁ ଭେଟି ଦାବି କରିଛି । ଖରାରୁ ରକ୍ଷା ପାଇବା ପାଇଁ ମତଦାନ କେନ୍ଦ୍ର ନିକଟରେ ଅସ୍ଥାୟୀ ଟେଣ୍ଟ ନିର୍ମାଣ କରିବା ସହ ପିଇବା ପାଣି, ଗ୍ଲୁକୋଜ, ଅଂଶୁଘାତରୁ ରକ୍ଷା ପାଇବା ସକାଶେ ପ୍ରାଥମିକ ଚିକିତ୍ସା ଆଦିର ବ୍ୟବସ୍ଥାକୁ ପ୍ରତିନିଧି ଦଳ ଦାବି କରିଛି । ଏହି ଟିମ୍‌ରେ ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ନିର୍ବାଚନ ପ୍ରକୋଷ୍ଠର ସଂଯୋଜକ ଜୟନ୍ତ ଜେନା ଏବଂ ଆଇନଜୀବୀ ସତ୍ୟବ୍ରତ ନାୟକ ପ୍ରମୁଖ ସାମିଲ ଥିଲେ।

## ■ ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ ଘଟଣା

# ରାସ୍ତାରୋକୋ ପାଇଁ ୮ କି.ମି. ବାଇକ୍‌ରେ ଅଣାଗଲା ମୃତଦେହ

ପାପଡାହାଣ୍ଡି,୧୯।୪(ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଖୁଟୁବାଇ ପଞ୍ଚାୟତ ଛାଲିପେଟା ଗ୍ରାମରେ ଗୁରୁବାର ଅପରାହ୍ନରେ ବିଦ୍ୟୁତ ଖୁଣ୍ଟରେ ଚଢି ତାର ମରାମତି ସମୟରେ ବିଦ୍ୟୁତ ଆଘାତରେ ମନ କାତିଙ୍କ ମୃତ୍ୟୁ ହୋଇଥିଲା । କିନ୍ତୁ ତୁରନ୍ତ ବିଦ୍ୟୁତ ବିଭାଗର କୌଣସି କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ଏହାକୁନେଇ ଉତ୍ତେଜନା ଦେଖା ଦେଇଥିଲା । ଘଟଣାସ୍ଥଳରେ କୋଡିଙ୍ଗା ପୋଲିସ ପହଞ୍ଚିଥିଲେ ମଧ୍ୟ ମନଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବା ଦାବି କରି ମୃତଦେହକୁ ଲୋକମାନେ ବ୍ୟବଚ୍ଛେଦ ପାଇଁ ଛାଡି ନଥିଲେ। ଲୋକମାନେ ରାତି ସାରା ମୃତଦେହକୁ ଜଗି ରହିଥିଲେ। ଶୁକ୍ରବାର ସକାଳେ କଟିଆଗୁଡା ଗ୍ରାମବାସୀ ଏକ ବାଇକରେ ମୃତଦେହକୁ ଘଟଣାସ୍ଥଳରୁ ୮ କି.ମି ଦୂର ଭଣ୍ଡିଆ ଛକକୁ ଆଣିଥିଲେ।

**ଗୁରୁବାର ରାତି ସାରା ଲୋକେ ଜଗି ରହିଲେ ମୃତଦେହ**


ମୃତଦେହ ରଖି ଲୋକେ ରାସ୍ତାରୋକୋ କରିଛନ୍ତି।

ସେଠାରେ ମୃତଦେହ ରଖି କ୍ଷତିପୂରଣ ଦାବି କରି ଗ୍ରାମବାସୀ ଟାୟାର ଜାଳି ପୂର୍ବାହ୍ନ ୧୦ଟାରୁ ରାସ୍ତାରୋକୋ କରିଥିଲେ। ୪ ଘଣ୍ଟା ଧରି ରାସ୍ତାରୋକୋ ଯୋଗୁ କୋଷାଗୁମୁଡା ଠାରୁ ପାପଡାହାଣ୍ଡି ବ୍ଲକ ମଧ୍ୟରେ ଯାନବାହନ ଚଳାଚଳ ସମ୍ପୂର୍ଣ ରୂପେ ବନ୍ଦ ରହିଥିଲା। ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ ପରିବାରର ଜଣକୁ ଚାକିରି ଦେବା ଲାଗି ଗ୍ରାମବାସୀ ଦାବି କରିଥିଲେ। ଖବର ପାଇ ପାପଡାହାଣ୍ଡି ତହସିଲଦାର ପ୍ରେମଲାଲ ହିଆଲ, କୋଡ଼ିଙ୍ଗା ଥାନା ଅଧିକାରୀ ପୁଷ୍ପେନ୍ଦୁ ସାଗର ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ରେଡକ୍ରସ ତରଫରୁ ୧୦ହଜାର ଟଙ୍କା, କୋଷାଗୁମୁଡା ବିଦ୍ୟୁତ ବିଭାଗ ପକ୍ଷରୁ ୨୦ ହଜାର ଟଙ୍କା, ଆବାସ ଯୋଜନାରେ ଘର, ମନଙ୍କ ସ୍ତ୍ରୀଙ୍କୁ ଭତ୍ତା ସହ ବିଦ୍ୟୁତ ବିଭାଗ ତରଫରୁ ଚାକିରି ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ମୃତଦେହକୁ କୋଷାଗୁମୁଡା ଡାକ୍ତରଖାନା ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା।

## ପୋଖରୀରୁ ୨ ନାବାଳକଙ୍କ ମୃତଦେହ ଉଦ୍ଧାର

**ରାଉରକେଲା ଅଫିସ, ୧୯।୪:** ସୁନ୍ଦରଗଡ଼ ଜିଲା ବିର୍ସା ଥାନା ପୋଲିସ ବାଗଡେଗା(ବାଗଟୋଲା) ଗ୍ରାମ ପୋଖରୀରୁ ଶୁକ୍ରବାର ୨ଜଣ ନାବାଳକଙ୍କ ମୃତଦେହ ଉଦ୍ଧାର କରିଛି। ସେମାନେ ହେଲେ ସେହି ଗ୍ରାମର ଫୁଲେଶ୍ୱର ସାହୁଙ୍କ ପୁଅ ଦେବାଶିଷ ସାହୁ(୭) ଏବଂ ରାମଟହଲ ସାହୁଙ୍କ ପୁଅ ବାବଲୁ ସାହୁ(୮)। ଏନେଇ ବିର୍ସା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୦୧୯) ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ମୁତାବକ, ଦେବାଶିଷ ଏବଂ ବାବଲୁ ଗୁରୁବାର ଅପରାହ୍ନ ୪ଟାରେ ଗାଁ ଦାଣ୍ଡରେ ଖେଳୁଥିଲେ। ହେଲେ ପରବର୍ତ୍ତୀ ସମୟରେ ସେମାନେ ନିଖୋଜ ହୋଇଯାଇଥିଲେ। ଏନେଇ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ଶୁକ୍ରବାର ସକାଳେ ପୋଖରୀରେ ମୃତଦେହ ଭାସୁଥିବା କେହି ଜଣେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ପରିବାର ଲୋକେ ମୃତଦେହ ଚିହ୍ନଟ କରି ବିର୍ସା ଥାନାକୁ ଜଣାଇଥିଲେ। ପୋଲିସ ଉପସ୍ଥିତିରେ ନୂଆଗାଁ ଅଗ୍ନିଶମ କର୍ମଚାରୀ ପୋଖରୀରୁ ୨ ନାବାଳକଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏନେଇ ବାଗଡେଗା ଗାଁରେ ଶୋକର ଛାୟା ଖେଳି ଯାଇଛି।

## ବିଜୟ ସଂକଳ୍ପ ସଭାରେ ଧର୍ମେନ୍ଦ୍ରଙ୍କ ପ୍ରତିଶ୍ରୁତି

# ମେଧାବୀ ଛାତ୍ରୀଛାତ୍ରଙ୍କୁ ସ୍କୁଟି ମିଳିବ


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଫୁଲହାର ଦେଇ ସ୍ୱାଗତ କରାଯାଉଛି ।

ଦେବଗଡ଼,୧୯।୪(ସ୍ୱ.ପ୍ର)

ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ରାଜା ନିତେଶ ଗଙ୍ଗଦେବ ଓ ଦେବଗଡ଼ ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ପାଇଁ ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୋଟ ପ୍ରଚାର କରିଛନ୍ତି। ବାରକୋଟ ବ୍ଲକ ଅଧୀନ ବଳମ ଗ୍ରାମ ପଡ଼ିଆରେ ଆୟୋଜିତ ବିଜୟ ସଂକଳ୍ପ ସଭାରେ ଉଦ୍‌ବୋଧନ ଦେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରିବା ସହ ବିକାଶର ସ୍ୱପ୍ନ ଦେଖାଇଥିଲେ । ରେଙ୍ଗାଳି ବହୁମୁଖୀ ନଦୀ ବନ୍ଧ ଯୋଜନା ଦ୍ୱାରା ବିସ୍ଥାପିତଙ୍କ ସମସ୍ୟା ସମାଧାନ, ତାଳଚେର-ବିମଳାଗଡ ରେଳପଥ, ବାରକୋଟଠାରୁ ପାରାଦୀପ ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀରେ ଜଳପଥ ନିର୍ମାଣ, ବେକାରି ସମସ୍ୟାକୁ ଦୂର କରିବା ପ୍ରତିଶ୍ରୁତି ଦେବା ସହ ଯଦି ଭାଜପା କ୍ଷମତାକୁ ଆସେ ତା’ହେଲେ ଦେବଗଡ ଜିଲାକୁ ୧ ନମ୍ବର ଜିଲାରେ ପରିଣତ କରାଯିବ ବୋଲି କହିଥିଲେ । ସେହିପରି ମେଧାବୀ ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ କରାଯିବ । ଯୁକ୍ତ ୨ ଶ୍ରେଣୀରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସ୍କୁଟି ପ୍ରଦାନ କରାଯିବ ବୋଲି ସେ କହିଥିଲେ ।

ସଭାପୂର୍ବରୁ ଜିଲା ପରିଷଦ ଅଧ୍ୟକ୍ଷା ସୁଧାମୟୀ ପଟେଲ,ଭାଜପା ଜିଲା ସଭାପତି ଅରୁଣ ସାହୁ,ରାଜ୍ୟ ଯୁବମୋର୍ଚ୍ଚା ଉପ ସଭାପତି ଆଲୋକ ମିଶ୍ର,ବାରକୋଟ ବ୍ଲକ ଅଧ୍ୟକ୍ଷା ସୁବାସିନୀ ସାହୁ, ତିଲେଇବଣି ବ୍ଲକ ଅଧ୍ୟକ୍ଷା ସୁବାସିନୀ ଦେହୁରୀ,ଜିଲା ପରିଷଦ ଉପାଧ୍ୟକ୍ଷ ଜୟକୃଷ୍ଣ ପ୍ରଧାନ,ଜିଲା ସାଧାରଣ ସମ୍ପାଦକ ଭାରତ ଭୂଷଣ ପ୍ରଧାନ,ସତ୍ୟନାରାୟଣ ପାଣି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

## ୫ବର୍ଷର ହିସାବ ମାଗିବାରୁ ରାଗିଗଲେ ଅନୁଭବ

**କେନ୍ଦ୍ରାପଡା ଅଫିସ, ୧୯।୪:** କେନ୍ଦ୍ରାପଡା ଜିଲା ପାଟକୁରାଠାରେ ବିଜେଡି ଲୋକସଭା ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କ ରୋଡ୍‌ଶୋ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଭବ ଖବରଦାତାଙ୍କ ପ୍ରଶ୍ନରେ ରାଗିଯାଇଥିଲେ। ଏହାର ଏକ ଭିଡିଓ କ୍ଲିପ ଶୁକ୍ରବାର ଭାଇରାଲ ହେବା ସହ ଜିଲାସାରା ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି।

ଚଳିତ ନିର୍ବାଚନରେ କେନ୍ଦ୍ରାପଡ଼ା ଲୋକ ସଭା ଆସନ ପାଇଁ ନେତା, ଅଭିନେତା ଓ ଆଇନଜୀବୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି କି ବୋଲି ଖବରଦାତାମାନେ ଅନୁଭବଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଅନୁଭବ କହିଥିଲେ, ସେ ଗତ ୫ ବର୍ଷ ଧରି ରାଜ୍ୟ ସଭା ସଦସ୍ୟ ରହିଛନ୍ତି। କେବଳ ଅଭିନେତା ନୁହେଁ ସେ ଜଣେ ରାଜନେତା ହୋଇଥିବାବେଳେ ଗଣମାଧ୍ୟମ ଏପରି କୁହେଳିକା ସୃଷ୍ଟି କରୁଛି। କେନ୍ଦ୍ରାପଡ଼ାରେ ଏଥର ବେଇମାନ ଓ ସ୍ୱାଭିମାନର ଲଢ଼େଇ ହେଉଛି ବୋଲି ଅନୁଭବ କହିଥିଲେ। ଗତ ୫ ବର୍ଷ ମଧ୍ୟରେ ରାଜ୍ୟ ସଭା ସଦସ୍ୟ ଥିଲା ବେଳେ କଟକ ପାଇଁ କ’ଣ କରିଛନ୍ତି ବୋଲି ଖବରଦାତାଙ୍କ ପ୍ରଶ୍ନରେ ଅନୁଭବ ରାଗିଯାଇ କଟକ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏହାର ହିସାବ ଖୋଜନ୍ତୁ ବୋଲି କହିଥିଲେ। ଏହି ଭିଡିଓକୁ ନେଇ ଏବେ ଜିଲାରେ ଚର୍ଚ୍ଚା ଜୋର ଧରିଛି।

# ଓଟିଭି, ଧର୍ମେନ୍ଦ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର,୧୯।୪(ବ୍ୟୁରୋ)

ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିର୍ବାଚନ ପର୍ଯ୍ୟବେକ୍ଷକମାନଙ୍କୁ ଧମକଚମକ ଦେଉଥିବା ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଭାଜପା ଓ ଏହାର ନେତାମାନେ ନିର୍ବାଚନ ପ୍ରକ୍ରିୟାରେ ଅପରାଧୀକରଣ କରିବା ସହ ବାଧାସୃଷ୍ଟି କରୁଛନ୍ତି। ଧର୍ମେନ୍ଦ୍ରଙ୍କ ସହ ସୋରଡା ଭାଜପା ବିଧାୟକ ପ୍ରାର୍ଥୀ ନୀଳମଣି ବିଶୋଇ ଗୁରୁବାର ପୋଲିଂ ବୁଥକୁ ଆକ୍ରମଣ କରିବା ସହ ଇଭିଏମକୁ କଚାଡି ଭାଙ୍ଗି ଦେଇଥିଲେ। ଏହାଛଡା ରାଜ୍ୟର ବିଭିନ୍ନ ସ୍ଥାନରେ ଭାଜପା ନେତା ଓ କର୍ମୀମାନେ ଗଣ୍ଡଗୋଳ ସହ ଆକ୍ରମଣ କରୁଛନ୍ତି। ବିହାର ଓ ମଧ୍ୟପ୍ରଦେଶର ଗୁଣ୍ଡାଗର୍ଦ୍ଦି ସଂସ୍କୃତିକୁ ଏଠିକାର ଭାଜପା ଆପଣାଇଛି। ଧର୍ମେନ୍ଦ୍ର ସେଠାରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିବାରୁ ସେହି ରାଜ୍ୟଗୁଡିକର ଆପରାଧିକ ସଂସ୍କୃତିକୁ ଆପଣାଇଛନ୍ତି। ରାଜ୍ୟରେ ଶାନ୍ତିପୂର୍ଣ୍ଣ ନିରପେକ୍ଷ ମତଦାନ ସକାଶେ ଭାଜପା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡିର ଏକ ପ୍ରତିନିଧି ଦଳ ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସୁରେନ୍ଦ୍ର କୁମାରଙ୍କୁ ଭେଟି ଦାବିପତ୍ର ଦେଇଛି।

ସେହିପରି ଅନ୍ୟ ଏକ ଦାବିପତ୍ରରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପୂର୍ବରୁ ପ୍ରଚାର ବନ୍ଦ ସମୟରେ ମଧ୍ୟ ଭାଜପା ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଂଘନ କରିଛି। ଏହି ସମୟରେ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ ଡକାଯିବା ସହ ଗଣମାଧ୍ୟମରେ ମତାମତ ଦିଆଯାଉଛି। ଏହାସତ୍ତ୍ୱେ ନିର୍ବାଚନ କମିଶନ ଭାଜପା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ବିଜେଡି ଅଭିଯୋଗ କରିଛି। ତୁରନ୍ତ ଭାଜପା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ପ୍ରତିନିଧି ଦଳ ଦାବି କରିଛି।

**ସିଇଓଙ୍କୁ ଫେରାଦ ହେଲା ବିଜେଡି**

ସେହିପରି ଓଟିଭି ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଭାଜପା ପ୍ରତିନିଧି ଦଳ ସିଇଓଙ୍କ ନିକଟରେ ଦାବି କରିଛି। ଏହି ଚ୍ୟାନେଲ ଭାରତୀୟ ଜନତା ପାର୍ଟି ଚ୍ୟାନେଲ ଭଳି କାର୍ଯ୍ୟ କରୁଛି। ଭାଜପା ପାଇଁ ପେଡ୍ ନ୍ୟୁଜ ଭଳି ଖବର ପ୍ରସାରଣ କରୁଛି। ଏ ନେଇ ବିଜେଡି ପକ୍ଷରୁ ପ୍ରମାଣ ସହ ପେନ୍‌ଡ୍ରାଇଭ ଦିଆଯାଇଛି। ରାଜ୍ୟରେ ଭାଜପା ନେତାଙ୍କ ପାଇଁ ଏହା ଖୋଲାଖୋଲି କାମ କରୁଛି। ଏ ନେଇ ବିଜେଡି ପକ୍ଷରୁ ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ମଧ୍ୟ ନିର୍ବାଚନ କମିଶନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଓଟିଭିର ସମସ୍ତ ଖବର କେବଳ ଭାଜପାକୁ ପ୍ରୋତ୍ସାହିତ କରିବାକୁ ଉଦ୍ଦିଷ୍ଟ ବୋଲି ପ୍ରତିନିଧି ଦଳ ଅଭିଯୋଗ କରିଛି। ଓଟିଭି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ପ୍ରତିନିଧି ଦଳ ପକ୍ଷରୁ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରାଯାଇଛି। ପ୍ରତିନିଧି ଦଳରେ ମୁଖପାତ୍ର ସୁଲତା ଦେଓ, ସସ୍ମିତ ପାତ୍ର ପ୍ରମୁଖ ସାମିଲ ଥିଲେ।

# ବର୍ଷକରେ ଗଲାଣି ୧୫ ଜୀବନ

ଅନୁଗୋଳ ଅଫିସ, ୧୯।୪

୨୦୧୮-୧୯ ବର୍ଷରେ ଅନୁଗୋଳ ଜିଲାରେ ହାତୀ ଆକ୍ରମଣରେ ମୋଟ୍ ୧୫ଜଣଙ୍କ ଜୀବନ ଯାଇଛି। ସେଥିରୁ କେବଳ ଅନୁଗୋଳ ବନଖଣ୍ଡରେ ୧୧ ଜଣ ପ୍ରାଣ ହରାଇଛନ୍ତି। ପୂର୍ବରୁ ଏହି ବନଖଣ୍ଡରେ ୬ ଜଣଙ୍କୁ ହାତୀ ମାରିଥିବା ବେଳେ ଗୁରୁବାର ରାତିରେ ୫ ଜଣଙ୍କୁ ଦଳିଦେଇଛି। ତାଳଚେର ବନାଞ୍ଚଳରେ ସର୍ବାଧିକ ୮ ଜଣ, ଛେଣ୍ଡିପଦା ବନାଞ୍ଚଳରେ ୨ ଜଣ ଓ ଅନୁଗୋଳ ବନାଞ୍ଚଳରେ ଜଣଙ୍କୁ ହାତୀ ମାରିଛି। ସେହିପରି ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡରେ ୨ ଜଣ ହାତୀ ଆକ୍ରମଣର ଶିକାର ହୋଇଛନ୍ତି। ଚଳିତ ଏପ୍ରିଲରେ ଜଣଙ୍କୁ ହାତୀ ମାରିଥିବା ବେଳେ ସାତକୋଶିଆକୁ ଆସିଥିବା ପୋଶା ହାତୀ ଅନ୍ୟ ଜଣଙ୍କୁ ମାରିଛି। ଆଠମଲ୍ଲିକ ବନଖଣ୍ଡ ଅଞ୍ଚଳରେ ୨ ଜଣଙ୍କର ମୃତ୍ୟୁ ହୋଇଛି। ମାଧପୁରରେ ଜଣଙ୍କୁ ଓ ବାମୁରୁରେ ଅନ୍ୟଜଣଙ୍କୁ ହାତୀ ମାରିଥିବା ସୂଚନା ମିଳିଛି।

**ହାତୀ ଆକ୍ରମଣ**



# ପୁରୀରେ ମୁଖ୍ୟମନ୍ତ୍ରୀ ରୋଡ୍ ଶୋ କରି ଭୋଟ ମାଗିଲେ



ପୁରୀ ଅଫିସ, ବ୍ରହ୍ମଗିରି, ୧୯।୪(ଡି.ଏନ୍.ଏ.)

ଆସନ୍ତା ୨୩ ତାରିଖରେ ପୁରୀ ଲୋକ ସଭା ଏବଂ ଏହା ଅଧୀନରେ ଥିବା ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ହେବ। ତେଣୁ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସବୁ ରାଜନୈତିକ ଦଳ ବଳ, କୌଶଳ ଲଗାଇ ଦେଇଛନ୍ତି। ଭାଜପାର ବହୁ କେନ୍ଦ୍ରୀୟ ନେତା ଆସି ପ୍ରଚାର କରିଥିବାବେଳେ ଗୁରୁବାର କେନ୍ଦ୍ରମନ୍ତ୍ରୀ ଉମା ଭାରତୀ ପୁରୀ ଆସି ବିଜେଡି ସରକାରଙ୍କୁ ଟାର୍ଗେଟ୍ କରିଥିଲେ। ଏଥିସହ ଭାଜପା ପ୍ରାର୍ଥୀଙ୍କୁ ଜିତାଇବା ଲାଗି ଭୋଟରଙ୍କୁ ନିବେଦନ କରିଥିଲେ। ଶୁକ୍ରବାର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ପୁରୀ ଗସ୍ତରେ ଆସିଥିଲେ। ବଡ଼ଦାଣ୍ଡରେ ରୋଡ୍ ଶୋ' କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀ ସାତପଡ଼ାରୁ ସ୍ୱତନ୍ତ୍ର ବସ୍ ଯୋଗେ ରୋଡ୍ ଶୋ'ରେ ଆସି ଅପରାହ୍ନ ପ୍ରାୟ ସାଢେ ୨ଟାରେ ପୁରୀରେ ପହଞ୍ଚିଥିଲେ। ସର୍କିଟ୍ ହାଉସ୍‌ରେ ମଧ୍ୟାହ୍ନ ଭୋଜନ ସାରି ବିଶ୍ରାମ ନେଇଥିଲେ। ସାଢେ ୩ଟାରେ ଶ୍ରୀମନ୍ଦିରକୁ ଅଭିମୁଖେ ବାହାରିଥିଲେ। ଶ୍ରୀମନ୍ଦିର ଭିତରକୁ ନ ଯାଇ ଅରୁଣସ୍ତମ୍ଭ ନିକଟରୁ ପତିତପାବନଙ୍କୁ ଦର୍ଶନ କରିଥିଲେ। ସେଠାରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ପ୍ରଚାରରେ ବାହାରିଥିଲେ। ସ୍ୱତନ୍ତ୍ର ବସ୍‌ରେ ରହି ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ଲାଗି ଭୋଟ ମାଗିଥିଲେ।

ଶହ ଶହ କର୍ମୀ ଏହି ରୋଡ୍ ଶୋ'ରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ବସ୍ ଆଗରେ ଏକ ଖୋଲା ଜିପ୍‌ରେ ପୁରୀ ଲୋକ ସଭା ପ୍ରାର୍ଥୀ ପିନାକୀ ମିଶ୍ର, ବିଧାୟକ ପ୍ରାର୍ଥୀ ମହେଶ୍ୱର ମହାନ୍ତି ରହିଥିଲେ। ଏଥିସହ ଓଲିଉଡ୍ ଅଭିନେତା ସବ୍ୟସାଚୀ ଓ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଏହି ରୋଡ୍ ଶୋ'ରେ ସାମିଲ ହୋଇଥିଲେ।

## ଆପଣମାନେ ମୋତେ ଆଶୀର୍ବାଦ କରନ୍ତୁ

ପୁରୀ ଜିଲା ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ପ୍ରଥମେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ଶୁକ୍ରବାର ରୋଡ ଶୋ' କରିଥିଲେ। ଏହି ରୋଡ ଶୋ'ରେ ମୁଖ୍ୟମନ୍ତ୍ରୀ ଭୋଟରମାନଙ୍କୁ କହିଥିଲେ, ମୁଁ ଆପଣଙ୍କ ଗାଁକୁ ଆସି ଥିବାରୁ ବହୁତ ଖୁସି। ଆପଣମାନେ ମୋତେ ଆଶୀର୍ବାଦ କରନ୍ତୁ। ପୂର୍ବାହ୍ନ ୧୧ଟା ୪୫ରେ ସାତପଡ଼ାଠାରେ ହେଲିକପ୍ଟରରୁ ଓହ୍ଲାଇ ରୋଡ ଶୋ'ରେ ବାହାରିଥିଲେ। ଏହି ରୋଡ ଶୋ' ବ୍ରହ୍ମଗିରି ବିଧାୟକ ପ୍ରାର୍ଥୀ ସଞ୍ଜୟ କୁମାର ଦାସବର୍ମା, ଏମ୍‌ପି ପ୍ରାର୍ଥୀ ପିନାକୀ ମିଶ୍ର ଏବଂ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ। କର୍ମୀମାନେ ବାଇକ ଶୋଭାଯାତ୍ରାରେ ସାତପଡା ଠାରୁ ପୁରୀ ଅଭିମୁଖେ ଯାତ୍ରା କରିଥିଲେ। ବିଭିନ୍ନ ଛକରେ ମୁଖ୍ୟମନ୍ତ୍ରୀ ଭୋଟରମାନଙ୍କୁ ଉଦ୍‌ବୋଧନ ଦେଇ ଭୋଟ ଭିକ୍ଷା କରିଥିଲେ।

## ରୋଡ୍ ଶୋ ସମୟରେ ଦୁର୍ଘଟଣା, ଜଣେ ମୃତ

ବ୍ରହ୍ମଗିରି, ୧୯।୪(ଡି.ଏନ୍.ଏ.): ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରୋଡ ଶୋ' ସମୟରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବ୍ରହ୍ମଗିରି ଥାନା ସାତପଡ଼ା ଫାଣ୍ଡି ଅନ୍ତର୍ଗତ ଗଙ୍ଗାଧରପୁର ଗ୍ରାମର କାହ୍ନୁଚରଣ ଜାଲି(୪୧)। ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ରୋଡ ଶୋ'ରେ କାହ୍ନୁ ସାମିଲ ହୋଇ ବାଇକ୍‌ରେ ଯାଉଥିଲେ। ଏହି ସମୟରେ ତାଙ୍କ ବାଇକ୍ ଚକା ପଙ୍କଚର୍ ହେବାରୁ ସେ ଅଟକି ମରାମତି କରିଥିଲେ। ସେତେବେଳକୁ ରାଲି ଆଗକୁ ବଢ଼ି ଯାଇଥିଲା। ପୁଣି ସେଥିରେ ଯୋଗଦେବା ପାଇଁ କାହ୍ନୁ ଦ୍ରୁତଗତିରେ ଯାଉଥିବାବେଳେ ଗୋରାପୁର ଛକ ନିକଟରେ ଏକ ଗଛରେ ପିଟି ହୋଇ ଗୁରୁତର ହୋଇପଡିଥିଲେ। ହେଲେ ରାସ୍ତା ଜାମ୍ ଥିବାରୁ ତାଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ନିଆଯିବାରେ ବିଳମ୍ବ ହୋଇଥିଲା। କାହ୍ନୁ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପରମ୍ପରା ଭାଙ୍ଗିପାରନ୍ତି ମତଦାତା

ଚିଦାନନ୍ଦ ଜେନା
ଭୁବନେଶ୍ୱର, ୧୯।୪

**ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ**
- ଆଇଏଏସ୍-ଆଇପିଏସ୍ ଅଫିସର ଲଢ଼େଇ
- ୧୯୯୮ରୁ ଜିତି ଆସୁଛି ବିଜେଡି

ଆସନ୍ତା ୨୩ ତାରିଖରେ ଭୁବନେଶ୍ୱର ଲୋକ ସଭା ଆସନରେ ନିର୍ବାଚନ ହେବ। ଏହାକୁ ନେଇ ସାରା ରାଜ୍ୟରେ ଉତ୍କଣ୍ଠା ରହିଛି। ୧୯୯୮ରୁ ବିଜେଡି ଏଠାରୁ ଜିତି ଆସୁଥିଲେ ମଧ୍ୟ ଚଳିତ ନିର୍ବାଚନରେ ବିଜେଡି ସଫଳତାକୁ ନେଇ ଅନେକେ ଦ୍ୱନ୍ଦ୍ୱ ପ୍ରକାଶ କରୁଛନ୍ତି।

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ପୂର୍ବତନ କମିଶନର ତଥା ଗଣଶିକ୍ଷା ସଚିବ ଅପରାଜିତା ଷଡଙ୍ଗୀ(ଆଇଏଏସ) ଚାକିରି ଛାଡି ଏହି ଲୋକ ସଭାକ୍ଷେତ୍ରରେ ସାଂଗଠନିକ କାର୍ଯ୍ୟ ଆରମ୍ଭ କରିଥିଲେ। ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଭାଜପା ତାଙ୍କୁ ଏହି ଆସନରୁ ପ୍ରାର୍ଥୀ କରିଛି। ଏହି ଆନୁଷ୍ଠାନିକ ଘୋଷଣା ପୂର୍ବରୁ ଅପରାଜିତା ଭୁବନେଶ୍ୱର ଲୋକ ସଭା ଅନ୍ତର୍ଗତ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ବ୍ୟକ୍ତିଗତ ଭାବେ ସଂଗଠନ ପ୍ରସ୍ତୁତ କରିସାରିଥିଲେ। ସବୁ ନିର୍ବାଚନମଣ୍ଡଳୀରେ ସ୍ଥାନୀୟ କାର୍ଯ୍ୟାଳୟ କରି ବିଭିନ୍ନ ବର୍ଗର ଲୋକଙ୍କୁ ଭେଟିଥିଲେ। ବିଜେଡି ପକ୍ଷରୁ ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କୁ ବଦଳା ଗଲା। ତାଙ୍କ ସ୍ଥାନରେ ପୂର୍ବତନ ମୁମ୍ବାଇ ପୋଲିସ କମିଶନର ତଥା ଅରୂପ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରାଗଲା। ଏହି ଘୋଷଣା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ପ୍ରାର୍ଥୀ ଘୋଷଣା ହେବା ପୂର୍ବରୁ ଅରୂପ ବିଜୁ ଯୁବ ବାହିନୀ ଦାୟିତ୍ୱ ସମ୍ଭାଳି ଆସୁଥିଲେ। ଏହି ସଂଗଠନକୁ ନେଇ ସାରା ରାଜ୍ୟରେ ଏକ ନକାରାତ୍ମକ ଛବି ସୃଷ୍ଟି ହୋଇଛି। ତେଣୁ ଅରୂପଙ୍କ ଗ୍ରହଣୀୟତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ପୂର୍ବରୁ ପ୍ରଶାସିକା ଥିବା ଅପରାଜିତା ନିଜ କାର୍ଯ୍ୟଦକ୍ଷତା ପାଇଁ ଓଡ଼ିଆ ଲୋକଙ୍କ ମନରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଅଲୋଚନା ହେଉଛି। ହେଲେ ପୂର୍ବତନ ମୁମ୍ବାଇ ପୋଲିସ କମିଶନର ଅରୂପଙ୍କ କ୍ଷେତ୍ରରେ ତାହା ସମ୍ଭବ ହୋଇ ପାରୁନାହିଁ ବୋଲି କୁହାଯାଉଛି। ରାଜନୈତିକ ସମୀକ୍ଷକଙ୍କ କହିବାନୁଯାୟୀ, ଅରୂପଙ୍କ ସଫଳତା ସମ୍ପୂର୍ଣ୍ଣ ଭାବେ ବିଜେଡି ସଂଗଠନ ଏବଂ ପାରମ୍ପରିକ ଭୋଟ ବ୍ୟାଙ୍କ ଉପରେ ନିର୍ଭର କରୁଛି। ରାଜ୍ୟରେ ବିଧାୟକ ପ୍ରାର୍ଥୀଙ୍କ ଭରସାରେ ଏମ୍‌ପି ପ୍ରାର୍ଥୀ ଜିତୁଥିବା ଗତ ନିର୍ବାଚନଗୁଡ଼ିକରେ ଲକ୍ଷ୍ୟ କରାଯାଇଛି। ହେଲେ ଭୁବନେଶ୍ୱର ଲୋକ ସଭା ଆସନରୁ ଅପରାଜିତା ପ୍ରାର୍ଥୀ ହେବା ପରେ ପରୋକ୍ଷରେ ଏହା ଦଳୀୟ ବିଧାୟକଙ୍କ ପାଇଁ ସହାୟକ ହୋଇଛି। ହେଲେ ବିଜେଡିରେ ସ୍ଥିତି ପୂରା ଓଲଟା। ନିଜ ଭୋଟ ପୁଞ୍ଜିକୁ କୌଣସିମତେ ବଞ୍ଚାଇବା ପାଇଁ ଏମ୍‌ପି ପ୍ରାର୍ଥୀଙ୍କ ସମ୍ପର୍କରେ ବିଜେଡି ବିଧାୟକ ପ୍ରାର୍ଥୀମାନେ ଗୁରୁତ୍ୱ ଦେଇ ପ୍ରଚାର କରୁନାହାନ୍ତି, କେବଳ ଦଳୀୟ ସୌଜନ୍ୟ ରକ୍ଷା କରୁଥିବା କୁହାଯାଉଛି। ତୃଣମୂଳରେ ଦୁଇ ପ୍ରାର୍ଥୀଙ୍କ ପ୍ରଚାରଶୈଳୀକୁ ନେଇ ଧରିତ୍ରୀ ପକ୍ଷରୁ ବିଭିନ୍ନ ଲୋକଙ୍କ ମତାମତ ନିଆଯାଇଥିଲା। ଜଟଣୀର ରଜନୀ ପାଇକରାୟଙ୍କ କହିବାନୁଯାୟୀ ଅପରାଜିତା ସହଜରେ ଲୋକଙ୍କ ସହ ମିଶି


ଜନାର୍ଦ୍ଦନ ପତି


ଅପରାଜିତା ଷଡଙ୍ଗୀ


ଅରୂପ ପଟ୍ଟନାୟକ

ପାରୁଥିବା ଲକ୍ଷ୍ୟ କରିଛୁ। ହେଲେ ଅରୂପ ଲୋକଙ୍କ ସହ ଭାବଗତ ଭାବେ ଯୋଡି ହେଉ ନ ଥିବା କୁହାଯାଉଛି। ତେଣୁ ଏମ୍‌ପି ଭୋଟ ପାଇଁ ଅପରାଜିତା ପ୍ରଥମ ପସନ୍ଦ ହୋଇଛନ୍ତି। ଭୋଟଦାନ ପୂର୍ବରୁ ଚୂଡାନ୍ତ ନିଷ୍ପତ୍ତି ନେବେ ବୋଲି ରଜନୀ କହିଛନ୍ତି।

ପୂର୍ବ ନିର୍ବାଚନଗୁଡିକରେ କଂଗ୍ରେସ ମଧ୍ୟ ଭୁବନେଶ୍ୱର ଲୋକ ସଭା ଆସନରେ ପ୍ରାର୍ଥୀ ଦେଇ ଆସୁଥିଲା। ହେଲେ ଚଳିତଥର ଏହି ଆସନ ସହଯୋଗୀ ସିପିଏମ୍‌କୁ ପ୍ରଦାନ କରିଛି। ସିପିଏମ୍ ପକ୍ଷରୁ ଜନାର୍ଦ୍ଦନ ପତିଙ୍କୁ ପ୍ରାର୍ଥୀ କରାଯାଇଛି। ହେଲେ ଭୁବନେଶ୍ୱର, ଖୋର୍ଦ୍ଧା, ଜଟଣୀ ଏବଂ ବେଗୁନିଆ ଅଞ୍ଚଳରେ ଦଳର ପୂର୍ବ ସଂଗଠନ ନାହିଁ। ତେଣୁ କଂଗ୍ରେସର ପାରମ୍ପରିକ ଭୋଟ ସିପିଏମ୍‌କୁ ଯିବା ସାମ୍ପ୍ରତିକ ସ୍ଥିତିରେ କଷ୍ଟକର ମନେ ହୁଏ। ଗତ ଥର କଂଗ୍ରେସ ପାଇଥିବା ୧,୪୫,୭୮୩ ଭୋଟ ବିଭାଜନ ହେବା ସୁନିଶ୍ଚିତ ବୋଲି ଜନୈକ କଂଗ୍ରେସ ନେତା କହିଛନ୍ତି। ଏହା ଶାସକ ବିରୋଧୀ ଭୋଟ ହୋଇଥିବାରୁ ଏହାର ଏକ ବୃହତ୍ ଅଂଶ ଭାଜପାକୁ ଯିବାର ସମ୍ଭାବନା ରହିଛି। କଂଗ୍ରେସ ବିଧାୟକ ପ୍ରାର୍ଥୀମାନେ ମଧ୍ୟ ସହଯୋଗୀ ଲୋକ ସଭା ପ୍ରାର୍ଥୀଙ୍କ ପାଇଁ ଗୁରୁତ୍ୱ ସହ ପ୍ରଚାର କରୁଥିବା ଲକ୍ଷ୍ୟ କରାଯାଉନାହିଁ। ଗତ ଦୁଇଟି ନିର୍ବାଚନରେ କଂଗ୍ରେସ ବିଧାୟକ ପ୍ରାର୍ଥୀମାନେ ଭୁବନେଶ୍ୱରର ୩ଟି ବିଧାନସଭା ଆସନରେ ତୃତୀୟ ସ୍ଥାନରେ ରହିଥିଲେ। ଚଳିତଥର ଭୁବନେଶ୍ୱର(ଜୟଦେବ) ଆସନରେ କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ହୋଇଯାଇଛି। ଉକ୍ତ ନିର୍ବାଚନମଣ୍ଡଳୀରେ ଏମ୍‌ପି କିମ୍ବା ବିଧାୟକ ଭୋଟରେ କଂଗ୍ରେସର ହାତ ଚିହ୍ନ ଏକପ୍ରକାର ନିଶ୍ଚିହ୍ନ ହୋଇଯାଇଛି। ତେଣୁ ସେଠାରେ ଭାଜପା ପୂର୍ବାପେକ୍ଷା ବହୁତ ଭଲ କରିବା ନେଇ ଆଶାବାଦୀ।

ଭୁବନେଶ୍ୱର(ମଧ୍ୟ)ଆସନରେ ବିଜେଡି–ଭାଜପା ପ୍ରତିଦ୍ୱନ୍ଦ୍ୱିତା ଜୋର ହେଉଛି। ଏହି ବିଧାନସଭା ଆସନରେ ବିଜେଡିର ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନା ଏବଂ ଭାଜପାର ଜଗନ୍ନାଥ ପ୍ରଧାନଙ୍କ ମଧ୍ୟରେ ମୁକାବିଲା ହେଉଛି। ସାଂଗଠନିକ ଦକ୍ଷତା ବିଜେଡି ବିଧାୟକ ପ୍ରାର୍ଥୀଙ୍କୁ ସାମାନ୍ୟ ସୁବିଧା ଦେଇପାରେ, ହେଲେ ଏମ୍‌ପି ପାଇଁ ଅଧିକାଂଶ ଭୋଟର ଅପରାଜିତାଙ୍କୁ ହିଁ ପ୍ରଥମ ପସନ୍ଦ କହିଛନ୍ତି। ଅପରପକ୍ଷରେ ଭାଜପା ଭୁବନେଶ୍ୱର ଏକାମ୍ର ଏବଂ ଉତ୍ତର ନିର୍ବାଚନମଣ୍ଡଳୀରେ ଆଶାୟୀଙ୍କୁ ଟିକେଟ୍ ଦେଇ ନ ଥିଲା। ଏହା ଦଳ ପାଇଁ ଅଡୁଆ ସୃଷ୍ଟି କରୁଥିବା ଆଲୋଚନା ହେଉଛି। ସେହିପରି ଜଟଣୀ ବିଧାନସଭା ଆସନ ପାଇଁ ଲଢେଇ କଂଗ୍ରେସ–ବିଜେଡି ମଧ୍ୟରେ ହେଉଥିବା ଚର୍ଚ୍ଚା ହେଉଛି। ଏଠାରେ ୨୦୧୪ ନିର୍ବାଚନରେ ଭାଜପା ବିଧାୟକ ପ୍ରାର୍ଥୀ ଯେତିକି ଭୋଟ୍ ପାଇଥିଲେ, ଏମ୍‌ପି ପ୍ରାର୍ଥୀ ତାଙ୍କଠାରୁ ୧୦,୦୦୦ ଅଧିକ ଭୋଟ ପାଇଥିଲେ। ଚଳିତ ଥର ଏହି ବ୍ୟବଧାନରେ ପରିବର୍ତ୍ତନ ହେବ ବୋଲି ସ୍ଥାନୀୟ ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି। ସେହିପରି ଖୋର୍ଦ୍ଧା ବିଧାନସଭା ଆସନରେ ବିଜେଡି ବିଧାୟକ ପ୍ରାର୍ଥୀ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ମୁକାବିଲା ଭାଜପାର କାଲୁ ଖଣ୍ଡେଇତରାୟଙ୍କ ସହ ହେଉଛି। କିଛିଦିନ ତଳେ ମଙ୍ଗୁଳି ଜେନା ନାମକ ଭାଜପା ନେତାଙ୍କୁ ହତ୍ୟା କରାଯାଇଛି। ଏହି ଘଟଣା ଶାସକ ଦଳକୁ ଅଡୁଆରେ ପକାଇପାରେ ବୋଲି ଆଲୋଚନା ହେଉଛି। ଅପରାଜିତା ସ୍ୱତନ୍ତ୍ରଭାବେ ସାଂଗଠନିକ କାର୍ଯ୍ୟ ଖୋର୍ଦ୍ଧାରେ କରିଥିବାରୁ ଦଳମତ ନିର୍ବିଶେଷରେ ଏମ୍‌ପି ଭୋଟ ପାଇପାରନ୍ତି ବୋଲି କୁହାଯାଉଛି। ସେହିପରି ବେଗୁନିଆ ବିଧାନସଭା କ୍ଷେତ୍ରରେ ଅପରାଜିତାଙ୍କ ପାଇଁ ସ୍ୱତନ୍ତ୍ର କ୍ରେଜ୍ ରହିଛି। ଏହି ଆସନ ସମେତ ଗ୍ରାମାଞ୍ଚଳର ପ୍ରତି ଜୋନ୍‌ରେ ଟିମ୍ ଅପରାଜିତା କାର୍ଯ୍ୟ କରୁଛି। ତେଣୁ ବେଗୁନିଆରୁ ଅପରାଜିତା ବିଜେଡି ପ୍ରାର୍ଥୀଙ୍କୁ ଚକ୍‌ମା ଦେଇପାରିନ୍ତି ବୋଲି କୁହାଯାଉଛି।

ମୋଟ ଉପରେ କହିବାକୁ ଗଲେ ବେଗୁନିଆ, ଖୋର୍ଦ୍ଧା, ଜଟଣୀ ଏବଂ ଜୟଦେବରୁ ଭାଜପା ପ୍ରାର୍ଥୀ ଅପରାଜିତା ବିଜେଡିଠାରୁ ଅଗ୍ରଣୀ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଭୁବନେଶ୍ୱର ୩ ବିଧାନସଭା ଆସନରୁ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ମୋଟ ଭୋଟଠାରୁ ଗତଥର ପ୍ରସନ୍ନ ପାଟଶାଣୀ କମ୍ ଭୋଟ ପାଇଥିଲେ। ଏହାର ପୁନରାବୃତ୍ତି ହେଲେ ସିଧା ଫାଇଦା ଭାଜପାକୁ ଯିବ ବୋଲି ଆଲୋଚନା ହେଉଛି। ତେଣୁ ଲଗାତର ଭାବେ ଗୋଟିଏ ଧାରାରେ ଭୋଟ୍ ଦେଇ ଆସୁଥିବା ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀର ମତଦାତା ପରମ୍ପରା ଭାଙ୍ଗିପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ବିଜେଡିରେ ଯୋଗଦେଲେ ରାଇରଙ୍ଗପୁର କଂଗ୍ରେସ ନେତା, କର୍ମୀ

**ଗଣେଶ୍ୱର ପାରାଦୀପ ପର୍ଯ୍ୟବେକ୍ଷକ**

ଭୁବନେଶ୍ୱର, ୧୯।୪(ବ୍ୟୁରୋ)

ମୟୂରଭଞ୍ଜ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଅଭିଷେକ ପଟ୍ଟନାୟକଙ୍କ ନେତୃତ୍ୱରେ ବହୁ ନେତା ଓ କର୍ମୀ ଶୁକ୍ରବାର ବିଜେଡିରେ ଯୋଗ ଦେଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା।

ବିଜେଡିରେ ଯୋଗ ଦେଇଥିବା ବ୍ୟକ୍ତିବିଶେଷ ହେଉଛନ୍ତି–ଦିବ୍ୟକାନ୍ତ ଖୁଣ୍ଟିଆ, ଭରତ ଭୂଷଣ ମହାନ୍ତ, ଗୌରହରି ପରମାଣିକ, ପୀତବାସ ବରଡ଼ା, ଦିଲୀପ ଦାସ, କୁଶାଳ ଧଳ, ଫିରୋଜ ଖାଁ, ନଗର ସଭାପତି ଭଜହରି ମହାନ୍ତ, ସୋନାଲି ଅପରାଜିତା, ବିଜୟ ମହାନ୍ତ, ହେମନ୍ତ ବାରିକ ଓ ସନତ କୁମାର ନନ୍ଦ ପ୍ରମୁଖ। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ରାଜ୍ୟ ସମ୍ପାଦକ ସୁଶାନ୍ତ ଚୌଧୁରୀ, ରାଇରଙ୍ଗପୁର ନଗର ବିଜେଡି ସଭାପତି ବିଶ୍ୱଜିତ ପଣ୍ଡା, ଛାତ୍ର ବିଜେଡି ସାଧାରଣ ସମ୍ପାଦକ ସାଜିଦ୍ ହୁସେନ୍, ଖୁଦିରାମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ବଡସାହି ବିଧାୟକ ଗଣେଶ୍ୱର ପାତ୍ରଙ୍କୁ ପାରାଦୀପ ବିଧାନସଭା ପାଇଁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି କରାଯାଇଛି। ଜଗଦୀଶ ନାୟକଙ୍କୁ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ପାଇଁ ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି।

### ବିଧାୟକ ପ୍ରାର୍ଥୀ ନୀଳମଣି ବିଶୋଇଙ୍କୁ ଗିରଫ ପ୍ରତିବାଦ

## ନିରପେକ୍ଷ ତଦନ୍ତ ଦାବି କଲା ଭାଜପା

ଭୁବନେଶ୍ୱର, ୧୯।୪(ବ୍ୟୁରୋ)

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ନିର୍ଦ୍ଦେଶରେ ଗଞ୍ଜାମ ଜିଲା ପୋଲିସ ଓ ଜିଲାପାଳ ତଦନ୍ତ ନ କରି ସୋରଡା ଭାଜପା ବିଧାୟକ ପ୍ରାର୍ଥୀ ନୀଳମଣି ବିଶୋଇଙ୍କୁ ଇଭିଏମ୍ ଭାଙ୍ଗିବା ଅଭିଯୋଗରେ ଗିରଫ କରିଛି। କୌଣସି ତଦନ୍ତ ନ କରି ଗିରଫ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ବୁଥ୍‌ରେ ଦିନସାରା ରିଗିଂ ଚାଲୁଥିଲା ଏବଂ ସେଠି ଭାଜପା ଏଜେଣ୍ଟଙ୍କୁ ପୋଲିଂ କେନ୍ଦ୍ରରୁ ବାହାର କରି ଦିଆଗଲା। ପୋଲିଂ ଅଫିସର ବିଜୁ ଜନତା ଦଳକୁ ସୁହାଇଲା ଭଳି ମନମାନି କଲେ। ଖୋଲାଖୋଲି ଭାବେ ବୁଥ୍ ରିଗିଂ ଚାଲିଥିବା ବେଳେ ବିଜେଡି କର୍ମୀମାନେ ଇଭିଏମ୍ ମେଶିନକୁ ତଳେ ଫୋପାଡି ଦେଇଥିଲେ ଓ ତାହା ଭାଙ୍ଗିଯାଇଥିଲା। ହେଲେ ଏହି ଘଟଣାରେ ବିଜେଡିର ସେହି ନେତାମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ବିଶୋଇଙ୍କୁ ଗିରଫ କରାଯାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛି।

ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ସହ ସେଠାକାର ସିସିଟିଭି ଯାଞ୍ଚ କରାଯାଉ ବୋଲି ପ୍ରତିନିଧି ଦଳ ଦାବି କରିଛି। ଏହି ପ୍ରତିନିଧି ଦଳରେ ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ନିର୍ବାଚନ ପ୍ରକୋଷ୍ଠର ସଂଯୋଜକ ଜୟନ୍ତ ଜେନା ଏବଂ ଆଇନଜୀବୀ ସତ୍ୟବ୍ରତ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ପ୍ରସଙ୍ଗ, ପ୍ରାର୍ଥୀଙ୍କୁ ପରଖୁଛନ୍ତି ଭୋଟର

ପୁରୀ ଅଫିସ, ୧୯।୪


ପିନାକୀ ମିଶ୍ର


ସମ୍ବିତ୍ ପାତ୍ର


ସତ୍ୟପ୍ରକାଶ ନାୟକ

**ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀ**

| ନିର୍ବାଚନ ମଣ୍ଡଳୀ | ଭୋଟର ସଂଖ୍ୟା |
|---|---|
| ନୟାଗଡ଼ | ୨,୧୮,୮୧୨ |
| ରଣପୁର | ୨,୦୬,୨୪୫ |
| ଚିଲିକା | ୨,୧୯,୩୪୦ |
| ପୁରୀ | ୨,୩୯,୪୩୧ |
| ବ୍ରହ୍ମଗିରି | ୨,୧୪,୩୦୫ |
| ସତ୍ୟବାଦୀ | ୨,୦୪,୦୭୧ |
| ପିପିଲି | ୨,୨୩,୪୯୪ |
| ମୋଟ | ୧୫,୨୫,୬୯୮ |

ଚର୍ଚ୍ଚାରେ ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀ। ଶ୍ରୀମନ୍ଦିର, ବେଳାଭୂମି, ରତ୍ନଭଣ୍ଡାର, ମହାପ୍ରଭୁଙ୍କ ଅମୃତ ମଣୋହି ଜମି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସାଙ୍ଗକୁ ସିଦ୍ଧମହାବୀର ରେଲୱେ ଓଭରବ୍ରିଜ୍ ନିର୍ମାଣ, ଡ୍ରେନେଜ ଆଦି ନାନା ସମସ୍ୟା ନେଇ ପ୍ରାର୍ଥୀଙ୍କ ମଧ୍ୟରେ ଚାଲିଛି ଆରୋପ ପ୍ରତ୍ୟାରୋପ। ପ୍ରତିଦିନ ପ୍ରମୁଖ ତିନିଦଳ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ପରସ୍ପର ବିରୋଧୀ ବୟାନବାଜି ଚାଲିଛି। ଭାଜପାର ପ୍ରାର୍ଥୀ ସମ୍ବିତ୍ ପାତ୍ର ହୁଅନ୍ତୁ ଅବା ବିଜେଡିର ପିନାକୀ ମିଶ୍ର କିମ୍ବା କଂଗ୍ରେସର ସତ୍ୟପ୍ରକାଶ ନାୟକ ପ୍ରତ୍ୟେକେ ନିଜ ନିଜ ସ୍ତରରେ ବେଶ୍ ପ୍ରତିଷ୍ଠିତ ଚେହେରା। ଆସନ୍ତା ୨୩ରେ ହେବାକୁ ଥିବା ମତଦାନ ପାଇଁ ପ୍ରାର୍ଥୀମାନେ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ଲୋକ ସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟାକୁ ପ୍ରସଙ୍ଗ କରି ଭାଜପା ଓ କଂଗ୍ରେସ ଭୋଟରଙ୍କ ପାଖକୁ ଯାଉଥିବାବେଳେ ବିଜେଡି ତା'ର ବିଜୟଧାରାକୁ ବଜାୟ ରଖିବ ବୋଲି ଆତ୍ମବିଶ୍ୱାସ ରଖିଛି। କିନ୍ତୁ ଏଥର ଭୋଟର ବେଶ୍ ସଚେତନ ଥିବା ଜଣାପଡୁଛି। କାହା କଥାରେ ଢଳି ନ ଯାଇ ନିର୍ବାଚନମଣ୍ଡଳୀର ବିକାଶ କ'ଣ ହୋଇଛି, କିଏ କ୍ଷମତାକୁ ଆସିଲେ ବିକାଶ ପ୍ରକ୍ରିୟା ଅଧିକ ତ୍ୱରାନ୍ୱିତ ହେବ ଏବଂ ସେମାନଙ୍କ ସୁଖଦୁଃଖରେ କିଏ ଭାଗୀଦାର ହୋଇପାରିବେ ତାହାକୁ ପରଖି ଭୋଟ ଦେବେ ବୋଲି ମତ ରଖିଛନ୍ତି।

ପୁରୀ ଲୋକ ସଭା ଆସନ ୭ଟି ନିର୍ବାଚନମଣ୍ଡଳୀକୁ ନେଇ ଗଠିତ। ପୁରୀ ଜିଲାର ପୁରୀ, ସତ୍ୟବାଦୀ, ବ୍ରହ୍ମଗିରି, ପିପିଲି, ନୟାଗଡ଼ ଜିଲାର ରଣପୁର, ନୟାଗଡ଼ ଏବଂ ଖୋର୍ଦ୍ଧା ଜିଲାର ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଏହାର ସୀମା ନିର୍ଦ୍ଧାରଣ ହୋଇଛି। ଗତ ଦୁଇଟି ନିର୍ବାଚନରେ ଜିତିଥିବା ବିଜେଡିର ପିନାକୀ ମିଶ୍ରଙ୍କ ଉପରେ ଏଥର ବି ଆସ୍ଥା ପ୍ରକଟ କରିଛନ୍ତି ଦଳର ମୁଖିଆ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଜେଡିର ବିକାଶମୂଳକ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ପିନାକୀଙ୍କ ପ୍ରଚାରର ପ୍ରମୁଖ ପ୍ରସଙ୍ଗ ପାଲଟିଛି। ଏଥର ବିଜେଡି ସମସ୍ତ ୭ ନିର୍ବାଚନମଣ୍ଡଳୀରେ ଜିତିବ ଏବଂ ଲୋକ ସଭା ଆସନରେ ତାଙ୍କର ବିଜୟ ସୁନିଶ୍ଚିତ ବୋଲି ପିନାକୀ ଗଣମାଧ୍ୟମକୁ କହିଛନ୍ତି।

ଅନ୍ୟପକ୍ଷରେ ପ୍ରଥମ ଥର ପାଇଁ ପୁରୀ ଲୋକ ସଭା ଆସନ ହାତେଇବାକୁ ଅଣ୍ଟା ଭିଡ଼ିଛି ଭାଜପା। ପୁରୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରାର୍ଥୀ ହେଉଥିବା ବେଶ୍ କିଛିଦିନ ଆଞ୍ଚଳିକ ଏବଂ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ସେବେଠାରୁ ପୁରୀ ଆସନ ଭାଜପା ପାଇଁ ଏକ ସମ୍ମାନର ପ୍ରଶ୍ନ ହୋଇଯାଇଛି। ଯଦିଓ ମୋଦି ଏଠାରୁ ପ୍ରାର୍ଥୀ ହୋଇନାହାନ୍ତି କିନ୍ତୁ ଜଣେ ଜାତୀୟସ୍ତରୀୟ ଯୁବ ଚେହେରା ତଥା ଦଳର ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ରଙ୍କୁ ମଇଦାନକୁ ଓହ୍ଲାଇଛି ଦଳ। ସମ୍ବିତ୍ ମଧ୍ୟ ସବୁ ପ୍ରକାର ବଳ, କୌଶଳ ବାଜିରେ ଲଗାଇ ଦେଇଛନ୍ତି। ଗାଁ ପରିବେଶରେ ରହି ନିଆରା ଢଙ୍ଗରେ ପ୍ରଚାର କରୁଛନ୍ତି। ତାଙ୍କର ନାରା 'ଜଗନ୍ନାଥ ଡାକିଛନ୍ତି, ମୋଦି ପଠାଇଛନ୍ତି' ଏବେ ସବୁଠି ଚର୍ଚ୍ଚାରେ। ସମ୍ବିତ୍ କହିଛନ୍ତି, ବିକାଶ ବାଟବଣା ହୋଇଛି। ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ମିଳୁନାହିଁ। ପୁରୀରେ ଭଲ ମେଡିକାଲଟିଏ ନ ଥିବାବେଳେ ଆଇନଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ଯାଇଛି। ପର୍ଯ୍ୟଟନ ଭିତ୍ତିଭୂମି ସୁଦୃଢ଼ କରାଯାଉନାହିଁ। ନୟାଗଡ଼ରେ ଚିନିକଳ ଏବଂ ସତ୍ୟବାଦୀରେ ନଡ଼ିଆକତା ଶିଳ୍ପ ବନ୍ଦ ହୋଇପଡ଼ିଛି। ଭାଜପା ଏ ସବୁକୁ ଫୋକସ କରୁଛି ବୋଲି ସେ କହିଛନ୍ତି।

ସେହିପରି ରାଜନୀତିରେ ପୂର୍ବ ଅଭିଜ୍ଞତା ନ ଥିବା ସତ୍ୟପ୍ରକାଶଙ୍କୁ ଏଠାରୁ ପ୍ରାର୍ଥୀ କରିଛି କଂଗ୍ରେସ। ଗଣମାଧ୍ୟମର ଏହି ଚେହେରା ଆରମ୍ଭରୁ ଉଭୟ ବିଜେଡି ଓ ଭାଜପାକୁ ଟାର୍ଗେଟ କରିଛନ୍ତି। ବିଭିନ୍ନ ସାହି, ବସ୍ତିରେ ବୁଲି ପ୍ରଚାର ଚଳାଇଛନ୍ତି। ବିଜେଡି ଓ ଭାଜପା ମେଣ୍ଟ ସରକାରରେ ଥିବା ସମୟରେ ମହାପ୍ରଭୁଙ୍କୁ ଧୋକ୍କା ଦେଇଛନ୍ତି। ମହାପ୍ରଭୁଙ୍କ ଅମୃତ ମଣୋହୀ ଜମିକୁ ଶାଗମାଛ ଦରରେ ବେଦାନ୍ତ ହାତରେ ଟେକି ଦେଇଛନ୍ତି। ପୁରୀବାସୀଙ୍କ ବହୁଦିନର ଦାବି ସିଦ୍ଧମହାବୀର ରେଲୱେ ଓଭରବ୍ରିଜ୍ ଏ ପର୍ଯ୍ୟନ୍ତ ହୋଇପାରିଲା ନାହିଁ ବୋଲି ସତ୍ୟପ୍ରକାଶ କହିଛନ୍ତି। ରାଜନୀତିରେ ଅଭିଜ୍ଞତା ନୁହେଁ, ଲୋକଙ୍କ ସେବା କରିବାର ଇଚ୍ଛାଶକ୍ତିକୁ ହିଁ ସଫଳତାର ମାପକାଠି ଭାବେ ସେ ଧରିଛନ୍ତି। ବିକାଶ ମୁହଁରେ ନୁହେଁ, ଲୋକଙ୍କୁ ସେବା ଯୋଗାଇବାରେ ପ୍ରତିଫଳିତ ହୋଇଥାଏ ବୋଲି କହିଛନ୍ତି ସତ୍ୟପ୍ରକାଶ।

ପୁରୀ ଲୋକ ସଭା ଅଧୀନ ୭ଟି ନିର୍ବାଚନମଣ୍ଡଳୀର ରାଜନୈତିକ ସ୍ଥିତି ଠିକ୍ ଭାବେ ଆକଳନ କରିବା କଷ୍ଟକର ମନେ ହେଉଛି। ଗତଥର ବିଜେଡି ୬ଟି ଆସନରେ ଜିତିଥିବାବେଳେ ଚିଲିକା ଆସନ ଭାଜପା ଖାତାକୁ ଯାଇଥିଲା। ଏଥର ସବୁଠି ଚିତ୍ର ଅସ୍ପଷ୍ଟ ରହିଛି। ଏଭଳିସ୍ଥିତିରେ ପୁରୀ ବିଧାନସଭା କ୍ଷେତ୍ରର ଭୋଟର ମହେନ୍ଦ୍ର ବିଶୋଇ କହିଛନ୍ତି, ପର୍ଯ୍ୟଟନ ମାନଚିତ୍ରରେ ପୁରୀର ଏକ ସ୍ୱତନ୍ତ୍ରତା ରହିଛି। ଏଠାକୁ ଦେଶବିଦେଶର ପର୍ଯ୍ୟଟକ ଆସୁଛନ୍ତି। ହେଲେ ଏଠାରେ ପର୍ଯ୍ୟଟନ ଭିତ୍ତିଭୂମି ସୁଦୃଢ଼ ହୋଇପାରିଲା ନାହିଁ। ବେଳାଭୂମିର ବିକାଶ ହେଲା ନାହିଁ। ଉଠାଦୋକାନୀଙ୍କ କବ୍‌ଜାରେ ହଜିଯାଉଛି ବେଳାଭୂମିର ସୌନ୍ଦର୍ଯ୍ୟ। ମେଡିକାଲ କଲେଜ ଅଧାପନ୍ତରିଆ ଅବସ୍ଥାରେ ରହିଛି। ତେଣୁ କାହା କଥାରେ କିମ୍ବା ଅର୍ଥ ଲାଳସାରେ ନିଜ ଅଧିକାର ବିକ୍ରି ନ କରି ଭୋଟରମାନେ ଏଥର ସଚେତନ ହୋଇ ଭୋଟ ଦେବେ ବୋଲି ସେ ଆଶା କରୁଛନ୍ତି।

ସତ୍ୟବାଦୀ ନିର୍ବାଚନମଣ୍ଡଳୀର ମତଦାତା ଶ୍ୟାମସୁନ୍ଦର ମହାପାତ୍ର କହିଛନ୍ତି, ପିନାକୀ ମିଶ୍ରଙ୍କ ଉପରେ ଆଶା ରଖି ଭୋଟର ତାଙ୍କୁ ଜିତାଇଥିଲେ। କିନ୍ତୁ ସେ ସତ୍ୟବାଦୀର କୌଣସି ସମସ୍ୟା କିମ୍ବା ଲୋକଙ୍କ ସୁଖଦୁଃଖରେ ସାମିଲ ହେଲେ ନାହିଁ। ପ୍ରଚାରରୁ କଂଗ୍ରେସର ସ୍ଥିତି ଏତେଟା ସୁଦୃଢ ଜଣାପଡୁ ନ ଥିବା ବେଳେ ଭାଜପା ପ୍ରାର୍ଥୀ ସମ୍ବିତ୍ ପାତ୍ରଙ୍କ ପ୍ରଚାର ଶୈଳୀ ଭୋଟରଙ୍କୁ ବେଶ୍ ଆକୃଷ୍ଟ କରିଛି। ତେଣୁ ଏଥର ଫଳାଫଳ ନିଶ୍ଚିତ ଭିନ୍ନ ହୋଇପାରେ ବୋଲି ଆଶା କରାଯାଉଛି। ବ୍ରହ୍ମଗିରି ଅଞ୍ଚଳର ଭୋଟର ଲିଙ୍ଗରାଜ ବଡ଼ଜେନା କହିଛନ୍ତି, ଯାହା ଜଣାପଡୁଛି ଏଥର ଭାଜପା ଓ ବିଜେଡି ମଧ୍ୟରେ ମୁକାବିଲା ହେବ। ଭାଜପା ଏକ ଜାତୀୟ ଦଳ ହୋଇଥିବାବେଳେ ବିଜେଡି ଏକ ଆଞ୍ଚଳିକ ଦଳ। ବିଜେଡି ପ୍ରାର୍ଥୀ ବିଜୟୀ ହେଲେ କେନ୍ଦ୍ରରେ ସରକାର ଗଠନରେ ସେମାନଙ୍କ ଭୂମିକା କ'ଣ ରହିବ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ନାହିଁ। ତେଣୁ ଜାତୀୟ ଦଳ ପ୍ରାର୍ଥୀଙ୍କୁ ହିଁ ମୁଁ ପସନ୍ଦ କରିବି। କିନ୍ତୁ ରାଜ୍ୟର ପ୍ରଗତି ନେଇ ପ୍ରତ୍ୟେକ ଭୋଟର ସଚେତନ ହେବା ଦରକାର।



ଈଶ୍ୱର ଯାହାଙ୍କୁ ରକ୍ଷା କରନ୍ତି, ପୃଥିବୀର କୌଣସି ଶକ୍ତି ତା'ର କିଛି କରିପାରେ ନାହିଁ।
- ସନ୍ଥ କବୀର ଦାସ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଶ୍ୱେତ ସଙ୍କେତ ସାରସ୍ୱତ ମଞ୍ଚର ୩୧ତମ ସମାବର୍ତ୍ତନ ସମାରୋହ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ୟୁ-ଫଙ୍କି ପକ୍ଷରୁ ଓଡ଼ିଶା ସୁପରମଡେଲ, ବେନକ୍ୱେଟ ହଲ, କ୍ୟାମ୍ପସ ୬, କିଟ୍, ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା।
- ବିଏମ୍‌ପିଏସ୍ ତକ୍ଷଶୀଳା ସ୍କୁଲ ପକ୍ଷରୁ ଭୋଟିଂ ସଚେତନତା ପଦଯାତ୍ରା, ସିଆର୍‌ପିଏଫ୍ ଛକଠାରୁ ହୋଟେଲ ମେ ଫେୟାର ଲାଗୁନ ପର୍ଯ୍ୟନ୍ତ, ଅପରାହ୍ନ ୪ଟା ୩୦ରୁ ସନ୍ଧ୍ୟା ୬ଟା ୩୦।
- ହଲମାର୍କ ଅର୍ନାମେଣ୍ଟ ପକ୍ଷରୁ ଦି ମିରାକଲ୍ ଫ୍ୟାକ୍ଟର, ଭଞ୍ଜକଳା ମଣ୍ଡପ, ଅପରାହ୍ନ ୫ଟା।
- ଗୌରକଥା ମଣ୍ଡଳୀ ପକ୍ଷରୁ ଶ୍ରୀଗୌର କଥା ପ୍ରବଚନ, ଇସ୍କନ ମାଉସୀ ମା' ମନ୍ଦିର, ୟୁନିଟ-୮, ସନ୍ଧ୍ୟା ୬ଟାରୁ ରାତି ୯ଟା।
- ଇଲାଇଟ ମ୍ୟୁଜିକ୍ ସର୍କଲ ପକ୍ଷରୁ ଇଲାଇଟ ଷ୍ଟୁଡିଓ ୨୦୧୯, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗୋପୀନାଥ ଇଣ୍ଟରନ୍ୟାଶନାଲର ମିଳିତ ଆନୁକୂଲ୍ୟରେ ୨୮ତମ ଗୋପୀନାଥ ମହାନ୍ତି ସ୍ମାରକୀ ବକ୍ତୃତା, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

**କଟକ**

- ମା' ଅମ୍ବିକା ସାଂସ୍କୃତିକ ପରିଷଦ ପକ୍ଷରୁ ବାଦୀପାଲା ପରିବେଷଣ, ଉତ୍ତାରଣ, ସନ୍ଧ୍ୟା ୮ଟା।
- ସୋତୋକାନ୍ କରାଟେ ସେଣ୍ଟରର ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା, ବିଜୟଗୋବିନ୍ଦ ଭବନ, ଦୋଳମୁଣ୍ଡାଇ, ପୂର୍ବାହ୍ନ ୧୦ଟା।

**ପୁରୀ**

- ଶ୍ରୀରାମ ଚରିତ ମାନସ ପାରାୟଣ, ରୁଆ, ଚନ୍ଦନପୁର, ସକାଳ ୮ଟା।
- ଜଳଛତ୍ର, ବ୍ରାହ୍ମଣ ବୋଡିଂ ଛକ, ସକାଳ ୯ଟା।
- ଶୀତଳ ବାଞ୍ଛ ସେବା ଶିବିର, ପୌର ସଦନ ଛକ, ପୂର୍ବାହ୍ନ ୧୦ଟା।
- ଏସ୍‌ଏମ୍‌ସି କଲେଜ ପକ୍ଷରୁ ସାହିତ୍ୟ ଆଲୋଚନାଚକ୍ର ଓ ବିଦାୟୀ ସମ୍ବର୍ଦ୍ଧନା, ପୂର୍ବାହ୍ନ ୧୦ଟା ୧୫ମିନିଟ୍।
- ମାନବ ସେବା କେନ୍ଦ୍ର ପକ୍ଷରୁ ଜଳଛତ୍ର, ବଡଶଙ୍ଖ ବଜାର, ସକାଳ ୧୦ଟା ୩୦।

**ଖୋର୍ଦ୍ଧା**

- ଉନବିଂଶତମ ବାର୍ଷିକ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ ଓ ମହାଯଜ୍ଞର ୭ମ ଦିବସ, ଶ୍ରୀ ଶ୍ରୀ ସଙ୍କଟମୋଚନ ମହାବୀର ଦେବଙ୍କ ବିଜେସ୍ଥଳୀ ଜରିପୁଟ୍ ତନ୍ତ ମୁଣ୍ଡିଆ, ଲଙ୍କାପୋଡି ଉତ୍ସବ, ସନ୍ଧ୍ୟା ୬ଟା। ପ୍ରବଚନ, ରାତ୍ର ୮ଟା।
- ପଞ୍ଚବିଂଶତମ ସାମ୍ବତ୍ସରିକ ଉତ୍ସବ ଓ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ ଓ ସାନ୍ଧ୍ୟ ପ୍ରବଚନର ଜ୍ଞାନଯଜ୍ଞର ସପ୍ତମ ଦିବସ ପ୍ରବଚନ, ଶ୍ରୀରାମ ନଗର, ସନ୍ଧ୍ୟା ୭ଟା ୩୦।

**ବାଲିଅନ୍ତା**

- ଦୟଣା ଚୋରି ମେଳନର ତୃତୀୟ ଦିବସ, ଭିଙ୍ଗାରପୁର, ଶ୍ରୀବକ୍ରେଶ୍ୱର ମନ୍ଦିର ନିକଟ ପଡ଼ିଆ, ସକାଳ ୯ଟା।
- ୪୦ତମ ବାର୍ଷିକ ରାମଲୀଳା ଉପଲକ୍ଷେ ଗୀତିନାଟ୍ୟ ପରିବେଷଣ, ରାମଲୀଳା ପଡ଼ିଆ, ବେଣୁପୁର, ରାତି ୧୨ଟା।
- ରାମଲୀଳାର ନାଟକ 'ରାମହନୁ ଭେଟ', କାକରୁଦ୍ରପୁର, ପତିତପାବନ ଦେବ, ମନ୍ଦିର ନିକଟ, ରାତି ୧୨ଟା।



ରାବଣ ଓ ହନୁମାନ ବେଶଧାରୀ ସାହି ପରିକ୍ରମା କରୁଛନ୍ତି।



ସାହିଯାତ ଅବସରରେ କୁଣ୍ଢେଇବେଣ୍ଟ ସାହିରୁ ବାହାରିଥିବା ସପ୍ତଶିରା।

# ମାୟାମୃଗ, ସୀତାଙ୍କୁ ହରଣ କଲେ ରାବଣ

## ଶ୍ରୀକ୍ଷେତ୍ରରେ ସାହିଯାତ

- କୁଣ୍ଢେଇବେଣ୍ଟ ସାହି ଜନସମୁଦ୍ର
- ସୁନା ହରିଣ ପଛରେ ଦୌଡ଼ିଲେ ଶ୍ରୀରାମ

**ପୁରୀ ଅଫିସ, ୧୯।୪**

ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଥିବା ସାହିଯାତର ଶୁକ୍ରବାର ଥିଲା ୫ମ ସନ୍ଧ୍ୟା। ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ମାୟାମୃଗ ଓ ସୀତା ହରଣ ପ୍ରସ୍ତାବ ଆଗତ ହୋଇଥିଲା। ପିତୃ ସତ୍ୟ ରକ୍ଷା କରି ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ ଏବଂ ପତ୍ନୀ ସୀତାଙ୍କ ସହ ୧୪ବର୍ଷ ବନବାସରେ ଯାଇ ପଞ୍ଚବଟୀ ବନରେ କୁଡିଆ କରି ଅବସ୍ଥାନ କରୁଥିଲେ। ରାବଣର ନିର୍ଦ୍ଦେଶ କ୍ରମେ ମାୟାବୀ ମାରିଚ ଏକ ସୁନା ହରିଣର ରୂପ ଧରି ପଞ୍ଚବଟୀରେ ପହଞ୍ଚିଥିଲେ। ତାର ରୂପ ଦେଖି ଜାନକୀ ମୋହିତ ହୋଇ ତାକୁ ଧରି ଆଣିବା ଲାଗି ଶ୍ରୀରାମଙ୍କୁ ଅନୁରୋଧ କରିବାରୁ ଲକ୍ଷ୍ମଣଙ୍କୁ ସୀତାଙ୍କ ସୁରକ୍ଷା ଦାୟିତ୍ୱ ଦେଇ ଶ୍ରୀରାମ ତାକୁ ଆଣିବାକୁ ବାହାରିଥିଲେ। ମାୟାମୃଗ ଶ୍ରୀରାମଙ୍କୁ ପଞ୍ଚବଟୀ ଠାରୁ ବହୁ ଦୂରକୁ ନେଇଯିବାରୁ ଫେରିବା ବିଳମ୍ବ ଦେଖି ଜାନକୀ ବ୍ୟତିବ୍ୟସ୍ତ ହୋଇପଡନ୍ତି। ଏହି ସମୟରେ ଶ୍ରୀରାମଙ୍କ ଅସ୍ତ୍ରରେ ହରିଣ ଆହତ ହୋଇ ନିଜ ରୂପକୁ ଫେରି ବଞ୍ଚାଅ ଲକ୍ଷ୍ମଣ ଓ ସୀତେ ବୋଲି ପାଟି କରନ୍ତି। ଭାତ୍ରାଙ୍କୁ ସହଯୋଗ ଲାଗି ଯିବା ଲାଗି ଜାନକୀ ଲକ୍ଷ୍ମଣଙ୍କୁ ବାଧ କରନ୍ତି। ଶେଷରେ ଲକ୍ଷ୍ମଣ ମାତାଙ୍କ କୁଡିଆ ଘର ଚାରିପଟେ ଏକ ରେଖା ଟାଣି ଚାଲିଯାଆନ୍ତି। ଲକ୍ଷ୍ମଣ ଚାଲିଯିବାରେ ଲଙ୍କାପତି ରାବଣ ଏକ ସାଧୁ(ଛଦ୍ମବେଶ)ବେଶରେ ପଞ୍ଚବଟୀ କୁଡିଆ ଘରକୁ ପ୍ରବେଶ କରିବା ଲାଗି ଉଦ୍ୟମ କରି ବିଫଳ ହୁଅନ୍ତି। କୁଡିଆ ଆଗରେ ଠିଆ ହୋଇ ଭିକ୍ଷା ମାଗନ୍ତି। ଲକ୍ଷ୍ମଣଙ୍କ ନିର୍ଦ୍ଦେଶ କ୍ରମେ ଜାନକୀ ଟଣାଯାଇଥିବା ରେଖା ବଳୟକୁ ପାର ନ କରି ଭିକ୍ଷା ଦିଅନ୍ତି। ତେବେ ଛଦ୍ମବେଶୀ ରାବଣଙ୍କ ବାରମ୍ବାର ଅନୁରୋଧ ପରେ ସୀତା ରେଖା ବାହାରକୁ ବାହାରି ଭିକ୍ଷା ଦେବା ବେଳେ ରାବଣ ସୀତାଙ୍କୁ ହରଣ କରି ନିଅନ୍ତି।

ଶ୍ରୀରାମ ନବମୀ ଠାରୁ ଆରମ୍ଭ ହୋଇଥିବା ସାହିଯାତକୁ ନେଇ ଶ୍ରୀକ୍ଷେତ୍ର ଉତ୍ସବମୁଖର ହୋଇ ଉଠିଛି। ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀରେ ରାମଲୀଳାର ମାୟା ମୃଗ ଓ ସୀତା ହରଣ ନୀତି ସମ୍ପର୍ଣ୍ଣ ହୋଇଛି। ୨୨ଟି ଜାଗା ଆଖଡାକୁ ନେଇ ଗଠିତ କୁଣ୍ଢେଇବେଣ୍ଟ ସାହି ପକ୍ଷରୁ ଏହି ନୀତି ସମ୍ପାଦନ କରାଯାଇଛି। ଶୁକ୍ରବାର ରାବଣ ବେଶଧାରୀ ସାହିରୁ ପଟୁଆରରେ ବାହାରି ସିଂହଦ୍ୱାର ଯାଇଥିଲେ। ସେଠାରେ ପତିତପାବନ, ନୀଳଚକ୍ରକୁ ଦର୍ଶନ କରି ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହା ପରେ ରାବଣ ପଟୁଆରରେ କୁଣ୍ଢେଇବେଣ୍ଟ ସାହି ପରିକ୍ରମା କରିଥିଲେ। ସନ୍ଧ୍ୟାରେ ପୁଣି ପଟୁଆରରେ ବାହାରି ଲବଣିଖିଆ ଛକ-ଜେନାରୀ ଗଛ- କରତି ସାହି ଦେଇ ଦୋଳମଣ୍ଡପ ସାହିକୁ ଯାଇ ପରିକ୍ରମା କରିଥିଲେ। ସେଠାରୁ ସିଂହଦ୍ୱାର ଦେଇ ଶ୍ରୀଜଗନ୍ନାଥ ବଲ୍ଲଭରେ ପହଞ୍ଚିଥିଲେ। ଅନ୍ୟପଟେ ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ଓ ଦକ୍ଷିଣୀ ଘର ଭୋଗ ନୀତି ସରିବା ପରେ ଠାକୁରମାନେ ବିମାନରେ ବିଜେକରି ଜଗନ୍ନାଥ ବଲ୍ଲବ ମଠକୁ ଯାଇଥିଲେ ସେଠାରେ ମାୟାମୃଗ ଓ ସୀତାହରଣ ନୀତି ସମ୍ପନ୍ନ ହୋଇଥିଲା।

# ୯୦ ବର୍ଷ ପରେ ନୂଆରୂପରେ 'ବାସନ୍ତୀ'

## ଓଡ଼ିଆ ସାହିତ୍ୟର ପ୍ରଥମ ସାମଗ୍ରିକ କୃତି

**ଭୁବନେଶ୍ୱର,୧୯।୪(ବ୍ୟୁରୋ)**

୯୦ବର୍ଷ ପୂର୍ବେ ପ୍ରକାଶ ପାଇଥିବା ଲୋକପ୍ରିୟ ଓଡ଼ିଆ ଉପନ୍ୟାସ ପୁସ୍ତକ 'ବାସନ୍ତୀ' ଏକ ସମ୍ପୂର୍ଣ୍ଣ ନୂଆରୂପରେ ପାଠକଙ୍କ ନିକଟକୁ ଆସିଛି। ଓଡ଼ିଆ ସାହିତ୍ୟର ସବୁଜ ଯୁଗର ଏହି ଚର୍ଚ୍ଚିତ ପୁସ୍ତକ ଆଧୁନିକ ଯୁଗର ପାଠକମାନଙ୍କ ପାଇଁ ଇଂଲିଶରେ ଅନୂଦିତ ହୋଇଛି। ପ୍ରଫେସର ହିଂମାଶୁ ଏସ୍. ମହାପାତ୍ର ଓ ପ୍ରଫେସର ପଲ୍ ସେଣ୍ଟ୍ ପିୟର୍‌ଙ୍କ ଦ୍ୱାରା ରଚିତ ବାସନ୍ତୀର ଇଂଲିଶ ଅନୁବାଦ 'ବାସନ୍ତୀ: ରାଇଟିଂ ଦି ନ୍ୟୁ ଓମ୍ୟାନ୍' ଓଡ଼ିଆ ସାହିତ୍ୟର ପ୍ରାଚୁର୍ଯ୍ୟ ତଥା ଗରିମାର ଇତିହାସକୁ ବିଶ୍ୱସ୍ତରରେ ପହଞ୍ଚାଇବାର ଲକ୍ଷ୍ୟ ରଖିଛି।

ସବୁଜ ଯୁଗର ୯ଜଣ କାଳଜୟୀ ସାହିତ୍ୟିକଙ୍କ କଲମରୁ ଉଦ୍ଧୃତ 'ବାସନ୍ତୀ' ଓଡ଼ିଆ ସାହିତ୍ୟର ଏକ କାଳଜୟୀ କୃତି। ଅନ୍ନଦା ଶଙ୍କର ରାୟ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ଶରତ ଚନ୍ଦ୍ର ମୁଖାର୍ଜୀ, ହରିହର ମହାପାତ୍ର, ମୁରଲୀଧର ମହାନ୍ତି, ବୈଷ୍ଣବ ଚରଣ ଦାସ, ସୁପ୍ରଭା ଦେବୀ, ପ୍ରତିଭା ଦେବୀ ଓ ଶାରଳା ଦେବୀଙ୍କ ଭଳି ମହାନ୍ ସାହିତ୍ୟିକଙ୍କ ରଚନାରୁ ସୃଷ୍ଟି ଏହି ପୁସ୍ତକ ଗବେଷଣା, ନୂତନତ୍ୱ ଏବଂ ସାମଗ୍ରିକ କୃତିର ଏକ ଉତ୍କୃଷ୍ଟ ଉଦାହରଣ। କେବଳ ଏତିକି ନୁହେଁ, ଏହି ପୁସ୍ତକ ଏକାଧିକ ଖ୍ୟାତନାମା ସାହିତ୍ୟିକଙ୍କ ମିଳିତ ରଚନାକୁ ନେଇ ପ୍ରସ୍ତୁତ ଓଡ଼ିଆ ସାହିତ୍ୟର ପ୍ରଥମ ଏବଂ ବର୍ତ୍ତମାନ ସମୟରେ ମଧ୍ୟ ଏକମାତ୍ର ଉପନ୍ୟାସ ପୁସ୍ତକ। 'ଉତ୍କଳ ସାହିତ୍ୟ' ଦ୍ୱାରା ୧୯୨୪ରୁ ୧୯୨୬ ନଭେମ୍ବର ମଧ୍ୟରେ ଧାରାବାହିକ ଭାବେ ସଜାଯିବା ପରେ ୧୯୩୧ରେ ଏହା 'ସବୁଜ ସାହିତ୍ୟ ସମିତି' ଦ୍ୱାରା 'ବାସନ୍ତୀ' ପୁସ୍ତକ ଭାବେ ପ୍ରକାଶିତ ହୋଇଥିଲା। ଏହାପରେ ୧୯୬୮ରେ 'ନ୍ୟୁ ଷ୍ଟୁଡେଣ୍ଟସ୍ ଷ୍ଟୋର୍' ଦ୍ୱାରା ଏହାର ଏକ ସଂଶୋଧିତ ସଂସ୍କରଣ ପ୍ରକାଶ ପାଇଥିଲା। ପରାଧୀନ ସମୟର ଓଡ଼ିଶାରେ ରହୁଥିବା ଉପନ୍ୟାସର ମୁଖ୍ୟ ଚରିତ୍ର ବାସନ୍ତୀ ଓଡ଼ିଆ ନାରୀସମୂହକୁ ପ୍ରତିଫଳିତ କରୁଥିବା ବେଳେ ଏଥିରେ ତାଙ୍କ ସଂଘର୍ଷ ଓ ମୁକ୍ତିର କାହାଣୀ ବର୍ଣ୍ଣନା କରାଯାଇଥିଲା। ତେବେ ଏହି କାଳଜୟୀ ଓଡ଼ିଆ ପୁସ୍ତକକୁ ବିଶ୍ୱସ୍ତରରେ ପହଞ୍ଚାଇବା ତଥା ଆଗାମୀ ପିଢ଼ି ନିକଟକୁ ପୁଣିଥରେ ଆଣିବା ପାଇଁ ଏହାର ଇଂଲିଶ ଅନୁବାଦ କରିଛନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ହିଂମାଶୁ ଏସ୍. ମହାପାତ୍ର। ହିମାଂଶୁଙ୍କ ସହ କାନାଡାସ୍ଥିତ ୟୁନିଭର୍ସିଟି ଅଫ୍ ମଣ୍ଟ୍ରିଲ୍‌ର ପ୍ରଫେସର ପଲ୍ ସେଣ୍ଟ୍ ପିୟର୍ ମିଳିତ ଭାବେ ଏହି ପୁସ୍ତକକୁ ଅନୁବାଦ କରିଛନ୍ତି। ଅକ୍ସଫୋର୍ଡ ୟୁନିଭର୍ସିଟି ପ୍ରେସ୍ ଦ୍ୱାରା ଏହା ପୁଣିଥରେ ଆକର୍ଷଣୀୟ ରୂପ ଓ କଭର୍ ପେଜ୍ ସହ ପ୍ରକାଶିତ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ଭାରତୀୟ ବିଦ୍ୟାଭବନଠାରେ ଏହା ଲୋକାର୍ପିତ ହୋଇଯାଇଛି। ଅନୁବାଦକ ହିମାଂଶୁ ମହାପାତ୍ର କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଅନନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ସେ ପୁସ୍ତକର ଏକ ଅଧ୍ୟାୟକୁ ପଢ଼ି ଶୁଣାଇଥିଲେ। ସାହିତ୍ୟିକା ତଥା ପ୍ରଫେସର ମାଳବିକା ରାୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକ ଲୋକାର୍ପଣ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ଡ. ଏସ୍. ଦୀପିକା ଏହି ପୁସ୍ତକର ସମୀକ୍ଷା କରିଥିଲେ।



# ମେ ୭ରେ ଚନ୍ଦନ ଯାତ୍ରା: ନରେନ୍ଦ୍ରରୁ କଢ଼ାଗଲା ୫ ଡଙ୍ଗା

**ପୁରୀ ଅଫିସ, ୧୯।୪**

ଆସନ୍ତା ମେ ୭ ତାରିଖରୁ ଆରମ୍ଭ ହେବ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା। ବାହାର ଚନ୍ଦନ ଯାତ୍ରାରେ ମହାପ୍ରଭୁ ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳିବେ। ତେଣୁ ଠାକୁରଙ୍କର ନନ୍ଦା ଓ ଭଦ୍ରା ଚାପ ନିର୍ମାଣ ନିମନ୍ତେ ଆରମ୍ଭ ହୋଇଛି ପ୍ରସ୍ତୁତି । ପରମ୍ପରା ମୁତାବକ, ଚୈତ୍ର ପୂର୍ଣ୍ଣିମାରେ ନରେନ୍ଦ୍ର ପୁଷ୍କରିଣୀ ମଧ୍ୟରେ ବୁଡ଼ାଯାଇଥିବା ୫ ଡଙ୍ଗା (୨ଟି ଲେଖାଏ ଡଙ୍ଗାକୁ ଯୋଡି ନନ୍ଦା ଓ ଭଦ୍ରା ଚାପ ଏବଂ ଅନ୍ୟଟି ବୈଜୟନ୍ତୀ)କୁ ଶ୍ରୀମନ୍ଦିରର ଭୋଇ ସେବକମାନେ ଶୁକ୍ରବାର ଉପରକୁ କାଢିଛନ୍ତି। ୩୦ ଜଣ ଭୋଇ ସେବକ ୫ ଘଣ୍ଟାରୁ ଉର୍ଦ୍ଧ୍ୱ ପରିଶ୍ରମ କରି ଡଙ୍ଗାଗୁଡ଼ିକୁ ପାଣି ଭିତରୁ ବାହାର କରିଛନ୍ତି।

ଏ ସମ୍ପର୍କରେ ଭୋଇ ସର୍ଦ୍ଦାର ରବି ଭୋଇ କୁହନ୍ତି, ଚନ୍ଦନ ଯାତ୍ରା ଶେଷ ହେବା ପରେ ଚାପ ୨ଟିକୁ ଖୋଲାଯାଏ। ଚନ୍ଦନ ଯାତ୍ରାରେ ସାମିଲ ୫ଟି ଡଙ୍ଗାକୁ ନରେନ୍ଦ୍ରରେ ବୁଡାଇ ରଖାଯାଏ। ପରମ୍ପରା ଅନୁଯାୟୀ, ପ୍ରତିବର୍ଷ ଚୈତ୍ର ପୂର୍ଣ୍ଣିମା ଦିନ ଡଙ୍ଗାଗୁଡ଼ିକୁ ବାହାର କରିଥାଉ। ସେଗୁଡ଼ିକୁ ଆଣି ନରେନ୍ଦ୍ର କଡ଼ରେ ରଖାଯାଏ। ଶୁଖିବା ପରେ ସେଥିରେ ଆବଶ୍ୟକ ମରାମତି ସହ ରଙ୍ଗ ଦିଆଯାଏ। ଶ୍ରୀମନ୍ଦିର ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି, ଚନ୍ଦନ ଯାତ୍ରାର ୪ ଦିନ ପୂର୍ବରୁ ଚାପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ। ବିଶ୍ୱକର୍ମାମାନେ ଚାପ ନିର୍ମାଣ କରନ୍ତି। ଦୁଇଟି ଡଙ୍ଗାକୁ ନେଇ ଗୋଟିଏ ଗୋଟିଏ ଚାପ ପ୍ରସ୍ତୁତ ହୁଏ। ଦୁଇ ଚାପ ନନ୍ଦା ଓ ଭଦ୍ରା ଆଗରେ ବୈଜୟନ୍ତୀ ଡଙ୍ଗା ରହିଥାଏ। ନନ୍ଦା ଚାପରେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଅବସ୍ଥାନ କରନ୍ତି ଏବଂ ଭଦ୍ରା ଚାପରେ ରାମକୃଷ୍ଣ ଏବଂ ପଞ୍ଚ ମହାଦେବ ବିଜେ କରି ଚାପ ଖେଳିଥାନ୍ତି। ବୈଜୟନ୍ତୀରେ ତେଲିଙ୍ଗି ବାଜା ବଜାଯାଏ।

# କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କରୁ ନ ଥିବା ରାଜ୍ୟ ସରକାରଙ୍କୁ ହଟାଅ: ରାଜନାଥ

**କଟକ ସଦର, ୧୯।୪ (ଡି.ଏନ୍.ଏ.)**

## ଭାଜପାର ବିଜୟ ସଂକଳ୍ପ ସମାବେଶ





କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କରିପାରୁ ନ ଥିବା ରାଜ୍ୟ ସରକାର ଓଡ଼ିଶାର ପ୍ରଗତିରେ ମୁଖ୍ୟ ପ୍ରତିବନ୍ଧକ ସାଜିଛନ୍ତି। ଆସନ୍ତା ସାଧାରଣ ନିର୍ବାଚନରେ ଅପାରଗ ରାଜ୍ୟ ସରକାରକୁ ହଟାଇ ଭାଜପାକୁ କ୍ଷମତାସୀନ କରିବା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। କଟକ ସଦର ନିର୍ବାଚନ ମଣ୍ଡଳୀ ଅଧୀନ କିଶୋର ନଗରଠାରେ ଶୁକ୍ରବାର ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ରାଜନାଥ ଯୋଗଦେଇ କେନ୍ଦ୍ର ସରକାରଙ୍କ ସଫଳତା ସମ୍ପର୍କରେ କହିଥିଲେ। ୨୦୧୪ ସୁଦ୍ଧା ୧୦ଟି ବିତ୍ତଶାଳୀ ଦେଶ ମଧ୍ୟରେ ଭାରତ ନବମ ସ୍ଥାନରେ ରହିଥିବାବେଳେ ୨୦୧୯ରେ ଏହା ଷଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି। ସେହିପରି କଂଗ୍ରେସ ସରକାର ଅମଳରେ ୧୨ କୋଟି ପରିବାରକୁ ଗ୍ୟାସ୍ ସଂଯୋଗ ମିଳିଥିବାବେଳେ ମୋଦି ସରକାର ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ଗତ ସାଢେ ୪ ବର୍ଷ ମଧ୍ୟରେ ୧୩କୋଟି ପରିବାରକୁ ନୂଆ ଗ୍ୟାସ୍ ସଂଯୋଗ ଦେଇଥିବା ନେଇ ରାଜନାଥ କହିଥିଲେ। ତେଣୁ କେନ୍ଦ୍ର ଓ ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ ସରକାରକୁ କ୍ଷମତାସୀନ କରିବା ପାଇଁ ରାଜନାଥ କହିଥିଲେ। ଏଥିସହ ଦଳୀୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ୍ ଦେଇ ଜିତାଇବା ପାଇଁ ସେ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଏହି ସମାବେଶରେ ଦଳର କଟକ ଲୋକ ସଭା ପ୍ରାର୍ଥୀ ପ୍ରକାଶ ମିଶ୍ର, କଟକ ସଦର ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଦିଲ୍ଲୀପ ମଲ୍ଲିକଙ୍କ ସମେତ ହୃଷୀକେଶ ଜେନା, ବିନୋଦ ଦାଶ, ସାଧୁ ଜେନା, ବ୍ଲକ ଅଧ୍ୟକ୍ଷା ଶ୍ରୀମନ୍ତିନୀ ବେହେରା, ପ୍ରତିଭା ଶତପଥୀ ଓ କ୍ଷୀରୋଦ ଚନ୍ଦ୍ର ଦଳେଇ ଉପସ୍ଥିତ ଥିଲେ। ଭାଜପା ରାଜ୍ୟ ସମ୍ପାଦକ ସତ୍ୟ ଜେନା ଧନ୍ୟବାଦ ଦେଇଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ । ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି : metroselfie@gmail.com



ଯୋଗେନ୍ଦ୍ର



ସୁମନ



ପ୍ରଶାନ୍ତ



ମଧୁସ୍ମିତା



ସୁଧୀର



ଶୁଭାଂଶୁ



ଚିନ୍ମୟ



ଜ୍ୟୋତିରଞ୍ଜନ



ଏ ସାରା ସଂସାରର ଗୁରୁ କେବଳ ଜଗନ୍ନାଥ ଅଟନ୍ତି। ଦ୍ୱିତୀୟ ଗୁରୁ କେହି ନାହାନ୍ତି।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ଅଗ୍ନିକାଣ୍ଡ: ଜଳିଗଲା ୨ବଖରା

ବାରଙ୍ଗ,୧୯।୪(ଡି.ଏନ୍.ଏ.):ଶୁକ୍ରବାର ଦ୍ୱିପ୍ରହରରେ ରାଜଧାନୀ ଉପକଣ୍ଠ ବରିମୁଣ୍ଡ ଗ୍ରାମର ସୁବାସ ଚନ୍ଦ୍ର ଦାସ ନାମକ ବ୍ୟକ୍ତିଙ୍କ ଘରେ ନିଆଁଲାଗି ୨ବଖରା ଚାଳଘର ପୋଡିଯାଇଛି। ଘରଭିତରେ ଥିବା ଧାନଚାଉଳ, ଆସବାସପତ୍ର ସବୁ ଜଳିଯାଇଛି। ଖବରପାଇ ଚନ୍ଦ୍ରଶେଖରପୁରୁ ଏ ଦମକଳ ଯାଇ ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଘରପଛ ପଟେ ବାରି ରହିଥିବାବେଳେ ଚାଳଘରକୁ ଲାଗି ନଡା ଗଦା ହୋଇଥିଲା। ଏହି ନଡାଗଦା ଉପରେ ଘରକୁ ବିଦ୍ୟୁତ ସଂଯୋଗ ପାଇଁ ବିଦ୍ୟୁତ ତାର ଯାଇଥିବାରୁ ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବାର ଅନୁମାନ ହେଉଛି। ଏହି ଗରିବ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବିଜେଡି ପାର୍ଟି ଅଫିସ ପୋଡିଦେଲେ

ପୁରୁଣା ଭୁବନେଶ୍ୱର,୧୯। ୪(ଡି.ଏନ.ଏ.): ରାଜଧାନୀ ଭୁବନେଶ୍ୱର ଏକାମ୍ର, ମଧ୍ୟ ଓ ଉତ୍ତରର ତିନୋଟି ଯାକ ବିଧାନସଭା ଏବଂ ଗୋଟିଏ ଲୋକ ସଭା ପାଇଁ ଆସନ୍ତା ୨୩ ରେ ଭୋଟ ଗ୍ରହଣ କରାଯିବ। ତେବେ ନିର୍ବାଚନ ପ୍ରଚାର ସମୟରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ଗୁରୁବାର ବିଳମ୍ବିତ ରାତିରେ ସୁନ୍ଦରପଦାସ୍ଥିତ ଶଙ୍କରାବଜାରଠାରେ ଥିବା ୬୭ ନଂ. ୱାର୍ଡର ବିଜେଡିର ଏକ ପାର୍ଟି ଅଫିସ୍‌କୁ କେହି ଦୁର୍ବୃତ୍ତମାନେ ପେଟ୍ରୋଲ ପକାଇ ଜାଳି ଦେଇଥିବା ନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ ହୋଇଛି।

### ଜଳିଗଲା ଘର

ଭୁବନେଶ୍ୱର,୧୯।୪(ବ୍ୟୁରୋ):ମଞ୍ଚେଶ୍ୱର ଥାନା ଅଧୀନ ବରିମୁଣ୍ଡ ଗାଁରେ ଶୁକ୍ରବାର ରାତି ପ୍ରାୟ ୮ଟାରେ ନିଆଁ ଲାଗି ରମାକାନ୍ତ ଦାସଙ୍କ ଘର ପୋଡ଼ିଯାଇଛି। ଏହି ଅଗ୍ନିକାଣ୍ଡ ଶର୍ଟସର୍କିଟରୁ ଘଟିଥିବା ଜଣାପଡ଼ିଛି। ଘରଟି ଚାଳ ଘର ହୋଇଥିବାରୁ ନିଆଁ ହଠାତ୍ ଜଳି ଉଠିଥିଲା। ତେବେ ଘରେ ଥିବା ଲୋକେ ବାହାରକୁ ଦୌଡ଼ି ଚାଲିଆସିଥିଲେ। ଫଳରେ ସେମାନେ ଅଗ୍ନିକାଣ୍ଡରୁ ବର୍ତ୍ତିଯାଇଛନ୍ତି। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହାପରେ ଅଗ୍ନିବିପନ୍ନଙ୍କ ଘରକୁ ଉତ୍ତର ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ସୁଶାନ୍ତ ରାଉତ ଦଳୀୟ କର୍ମୀଙ୍କ ସହ ପରିଦର୍ଶନ କରିଥିଲେ।

### ବିରିଡିରୁ ଚୋରି ଟ୍ରାକ୍ଟର ବେଣ୍ଟପୁରରୁ ଜବତ

ବାଲିଅନ୍ତା,୧୯।୪(ଡି.ଏନ୍.ଏ.): ଜଗତ୍‌ସିଂହପୁର-ପୁରୀ ଜିଲା ବିରିଡି ଥାନା ଅଞ୍ଚଳରୁ ଚୋରି ହୋଇଥିବା ଏକ ଟ୍ରାକ୍ଟରକୁ ବାଲିଅନ୍ତା ପୋଲିସ ଗୁରୁବାର ରାତିରେ ବେଣ୍ଟପୁରର ଏକ ବିଲ ଗହୀରରୁ ଜବତ କରିଛି। ତେବେ ଟ୍ରାକ୍ଟରକୁ ଚୋରି କରିଥିବା ଦୁର୍ବୃତ୍ତମାନେ ବିକ୍ରି କରିବା ଉଦ୍ଦେଶ୍ୟରେ ଗାଡ଼ିର ସମସ୍ତ ପାର୍ଟ୍ସ ଖୋଲି ଦେଇଥିଲେ। କିନ୍ତୁ ଚୋରା ଟ୍ରାକ୍ଟରଟିର ବ୍ୟାଟେରି ଓ ପଛ ଡାଲାକୁ ଦୁର୍ବୃତ୍ତମାନେ କାଢ଼ି ନେଇଯାଇଛନ୍ତି। ପ୍ରକାଶ ଯେ, ଗତ ରବିବାର ବିଳମ୍ବିତ ରାତିରେ ବିରିଡ଼ି ଥାନା ୨୨ମୌଜା ଚାଷଖଣ୍ଡ ଗ୍ରାମର ହାପି ମହାରଣାଙ୍କ ଘର ଆଗରୁ ଏହି ଟ୍ରାକ୍ଟରଟି ଚୋରି ହୋଇଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଗୁରୁବାର ରାତିରେ ବେଣ୍ଟପୁର ଗ୍ରାମର ଏକ ବିଲ ଗହୀରରୁ ୩ଦୁର୍ବୃତ୍ତ ଗୋଟିଏ ଟ୍ରାକ୍ଟରର କେତେକ ପାର୍ଟ୍ସ ଖୋଲୁଥିବାର କୌଣସିସୂତ୍ରରୁ ଖବରପାଇ ବାଲିଅନ୍ତା ପୋଲିସ ସେଠାରେ ଚଢ଼ାଉ କରିଥିଲା। କିନ୍ତୁ ପୋଲିସ ଆସିବାର ଜାଣିପାରି ଦୁର୍ବୃତ୍ତମାନେ ସେଠାରୁ ଖସି ପଳାଇଥିଲେ। ପୋଲିସ ଟ୍ରାକ୍ଟର ସହ ଦୁର୍ବୃତ୍ତମାନେ ଛାଡିଯାଇଥିବା ଗୋଟିଏ ଲୁନା ଗାଡ଼ିକୁ ଜବତ କରିଛି।

### କୈବର୍ତ୍ତ ସାହିରେ ଚଇତି ପର୍ବ

ପୁରୁଣା ଭୁବନେଶ୍ୱର,୧୯। ୪ (ଡି.ଏନ.ଏ.): ସ୍ଥାନୀୟ କୈବର୍ତ୍ତସାହି ଦେବୀ ମଣ୍ଡପଠାରେ ଶୁକ୍ରବାର ଚଇତି ପର୍ବ ପାଳନ ହୋଇଯାଇଛି। ଏହି ଅବସରରେ ଝିଙ୍କିଣି ଶାସନର କାହ୍ନୁଚରଣ ଦାସ ଏବଂ ସାଥୀମାନଙ୍କ ଦ୍ୱାରା ଚୈତାଳି ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଘୋଡ଼ାନାଚ ସହ ଚଇତିପର୍ବର ମାହାତ୍ମ୍ୟକୁ ଉପସ୍ଥିତ ଦର୍ଶକ ଖୁବ୍ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମକୁ କୈବର୍ତ୍ତ ସାହିର ବୃନ୍ଦାବନ ବେହେରା, ଲକ୍ଷ୍ମୀଧର ବେହେରା, ଚିତ୍ତରଞ୍ଜନ ସେନାପତି, ସୁରେନ୍ଦ୍ର ଦାସ, ସୁକାନ୍ତ ବେହେରା, ବାସୁଦେବ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ସମ୍ପ୍ରତି ଲୋକନୃତ୍ୟ ପାଲା, ଦାସକାଠିଆ ଧୁଡୁକି ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଧୀରେ ଦୂରେଇ ଯାଉଥିବାବେଳେ ଗ୍ରାମବାସୀଙ୍କ ଚଇତି ପର୍ବ ମାଧ୍ୟମରେ କଳାକୁ ବଞ୍ଚାଇ ରଖିବା ନେଇ ବିଭିନ୍ନ ମହଲରୁ ଭୂୟସୀ ପ୍ରଶଂସା କରାଯାଇଛି।

■ ସରିଲା ରୁକୁଣା ରଥଯାତ୍ରା

# ସ୍ୱର୍ଣ୍ଣାଦ୍ରି ବିଜେ କଲେ ଶ୍ରୀଲିଙ୍ଗରାଜ

ପୁରୁଣା ଭୁବନେଶ୍ୱର,୧୯। ୪(ଡି.ଏନ.ଏ.)



ସ୍ୱର୍ଣ୍ଣାଦ୍ରି ବିଜେ ପୂର୍ବରୁ ରଥାରୂଢ଼ ଶ୍ରୀ ଲିଙ୍ଗରାଜ, ଦୋଳଗୋବିନ୍ଦ ଓ ଭଉଣୀ ରୁକୁଣା ଦେବୀ ।



ପହଣ୍ଡିରେ ଘଣ୍ଟଘଣ୍ଟା ଶୋଭାଯାତ୍ରା ଚାଲିଛି।

ମହାପ୍ରଭୁ ଶ୍ରୀଲିଙ୍ଗରାଜ ଶୁକ୍ରବାର ସ୍ୱର୍ଣ୍ଣାଦ୍ରି ବିଜେ କରିଛନ୍ତି। ଗୁରୁବାର ଶ୍ରୀଜୀଉମାନେ ରଥଖଳାରେ ରଥରେ ରହିଥିଲେ। ପାଞ୍ଚ ଦିନିଆ ରୁକୁଣା ରଥଯାତ୍ରାରେ ମହାପ୍ରଭୁ ଶ୍ରୀଲିଙ୍ଗରାଜ ମାଉସୀ ମା' ରାମେଶ୍ୱର ମନ୍ଦିର ଯାତ୍ରା କରିଥିଲେ। ଗୁରୁବାର ରଥଖଳାରେ ଫେରନ୍ତା ରୁକୁଣା ରଥ ଆସି ପହଞ୍ଚିଥିଲା। ୬ ଦିନ ପଡୁଥିବାରୁ ଠାକୁର ସ୍ୱମନ୍ଦିର ଯାତ୍ରା କରି ପାରି ନ ଥିଲେ। ତେଣୁ ବିଧିମୁତାବକ ଶୁକ୍ରବାର ପ୍ରାତଃରୁ ମନ୍ଦିର ଏବଂ ରଥରେ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟା ଦୀପ ପରେ ଚାହାଁଣି ମଣ୍ଡପ ଏବଂ ରଥରେ ପୂଜାର୍ଚ୍ଚନା ଏବଂ ଆଳତି ହୋଇଥିଲା। ପରେ ପହଣ୍ଡିରେ ଶ୍ରୀଜୀଉ ବିଜେ କରିଥିଲେ। ରାତି ପ୍ରାୟ ସାଢେ ୯ଟାରେ ଘଣ୍ଟ, ଘଣ୍ଟା, ବାଜା, ଆତସବାଜି, ନୃତ୍ୟର ତାଳେ ତାଳେ ରଥଖଳାରୁ ଠାକୁରମାନଙ୍କୁ ସେବାୟତମାନେ ପହଣ୍ଡି ବିଜେ କରାଇ ନେଇଥିଲେ। ଏପଟେ ରଥରୁ ପହଣ୍ଡିରେ ଶ୍ରୀଲିଙ୍ଗରାଜ ମହାପ୍ରଭୁ ଆସିବା କ୍ଷଣି ଅଭିମାନିନୀ ମା' ପାର୍ବତୀ ଚାହାଁଣି ମଣ୍ଡପରୁ ଆଡ଼ କାଠ ପାଖକୁ ଚାଲି ଯାଇଥିଲେ। ତେଣୁ ଶ୍ରୀଲିଙ୍ଗରାଜ ମନ୍ଦିର ଭିତରେ ପ୍ରବେଶ ମାତ୍ରକେ ମା' କବାଟ ବନ୍ଦ କରି ଦେଇଥିଲେ। ପରେ ଆରମ୍ଭ ହୋଇଥିଲା ବଚନିକା। ଦକ୍ଷିଣ ଘର ନିକଟରେ ପ୍ରଭୁ ଦୋଳଗୋବିନ୍ଦଙ୍କୁ ଜଣେ ସେବାୟତ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଅନ୍ୟଜଣେ ସେବାୟତ ଉପବିଷ୍ଟନ କରି ରହିଥିଲେ। ପରେ ଉଭୟଙ୍କ ପଟୁ ସେବାୟତମାନଙ୍କ ମଧ୍ୟରେ ବଚନିକା ଆରମ୍ଭ ହୋଇଥିଲା। କ'ଣ ପାଇଁ ମୋତେ ରଥରେ ନେଲ ନାହିଁ ବୋଲି ମା'ପାର୍ବତୀ ପଚାରିଥିଲେ। ଉତ୍ତରରେ ଠାକୁର କହିଲେ, ରଥରେ ବହୁତ ପ୍ରକାରର ଶ୍ରଦ୍ଧାଳୁ ଓ ଦେବତାମାନେ ଥିଲେ। ତେଣୁ ତୁମକୁ ନେବାକୁ ଉଚିତ୍ ମନେ କଲି ନାହିଁ। ଆସନ୍ତା ମାସରୁ ୨୨ ଦିନିଆ ଚନ୍ଦନ ଯାତ୍ରାରେ ବିନ୍ଦୁସାଗରକୁ ଚାପ ଖେଳିବାକୁ ଗଲାବେଳେ ତୁମକୁ ସାଙ୍ଗରେ ନେବି। ପରେ ମା'ଙ୍କର ମାନଭଞ୍ଜନ ହୋଇଥିଲା ଏବଂ ଠାକୁର ସ୍ୱର୍ଣ୍ଣାଦ୍ରି ବିଜେ କରିଥିଲେ। ଏହାପରେ ଦୈନିକ ଅନ୍ୟାନ୍ୟ ନୀତି କରାଯାଇ ପହୁଡ ପଡ଼ିଥିଲା।

## ବାଇକ୍, ଚେନ୍ ସହ ୭ ମୋବାଇଲ ଜବତ: ୨ ଗିରଫ

ଭୁବନେଶ୍ୱର,୧୯।୪ (ବ୍ୟୁରୋ)

ନୟାପଲ୍ଲୀ ଥାନା ଅଞ୍ଚଳରେ ବିଭିନ୍ନ ଲୁଟ ଓ ଚୋରି ଘଟଣାରେ ସମ୍ପୃକ୍ତ ଥିବା ୨ଜଣ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ଖଣ୍ଡଗିରି ଅଞ୍ଚଳରୁ ଗିରଫ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ଅଧୀନ ହରପାର୍ବତୀ ସାହି ଅଞ୍ଚଳର ସିଲୁ ନାୟକ (୨୪) ଓ ସଞ୍ଜୟ ସାହୁ (୧୯)। ଦୁହିଁଙ୍କ ନିକଟରୁ ପୋଲିସ ଗୋଟିଏ ପଲସର ବାଇକ, ୭ଟି ମୋବାଇଲ ଏବଂ ୬ଗ୍ରାମର ସୁନାଚେନ ସହ ଭ୍ୟାନିଟି ବ୍ୟାଗ ଜବତ କରିଛି। ସୂଚନା ମୁତାବକ ନୟାପଲ୍ଲୀ ଥାନା ଅଞ୍ଚଳରେ ଅମୀୟ କୁମାର ଶତପଥୀ ରୁହନ୍ତି। ଗତ ଫେବୃଆରୀ ୨୫ତାରିଖରେ ସେ ଘର ବାହାରେ ଠିଆ ହୋଇ ଫୋନରେ କଥା ହେଉଥିଲେ। ଏହି ସମୟରେ ଦୁଇଜଣ ଯୁବକ ବାଇକରେ ଆସି ତାଙ୍କଠାରୁ ମୋବାଇଲ ଛଡାଇ ଫେରାର ହୋଇଯାଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ କେସ୍ ନଂ. ୧୨୯/୧୯ ରୁଜୁ କରିଥିଲା ପୋଲିସ। ଏଥିସହ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଜାରି ରଖିଥିଲା। ଶୁକ୍ରବାର ଦୁହେଁ ଖଣ୍ଡଗିରି ଅଞ୍ଚଳରେ ବୁଲୁଥିବା ପୋଲିସ ଖବର ପାଇ ଚଢାଉ କରିଥିଲା।

## ଏକାମ୍ର, ମଞ୍ଚେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ

ପୁରୁଣା ଭୁବନେଶ୍ୱର/ ବାଲିଅନ୍ତା,୧୯। ୪ (ଡି.ଏନ.ଏ.)



ଶୁକ୍ରବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ରୋଡ ଶୋ କରିଥିଲେ। ତେଣୁ ୩୧୬ ପୁରୀ–ଭୁବନେଶ୍ୱର ଜାତୀୟ ରାଜପଥର ବିଭିନ୍ନ ଛକଗୁଡିକରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ବସ ଯୋଗେ ଆସିବା ପରେ ଧଉଳି ଛକଠାରେ ସନ୍ଧ୍ୟା ୭ଟାରେ ପହଞ୍ଚିଥିଲେ। ସେଠାରେ ସେ ଚିରାଚରିତ ଢଙ୍ଗରେ ୧ ମିନିଟ୍ ଅଭିଭାଷଣ ପରେ ଆପଣମାନେ ଖୁସି ତ କହି ଆଗକୁ ବଢିଥିଲେ। ପରେ ଶିଶୁପାଳଗଡ଼ ଛକ, ସାମନ୍ତରାପୁର, ଇଲେକ୍ଟ୍ରି ଅଫିସ୍, ଶ୍ରୀଲିଙ୍ଗରାଜ ମନ୍ଦିର ସିଂହଦ୍ୱାର, ବଢେଇବାଙ୍କ, ତିନିମୁଣ୍ଡିଆ ଛକ, ଗୋସାଗରେଶ୍ୱର ଛକ, ବାରିକ ସାହି ଦେଇ ମାଉସୀ ମା' ଛକଠାରେ ଅଭିଭାଷଣ ରଖିଥିଲେ। ବିଭିନ୍ନ ସ୍ଥାନରେ ମହିଳା ସଙ୍ଗଠନ, ଭୋଟର, ଭାଇ ଭଉଣୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଥିଲେ। ରୋଡ ଶୋରେ ଏକାମ୍ର ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା, ଧଉଳି ସରପଞ୍ଚ ପୂର୍ଣ୍ଣିମା ସାହୁ, ଇଟିପୁର ସରପଞ୍ଚ ନର୍ମଦା ଚନ୍ଦ୍ରମା ସାହୁ, ଶିଶୁପାଳଗଡ ସରପଞ୍ଚ ଇତିଶ୍ରୀ ଚମ୍ପତି, ପୂର୍ବତନ ଜିଲାପରିଷଦ ସଭ୍ୟ ଦୀପ୍ତିମୟୀ ସୁନ୍ଦରାୟ, ପୂର୍ବତନ ଜିଲା ପରିଷଦ ସଭ୍ୟ ସଂଗ୍ରାମ କେଶରୀ ପାଇକରାୟ, ଆଲୋକ ସାହୁ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

ସେହିପରି ଭୁବନେଶ୍ୱର ମହାନଗର ନିଗମର ୧୦ନଂ ୱାର୍ଡ ଅଧୀନ ମଞ୍ଚେଶ୍ୱର ଶିଳ୍ପାଞ୍ଚଳର ବ୍ୟାଙ୍କ ଛକରେ ରାତି ୯ଟା ୧୫ ମିନିଟର ମୁଖ୍ୟମନ୍ତ୍ରୀ ରୋଡ୍ ଶୋ କରି ପ୍ରଚାର କରିଛନ୍ତି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ବାଣୀବିହାର ପଟୁ ନିର୍ବାଚନ ପ୍ରଚାର ସାରି ଫେରିବା ବାଟରେ ବ୍ୟାଙ୍କ ଛକରେ ୫ମିନିଟ ପାଇଁ ଅଟକି ଥିଲା। ପ୍ରଚାରରେ ଆସିଥିବା ହାଇଟେକ ବସର ଛାତ ଉପରକୁ ଉଠି ମୁଖ୍ୟମନ୍ତ୍ରୀ ଉପସ୍ଥିତ ଶହ ଶହ ଲୋକଙ୍କୁ ସଂକ୍ଷିପ୍ତ ଉଦ୍‌ବୋଧନ ଦେଇଥିଲେ। ଜୟ ଜଗନ୍ନାଥରୁ ମୁଖ୍ୟମନ୍ତ୍ରୀ ଅଭିଭାଷଣ ଆରମ୍ଭ କରି ମୁଁ ଆପଣଙ୍କ ଅଞ୍ଚଳକୁ ଆସିଛି, ଖୁସି ତ ! ମୁଁ ବି ବହୁତ ଖସି। ମୋତେ ଆଶୀର୍ବାଦ କରନ୍ତୁ ଏବଂ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଦଳୀୟ କର୍ମୀ ଓ ଲୋକମାନେ ମୁଖ୍ୟମନ୍ତ୍ରୀଙ୍କ ବସ ଉପରକୁ ଫୁଲ ପକାଇବା ସହ ଜିନ୍ଦାବାଦ ଧ୍ୱନୀ ଦେଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ହାଇଟେକ ବସ ରସୁଲଗଡ଼ ଅଭିମୁଖେ ଆଗେଇଥିଲା। ଏହି ରୋଡ ଶୋରେ ୧୦ନଂ ୱାର୍ଡର ପୂର୍ବତନ କର୍ପୋରେଟର ପ୍ରଣତି ନାୟକ, ସଞ୍ଜୟ କୁମାର ବଳିୟାର ସିଂହ, ପ୍ରତାପ କୁମାର ରାଉତରାୟ, ଜ୍ୟୋତ୍ସ୍ନାରାଣୀ ରାଉତରାୟ, ଦାଶରଥି ନାୟକ, ଆଦିକନ୍ଦ ରାଉତ, ରମେଶ ସାହୁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## କେୟାର ହସ୍ପିଟାଲରେ ଲାଇଭ ଅପରେଟିଭ୍ ୱାର୍କଶପ

ଭୁବନେଶ୍ୱର,୧୯।୪

କେୟାର ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର ଲାଇଭ୍ ଅପରେଟିଭ ୱାର୍କଶପ ଅନୁଷ୍ଠିତ ହୋଇଯାଇଛି। ମିନିମାଲି ଇନ୍‌ଭାସିଭ୍ ଅପରେଶନ ଉପରେ ଏହା ପର୍ଯ୍ୟବସିତ ଥିଲା। ପ୍ରତିଷ୍ଠିତ କର୍କଟ ବିଶେଷଜ୍ଞ ଡକ୍ଟର ଶୈଳେଶ ପୁନତାମ୍ବେକରଙ୍କ ଲାଇଭ୍ ଅପରେଶନ ଏଠାରେ ପ୍ରଦର୍ଶନ କରାଯାଇଥିଲା। ମିନିମାଲି ଇନ୍‌ଭାସିଭ୍ ସର୍ଜରି ସମ୍ପର୍କୀତ ଅଭିଜ୍ଞତା ସମ୍ପର୍କରେ ଡକ୍ଟର ପୁନତାମ୍ବେକର ଏଠାରେ ଉପସ୍ଥିତ ଡାକ୍ତର ମାନଙ୍କୁ ବର୍ଣ୍ଣନା କରିଥିଲେ। ଅପରେଶନ ଥିଏଟରରୁ ଏହି ସିଧାପ୍ରସାରଣକୁ ଅନ୍ୟ ଡାକ୍ତରମାନେ ଦେଖିଥିଲେ। ଉକ୍ତ ଅପରେଶନ ଦ୍ୱାରା ସିଏ ଷ୍ଟୋମାକ ଏବଂ ସିଏ କାର୍ଡିକ୍ସର ସଫଳ ଉପଚାର କରାଯାଇଥିଲା। ଏଥିରେ ପ୍ରଫେସର ଜାତଶଙ୍କର ମହାପାତ୍ର, ଡକ୍ଟର ସନ୍ତୋଷ କୁମାର ବେହେରା, ଡକ୍ଟର ରିତେଶ ରାଏ ପ୍ରମୁଖ ଉପସ୍ଥିତ ଥିଲେ।

## କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୋଟିଭେଶନାଲ୍ ଟକ୍




ଭୁବନେଶ୍ୱର,୧୯।୪

କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମୋଟିଭେଶନାଲ ଟକ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାର ଚେୟାରମ୍ୟାନ ତଥା କିଟ୍‌ର ପ୍ରତିଷ୍ଠାତା ସଦସ୍ୟ ଡ. ଚିତ୍ତ ରଞ୍ଜନ ମିଶ୍ରଙ୍କ ଉପସ୍ଥିତିରେ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ବିଜ୍ଞାନ ତଥା ପ୍ରଦାୟୀ ସୁବକ୍ତା ଡ଼ଃ. ଜୟକୃଷ୍ଣ ପାଣିଗ୍ରାହୀ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାର୍ଥୀ ଜୀବନର ସଦୁପଯୋଗ କଳାକୌଶଳ ସଂପର୍କରେ ଗ୍ରହଣୀୟ ମାର୍ଗ ଦର୍ଶାଇଥିଲେ। ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ପିପାସୁ ମନୋବୃତ୍ତି, ରୁଚି ଅନୁସାରେ ଶିକ୍ଷାର ବିଭିନ୍ନ ବିଭାଗକୁ ଆପଣେଇବା, କଳ୍ପନାର ପରିପ୍ରକାଶ, ପ୍ରତିବନ୍ଧକ ସତ୍ତ୍ୱେ ସତ୍‌ପଥରୁ ନ ହଟିବା , ପରିଶ୍ରମ, ନିଷ୍ଠାପର ଶୃଙ୍ଖଳିତ ଜୀବନଯାପନ, ଉତ୍ତମ ସାଧନା ଭଳି ପ୍ରସଙ୍ଗ ଉପରେ ସେ ଏଠାରେ ଗୁରୁତ୍ୱାରୋପ କରିଥିଲେ। ପାଣିଗ୍ରାହୀ ନିଜର ବକ୍ତବ୍ୟ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାର୍ଥୀ ଜୀବନ, ନିରନ୍ତର ଅଧ୍ୟବସାୟ, ସଫଳତା ପ୍ରାପ୍ତି ଲକ୍ଷ୍ୟ ଭୂମିରେ ଉପନୀତ ହେବାର ଯଥାର୍ଥ ଦିଗଦର୍ଶନ ଦେଇଥିଲେ। ଏହିଅବସରରେ ଅଧକ୍ଷ ଡ଼. ପଠାଣି ସୁନ୍ଦର ମାନସିଂହ, ଅଧ୍ୟାପିକା,ଅଧ୍ୟାପିକ ତଥା ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସ୍ୱାଗତିକା ଶିଶୁ ଯୁବ ମହୋତ୍ସବ

ଭୁବନେଶ୍ୱର,୧୯।୪(ବ୍ୟୁରୋ)

ସାଂସ୍କୃତିକ ଅନୁଷ୍ଠାନ 'ସ୍ୱାଗତିକା' ପକ୍ଷରୁ ୩୯ତମ ଜାତୀୟସ୍ତରୀୟ ଶିଶୁ ଯୁବ ମହୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସୂଚନା ଭବନରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟ ତଥା ଆନ୍ତଃରାଜ୍ୟ ସ୍ତରରୁ ବିଭିନ୍ନ ଶ୍ରେଣୀର ୧୨ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଚିତ୍ରକଳା, ସାଧାରଣଜ୍ଞାନ, ରଚନା, ରାଇମ୍ସ, କୌତୁକ ପୋଷାକ, ବକ୍ତୃତା, ଓଡ଼ିଶୀ ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତାରେ ଭାଗନେଇ ନିଜର ପାରିଦର୍ଶିତା ଦେଖାଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଅସିତ୍ କୁମାର ମହାନ୍ତି, ଉପସଭାପତି ମାନସ କୁମାର କାନୁନଗୋ, ସାଂସ୍କୃତିକ ସମ୍ପାଦକ ରାମଚନ୍ଦ୍ର ମହାନ୍ତି ଏବଂ ସଙ୍ଗଠକ ଲିଙ୍ଗରାଜ ମହାନ୍ତି ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୨୦୦ ପ୍ରତିଯୋଗୀଙ୍କୁ ଆସନ୍ତା ଜୁନ୍ ୨୨ତାରିଖରେ ସୂଚନା ଭବନରେ ପୁରସ୍କୃତ କରାଯିବ। ସେହିପରି ଆସନ୍ତା ନଭେମ୍ବର ମାସରେ ସୂଚନା ଭବନରେ କଳିଙ୍ଗ କନ୍ୟାରତ୍ନ ମହୋତ୍ସବ ଅନୁଷ୍ଠିତ ହେବ। ଚଳଚ୍ଚିତ୍ର ଅଭିନେତ୍ରୀ ସୁଶ୍ରୀ ସାଇନୀ ମହାନ୍ତିଙ୍କୁ ଜାତୀୟସ୍ତରୀୟ ଶିଶୁ ମହୋତ୍ସବ ଓ କଳିଙ୍ଗ କନ୍ୟାରତ୍ନ ମହୋତ୍ସବର ପ୍ରଚାର ପ୍ରସାର ଲାଗି ବ୍ରାଣ୍ଡ ଆମ୍ବାସାଡ଼ର ଭାବେ ନିଯୁକ୍ତ କରାଯାଇଛି ବୋଲି ସୂଚନା ଦିଆଯାଇଛି।



ପିଲାମାନେ ଚିତ୍ର ଆଙ୍କୁଛନ୍ତି।

## ୧୧୧ଜଣ ସମ୍ବର୍ଦ୍ଧିତ

ବାରଙ୍ଗ,୧୯।୪(ଡି.ଏନ୍.ଏ.):ବାରଙ୍ଗ ତଥା ପଟିଆ ଅଞ୍ଚଳର ସୁପ୍ରସିଦ୍ଧ ଶୈବପୀଠ ଢାଉଆସ୍ଥିତ ସୋମନାଥ ମନ୍ଦିରରେ ୫୭ତମ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାର ରାତିରେ ଶେଷ ହୋଇଛି। ଆଖପାଖ ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମର ପ୍ରାୟ୧୦ହଜାରରୁ ଊର୍ଦ୍ଧ୍ୱ ସୋମନାଥ ପ୍ରେମୀ ଭକ୍ତଙ୍କ ସମାଗମ ହୋଇଥିଲା। ପୂର୍ଣ୍ଣାହୁତି ସମ୍ପନ୍ନପରେ ଭକ୍ତମାନେ ହରିହାଟରେ ବସି ପ୍ରସାଦସେବନ କରିଥିଲେ। ଏହି ଅବସରରେ ମହାଯଜ୍ଞ କମିଟି ପକ୍ଷରୁ ବାବାସୋମନାଥ ସେନା, ଯଜ୍ଞ କମିଟିର ସଦସ୍ୟ ଓ ପଣ୍ଡିତମାନଙ୍କୁ ମିଶାଇ ୧୧୧ଜଣଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ମହାଯଜ୍ଞ କମିଟି, ସୋମନାଥ ସେନା, ସୋମନାଥ ପ୍ରେମୀ ଭକ୍ତମାନେ ଏହାକୁ ନିୟନ୍ତ୍ରଣ କରିଥିଲେ।

## 'ଭକ୍ତକବିଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'

ଭୁବନେଶ୍ୱର, ୧୯।୪(ବ୍ୟୁରୋ)

ଭକ୍ତମଧୁ ନଗରସ୍ଥ ଭକ୍ତମଧୁ ଶିକ୍ଷାକେନ୍ଦ୍ରର ୨୫ତମ ପୂର୍ତ୍ତି ଅବସରରେ ଶୁକ୍ରବାର ଭଞ୍ଜକଳା ମଣ୍ଡପରେ ରଜତ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଡା. ସେବା ମହାପାତ୍ର, ସମ୍ମାନିତ ଅତିଥି ଭାବେ ଭାରତୀୟ ଶିକ୍ଷା ପରିଷଦ, ଓଡ଼ିଶାର ଟ୍ରଷ୍ଟି ତଥା ସହସମ୍ପାଦକ ହରିହର ସାହୁ ଯୋଗ ଦେଇ ଭକ୍ତକବି ମଧୁସୂଦନ ରାଓଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଶିକ୍ଷାକେନ୍ଦ୍ରର ସ୍ମରଣିକାର ରଜତ ଜୟନ୍ତୀ ସଂସ୍କରଣ 'ମଧୁରିମା' ଉନ୍ମୋଚନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଦକ୍ଷତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କ ସମେତ ଶିକ୍ଷାକେନ୍ଦ୍ରର ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଅଜୟ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଚିତ୍ରାନନ୍ଦ ସ୍ୱାଇଁ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ମନୋରଞ୍ଜନ ମହାନ୍ତି ଅତିଥି ପରିଚୟ ଓ ରବୀନ୍ଦ୍ର ପ୍ରତିହାରୀ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଆଚାର୍ଯ୍ୟା ମମତାମୟୀ ପଣ୍ଡା, ନିରୂପମା ସାମଲ ଓ ଶାନ୍ତିଲତା ସାହୁ ପରିଚାଳନା କରିଥିଲେ।

■ ୨୫ରୁ ଓଡ଼ିଶୀ ସଙ୍ଗୀତ ମହୋତ୍ସବ

## ୫୦୦ ଶିଳ୍ପୀଙ୍କୁ ନେଇ ହେବ ସଙ୍ଗୀତର ମହାକୁମ୍ଭ

ଭୁବନେଶ୍ୱର,୧୯।୪(ବ୍ୟୁରୋ)

ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଓଡ଼ିଶୀ ସଙ୍ଗୀତ ମହୋତ୍ସବ–୨୦୧୯ ଅନୁଷ୍ଠିତ। ଏପ୍ରିଲ ୨୫ରୁ ୨୮ ପର୍ଯ୍ୟନ୍ତ ସ୍ଥାନୀୟ ଭଞ୍ଜ କଳାମଣ୍ଡପଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ସଙ୍ଗୀତ ମହୋତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତ ଏବଂ ରାଜ୍ୟ ଓ ଦେଶ ବାହାରୁ ବହୁ କଣ୍ଠଶିଳ୍ପୀ, ସାଂସ୍କୃତିକ ଅନୁଷ୍ଠାନ ଅଂଶଗ୍ରହଣ କରିବେ। ଏ ନେଇ ଫାଉଣ୍ଡେଶନ ପକ୍ଷରୁ ସମ୍ପାଦକ ଗୁରୁ ରାମହରି ଦାସ ଓ ଆବାହକ ଅରକ୍ଷିତ ଦାଶ ସୂଚନା ଦେଇଛନ୍ତି।

୪ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ସଙ୍ଗୀତ ଶିଳ୍ପୀ ଯୋଗଦେବେ। ପ୍ରତ୍ୟହ ପୂର୍ବାହ୍ନ ୧୦ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ। ଏଥିରେ ଖ୍ୟାତନାମା ଶିଳ୍ପୀମାନଙ୍କ କଣ୍ଠରୁ ଓଡ଼ିଶୀ, ପାରମ୍ପରିକ, ଛାନ୍ଦ, ଚମ୍ପୁ, ଭଜନ ଓ ଜଣାଣ ସହ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଅନେକ ସଙ୍ଗୀତ ଶୁଣିବାକୁ ମିଳିବ। ଚଳିତବର୍ଷ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ରହିବେ ପାରମ୍ପରିକ ତଥା ଗ୍ରାମୀଣ କଳାକାର। ତିନୋଟି ପର୍ଯ୍ୟାୟରେ ଶିଳ୍ପୀମାନେ ଗୀତ ଗାଇବେ। ମହୋତ୍ସବରେ ପ୍ରମୁଖ କଳାକାର ଭାବେ ଶ୍ୟାମାମଣୀ ପଟ୍ଟନାୟକ, ଗୁରୁ କେଶବ ରାଉତ, ମହାପାତ୍ର ମିନତି ଭଞ୍ଜ, ହରପ୍ରିୟା ସ୍ୱାଇଁ, ସୁକାନ୍ତ କୁମାର କୁଣ୍ଡୁ, ଶାନ୍ତିଲତା ଛୋଟରାୟ, ଲତା ଘୋଷ, ନିମାକାନ୍ତ ରାଉତରାୟ, ଡ. ସଙ୍ଗୀତା ଗୋସାଇଁ, ଡ. ମିତାଲି ଚିନ୍ନାରା, ଡ. ଧୀରଜ କୁମାର ମହାପାତ୍ର, ଡ. ବିଜୟ ଜେନା, ସଙ୍ଗୀତା ପଣ୍ଡା, ଗୁରୁ ରାମହରି ଦାସ ଓ ଅନ୍ୟମାନେ ସଙ୍ଗୀତ ପରିବେଷଣ କରିବେ।

■ କଂଗ୍ରେସ ନେତାଙ୍କ ଦୋକାନକୁ ବୋମାମାଡ଼ ଘଟଣା

# ମୋକିମଙ୍କ ୩ ସହଯୋଗୀ ଗିରଫ

କଟକ ଅଫିସ,୧୯।୪









ଗିରଫ ୩ ଅଭିଯୁକ୍ତ।

ରାଜନୀତିକୁ କେନ୍ଦ୍ରକରି କଂଗ୍ରେସ ନେତା ୱାଲିଦ ପଟେଲଙ୍କ ଦୋକାନ ଉପରକୁ ବୋମାମାଡ଼ କରିବା ଘଟଣାରେ ଦରଘାବଜାର ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ବିଡ଼ାନାସୀ ଥାନା ଅନ୍ତର୍ଗତ ଦେଉଳସାହି ଅଞ୍ଚଳର ଚିନ୍ମୟ ରଞ୍ଜନ ସ୍ୱାଇଁ ଓରଫ ସୋମୁ(୨୭), କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ସିଡିଏ ମାର୍କେଟ ଅଞ୍ଚଳର ଏସ୍.କେ. ଗୁଲଜର ଅହମ୍ମଦ(୩୫) ଓ ଦରଘାବଜାର ଅଞ୍ଚଳର ଏସ୍.କେ. ଜିଆଉଦ୍ଦିନ(୪୦)। ପୋଲିସ ସେମାନଙ୍କଠାରୁ ୫ ମୋବାଇଲ ଓ ସିମ୍‌କାର୍ଡ ଜବତ କରିଛି। କଟକର ବିଭିନ୍ନ ଥାନାରେ ଗୁଲଜରଙ୍କ ବିରୋଧରେ ୧୪ ଓ ଚିନ୍ମୟଙ୍କ ବିରୋଧରେ ଦୁଇଟି ମାମଲା ରହିଛି। ତେବେ ଗିରଫ ଅଭିଯୁକ୍ତମାନେ ବାରବାଟୀ–କଟକ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଇଂ. ମହମ୍ମଦ ମୋକିମଙ୍କ ସହଯୋଗୀ ବୋଲି ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୪ ତାରିଖ ରାତିରେ ପଟେଲଙ୍କୁ ଅଭିଯୁକ୍ତମାନେ ଫୋନ୍‌କରି ନିଜକୁ ମୋକିମଙ୍କ ସହଯୋଗୀ ବୋଲି ପରିଚୟ ଦେଇଥିଲେ। ଆଗାମୀ ନିର୍ବାଚନରେ ମୋକିମଙ୍କୁ ଜିତାଇଦିଅ ନ ହେଲେ ଅସୁବିଧାରେ ପଡିବ ବୋଲି ସେମାନେ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ଗତ ୧୫ ତାରିଖ ଭୋରରୁ ଦରଘାବଜାର ଥାନା ଅନ୍ତର୍ଗତ ତିନିକୋଣିଆ ବଜାର ଅଞ୍ଚଳରେ ଥିବା ପଟେଲଙ୍କ ଲୁଗା ଦୋକାନ ଉପରକୁ ଅଭିଯୁକ୍ତମାନେ ବୋମାମାଡ଼ କରି ପଳାଇ ଯାଇଥିଲେ। ଏ ନେଇ ପଟେଲ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୩/୧୯) ରୁଜୁ କରି ତଦନ୍ତ କରିଥିଲା। ଗୁରୁବାର ବିଳମ୍ବିତ ରାତିରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ସେମାନେ ପଟେଲଙ୍କୁ ଧମକ ଦେବା ସହ ତାଙ୍କ ଦୋକାନ ଉପରକୁ ବୋମାମାଡ଼ କରିଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏ ସମ୍ପର୍କରେ ମତାମତ ନେବା ପାଇଁ ମୋକିମଙ୍କ ମୋବାଇଲ୍(ନଂ.୯୪୩୭୦୩୦୯୯୬)କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

"ଗ୍ରାହକଙ୍କ ଚାହିଦା ପୂରଣକୁ ପ୍ରାଥମିକତା ଦେବା ସହ ଡାଇରେକ୍ଟ କୁଲ୍ ରେଫ୍ରିଜରେଟର ବର୍ଗରେ ଏକ ପ୍ରମୁଖ ବ୍ରାଣ୍ଡ ହୋଇ ପାରିଛୁ।
–କମଲ ନନ୍ଦୀ, ବାଣିଜ୍ୟ ମୁଖ୍ୟ, ଗୋଦରେଜ ଆପ୍ଲାଏନ୍ସେସ



"ବିଗତ କିଛି ବର୍ଷରେ ଅଭିବୃଦ୍ଧି ଧାରା ରୋମାଞ୍ଚକର ରହିଛି। ଉନ୍ନତ ଟ୍ରାକ ରେକର୍ଡ, ବିପଦ ପରିଚାଳନା, ଗ୍ରାହକ କେନ୍ଦ୍ରିକ ମନୋଭାବ ସହ ନୂଆ ଫୋକସଡ୍ ଫଣ୍ଡ ଆଣିବା ନେଇ ନିଷ୍ପତ୍ତି ହୋଇଛି।
–ସ୍ୱରୂପ ମହାନ୍ତି, ସିଇଓ, ମିରାଏ ଆସେଟ ଗ୍ଲୋବାଲ



## ସଂକ୍ଷେପରେ

### ଆଇଏଲ୍ ଆଣ୍ଡ ଏଫ୍ଏସ୍‌ର ପୂର୍ବତନ ସିଇଓ ବାୱା ହାଜତକୁ ଗଲେ

ନୂଆଦିଲ୍ଲୀ,୧୯-୪
ମୁମ୍ବାଇର ମାଜିଷ୍ଟ୍ରେଟ କୋର୍ଟ ଆଇଏଲଆଣ୍ଡ ଏଫ୍ଏସ୍‌ର ପୂର୍ବତନ ଏମ୍‌ଡି ତଥା ସିଇଓ ରାକେଶ ବାୱାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ବେଆଇନ ଭାବେ ଅର୍ଥ ହେରଫେର ମାମଲାରେ ଗତ ସପ୍ତାହରେ ବାୱା ଗିରଫ ହୋଇଥିଲେ। ଜଘନ୍ୟ ଅପରାଧ ତଦନ୍ତକାରୀ କାର୍ଯ୍ୟାଳୟ (ଏସ୍ଏଫ୍ଆଇଓ) ବାୱାଙ୍କୁ ଗିରଫ କରିଥିବା ବେଳେ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା।

### ଏସ୍‌ବିଆଇ ବିରୋଧରେ ଅଭିଯୋଗ ଆଣିଲେ ମାଲ୍ୟା

ଲଣ୍ଡନ,୧୯-୪
ପଳାତକ ଘୋଷିତ ବିଜୟ ମାଲ୍ୟା ରାଷ୍ଟ୍ରାୟତ୍ତ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ବିରୋଧରେ ଅଭିଯୋଗ ଆଣିଛନ୍ତି। ସୋସିଆଲ ମିଡିଆରେ ଏସ୍‌ବିଆଇକୁ ଟାର୍ଗେଟ କରି ମାଲ୍ୟା କହିଛନ୍ତି, ଏହା ଦେଶର ଟିକସଦାତାଙ୍କ ଟଙ୍କାକୁ ଇଂଲଣ୍ଡରେ ଆଇନଗତ ମାମଲା ଲଢ଼ିବାରେ ଖର୍ଚ୍ଚ କରୁଛି। ଏସ୍‌ବିଆଇ ନେତୃତ୍ୱାଧିନ ବ୍ୟାଙ୍କ ଗୋଷ୍ଠୀ ତାଙ୍କ ପଛରେ ଭୂଲରେ ପଡିଥିବା ମାଲ୍ୟା ଟୁଇଟରେ କହିଛନ୍ତି। ଏହାକୁ ନେଇ ଏସ୍‌ବିଆଇ ଲୋକଙ୍କ ନିକଟରେ ଉତ୍ତରଦାୟୀ ରହିବା ଆବଶ୍ୟକ ବୋଲି ସେ ଅଭିଯୋଗରେ କହିଛନ୍ତି। ଏହାକୁ ନେଇ ଦେଶର ଗଣମାଧ୍ୟମ ମଧ୍ୟ ଏସବିଆଇକୁ ପ୍ରଶ୍ନ କରୁ ବୋଲି ସେ ଯୁକ୍ତି ବାଢ଼ିଛନ୍ତି।

### ଆମୱେର ସ୍ୱାସ୍ଥ୍ୟ ସୁରକ୍ଷା ଆଲୋଚନା ଚକ୍ର

ଭୁବନେଶ୍ୱର,୧୯-୪
ଆମୱେ ପକ୍ଷରୁ ସ୍ୱାସ୍ଥ୍ୟ ସୁରକ୍ଷା ସଂକ୍ରାନ୍ତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଉଛି। ଭାରତର ପାରମ୍ପରିକ ଜଡିବୁଟି ଏବଂ ଆଧୁନିକ ଗବେଷଣା ମାଧ୍ୟମରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା ଲକ୍ଷ୍ୟରେ ଏଭଳି ଏକ ପଦକ୍ଷେପ କମ୍ପାନୀ ପକ୍ଷରୁ ଗ୍ରହଣ କରାଯାଇଛି। ଦେଶର ୧୩ଟି ପ୍ରମୁଖ ବଜାରରେ ଏଭଳି ଆଲୋଚନା ଚକ୍ର ଆୟୋଜନ ହୋଇଥିବା ବିଶିଷ୍ଟ କନସଲଣ୍ଟାଣ୍ଟଙ୍କୁ ଆମନ୍ତ୍ରଣ କରାଯାଇଥିଲା। ସେମିନାର ଅବସରରେ ବିଶିଷ୍ଟ ଆୟୁର୍ବେଦିକ ବିଶେଷଜ୍ଞ ଡକ୍ଟର ଗୌହର ବାତ୍ସାୟନଙ୍କୁ ଆମନ୍ତ୍ରଣ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

### ଆଇସିଆଇସିଆଇର ତତ୍କାଳ ଅଟୋ ଲୋନ

ଭୁବନେଶ୍ୱର,୧୯-୪
ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ୨ ନୂଆ ସେବା ଶୁଭାରମ୍ଭ ହୋଇଛି। ସମ୍ପୂର୍ଣ୍ଣ ଡିଜିଟାଲ ବ୍ୟବସ୍ଥା ମାଧ୍ୟମରେ କାର ଏବଂ ଦୁଇଚକିଆ ଯାନର ଚୂଡ଼ାନ୍ତ ମଞ୍ଜୁରୀ ପତ୍ର ତତ୍କାଳ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ପ୍ରଥମ ସେବାର ନାମ ଇନଷ୍ଟା ଅଟୋ ଲୋନ ହୋଇଥିବା ବେଳେ,ଦ୍ୱିତୀୟ ସେବାଟି ହେଉଛି ଇନଷ୍ଟା ଟୁହ୍ୱିଲର୍ସ ଲୋନ। ସର୍ବଦା ଗ୍ରାହକଙ୍କୁ ନୂଆ ସେବା ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଥିବା ବ୍ୟାଙ୍କର ସିକ୍ୟୁରର୍ଡ ଆସେଟ ମୁଖ୍ୟ ରବି ନାରାୟଣନ କହିଛନ୍ତି।

### ହୋଣ୍ଡା ପକ୍ଷରୁ ମତଦାନ ସଚେତନତା

HONDA

ଭୁବନେଶ୍ୱର,୧୯-୪: ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ (ଏଚ୍ଏମ୍ଏସ୍ଆଇ) ଏହାର ଆକ୍ଟିଭ ଇଣ୍ଡିଆ ଅଭିଯାନ ମାଧ୍ୟମରେ ଭୁବନେଶ୍ୱରର ବସ୍ତି ବାସିନ୍ଦାଙ୍କ ମଧ୍ୟରେ ମତଦାନକୁ ନେଇ ସଚେତନତା ସୃଷ୍ଟି କରୁଛି। କମ୍ପାନୀ ସର୍ବଭାରତୀୟ ସ୍ତରରେ ଏହି ଅଭିଯାନ ଆରମ୍ଭ କରିଥିବା ବେଳେ ଲୋକମାନଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ସଚେତନ କରାଉଛି। ଚଳିତ ମାସ ୨୩ରେ ହେବାକୁ ଥିବା ଭୋଟରେ ମତଦାନ କେନ୍ଦ୍ରରେ ପହଞ୍ଚି ଭୋଟ ଦେବାକୁ ହୋଣ୍ଡା ପକ୍ଷରୁ ଲୋକଙ୍କୁ ଆହ୍ୱାନ କରାଯାଇଛି। ଏହି ସମୟରେ ଯାନର କୌଣସି ବି ସିଟ୍ ଖାଲି ନ ଯାଏ ତାହା ନିଶ୍ଚିତ କରିବାକୁ ଭୋଟର ମାନଙ୍କୁ ଉତ୍ସାହିତ କରାଯାଉଛି। ଭୋଟ ଦେଇ ଯିବା ବେଳେ ପଛ ସିଟ୍‌ରେ ନିଜର ପଡୋଶୀ, ବନ୍ଧୁ,ପରିଜନଙ୍କୁ ବସାଇ ନେବାକୁ କମ୍ପାନୀ ଏହାର ଗ୍ରାହକଙ୍କୁ କହିଛି।

■ ଜେଟ୍ ସଙ୍କଟରୁ ପ୍ରଭାବିତ ଅନ୍ୟ ଶିଳ୍ପ

# କ୍ଷତିରେ ହୋଟେଲ ଚେନ୍,କ୍ୟାଟରର୍ସ, ରପ୍ତାନିକାରୀ

ନୂଆଦିଲ୍ଲୀ,୧୯-୪

ଘରୋଇ ବିମାନ କମ୍ପାନୀ ଜେଟ୍ ଏୟାରୱେଜ ସାମୟିକ ବନ୍ଦ ହୋଇଯିବା ପରେ ଏହାର ୨୨ ହଜାର କର୍ମଚାରୀ କେବଳ ଯେ ପ୍ରଭାବିତ ହୋଇଛନ୍ତି ତାହା ନୁହେଁ ଏଥିଯୋଗୁ ବଡ଼ ବଡ଼ ହୋଟେଲ ଚେନ୍, ଇନ୍‌ଫ୍ଲାଇଟ କ୍ୟାଟରିଂ ଯୋଗାଉଥିବା କମ୍ପାନୀ, ବିଦେଶକୁ ସଜ ଫଳ, ପନିପରିବା ପଠାଉଥିବା ରପ୍ତାନିକାରୀ ପ୍ରଭାବିତ ହୋଇଛନ୍ତି। ଜେଟ୍ ଉପରେ ସେମାନଙ୍କର ବହୁ କୋଟି ଟଙ୍କା ବକେୟା ରହିଥିବାରୁ ଏବେ ସେମାନଙ୍କୁ ବ୍ୟାପକ ହାରରେ କ୍ଷତି ସହିବାକୁ ପଡୁଛି। ଏନେଇ ସେମାନଙ୍କ ଚିନ୍ତା ବଢ଼ିଯାଇଛି। ଦେଶର ସର୍ବବୃହତ ମାଲ ପରିବହନକାରୀ ବିମାନ କମ୍ପାନୀ ବନ୍ଦ ହୋଇଯିବା ପରେ ଏବେ ଫଳ ଓ ପନିପରିବା ରପ୍ତାନି ହ୍ରାସ ପାଇବା ଆରମ୍ଭ କରିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଏବେ ଜେଟ୍ ଏୟାରୱେଜ ଉପରେ ମାରିୟଟ, ହୋଟେଲ ତାଜ୍, ହିଲ୍ଟନ ଏବଂ ହୟାତ ଭଳି ଭେଣ୍ଡରଙ୍କ ବହୁ କୋଟି ଟଙ୍କା ବକେୟା ରହିଛି। ଜେଟ୍ ନିଜର କ୍ରୁ ସଦସ୍ୟଙ୍କୁ ଏହି ହୋଟେଲରେ ରଖିଥାଏ। ଏଥିଲାଗି କମ୍ପାନୀ ପକ୍ଷରୁ ବହୁ ପୂର୍ବରୁ ଆଡଭାନ୍ସ ବୁକିଂ କରାଯାଇଥାଏ। ସେହିପରି ବଡ଼ ଭେଣ୍ଡରଙ୍କ ମଧ୍ୟରେ ଇଣ୍ଡିଆନ ହୋଟେଲ୍ସ କମ୍ପାନୀ(ଆଇଏଚ୍‌ସିଏଲ୍)ର ସହଯୋଗୀ କମ୍ପାନୀ ତାଜସେଟ୍ସ ଏୟାର କ୍ୟାଟରିଂ ଏବଂ ଆବ୍‌ସେଣ୍ଡରର ସ୍କାଇ ସେଫ୍ ଆଦି ଜେଟ୍‌ର ଫ୍ଲାଇଟରେ କ୍ୟାଟରିଂ ସୁବିଧା ଯୋଗାଇ ଆସୁଥିଲେ। ଆଇଏଚ୍‌ସିଏଲ୍, ମାରିୟଟ ଏବଂ ହାୟାତ ଏହି ମାମଲାରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଅନୁରୂପ ଭାବେ ମିଡ୍ ମାର୍କେଟ ଚେନ୍ ଲେମନ ଟ୍ରି ହୋଟେଲ୍ସ ଅଧ୍ୟକ୍ଷ ପାଟୁ କେସ୍ୱାନୀ କହିଛନ୍ତି ଯେ, ଜେଟ୍ ଉପରେ କମ୍ପାନୀର ବକେୟା ରହିଛି। କମ୍ପାନୀ ପୂର୍ବରୁ ସତର୍କ ରହି ଏୟାରଲାଇନ୍ସ ଉପରେ ଦୀର୍ଘ ଦିନ ପାଇଁ ବକେୟା ରଖେ ନାହିଁ କି କ୍ରୁ ସଦସ୍ୟଙ୍କୁ ରହିବାକୁ ଅନୁମତି ଦିଏ ନାହିଁ। ଏଣୁ କମ୍ପାନୀ ଉପରେ ସେତେଟା ପ୍ରଭାବ ପଡି ନାହିଁ। ତେବେ ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।




### ମୋଦିଙ୍କୁ ବ୍ୟାଙ୍କ ସଂଘର ଚିଠି

ଜେଟ୍ ଏୟାରୱେଜ ବନ୍ଦ ହୋଇଯିବା ପରେ ଶୁକ୍ରବାର ବ୍ୟାଙ୍କ ସଂଘଗୁଡ଼ିକ ଏ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ଜେଟ୍‌ର ୨୨ ହଜାର କର୍ମଚାରୀଙ୍କ ଭବିଷ୍ୟତର ସୁରକ୍ଷା ଲାଗି କେନ୍ଦ୍ର ସରକାର ଜେଟ୍ ଏୟାରୱେଜକୁ ହାତକୁ ନିଅନ୍ତୁ ବୋଲି ସେମାନେ ନିବେଦନ କରିଛନ୍ତି। ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏଶନ ପକ୍ଷରୁ ଲେଖାଯାଇଥିବା ପତ୍ରରେ କୁହାଯାଇଛି ଯେ, ଜେଟ୍‌କୁ ଋଣ ଦେବା ଲାଗି ବ୍ୟାଙ୍କଗୁଡ଼ିକ ଉପରେ ଚାପ ପକା ନ ଯାଉ। ଜେଟ୍‌କୁ ହସ୍ତାନ୍ତର ପାଇଁ ବ୍ୟାଙ୍କଗୁଡ଼ିକ ପକ୍ଷରୁ ବିଡ୍ ଆହ୍ୱାନ କରାଯାଇଛି। ଏହା ସଫଳ ନ ହେଲେ ସରକାର କମ୍ପାନୀକୁ ନିଜ ହାତକୁ ନେଇ ଯାଆନ୍ତୁ। ସେହିପରି ବ୍ୟାଙ୍କଗୁଡ଼ିକୁ ଋଣ ପ୍ରଦାନ ପାଇଁ ବାଧ୍ୟ କରାଯାଉଥିବାରୁ ସେମାନେ ଏହାକୁ ବିରୋଧ କରିଛନ୍ତି। ପତ୍ରରେ କୁହାଯାଇଛି ଯେ, ନରେଶ ଗୋୟଲ ଏବେ ମଧ୍ୟ ୫୧ ପ୍ରତିଶତ ଅଂଶଧନ ସହ ପ୍ରମୋଟର ରହିଛନ୍ତି। ଏହା ତାଙ୍କର ମୁଣ୍ଡବ୍ୟଥା ହେବା କଥା। ସେ କମ୍ପାନୀ ଚଳାଇବେ କି ଏହାକୁ ବିକି ଦେବେ ସେ ହିଁ ଠିକ୍ କରିବା ଉଚିତ୍ ବୋଲି ସଂଘ ଦର୍ଶାଇଛି।

### ୧୫ ବିମାନ ବ୍ୟବହାର ଲାଗି ବ୍ୟାଙ୍କଗୁଡିକର ଉଦ୍ୟମ

ଜେଟ୍‌ର ୧୫ ବିମାନକୁ ବ୍ୟବହାର କରିବା ଲାଗି ବ୍ୟାଙ୍କଗୁଡିକ ପକ୍ଷରୁ ଉଦ୍ୟମ କରାଯାଉଛି। ଏହି ବିମାନଗୁଡିକ ମାଲିକାନା ଜେଟ ନିକଟରେ ରହିଛି। ସଂସ୍ଥାର ମୂଲ୍ୟବାନ ସମ୍ପତ୍ତି ସହ ବିମାନ ବନ୍ଦର ସ୍ଲଟକୁ ଅଚଳ ନ କରି ଏହା ବଦଳରେ କିଭଳି ଏହା କାର୍ଯ୍ୟରେ ଆସିବ ସେ ଉପରେ ବ୍ୟାଙ୍କଗୁଡିକ ସୁଚିନ୍ତିତ ଯୋଜନା କରୁଛନ୍ତି।

### ଅନ୍ତଃରାଷ୍ଟ୍ରୀୟ ରୁଟ୍ ଲାଗି ଏୟାର ଇଣ୍ଡିଆର ଅଫର

ଜେଟ୍ ଏୟାରୱେଜର ଉଡ଼ାଣ ବନ୍ଦ ହେବା ପରେ ବିଦେଶରେ ଫଶି ରହିଥିବା ଯାତ୍ରୀଙ୍କୁ ଫେରାଇ ଆଣିବା ଲାଗି ଏୟାର ଇଣ୍ଡିଆ ପକ୍ଷରୁ ସ୍ପେଶାଲ ଭଡା ଅଫର ଦିଆଯାଇଛି। କମ୍ପାନୀ ମୋଟ ୧୯ ଅନ୍ତଃରାଷ୍ଟ୍ରୀୟ ରୁଟ୍ ଲାଗି ସ୍ପେଶାଲ ଭଡ଼ା ଅଫର ଦେଉଛି। ଏହା ଆସନ୍ତା ୨୮ ପର୍ଯ୍ୟନ୍ତ ବଳବତ୍ତର ରହିବ। ଅଫର ଅନୁଯାୟୀ, ଜେଟ୍‌ର ଟିକେଟ ବୁକ୍ କରିଥିବା ଯାତ୍ରୀଙ୍କୁ ଶସ୍ତାରେ ଏୟାର ଇଣ୍ଡିଆ ଟିକେଟ ପ୍ରଦାନ କରାଯିବ। ଯେଉଁମାନେ ଏହି ଅଫର ସୁବିଧା ନେବାକୁ ଚାହାନ୍ତି, ସେମାନଙ୍କୁ ମୋହର ବାଜି ଥିବା ଜେଟ୍‌ର କନଫର୍ମ ଟିକେଟ ଦେଖାଇବାକୁ ହେବ। ସ୍ପେଶାଲ ଭଡ଼ା ସ୍କିମ୍ କେବଳ ସିଧା ରୁଟ୍‌ର ଉଡ଼ାଣ ପାଇଁ ଲାଗୁ ହେବ। ଭଡ଼ା ବୃଦ୍ଧି ରୋକିବାକୁ ଏୟାର ଇଣ୍ଡିଆ ନୂଆ ବିମାନ ଯୋଡିବାକୁ ପ୍ରୟାସ କରୁଛି।

### ଏସ୍‌ବିଆଇ ମୁଖ୍ୟଙ୍କୁ ଭେଟିଲେ ଲୋହାନୀ

ବନ୍ଦ ହୋଇଯାଇଥିବା ଜେଟ୍ ଏୟାରୱେଜର ୫ ବଡ଼ ବିମାନକୁ ଲିଜ୍‌ରେ ନେବାକୁ ଏୟାର ଇଣ୍ଡିଆ ଆଗ୍ରହ ପ୍ରକାଶ କରିଛି। ଏଥିଲାଗି ରାଷ୍ଟ୍ରାୟତ୍ତ କମ୍ପାନୀ ଅଧ୍ୟକ୍ଷ ଅଶ୍ୱିନୀ ଲୋହାନୀ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ପ୍ରମୁଖଙ୍କୁ ପତ୍ର ଲେଖିଥିଲେ। ବର୍ତ୍ତମାନ ଜେଟ୍ ନିକଟରେ ୧୬ ବିମାନ ରହିଛି। ଏଥିରୁ ୧୦ଟି ବି୭୭୭-୩୦୦ଇଆର ଏବଂ ୬ଟି ଏୟାରବସ୍ ଏ୩୩୦ ଏସ୍ ବିମାନ ରହିଛି। ଜେଟ୍‌ର ବିମାନ ଲିଜ୍ ନେବା ପାଇଁ ଲୋହାନୀ ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାରଙ୍କୁ ଭେଟିଥିବା ଜଣାପଡିଛି।

### ସିବିଆଇ ତଦନ୍ତ ଦାବି କଲା ଜେଟ୍ ୟୁନିୟନ

ଅଲ୍‌ଇଣ୍ଡିଆ ଜେଟ୍‌ଏୟାରୱେଜ ଅଫିସର୍ସ ଏବଂ ଷ୍ଟାଫ୍ ଆସୋସିଏଶନ ସଭାପତି ତଥା ଏନ୍‌ସିପି ନେତା କିରଣ ପାୱସ୍କର ଜେଟ୍ ସଙ୍କଟର ସିବିଆଇ ତଦନ୍ତ ଦାବି କରିଛନ୍ତି। ନରେଶ ଗୋୟଲଙ୍କୁ କମ୍ପାନୀରୁ ବିଦା କରିବା ପଛରେ ରହିଥିବା ଷଡ଼ଯନ୍ତ୍ରର ତଦନ୍ତ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ଦୀର୍ଘ ୨୫ ବର୍ଷ ଧରି ଗୋୟଲ ଯଦି କମ୍ପାନୀ ଚଳାଇପାରିଲେ, ତେବେ ତାଙ୍କୁ ବିଦା କାହିଁକି କରାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି।

### ଜେଟ୍ ଭଳି ବନ୍ଦ ହୋଇପାରେ ଏୟାର ଇଣ୍ଡିଆ

ଜେଟ୍ ଏୟାରୱେଜ ଭଳି ରାଷ୍ଟ୍ରାୟତ୍ତ ଏୟାରଲାଇନ କମ୍ପାନୀ ଏୟାର ଇଣ୍ଡିଆ ମଧ୍ୟ ବନ୍ଦ ହୋଇପାରେ। କମ୍ପାନୀ ଉପରେ ବର୍ତ୍ତମାନ ୯ ହଜାର କୋଟି ଟଙ୍କାର ଋଣ ରହିଛି। ଏଭଳି ସ୍ଥିତିରେ ସରକାର ସହାୟତାର ହାତ ନ ବଢ଼ାଇଲେ ଜେଟ୍ ଭଳି ଏୟାର ଇଣ୍ଡିଆ ମଧ୍ୟ ବନ୍ଦ ହୋଇଯିବ। ନୂଆ ସରକାର କେନ୍ଦ୍ରରେ ଆସିବା ପରେ ହିଁ ଏୟାର ଇଣ୍ଡିଆ ସମ୍ପର୍କରେ ନିଷ୍ପତ୍ତି ନିଆଯିବାକୁ ଥିବାରୁ ସେହି ସମୟ ଭିତରେ ଏହି ରାଷ୍ଟ୍ରାୟତ୍ତ କମ୍ପାନୀକୁ ସହାୟତା ନ ମିଳିଲେ ଏହା ବନ୍ଦ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏୟାର ଇଣ୍ଡିଆ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟକୁ ସୂଚନା ପ୍ରଦାନ କରାଯାଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଚଳିତ ବର୍ଷ କେତେକ ବ୍ୟାଙ୍କ ବକେୟା ଋଣ ବାବଦରେ କିସ୍ତି ଆକାରରେ ଏୟାର ଇଣ୍ଡିଆଠାରୁ ଟଙ୍କା ପାଇବା କଥା। ତେବେ ଏହା ନିକଟରେ ଅର୍ଥ ନାହିଁ। ଏଭଳି ସ୍ଥିତିରେ ଋଣ ବାବଦରେ ଇଏମ୍ଆଇ ପରିଶୋଧ ହୋଇ ନ ପାରିଲେ ଏୟାର ଇଣ୍ଡିଆ ଇଏମ୍ଆଇ ଡିଫଲ୍ଟର ଭାବେ ଘୋଷିତ ହେବ।

# ଆସିଲା ନୂଆ ହ୍ୟୁଣ୍ଡାଇ 'ଭେନ୍ୟୁ'

ଭୁବନେଶ୍ୱର,୧୯-୪

ପ୍ରମୁଖ କାର ମାନୁଫାକ୍ଚରର ହ୍ୟୁଣ୍ଡାଇ ପକ୍ଷରୁ ଦେଶର ପ୍ରଥମ କନେକ୍ଟେଡ ଏସ୍‌ୟୁଭି 'ହ୍ୟୁଣ୍ଡାଇ ଭେନ୍ୟୁ'ର ବଜାର ପ୍ରବେଶ କରାଯାଇଛି। ଏହାକୁ ପୂର୍ବରୁ ୨୦୧୯ ନ୍ୟୁୟର୍କ ଅଟୋ ଶୋ'ରେ ସାମିଲ କରାଯାଇଥିଲା। ଏହି ଷ୍ଟାଇଲିସ ଏସ୍‌ୟୁଭିକୁ ଆରବ ସାଗରର ଏକ କ୍ରୁଜ ଲାଇନରରେ ଉନ୍ମୋଚନ କରାଯାଇଛି। କମ୍ପାନୀର ଏମ୍‌ଡି ତଥା ସିଇଓ ଏସ୍.ଏସ୍.କିମ୍ ଏହାର ବଜାର ପ୍ରବେଶ କରାଇଛନ୍ତି। ଭାରତ ବଜାରରେ ବିଶ୍ୱ ସ୍ତରୀୟ ପ୍ରଡକ୍ଟ ଯୋଗାଣ ଲାଗି ସର୍ବଦା ପ୍ରତିବଦ୍ଧତା ଦେଖାଇ ଆସିଛୁ ବୋଲି ସିଇଓ କିମ୍ କହିଛନ୍ତି। ଦେଶର ପ୍ରଥମ କନେକ୍ଟେଡ ଯାନ ହୋଇଥିବାରୁ ଏହା ଗ୍ରାହକଙ୍କ ଦ୍ୱାରା ଆଦୃତି ଲାଭ କରିବ। ଏକ ଉନ୍ନତ ଓନରଶିପ ଅଭିଜ୍ଞତା ସହ ସୁରକ୍ଷା ଏବଂ ସଶକ୍ତ ଦିଗରେ ଏହା କାର୍ଯ୍ୟ କରିବ। ହ୍ୟୁଣ୍ଡାଇ ବ୍ଲୁ ଲିଙ୍କ ଟେକ୍ନୋଲୋଜିକୁ ଏଥିରେ ସାମିଲ କରାଯାଇଥିବା କିମ୍ କହିଛନ୍ତି। ୩୩ କନେକଟେଡ ଫିଚର ମଧ୍ୟରୁ ୧୦ କେବଳ ଭାରତ ବଜାରକୁ ରଖି ପ୍ରସ୍ତୁତ କରାଯାଇଛି। କାପା ୧.୦ ଟି-ଜିଡିଆଇ ପେଟ୍ରୋଲ,୧.୨ ଲିଟର ପେଟ୍ରୋଲ,୧.୪ ଲିଟର ଡିଜେଲ, ୭ ସ୍ପିଡ ଡୁଆଲ କ୍ଲଚ ଟ୍ରାନ୍ସମିଶନ ଏବଂ ବୋଲ୍ଡ ଡିଜାଇନକୁ କମ୍ପାନୀ ଏଥିରେ ଗୁରୁତ୍ୱ ଦେଇଛି।




### ନିର୍ବାଚନ ଲାଗି ରାପିଡୋର ମାଗଣା ଯାତ୍ରା ସୁବିଧା

ଭୁବନେଶ୍ୱର,୧୯-୪

ପ୍ରମୁଖ ବାଇକ ଟାକ୍ସି ସେବା ଯୋଗାଣକାରୀ କମ୍ପାନୀ ରାପିଡୋ ନିର୍ବାଚନ ସମୟରେ ଲୋକଙ୍କୁ ମାଗଣା ଯାତ୍ରା ସୁବିଧା ପ୍ରଦାନ ସମ୍ପର୍କରେ ଘୋଷଣା କରିଛି। ଏହି ଅଫର ଭୁବନେଶ୍ୱର ଏବଂ କଟକ ସହରରେ ଉପଲବ୍ଧ ରହିବ। ଏଥି ପାଇଁ ଗ୍ରାହକ ରାପିଡୋ ଆପ୍‌କୁ ଯାଇ ରାପିଡୋ ବାଇକ୍ ବୁକ୍ କରି ପାରିବେ। ସାଧାରଣ ଭାବେ ଲୋକମାନେ ରାପିଡୋ ବାଇକ ଟାକ୍ସି ବୁକ କରିବାକୁ ଚାହୁଁଥିଲେ ୩ କିମି ପିଛା ୧୦ ଟଙ୍କା ଚାର୍ଜ ଲାଗିବ। ନିର୍ଦ୍ଧାରିତ ସହରଗୁଡିକରେ ମତଦାନ ସମୟରେ ଲୋକଙ୍କୁ ଏହି ସୁବିଧା କରାଯାଇଥିବା ରାପିଡୋ ବାଇକ ଟାକ୍ସିର ସିଟି ହେଡ ଶିବାଶିଷ ରଥ ସୂଚନା ଦେଇଛନ୍ତି।

# ୟାମି ଗୌତମ ଖିମ୍‌ଜୀର ବ୍ରାଣ୍ଡ ଆମ୍ବାସାଡର

ଭୁବନେଶ୍ୱର,୧୯-୪

ବିବାହ ସିଜନକୁ ଦୃଷ୍ଟିରେ ରଖି ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଗହଣା ବ୍ରାଣ୍ଡ ଖିମ୍‌ଜୀ ଜୁଏଲେରି ବଲିଉଡ୍ ତାରକା ୟାମୀ ଗୌତମଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରିଛି। ୟାମୀଙ୍କୁ ସ୍ୱାକ୍ଷର କରାଯିବା କମ୍ପାନୀ ପାଇଁ ଅତ୍ୟନ୍ତ ଖୁସିର ବିଷୟ ବୋଲି ଖିମ୍‌ଜୀର ନିର୍ଦ୍ଦେଶକ ମିତେଶ୍ ଖିମ୍‌ଜୀ କହିଛନ୍ତି। ଖିମ୍‌ଜୀର ବ୍ୟବସାୟ ବୃଦ୍ଧିରେ ଏହି ବଲିଉଡ୍ ତାରକାଙ୍କ ଲୋକପ୍ରିୟତା ସହାୟକ ହେବ ବୋଲି ସେ ଆଶବ୍ୟକ୍ତ କରିଛନ୍ତି। ଜଣେ ୟୁଥ୍ ଆଇକନ ଭାବେ ଖିମ୍‌ଜୀର ବ୍ରାଣ୍ଡ ଓ ସାମଗ୍ରୀ ପ୍ରଦର୍ଶନ ପାଇଁ ସେ ଉପଯୁକ୍ତ ବୋଲି ମିତେଶ୍ କହିଛନ୍ତି। ଖିମ୍‌ଜୀ ବ୍ରାଣ୍ଡ ପାଇଁ ସ୍ୱାକ୍ଷର କରି ସେ ଖୁବ୍ ଖୁସୀ ବୋଲି ୟାମୀ କହିଛନ୍ତି। ସେହିଭଳି କମ୍ପାନୀ ପକ୍ଷରୁ ନୂଆ 'ଦି ପରଫେକ୍ଟ ମ୍ୟାଚ୍ କଲେକ୍ସନ-୨୦୧୯' ଶୁଭାରମ୍ଭ ହୋଇଛି। ଏଥିରେ ବିସ୍ତୃତ ବର୍ଗର ୱେଡିଂ ଜୁଏଲେରି ସାମିଲ ରହିଛି।

KHIMJI®
Jewellers since 1936
BHUBANESWAR | BERHAMPUR | CUTTACK | ROURKELA

# କେନ୍‌ଷ୍ଟାର ଆଣିଲା ନୂଆ କୁଲର

ଭୁବନେଶ୍ୱର,୧୯-୪ (ବ୍ୟୁରୋ)

KENSTAR COMFORT @ HOME

ହୋମ୍,କିଚେନ ଆପ୍ଲାଏନ୍ସ,କୁଲର ନିର୍ମାଣ କ୍ଷେତ୍ରରେ ପ୍ରମୁଖ କମ୍ପାନୀ କେନ୍‌ଷ୍ଟାର ପକ୍ଷରୁ ନୂଆ 'କୁଲବ୍ଲାଷ୍ଟର' କୁଲର ବଜାରକୁ ଆସିଛି। ଏଥିରେ ୨ଟି ମଡେଲ ସାମିଲ ରହିଛି। ଏହା ରିମୋଟ ଏବଂ ଅଣରିମୋଟରେ ପରିଚାଳିତ ହୋଇ ପାରୁଛି। ନୂଆ ପ୍ରଡକ୍ଟକୁ ଗ୍ରାହକଙ୍କ ପକ୍ଷରୁ ଭଲ ରେସପନ୍ସ ମିଳୁଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଥିରେ ୬୦ ଲିଟର ବିଶିଷ୍ଟ ଟାଙ୍କି ରହିଥିବା ବେଳେ ଉନ୍ନତ ଏୟାରଥ୍ରୋ ଏବଂ ସାଇଲେଣ୍ଟ ଭଳି ପ୍ରମୁଖ ବୈଶିଷ୍ଟ୍ୟ ସହ ଆସୁଛି। ଏହା ସାରା ରାଜ୍ୟରେ ଉପଲବ୍ଧ ହେଉଛି। ଏହା ବାଦ କମ୍ପାନୀ ଟର୍ବୋ କୁଲ ଏବଂ ଡବଲ କୁଲ ଭଳି କୁଲର ବଜାରରେ ଉପଲବ୍ଧ କରାଉଛି। ସେହିଭଳି ଗ୍ରାଇଣ୍ଡର, ଆଇରନ, ହ୍ୟାଣ୍ଡ ବ୍ଲେଣ୍ଡର, ଇଣ୍ଡକ୍ସନ କୁକର, ମିକ୍ସର ଭଳି ଅନ୍ୟାନ୍ୟ ବର୍ଗରେ ଏହା ପ୍ରଡକ୍ଟ ଯୋଗାଉଛି। ସର୍ଭିସ ଲାଗି କେନ୍‌ଷ୍ଟାର ୧୭ ଫ୍ରାଞ୍ଚାଇଜି ପାର୍ଟନରଙ୍କ ସହ ମିଳିତ ହୋଇ କାର୍ଯ୍ୟ କରୁଛି। ରାଜ୍ୟର ୩୫୦ ଆଉଟ୍‌ଲେଟରେ କମ୍ପାନୀର ପ୍ରଡକ୍ଟଗୁଡିକ ଉପଲବ୍ଧ। ଗ୍ରାହକଙ୍କୁ ଫାଇନାନ୍ସ ସୁବିଧା ପ୍ରଦାନ କରିବା ଲାଗି ଏହା ବଜାଜ ଫାଇନାନ୍ସ ସହ ଚୁକ୍ତି କରିଛି।

# ଏଲ୍‌ଆଇସି କଟକ ମଣ୍ଡଳର ସଫଳତା

ଭୁବନେଶ୍ୱର,୧୯-୪

LIC
भारतीय जीवन बीमा निगम
LIFE INSURANCE CORPORATION OF INDIA

୨୦୧୮-୧୯ ଆର୍ଥିକ ବର୍ଷରେ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର କଟକ ମଣ୍ଡଳ ବିଭିନ୍ନ ବର୍ଗରେ ବ୍ୟବସାୟ ସଫଳତା ହାସଲ କରିଛି। ଏହି ସମୟରେ ନୂତନ ବୀମା ପଲିସି ବିକ୍ରିରେ ମଣ୍ଡଳ ସାରା ଦେଶରେ ପ୍ରଥମ ସ୍ଥାନରେ ରହିଛି। କଟକ ମଣ୍ଡଳ ୫.୧୦ ଲକ୍ଷ ପଲିସି ବିକ୍ରି କରିବା ସହ ୬୪୫ କୋଟି ଟଙ୍କାର ପ୍ରିମିୟମ ହାସଲ କରିଛି। ୫ ଲକ୍ଷରୁ ଉର୍ଦ୍ଧ୍ୱ ପଲିସି ବିକ୍ରି କରିବାରେ କଟକ ଏକ ମାତ୍ର ମଣ୍ଡଳ ବୋଲି ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅଶୋକ କୁମାର ରାଉତରାୟ ସୂଚନା ଦେଇଛନ୍ତି। ପାରମ୍ପରିକ ବୀମା ପ୍ରିମିୟମ କ୍ଷେତ୍ରରେ ୩୫୨ କୋଟି ଟଙ୍କାରୁ ଅଧିକ ପ୍ରିମିୟମ ସଂଗ୍ରହ କରି ଏହା ସାରା ଦେଶରେ ପ୍ରଥମ ସ୍ଥାନରେ ରହିଛି। ପଲିସି ବିକ୍ରି କ୍ଷେତ୍ରରେ କଟକ ମଣ୍ଡଳର ୫ଟି ଶାଖା ଉନ୍ନତ ସ୍ଥାନରେ ରହିଛନ୍ତି। ଭଦ୍ରକ, ଯାଜପୁର, ବାଲେଶ୍ୱର, କଟକ ଡିବି ଏବଂ କେନ୍ଦ୍ରାପଡା ଯଥାକ୍ରମେ ୩ୟ,୫ମ, ୬ଷ୍ଠ ,୨୨ ଏବଂ ୨୫ତମ ସ୍ଥାନରେ ରହିଛନ୍ତି। କଟକ ମଣ୍ଡଳର ସିଏଲ୍‌ଆଇଏ ଚ୍ୟାନେଲ ୧.୩୮ ଲକ୍ଷ ପଲିସି ଦ୍ୱାରା ୧୫୪ କୋଟି ଟଙ୍କାର କାରବାର କରିଛି।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍- ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ପ୍ରେମ ନାରାୟଣ ଫାର୍ମା, ସ୍ୱତ୍ୱାଧିକାରୀ: କେ. ଗିରିଜା ଶଙ୍କର ସୁବୁଦ୍ଧି,** ପିତା: କେ. ନାରାୟଣ ସୁବୁଦ୍ଧି / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ କେ. ପ୍ରେମ କୁମାରୀ,** ସ୍ୱାମୀ: କେ. ନାରାୟଣ ସୁବୁଦ୍ଧି, ଉଭୟଙ୍କ ଠିକଣା- ଫ୍ଲାଟ୍ ନଂ.: ୦୭, ଏ, ବି, ତଳ ମହଲା ଏବଂ ୧ମ ମହଲା, ମୟୂରୀ ମାଜେଷ୍ଟିକ୍, ସୋମନାଥ ନଗର, ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୨ | **କେ. ପ୍ରେମ କୁମାରୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି ପ୍ରେମ ନଗରର ନର୍ଦ୍ଦଣ୍ଡ ରୋ, ୭ମ ଲାଇନ୍, ୱାର୍ଡ ନଂ.: ୧୧, ଆସିଷ୍ଟ ନଂ.: ୯୦୧୦, ମୌଜା: ଓଲ୍ଡ ବ୍ରହ୍ମପୁର, ତହସିଲ: ବ୍ରହ୍ମପୁରରେ ଅବସ୍ଥିତ ଯାହାର ଖାତା ନଂ.: ୬୨୪/୩୩୮, ପ୍ଲଟ୍ ନଂ.: ୮୭୧/୩୭୯୧, କ୍ଷେତ୍ର: ଏକର୦.୦୦୩ଡିସିମିଲି, ପ୍ଲଟ୍ ନଂ.: ୮୭୪/୩୭୯୨, କ୍ଷେତ୍ର: ଏକର୦.୦୧୦ଡିସିମିଲି ଏବଂ ପ୍ଲଟ୍ ନଂ.: ୮୭୩, କ୍ଷେତ୍ର: ଏକର୦.୦୬୩ଡିସିମିଲି, **ମୋଟ୍ କ୍ଷେତ୍ର: ଏକର୦.୦୭୬ଡିସିମିଲି,** ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ବିକ୍ରେତାଙ୍କ ଅବଶିଷ୍ଟ ଜମି, ଉତ୍ତର: ବିକ୍ରେତାଙ୍କ ଜମି, ଦକ୍ଷିଣ: ୩୦ ଫୁଟିଆ ଚଉଡା ରାସ୍ତା | ୦୨.୦୨.୨୦୧୯ ସୁଦ୍ଧା **ଟ.୨୯,୩୯,୭୮୭/-** + ପରବର୍ତ୍ତୀ ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୨.୦୨.୨୦୧୯ / ୧୭.୦୪.୨୦୧୯ |
| **ଋଣଗ୍ରହୀତା: ମେସର୍ସ ବିନାୟକ ଷ୍ଟୋନ୍ କ୍ରସର, ସ୍ୱତ୍ୱାଧିକାରୀ: ଶ୍ରୀ ବିନାୟକ ଜେନା,** ପିତା: ଶ୍ରୀ ବଳଭଦ୍ର ଜେନା / **ଗ୍ୟାରେଣ୍ଟିଦାତା: ଶ୍ରୀ ନିତ୍ୟାନନ୍ଦ ସାହୁ,** ପିତା: ୰ ଯୋଗୀ ସାହୁ, ଉଭୟଙ୍କ ଠିକଣା- ବାଦଭୂଇଁ, ଅରଖପଲ୍ଲୀ, ପୋ.: ନିମାଣି, ଥାନା: ଫତେଗଡ, ଜିଲ୍ଲା: ନୟାଗଡ, ଓଡ଼ିଶା-୭୫୨୦୬୩ | **ଶ୍ରୀ ନିତ୍ୟାନନ୍ଦ ସାହୁ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅରଖପଲ୍ଲୀ, ତହସିଲ: ଖଣ୍ଡପଡା, ଥାନା: ଫତେଗଡ, ଜିଲ୍ଲା: ନୟାଗଡ, ଓଡ଼ିଶା, ଖାତା ନଂ.: ୧୫୬, ୧) ପ୍ଲଟ୍ ନଂ.: ୯୩୪, କ୍ଷେତ୍ର: ଏକର୦.୧୦ଡିସିମିଲି, ୨) ପ୍ଲଟ୍ ନଂ.: ୯୩୫, କ୍ଷେତ୍ର: ଏକର୦.୩୭ଡିସିମିଲି, ୩) ପ୍ଲଟ୍ ନଂ.: ୯୩୯, କ୍ଷେତ୍ର: ଏକର୦.୦୩ଡିସିମିଲି, କିସମ: ସାରଦ-୨, ୪) ପ୍ଲଟ୍ ନଂ.: ୯୩୯/୧୯୦୨, କ୍ଷେତ୍ର: ଏକର୦.୧୦ଡିସିମିଲି, କିସମ: ଘରବାରୀ, **ପ୍ଲଟ୍ ନଂ.: ୯୩୯ ଏବଂ ୯୩୯/୧୯୦୨ର ଚାରିପାର୍ଶ୍ୱରେ** ଉତ୍ତର: ବାଲୁଙ୍କେଶ୍ୱର ସାହୁ, ଦକ୍ଷିଣ: ନିଜ, **ପ୍ଲଟ୍ ନଂ.: ୯୩୪ର ଚାରିପାର୍ଶ୍ୱରେ** ଉତ୍ତର: ନିଜ, ଦକ୍ଷିଣ: କାଶିଆ ମୌଜାର ସରହଦ, **ପ୍ଲଟ୍ ନଂ.: ୯୩୫ର ଚାରିପାର୍ଶ୍ୱରେ** ଉତ୍ତର: ନିଜ, ଦକ୍ଷିଣ: କାଶିଆ ମୌଜାର ସରହଦ | ୦୮.୧୧.୨୦୧୮ ସୁଦ୍ଧା **ଟ.୫୭,୭୭,୩୯୦/-** + ପରବର୍ତ୍ତୀ ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୮.୧୧.୨୦୧୮ / ୧୬.୦୪.୨୦୧୯ |

**ସ୍ଥାନ: ଭୁବନେଶ୍ୱର, ତାରିଖ : ୧୮.୦୪.୨୦୧୯** ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



ଚଳିତ ଆଇପିଏଲରେ ଆଗକୁ ବଢ଼ିବାକୁ ହେଲେ ଆମ ଦଳର ମିଡଲ ଅର୍ଡର ବ୍ୟାଟିଂରେ ଉନ୍ନତି ଆବଶ୍ୟକ।

–ପ୍ରବୀଣ ଆମ୍ରେ, ଦିଲ୍ଲୀ କ୍ୟାପିଟାଲ୍ସ ସ୍କାଉଟିଂ ମୁଖ୍ୟ



ଶନିବାର କିଙ୍ଗ୍ସ ଇଲେଭେନ ପଞ୍ଜାବ–ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚରେ ସ୍ପିନରମାନଙ୍କ ବିଶେଷ ଭୂମିକା ରହିବ।

–ସାମୁଏଲ ବଦ୍ରି, ଦିଲ୍ଲୀ କ୍ୟାପିଟାଲ୍ସ ବୋଲିଂ କୋଚ୍

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ସୋତୋକାନ କରାଟେ ୨୦ରୁ

କଟକ ଅଫିସ, ୧୯।୪: ଚଳିତ ମାସ ୨୦ ଓ ୨୧ ତାରିଖ ଦୁଇଦିନ ଧରି ଦୋଳମୁଣ୍ଡାଇସ୍ଥିତ ବିଜୟ ଗୋବିନ୍ଦ ଭବନରେ ସୋତୋକାନ କରାଟେ ସେଣ୍ଟର ଅଫ ଓଡ଼ିଶା ପକ୍ଷରୁ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଉଭୟ କାଟା ଓ କୁମିତେ ବିଭାଗରେ ପ୍ରତିଯୋଗିତା ହେବାକୁଥିବାବେଳେ ରାଜ୍ୟରୁ ୫୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ରବିବାର ସନ୍ଧ୍ୟାରେ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ ବୋଲି ସେଣ୍ଟରର ସମ୍ପାଦକ ନର୍ମଦା ଗୁଇଁ ସୂଚନା ଦେଇଛନ୍ତି।

### ଏସିଆନ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଆଜିଠାରୁ

ନିଙ୍ଗବୋ(ଚାଇନା), ୧୯।୪: ଏସିଆନ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଏଠାରେ ଶନିବାରଠାରୁ ଆରମ୍ଭ ହେବ। ପୂର୍ବତନ ବିଶ୍ୱ ଚାମ୍ପିୟନ ମୀରାବାଇ ଚାନୁ ଭାରତୀୟ ଦଳର ନେତୃତ୍ୱ ନେବେ। ଭାରତୀୟ ଦଳରେ ସାମିଲ ଥିବା ଓଡ଼ିଶାର ଝିଲି ଦଳବେହେରା ମହିଳା ୪୫ କେଜି ବିଭାଗରେ ଭାଗ୍ୟ ପରୀକ୍ଷା କରିବେ। ଭାରତର ପଦକ ଦାବିଦାର ମୀରାବାଇ ଏଥର ୪୮ କେଜି ପରିବର୍ତ୍ତେ ୪୯ କେଜିରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ପିଠିର ନିମ୍ନଭାଗରେ ଯନ୍ତ୍ରଣା ଯୋଗୁ ଦୀର୍ଘ ୯ ମାସଧରି ଆଖଡ଼ାରୁ ଦୂରେଇ ରହିଥିବା ମୀରାବାଇ ଏବେ ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗତ ଫେବୃୟାରୀରେ ଥାଇଲାଣ୍ଡରେ ଅନୁଷ୍ଠିତ ଇଗାଟ କପ୍‌ରେ ଏହି ୨୪ ବର୍ଷୀୟା ଭାରୋତ୍ତୋଳିକା ସ୍ନାଚରେ ୮୨ କେଜି, କ୍ଲିନ୍ ଆଣ୍ଡ୍ ଜର୍କରେ ୧୧୦ କେଜି ଭାରୋତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ମୀରାବାଇଙ୍କ ପାଇଁ ୬ ଅଲିମ୍ପିକ୍ସ କ୍ୱାଲିଫାଇଂ ଇଭେଣ୍ଟ ମଧ୍ୟରୁ ଅନ୍ୟତମ ଥିଲା।

### ଗୋଆକୁ ୧୦ କୋଟି ଟଙ୍କା ଜରିମାନା

ନୂଆଦିଲ୍ଲୀ, ୧୯।୪(ପି.ଟି.)- ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଗୋଆକୁ ୧୦ କୋଟି ଟଙ୍କା ଜରିମାନା ଦେବାକୁ କହିଛି। ୩୬ତମ ଜାତୀୟ ଗେମ୍ସ ଆୟୋଜନକୁ ବାରମ୍ବାର ଘୁଞ୍ଚାଇବା ଫଳରେ ଆଇଓଏ ଅସନ୍ତୋଷ ଜାହିର କରିବା ସହ ଏହି ନିର୍ଦ୍ଦେଶ ଦେଇଛି। ଖୁବ୍ ଶୀଘ୍ର ଆଇଓଏର ଏକ ପ୍ରତିନିଧି ଦଳ ଗୋଆ ଯାଇ କ୍ରୀଡ଼ାର ତାରିଖ ନେଇ ଅନ୍ତିମ ନିଷ୍ପତ୍ତି ନେବ। ତେବେ ୩ଥର ତାରିଖ ଘୁଞ୍ଚାଇଥିବାରୁ ଗୋଆକୁ ୧୦ କୋଟି ଟଙ୍କା ଜରିମାନ ଆକାରରେ ଦେବାକୁ ହେବ ବୋଲି ଆଇଓଏ ତରଫରୁ ସ୍ପଷ୍ଟ କରାଯାଇଛି। ଯଦି ଗୋଆ ଜରିମାନା ନ ଦିଏ ଓ ୨୦୧୯ରେ ଏହି କ୍ରୀଡ଼ା ଆୟୋଜନ ନ କରେ ତାହେଲେ ଏହାକୁ ବାତିଲ କରାଯିବ ବୋଲି ଆଇଓଏର ଗେମ୍ସ ଟେକନିକାଲ କଣ୍ଡକ୍ଟ କମିଟି ଅଧ୍ୟକ୍ଷ ମୁକେଶ କୁମାର କହିଛନ୍ତି। ଉଲ୍ଲେଖଥାଉ କି, ଗୋଆ ଚଳିତ ବର୍ଷ ମାର୍ଚ୍ଚ- ଏପ୍ରିଲ୍‌ରେ ଦେଶରେ ଚାଲିଥିବା ସାଧାରଣ ନିର୍ବାଚନ କାରଣରୁ ଏହି ଇଭେଣ୍ଟ ଆୟୋଜନ କରିବାକୁ ଅକ୍ଷମତା ପ୍ରକାଶ କରିଥିଲା। ଜାତୀୟ କ୍ରୀଡ଼ାର ଏହି ସଂସ୍କରଣ ପ୍ରଥମେ ୨୦୧୬ରେ ଆୟୋଜନ ହେବାର ଥିଲା। ତେବେ ଏହାକୁ ଏକାଧିକବାର ବିଭିନ୍ନ କାରଣରୁ ଘୁଞ୍ଚାଇ ଦିଆଯାଇଛି। ଶେଷଥର ପାଇଁ ଏହା ମାର୍ଚ୍ଚ ୩୦ରୁ ଏପ୍ରିଲ ୧୪ ମଧ୍ୟରେ ଆୟୋଜନ ହେବାର ଥିଲା। ପୂର୍ବରୁ ଏହି କ୍ରୀଡ଼ାକୁ ଗୋଆରୁ ସ୍ଥାନାନ୍ତର କରିବାକୁ ଆଇଓଏ ସାଧାରଣ ସମ୍ପାଦକ ରାଜୀବ ମେହେଟ୍ଟା କହିଥିଲେ। ଏହି କ୍ରୀଡ଼ାର ୩୬ତମ ସଂସ୍କରଣ ଗୋଆ ଆୟୋଜନ କରିବା ପରେ ପରବର୍ତ୍ତୀ ସଂସ୍କରଣଗୁଡିକ ୨୦୧୯ରେ ଛତିଶଗଡ଼ ଓ ୨୦୨୦ରେ ଉତ୍ତାରାଖଣ୍ଡ ଓ ୨୦୨୨ରେ ମେଘାଳୟରେ ଆୟୋଜନ କରିବାକୁ ଆଇଓଏ ନିଷ୍ପତ୍ତି ନେଇଥିଲା।

# ୧୯୭୫: ପ୍ରୁଡେନସିଆଲ୍ କପ୍

ଆଇସିସି ବିଶ୍ୱକପ

ଆଉ ୩୯ ଦିନ

କ୍ରିକେଟ ବିଶ୍ୱକପର ପ୍ରଥମ ସଂସ୍କରଣ ୧୯୭୫ରେ ଇଂଲଣ୍ଡରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଆନୁଷ୍ଠାନିକ ଭାବେ ପ୍ରୁଡେନ୍‌ସିଆଲ୍ କପ୍ କୁହାଯାଉଥିଲା। ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ୍(ଆଇସିସି) ଆନୁକୂଲ୍ୟରେ ଏହାଥିଲା ପ୍ରଥମ ସର୍ବବୃହତ୍ ସୀମିତ ଓଭର କ୍ରିକେଟ ଟୁର୍ନାମେଣ୍ଟ। ଜୁନ ୭ରେ ଏହା ଆରମ୍ଭ ହୋଇ ୨୧ ତାରିଖରେ ଶେଷ ହୋଇଥିଲା।

ପ୍ରୁଡେନସିଆଲ ଆସ୍ୟୁରାନ୍ସ କମ୍ପାନୀ ଏହି ପ୍ରତିଯୋଗିତାର ପ୍ରାୟୋଜକ ଥିଲା। ପ୍ରଥମ ସଂସ୍କରଣରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ସାମିଲ ଥିଲେ ୬ଟି ଟେଷ୍ଟ ଖେଳୁଥିବା ଦେଶ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ୱେଷ୍ଟଇଣ୍ଡିଜ ଅଗ୍ରଣୀ ସହଯୋଗୀ ଦେଶ ଶ୍ରୀଲଙ୍କା ଏବଂ ଇଷ୍ଟ ଆଫ୍ରିକା। ଇଷ୍ଟ ଆଫ୍ରିକା ଥରେ ମାତ୍ର ଏହି ସଂସ୍କରଣରେ ବିଶ୍ୱକପରେ ଖେଳିଥିଲା। ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୨ଟି ଗ୍ରୁପରେ ବିଭକ୍ତ କରାଯାଇଥିଲା। ପ୍ରତି ଗ୍ରୁପରେ ୪ଟି ଲେଖାଏ ଦଳ ରହିଥିଲେ। ଏହି କ୍ରମରେ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିଲେ ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଭାରତ ଓ ଇଷ୍ଟ ଆଫ୍ରିକା। ଗ୍ରୁପ୍ 'ବି'ରେ ରହିଥିଲେ ଅଷ୍ଟ୍ରେଲିଆ, ପାକିସ୍ତାନ, ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା। ଗ୍ରୁପରେ ସ୍ଥାନ ପାଇଥିବା ଦଳ ଗୁଡ଼ିକ ପରସ୍ପର ସହିତ ମ୍ୟାଚ ଖେଳିବାପରେ ପ୍ରତି ଗ୍ରୁପର ୨ଟି ଲେଖାଏ ଶ୍ରେଷ୍ଠ ଦଳ ସେମିଫାଇନାଲରେ ପ୍ରବେଶ କରିବା ନିୟମ ଥିଲା। ମ୍ୟାଚଗୁଡ଼ିକ ୬୦ ଓଭର ବିଶିଷ୍ଟ ଥିଲା। ଖେଳାଳିମାନେ ପାରମ୍ପରିକଭାବେ ଧଳା କପଡ଼ାରେ ନିର୍ମିତ ପୋଷାକ ପରିଧାନ କରିଥିଲେ ଏବଂ ଲାଲ୍ ବଲ୍‌ରେ ମ୍ୟାଚ ଖେଳା ଯାଇଥିଲା।



ୱେଷ୍ଟଇଣ୍ଡିଜ ଅଧିନାୟକ କ୍ଲାଇବ୍ ଲୟଡଙ୍କ ହାତରେ ବିଶ୍ୱକପ୍ ଟ୍ରଫି।

ଦିନିକିଆ କ୍ରିକେଟର ପରିକଳ୍ପନା ସେତେବେଳେ ପ୍ରାରମ୍ଭିକ ଅବସ୍ଥାରେ ଥିଲା। ୧୯୭୧ରୁ ୧୯୭୫ ମଧ୍ୟରେ ଏପରି ମାତ୍ର ୧୮ଟି ମ୍ୟାଚ ଖେଳା ଯାଇଥିଲା। ଟେଷ୍ଟ ପ୍ଲେଇଂ ଦେଶ ମଧ୍ୟରେ ଏହି ମ୍ୟାଚ ଗୁଡ଼ିକ ଅନୁଷ୍ଠିତ ହୋଇଥିଲା। ଏହି ବିଶ୍ୱକପରେ ୱେଷ୍ଟଇଣ୍ଡିଜକୁ ଫେଭରାଇଟ ଦଳ ବିବେଚନା କରାଯାଉଥିଲା। ଲିଗ୍ ପର୍ଯ୍ୟାୟର ପ୍ରଦର୍ଶନ ଭିତ୍ତିରେ ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ ଓ ଅଷ୍ଟ୍ରେଲିଆ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ଭାରତୀୟ ଉପମହାଦେଶର କୌଣସି ଦେଶ ଲିଗ୍ ପର୍ଯ୍ୟାୟ ଅତିକ୍ରମ କରିପାରି ନ ଥିଲେ। ସେମିଫାଇନାଲରେ ଇଂଲଣ୍ଡକୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡକୁ ୱେଷ୍ଟଇଣ୍ଡିଜ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ପୂର୍ବାନୁମାନ ଅନୁସାରେ ଲର୍ଡ୍ସରେ ଅନୁଷ୍ଠିତ ଫାଇନାଲରେ ଅଷ୍ଟ୍ରେଲିଆକୁ ୧୭ ରନରେ ହରାଇ ୱେଷ୍ଟଇଣ୍ଡିଜ ବିଶ୍ୱବିଜେତା ହୋଇଥିଲା।

ପ୍ରତିଯୋଗିତାର ପ୍ରଥମ ମ୍ୟାଚ ଅନେକ କାରଣରୁ ଚର୍ଚ୍ଚିତ ଥିଲା। ଭାରତର ସୁନୀଲ ଗାଭାସ୍କର ଏକ ଅଲୋଡ଼ା ରେକର୍ଡ ପାଇଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ ରହିଥିଲେ। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଡେନିସ ଆମିସ(୧୩୭ ରନ)ଙ୍କ ଶତକ ସହାୟତାରେ ୪ ଉଇକେଟ ହରାଇ ୩୩୪ ରନ କରିଥିଲା। ଜବାବରେ ଭାରତ ପୂରା ୬୦ ଓଭର ଖେଳିଥିଲେ ହେଁ ୩ ଉଇକେଟ ହରାଇ ୧୩୨ ରନ କରିପାରି ଥିଲା। ସୁନୀଲ ଗାଭାସ୍କର ୬୦ ଓଭରଯାକ କ୍ରିଜ୍‌ରେ ରହି ୧୭୪ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ ହେଁ ମାତ୍ର ୩୬ ରନରେ ଅପରାଜିତ ରହିଥିଲେ। ଏହାକୁ ନେଇ ସେତେବେଳେ ବହୁ ସମାଲୋଚନା କରାଯାଇଥିଲା।




ଟୁର୍ନାମେଣ୍ଟରେ ମୋଟ ୧୫ଟି ମ୍ୟାଚ ଖେଳାଯାଇଥିଲା। ମ୍ୟାଚ ଗୁଡ଼ିକ ଲଣ୍ଡନର ଲର୍ଡ୍ସ(ଦର୍ଶକ କ୍ଷମତା ୩୦,୦୦୦), ଓଭାଲ(୨୩,୫୦୦), ବର୍ମିଂହାମର ଏଜବାଷ୍ଟନ କ୍ରିକେଟ ଗ୍ରାଉଣ୍ଡ(୨୧,୦୦୦), ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ କ୍ରିକେଟ ଗ୍ରାଉଣ୍ଡ(୧୯,୦୦୦), ନଟିଂହାମ୍‌ର ଟ୍ରେଣ୍ଟ ବ୍ରିଜ୍(୧୫,୩୫୦) ଓ ଲିଡ୍ସର ହେଡିଂଲେ କ୍ରିକେଟ ଗ୍ରାଉଣ୍ଡ(୧୪,୦୦୦)ରେ ଅନୁଷ୍ଠିତ ହୋଇଥିଲା।

ନ୍ୟୁଜିଲାଣ୍ଡ ସେମିଫାଇନାଲରେ ବିଦାୟ ନେଇଥିଲେ ହେଁ ଗ୍ଲେନ୍ ଟର୍ନର ଟପ୍ ସ୍କୋରର ହୋଇଥିଲେ। ସେ ୪ ମ୍ୟାଚରେ ୧୬୬.୫୦ ଆଭରେଜରେ ୩୩୩ ରନ କରିଥିଲେ। ଏହା ମଧ୍ୟରେ ସେ ୨ଟି ଶତକ ହାସଲ କରିଥିଲେ ଏବଂ ତାଙ୍କର ସର୍ବୋଚ୍ଚ ସ୍କୋର ଥିଲା ୧୭୧*। ପ୍ରଥମ ମ୍ୟାଚରେ ୧୩୭ ରନ କରିଥିବା ଡେନିସ ଆମିସ ୨୪୩ ରନ ସହ ଦ୍ୱିତୀୟ, ପାକିସ୍ତାନର ମାଜିଦ ଖାଁ(୨୦୯) ତୃତୀୟ, ଇଂଲଣ୍ଡର କିଥ୍ ଫ୍ଲେଚର(୨୦୭) ୪ର୍ଥ ଏବଂ ଅଷ୍ଟ୍ରେଲିଆର ଆଲାନ ଟର୍ନର(୨୦୧) ୫ମ ସ୍ଥାନରେ ରହିଥିଲେ। ସେହିପରି ସର୍ବାଧିକ ଉଇକେଟ ହାସଲକାରୀ ହୋଇଥିଲେ ଅଷ୍ଟ୍ରେଲିଆର ଗ୍ୟାରୀ ଗିଲମୋର। ସେ ମାତ୍ର ୨ଟି ମ୍ୟାଚ ଖେଳି ୧୧ଟି ଉଇକେଟ ନେଇଥିଲେ। ୬/୧୪ ତାଙ୍କର ଶ୍ରେଷ୍ଠ ବୋଲିଂ ଥିଲା। ୱେଷ୍ଟଇଣ୍ଡିଜର ବିମର୍ଡ ଜୁଲିଏନ ୫ ମ୍ୟାଚରୁ ୧୧ ଉଇକେଟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅନ୍ୟତମ ୱେଷ୍ଟଇଣ୍ଡିଜ ବୋଲର କିଥ୍ ବୟେସ ୧୦ ଏବଂ ନ୍ୟୁଜିଲାଣ୍ଡର ଡେଲ୍ ହାଡ୍‌ଲି ଓ ୱେଷ୍ଟଇଣ୍ଡିଜର ଆଣ୍ଡି ରବର୍ଟ୍ସ ୮ଟି ଲେଖାଏ ଉଇକେଟ ନେଇ ପରବର୍ତ୍ତୀ ୩ ସ୍ଥାନରେ ରହିଥିଲେ।

## ଚର୍ଚ୍ଚାରେ ପ୍ରଜ୍ଞାନ ଓଝାଙ୍କ ଟୁଇଟ୍

ହାଇଦ୍ରାବାଦ, ୧୯।୪

ଇଂଲଣ୍ଡରେ ଆସନ୍ତା ମାସରୁ ଆରମ୍ଭ ହେବାକୁ ଥିବା ଆଇସିସି ବିଶ୍ୱକପ୍ ଲାଗି ନିକଟରେ ବିରାଟ କୋହଲିଙ୍କ ନେତୃତ୍ୱରେ ୧୫ଜଣିଆ ଭାରତୀୟ ଦଳ ଘୋଷଣା ହୋଇଥିଲା। ଅଭିଜ୍ଞ ହାଇଦ୍ରାବାଦୀ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁଙ୍କୁ ଏହି ଦଳରେ ସ୍ଥାନ ମିଳି ନ ଥିଲା। ରାୟୁଡୁଙ୍କୁ ବିଶ୍ୱକପ୍ ଦଳରେ ଅଣଦେଖା ନେଇ ବହୁ ପୂର୍ବତନ କ୍ରିକେଟର ନିରାଶାବ୍ୟକ୍ତ କରିବା ସହ ଚୟନ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଥିଲେ। ଏହାକୁ ନେଇ ବର୍ତ୍ତମାନ ଆଲୋଚନା ଥମି ନ ଥିବାବେଳେ ଭାରତୀୟ କ୍ରିକେଟର ତଥା ବାମହାତୀ ଓଡ଼ିଆ ସ୍ପିନର ପ୍ରଜ୍ଞାନ ଓଝାଙ୍କ ଏକ ଟୁଇଟ୍ ଏବେ ବେଶ୍ ଚର୍ଚ୍ଚାରେ ରହିଛି। ଏହି ଟୁଇଟ୍ ଭବିଷ୍ୟତରେ ଓଝାଙ୍କୁ ଅଡୁଆରେ ପକାଇବାର ସମ୍ଭାବନା ମଧ୍ୟ ରହିଛି। ରାୟୁଡୁ ଚୟନ ନ ହେବା ପଛରେ ହାଇଦ୍ରାବାଦ ଖେଳାଳିଙ୍କ ବିରୋଧରେ ଷଡ଼ଯନ୍ତ୍ର ହେଉଛି ଏବଂ ସେ ମଧ୍ୟ ସମାନ ପରିସ୍ଥିତିର ସାମ୍ନା କରିଥିଲେ ବୋଲି ଟୁଇଟ୍‌ରେ ଓଝା କହିଛନ୍ତି। ଓଝାଙ୍କ ଏହି ଟୁଇଟ୍ ଏବେ ଚୟନ ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହାଇଦ୍ରାବାଦ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ୩୨ ବର୍ଷୀୟ ଓଝା କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ଥିବାବେଳେ ଜାତୀୟ ଦଳରୁ ବାଦ୍ ପଡ଼ିଥିଲେ। ମୁମ୍ବାଇରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯାଇଥିବା ସଚିନ ତେନ୍ଦୁଲକରଙ୍କ ବିଦାୟୀ ଟେଷ୍ଟ ମ୍ୟାଚ୍‌ରେ ସେ ୧୦ ଉଇକେଟ୍ ଅକ୍ତିଆର କରିବା ସହ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୨୪ ଟେଷ୍ଟ ମ୍ୟାଚ୍‌ରୁ ଓଝା ୧୧୩ ଉଇକେଟ୍ ନେଇଥିବାବେଳେ ୧୮ ଦିନିକିଆ ଓ ୬ ଟି୨୦ ମ୍ୟାଚ୍ ଖେଳିଛନ୍ତି। ୨୦୦୩ ବିଶ୍ୱକପ୍ ସମୟରେ ହାଇଦ୍ରାବାଦର ବ୍ୟାଟ୍ସମ୍ୟାନ ଭିଭିଏସ୍ ଲକ୍ଷ୍ମଣ ମଧ୍ୟ ଶ୍ରେଷ୍ଠ ଫର୍ମରେ ଥାଇ ବି ଦଳରେ ସ୍ଥାନ ପାଇ ନ ଥିଲେ।



## ଗୁରୁକୁଳ ଟେନିସ ଏକାଡେମୀରେ ପ୍ରତିଭା ଅନ୍ୱେଷଣ ଶିବିର

ଭୁବନେଶ୍ୱର, ୧୯।୪(କ୍ରୀଡ଼ା ପ୍ରତିନିଧି)

ମେଣ୍ଢାଶାଳସ୍ଥିତ ଗୁରୁକୁଳ ଟେନିସ ଏକାଡେମୀରେ ପାଞ୍ଚ ଦିନିଆ ଅଲ୍ ଓଡ଼ିଶା ପ୍ରତିଭା ଅନ୍ୱେଷଣ ଶିବିର ଅନୁଷ୍ଠିତ ହେବ। ଏହା ୨୧ ତାରିଖରୁ ଆରମ୍ଭ ହେବ। ୫ରୁ ୧୮ ବର୍ଷର ଖେଳାଳିମାନେ ଏହି ଶିବିରରେ ଯୋଗ ଦେଇପାରିବେ। ଏଥିରୁ ୪ (୨ ବାଳିକା, ୨ ବାଳକ) ପ୍ରତିଭା ଚୟନ କରାଯାଇ ଏକାଡେମୀରେ ବର୍ଷସାରା ମାଗଣାରେ ଟ୍ରେନିଂ ଦେବା ବ୍ୟବସ୍ଥା କରାଯିବ। ସେମାନଙ୍କୁ ଏକାଡେମୀ ପକ୍ଷରୁ ର୍ୟାକେଟ, ବଲ୍ ଓ ଜୋତା ଯୋଗାଇ ଦିଆଯିବ। ଉଭୟ ବିଗ୍‌ନର(ଟେନିସ ଆରମ୍ଭ କରୁଥିବା) ଏବଂ ଆଡ୍‌ଭାନ୍ସ ଲେଭଲରେ ଥିବା ପିଲାମାନେ ଏଥିରେ ଭାଗ ନେଇପାରିବେ। ଆଗ୍ରହୀ ଖେଳାଳିମାନେ ଗୁରୁକୁଳ ଟେନିସ ଏକାଡେମୀର ନିର୍ଦ୍ଦେଶକ ସନ୍ତୋଷ କୁମାର ମଲିକଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଛି।

## ଅଲ୍ ଇଣ୍ଡିଆ ଓପନ ଚେସ୍: ଶୀର୍ଷରେ ଗୁସେନ

କଟକ ଅଫିସ,୧୯।୪

ଟ୍ରିପଲ ସି' ଚେସ୍ କ୍ଲବ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୪ର୍ଥ ଅଲ ଇଣ୍ଡିଆ ଓପନ ଚେସ୍ ଚାମ୍ପିୟନଶିପରେ ଶୁକ୍ରବାର ତୃତୀୟ ଦିବସ ଖେଳ ଶେଷ ହୋଇଛି। ୬ ରାଉଣ୍ଡ ଖେଳ ଶେଷ ସୁଦ୍ଧା ଇଣ୍ଟରନ୍ୟାଶନାଲ ମାଷ୍ଟର (ଆଇଏମ୍) ଗୁସେନ ହିମାଲ ୫.୫ ପଏଣ୍ଟ ପାଇ ଶୀର୍ଷରେ ରହିଛନ୍ତି। ସମାନ ପଏଣ୍ଟ ପାଇ ଗୁସେନଙ୍କ ପଛକୁ ରହିଛନ୍ତି ପ୍ରତିଯୋଗିତାର ଟପ୍‌ସିଡ ଖେଳାଳି ତଥା ଗ୍ରାଣ୍ଡମାଷ୍ଟର ଆର୍.ଆର. ଲକ୍ଷ୍ମଣ। ୪ର୍ଥ ରାଉଣ୍ଡ ଶେଷ ସୁଦ୍ଧା ଅଗ୍ରଣୀ ରହିଥିବା ଓଡ଼ିଶାର ଆଇଏମ୍ ରାକେଶ କୁମାର ଜେନା ୫.୫ ପଏଣ୍ଟ ସହ ୩ୟ ସ୍ଥାନରେ ରହିଛନ୍ତି। ୫ମ ରାଉଣ୍ଡରେ ରାକେଶ ପଶ୍ଚିମବଙ୍ଗର ଆୟୁଷ ଝାଙ୍କୁ ହରାଇଥିଲେ। ୬ଷ୍ଠ ରାଉଣ୍ଡରେ ରାକେଶଙ୍କର ମୁକାବିଲା ହୋଇଥିଲା ଗ୍ରାଣ୍ଡମାଷ୍ଟର ଲକ୍ଷ୍ମଣଙ୍କ ସହ। ଏହି ମ୍ୟାଚ୍‌ଟି ଅମୀମାଂସିତ ରହିଥିବା ବେଳେ ଉଭୟ ୦.୫ ପଏଣ୍ଟ ଲେଖାଏ ବାଣ୍ଟି ନେଇଥିଲେ। ଆନ୍ଧ୍ରପ୍ରଦେଶର ଭି. ତୋଷାଳୀ ମଧ୍ୟ ୫.୫ ପଏଣ୍ଟ ସହ ୪ର୍ଥ ସ୍ଥାନରେ ଅଛନ୍ତି। ୫ ପଏଣ୍ଟ ହାସଲ କରି ୧୫ଜଣ ପ୍ରତିଯୋଗୀ ୫ମରୁ ୧୯ତମ ସ୍ଥାନ ମଧ୍ୟରେ ଅଛନ୍ତି। ଓଡ଼ିଶାର ଅନ୍ୟତମ ଆଇଏମ୍ ଅନ୍ୱେଷ ଉପାଧ୍ୟାୟ ୪ ପଏଣ୍ଟ ପାଇବା ସହ ୩୨ତମ ସ୍ଥାନକୁ ଖସିଛନ୍ତି। ୪ ରାଉଣ୍ଡ ଶେଷ ସୁଦ୍ଧା ସେ ୩.୫ ପଏଣ୍ଟ ପାଇ ୧୦ମ ସ୍ଥାନରେ ଥିଲେ। ୫ମ ରାଉଣ୍ଡରେ ପଶ୍ଚିମବଙ୍ଗର ରୂପମ ମୁଖାର୍ଜୀଙ୍କ ସହ ମୁକାବିଲା ହୋଇଥିଲା। ମ୍ୟାଚ୍‌ଟି ଅମୀମାଂସିତ ରହିଥିବା ବେଳେ ୦.୫ ପଏଣ୍ଟ ହାସଲ କରିଥିଲେ ଅନ୍ୱେଷ। ଷଷ୍ଠ ରାଉଣ୍ଡରେ ଆନ୍ଧ୍ରପ୍ରଦେଶର ଭି. ତୋଷାଳୀଙ୍କଠାରୁ ଅନ୍ୱେଷ ପରାସ୍ତ ହୋଇଥିଲେ।




ଚେସ୍ ଖେଳରେ ନିମଗ୍ନ ପ୍ରତିଯୋଗୀ।

## ଗ୍ରୀଷ୍ମକାଳୀନ ମହିଳା ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର ଆରମ୍ଭ

ଭୁବନେଶ୍ୱର, ୧୯।୪(ସ୍ପୋର୍ଟ୍ସ ବ୍ୟୁରୋ)

ଉର୍ମିଳା ମହିଳା ଫୁଟ୍‌ବଲ କ୍ଲବ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଏକ ମହିଳା ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର ଆନୁଷ୍ଠାନିକ ଭାବେ ସ୍ଥାନୀୟ ୟୁନିଟ୍-୯ ଖେଳପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୨୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ପ୍ରତ୍ୟହ ସକାଳ ୬ଟା ୩୦ରୁ ୮ଟା ୩୦ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯିବ। ଏଥିରେ ବିଭିନ୍ନ ସ୍କୁଲ ଓ କଲେଜରୁ ୧୧୦ଜଣ ବାଳିକା ଅଂଶଗ୍ରହଣ କରିଛନ୍ତି। ପ୍ରାକ୍ତନ ଖେଳାଳି ବରୁଣ ମାଝି ଏହି ଶିବିରରେ ପ୍ରଶିକ୍ଷକ ଭାବେ କାର୍ଯ୍ୟ ତୁଲାଇବେ। କୃଷ୍ଣଚନ୍ଦ୍ର ରଣା, ସକିନା ନେଶା, ଟୁନା ଖାଁ, ବିଭୁ ପ୍ରସାଦ ମିଶ୍ର ପ୍ରମୁଖ ପ୍ରଶିକ୍ଷଣରେ ବରୁଣଙ୍କୁ ସହାୟତା କରିବେ। ଉଦ୍‌ଘାଟନୀ ଉତ୍ସବରେ ଆୟକର ବିଭାଗର ଡେପୁଟି କମିଶନର ପ୍ରଣତି ମିଶ୍ର, ୟୁନିଟ୍-୯ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ମହାପାତ୍ର, ୟୁନିଟ୍-୯ ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ଦିଲୀପ କୁମାର ଦାସ, ଉପସଭାପତି ପ୍ରଫୁଲ୍ଲ କୁମାର ମିଶ୍ର, କ୍ଲବ-୭୩ର ସର୍ବେଶ୍ୱର ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟରେ ମହିଳା ଫୁଟ୍‌ବଲର ବିକାଶ ହେଉଥିବାବେଳେ ଖେଳାଳିମାନଙ୍କୁ ଫୁଟ୍‌ବଲ ପ୍ରତି ଆକୃଷ୍ଟ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ବିଜୟ ଲକ୍ଷ୍ମୀ ସାହୁ ସ୍ୱାଗତ ଅଭିଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।



ୟୁନିଟ୍-୯ ହାଇସ୍କୁଲ ଗ୍ରାଉଣ୍ଡରେ ଶୁକ୍ରବାର ଆରମ୍ଭ ହୋଇଥିବା ଉର୍ମିଳା ଏକାଡେମୀର ଗ୍ରୀଷ୍ମକାଳୀନ ମହିଳା ଫୁଟବଲ ଶିବିରରେ ଯୋଗଦେଇଥିବା ପ୍ରଶିକ୍ଷାର୍ଥୀମାନେ କର୍ମକର୍ତ୍ତାଙ୍କ ସହ।

## କାଉଣ୍ଟି ଖେଳିବେ ୭ ଭାରତୀୟ

ନୂଆଦିଲ୍ଲୀ, ୧୯।୪ (ପି.ଟି.)

ଉଦ୍‌ଘାଟନୀ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ସିରିଜ ଜୁଲାଇ ଓ ଅଗଷ୍ଟରେ ଖେଳାଯିବ। ଏଥିଲାଗି ପ୍ରସ୍ତୁତି ପାଇଁ ଭାରତର ୭ ଟେଷ୍ଟ ସ୍ପେଶାଲିଷ୍ଟ ବିଭିନ୍ନ ଇଂଲିଶ କାଉଣ୍ଟି ଦଳ ସହିତ କେତୋଟି ଗେମ୍ ଖେଳିପାରନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନଜରରେ ଥିବା ଏହି ଖେଳାଳିମାନେ ହେଲେ ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ପୃଥ୍ୱୀ ଶ', ହନୁମା ବିହାରୀ, ମୟଙ୍କ ଅଗ୍ରୱାଲ, ରବିଚନ୍ଦ୍ରନ ଅଶ୍ୱିନ ଏବଂ ଇଶାନ୍ତ ଶର୍ମା। ବିସିସିଆଇର ଜଣେ ସିନିୟର ଅଫିସିଆଲଙ୍କ କହିବା ଅନୁସାରେ ପୂଜାରାଙ୍କ ୟର୍କଶାୟାର ଦଳ ସହିତ ୩ବର୍ଷିଆ ଚୁକ୍ତି ହୋଇ ସାରିଛି। ତେଣୁ ସେ ୟର୍କଶାୟାର ଦଳରୁ ଖେଳିବେ। ରାହାନେ ଆସନ୍ତା ସପ୍ତାହରେ ହାମ୍ପଶାୟାର ସହିତ ଚୁକ୍ତି କରିପାରନ୍ତି। ତେବେ ପ୍ରଶାସକ କମିଟି (ସିଓଏ) ର ୩ ସଦସ୍ୟଙ୍କ ଅନୁମୋଦନକୁ ଅପେକ୍ଷା କରାଯାଇଛି। ସିଓଏ ମୁଖ୍ୟ ବିନୋଦ ରାୟ ଇତିମଧ୍ୟରେ ତାଙ୍କର ସହମତି ପ୍ରଦାନ କରିସାରିଛନ୍ତି। କିନ୍ତୁ ଡାଏନା ଏଡୁଲ୍‌ଜି ଏବଂ ଲ୍ୟୁଟନାଣ୍ଟ ଜେନେରାଲ ରବି ଥୋଡାଗେଙ୍କ ଅନୁମୋଦନକୁ ଅପେକ୍ଷା କରାଯାଇଛି। ବିଶ୍ୱକପ୍ ପରେ ୧୫ ଦିନ ବ୍ୟବଧାନରେ ଭାରତ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ସିରିଜ ଖେଳିବା କାର୍ଯ୍ୟକ୍ରମ ରହିଛି। ଭାରତର ଟେଷ୍ଟ ସ୍ପେଶାଲିଷ୍ଟମାନଙ୍କୁ ଜୁନରୁ ଜୁଲାଇ ମଧ୍ୟଭାଗ ପର୍ଯ୍ୟନ୍ତ ରେଡ୍ ବଲ୍ କ୍ରିକେଟ ଖେଳାଇବା ଲାଗି ବିସିସିଆଇର ପ୍ରସ୍ତାବ ରହିଛି। ଲିସେଷ୍ଟରଶାୟାର, ଏସେକ୍ସ, ନଟିଂହାମଶାୟାର ସମେତ କେତୋଟି କାଉଣ୍ଟି ଦଳ ସହିତ ବିସିସିଆଇ କଥାବାର୍ତ୍ତା ଚଳାଇଛି। ଆମର ଟପ୍ ଟେଷ୍ଟ ଖେଳାଳିମାନେ ଯେପରି ଗ୍ରୀଷ୍ମଋତୁରେ ଇଂଲଣ୍ଡ ବିପକ୍ଷ ଗତ ଟେଷ୍ଟ ସିରିଜ ବେଳେ ବିସିସିଆଇ କର୍ମକର୍ତ୍ତାମାନେ ପ୍ରମୁଖ କାଉଣ୍ଟି ଦଳଗୁଡ଼ିକର ସିଇଓମାନଙ୍କ ସହିତ ଆଲୋଚନା କରିଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପୂର୍ବରୁ ଖେଳାଳିମାନେ ଯେପରି ୩ରୁ ୪ ପ୍ରଥମଶ୍ରେଣୀ ମ୍ୟାଚ ଖେଳିପାରିବେ ବିସିସିଆଇ ସେଥିପାଇଁ ଚେଷ୍ଟା ଚଳାଇଛି। ସେଠାରେ ଖେଳାଳିମାନେ ଡ୍ୟୁକ୍ ବଲ୍‌ରେ ଖେଳିବାର ସୁଯୋଗ ପାଇବେ। ୱେଷ୍ଟଇଣ୍ଡିଜରେ ଏହି ବଲ୍ ବ୍ୟବହାର କରାଯିବ। ଆମର ସମସ୍ତ ୭ଟେଷ୍ଟ ଖେଳାଳି ଇଂଲିଶ କାଉଣ୍ଟିରେ ଡିଭିଜନ-୧ କିମ୍ବା ଡିଭିଜନ-୨ରେ ଖେଳିବା ସୁଯୋଗ ପାଇବେ ଆମର ଆଶା ବୋଲି ସେ କହିଛନ୍ତି। ଭାରତ ଅଧିନାୟକ ବିରାଟ କୋହଲି ଗତବର୍ଷ ସରେ ତରଫରୁ ଖେଳିଥାନ୍ତେ। କିନ୍ତୁ ଇଞ୍ଜୁରି ଯୋଗୁ ତାହା ସମ୍ଭବ ହୋଇ ନ ଥିଲା।



❝ ମୁଁ ଯେଉଁ ଷ୍ଟାଇଲରେ ହେଲିକପ୍ଟର ଶଟ୍ ଖେଳୁଛି ଏଥିରେ ପାରଙ୍ଗମ ମହେନ୍ଦ୍ର ସିଂ ଧୋନୀ ତାହାକୁ ପସନ୍ଦ କରିଛନ୍ତି।

—ହାର୍ଦ୍ଦିକ ପାଣ୍ଡ୍ୟା, ମୁମ୍ବାଇ ଇଣ୍ଡିଆନ୍ସ ଅଲରାଉଣ୍ଡର



❝ ବିଶ୍ୱକପ୍ ପାଇଁ ଭାରତୀୟ ଦଳ ମନୋନୟନ ଶେଷ ହୋଇଥିବାରୁ ଏଣିକି ଆଇପିଏଲ୍ ପ୍ରତି ଧ୍ୟାନ ଫେରିବ।

—ଦୀନେଶ କାର୍ତ୍ତିକ, କୋଲକାତା ନାଇଟ ରାଇଡର୍ସ ଅଧିନାୟକ

## ଆଜିର ମ୍ୟାଚ



ମୁମ୍ବାଇ ଇଣ୍ଡିଆନ୍ସ **ବନାମ** ରାଜସ୍ଥାନ ରୟାଲ୍ସ

ପ୍ରସାରଣ ସ୍ଥାନ : ଜୟପୁର
ସମୟ : ଅପରାହ୍ନ ୪ଟା

କିଙ୍ଗ୍ସ ଇଲେଭେନ ପଞ୍ଜାବ **ବନାମ** ଦିଲ୍ଲୀ କ୍ୟାପିଟାଲ୍ସ

ପ୍ରସାରଣ ସ୍ଥାନ : ଦିଲ୍ଲୀ
ସମୟ : ରାତି ୮ଟା

ଷ୍ଟାର ସ୍ପୋର୍ଟ୍ସ

# ବାଙ୍ଗାଲୋରକୁ ଜିତାଇଲେ କୋହଲି



ବିରାଟ କୋହଲି

କୋଲକାତା,୧୯।୪ (ପି.ଟି.)

ଅଧିନାୟକ ବିରାଟ କୋହଲିଙ୍କ ଧୂଆଁଧାର ଶତକ ବଳରେ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୩୫ତମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୦ ରନରେ ଘରୋଇ କୋଲକାତା ନାଇଟ ରାଇଡର୍ସକୁ ପରାସ୍ତ କରି ଦ୍ୱିତୀୟ ବିଜୟ ହାସଲ କରିଛି। ସ୍ଥାନୀୟ ଇଡେନ ଗାର୍ଡେନ ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଙ୍ଗାଲୋର ୪ ଉଇକେଟ ହରାଇ ୨୧୩ ରନ ସଂଗ୍ରହ କରିଥିଲା। ଜବାବରେ କୋଲକାତା ୨୦ ଓଭରରେ ୫ ଉଇକେଟ ହରାଇ ୨୦୩ ରନରେ ସୀମିତ ରହି ମ୍ୟାଚ୍ ହାତଛଡ଼ା କରିଛି। ୫୮ଟି ବଲ୍‌ର ସମ୍ମୁଖୀନ ହୋଇ ୯ ଚୌକା ଓ ୪ ଛକା ସହ ୧୦୦ରନର ଶତକୀୟ ପାଳି ଖେଳିଥିବା କୋହଲି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୧୪ ରନ କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟର ପିଛା କରି କୋଲକାତା ଦୁଇ ଓପନର କ୍ରିସ୍ ଲିନ୍ ଓ ସୁନୀଲ ନାରିନଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଲିନ୍ ମାତ୍ର ୧ ରନ କରି ୯ ବର୍ଷ ପରେ ଆଇପିଏଲକୁ ପ୍ରତ୍ୟାବର୍ତ୍ତନ କରିଥିବା ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଡେଲ ଷ୍ଟେଇନ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ। ସେହିପରି ୧୮ ରନ କରି ନାରିନ ନବଦୀପ ସଇନିଙ୍କ ଶିକାର ହୋଇଥିଲେ। ଶୁବମନ ଗିଲ ମାତ୍ର ୯ ରନ କରିଥିବାବେଳେ ଷ୍ଟେଇନ୍‌ଙ୍କ ଦ୍ୱିତୀୟ ଶିକାର ହୋଇ ପ୍ୟାଭିଲିୟନ ଫେରିବା ପରେ ରବିନ୍ ଉଥାପ୍ପା ୯ ରନ କରି ମାର୍କସ ଷ୍ଟୋଇନିସ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ଆନ୍ଦ୍ରେ ରସେଲ ଓ ନୀତୀଶ ରାଣା ଧୂଆଁଧାର ବ୍ୟାଟିଂ କରି ଘରୋଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ପଞ୍ଚମ ଉଇକେଟ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୪୮ଟି ବଲ୍ ଖେଳି ୧୧୮ ରନ କରି ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ତେବେ ରସେଲ ୨୫ ବଲରୁ ୨ ଚୌକା ଓ ୯ଛକା ସହ ୬୫ ରନ କରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହେବା ପରେ ବିଜୟ ଆଶା ମଉଳିଇଥିଲା। ଅନ୍ୟପଟେ ରାଣା ୪୬ ବଲରୁ ୯ ଚୌକା ଓ ୫ ଛକା ସହ ୮୫ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ମଧ୍ୟ ବିଜୟ ପାଇଁ ଏହା ଯଥେଷ୍ଟ ହୋଇ ନ ଥିଲା। ବୋଲିଂରେ ବାଙ୍ଗାଲୋର ତରଫରୁ ଷ୍ଟେଇନ ୨, ସଇନି ଓ ଷ୍ଟୋଇନିସ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ବାଙ୍ଗାଲୋର ସ୍ୱଳ୍ପ ରନରେ ଦୁଇ ଉଇକେଟ ହରାଇଥିଲା। ଉଇକେଟ କିପର ବ୍ୟାଟ୍ସମ୍ୟାନ ତଥା ଓପନର ପାର୍ଥିବ ପଟେଲ ୧୧ ରନ କରି ସୁନୀଲ ନାରିନ୍‌ଙ୍କ ଦ୍ୱାରା ପ୍ରଥମେ ଆଉଟ୍ ହେବା ପରେ ୧୩ ରନ କରି ଆକାଶଦୀପ ନାଥ ଆନ୍ଦ୍ରେ ରସେଲଙ୍କ ଶିକାର ହୋଇଥିଲେ। ତୃତୀୟ ଉଇକେଟରେ ଅଧିନାୟକ ବିରାଟ କୋହଲି ଓ ମୋଇନ୍ ଅଲୀ ଜବରଦସ୍ତ ବ୍ୟାଟିଂ କରିଥିଲେ। ଏହି ଦୁଇ ବ୍ୟାଟ୍ସମ୍ୟାନ ୪୩ ବଲରୁ ୯୦ ରନ ସଂଗ୍ରହ କରିଥିଲେ। ମୋଇନ୍ ୨୮ ବଲରୁ ୫ ଚୌକା ଓ ୬ ଛକା ସହ ୬୬ ରନ କରି କୁଲଦୀପ ଯାଦବଙ୍କ ଦ୍ୱାର ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଚତୁର୍ଥ ଉଇକେଟରେ କୋହଲି ଓ ମାର୍କସ ଷ୍ଟୋଇନିସ୍ ମାତ୍ର ୨୪ ବଲରୁ ୬୪ ରନ ସଂଗ୍ରହ କରି ଦଳକୁ ବୃହତ୍ ସ୍କୋର ପ୍ରଦାନ କରିଥିଲେ। ୫୮ ବଲରୁ ୯ ଚୌକା ଓ ୪ ଛକା ସହ ୧୦୦ ରନର ଶତକୀୟ ପାଳି ଖେଳି କୋହଲି ଇନିଂସର ଅନ୍ତିମ ବଲ୍‌ରେ ମିଡ୍ ଉଇକେଟରେ ଶୁବମନ ଗିଲଙ୍କୁ କ୍ୟାଚ୍ ଦେଇ ହ୍ୟାରୀ ଗର୍ନିଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏଥିସହ କୋହଲି ଚଳିତ ଆଇପିଏଲ୍‌ରେ ପ୍ରଥମ ଓ ମୋଟ ଉପରେ ପଞ୍ଚମ ଆଇପିଏଲ୍ ଶତକ ହାସଲ କରିଛନ୍ତି। ୨୦୧୬ ପରେ ଅର୍ଥାତ ଗତ ୩ ବର୍ଷ ମଧ୍ୟରେ କୋହଲିଙ୍କ ପାଇଁ ଏହା ପ୍ରଥମ ଆଇପିଏଲ୍ ଶତକ ସାବ୍ୟସ୍ତ ହୋଇଛି। ୮ଟି ବଲର ସମ୍ମୁଖୀନ ହୋଇ ଷ୍ଟୋଇନିସ୍ ୨ ଚୌକା ଓ ୧ ଛକା ସହ ୧୭ ରନ କରି ଅପରାଜିତ ରହିଥିଲେ। ବୋଲିଂରେ କୋଲକାତା ତରଫରୁ ନାରିନ୍, ଗର୍ନି, ରସେଲ ଓ କୁଲଦୀପ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଡେଲ୍ ଷ୍ଟେଇନ୍ ୯ ବର୍ଷ ପରେ ଆଇପିଏଲ୍ ଖେଳିଛନ୍ତି। ଶେଷଥର ପାଇଁ ସେ ୨୦୧୦ ଏପ୍ରିଲ ୧୪ରେ ରୟାଲ ଚ୍ୟାଲେଞ୍ଜର୍ସ ପାଇଁ ଡେକାନ ଚାର୍ଜର୍ସ ବିପକ୍ଷରେ ଆଇପିଏଲ୍ ମ୍ୟାଚ୍ ଖେଳିଥିଲେ। ଆହତ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ନାଥନ କୁଲ୍ଟର-ନିଲଙ୍କ ବଦଳରେ ଷ୍ଟେଇନ୍‌ଙ୍କୁ ଦଳରେ ସାମିଲ କରାଯାଇଛି। ତେବେ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଏବି ଡିଭିଲର୍ସ ଏହି ମ୍ୟାଚ୍ ଖେଳିପାରିନାହାନ୍ତି। ଫଳରେ ବାଙ୍ଗାଲୋରର ସମସ୍ୟା ଆହୁରି ବଢିଯାଇଛି।

**ସଂକ୍ଷିପ୍ତ ସ୍କୋର**

■ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୨୧୩/୪ (କୋହଲି- ୧୦୦, ମୋଇନ- ୬୬, ଗର୍ନି- ୧/୪୨, ନାରିନ- ୧/୩୨, ରସେଲ- ୧/୧୭, କୁଲଦୀପ- ୧/୫୯)।

■ କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୨୦୩/୫ (ରଣା- ୮୫*, ରସେଲ- ୬୫, ଷ୍ଟେଇନ- ୨/୪୦)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୯ | ୭ | ୨ | ୧୪ | ୦.୧୦୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୬ | ୩ | ୧୨ | ୦.୪୪୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୫ | ୪ | ୧୦ | ୦.୧୪୬ |
| କିଙ୍ଗ୍ସ ଇଲେଭେନ | ୯ | ୫ | ୪ | ୧୦ | -୦.୦୧୫ |
| ସନ୍‌ରାଇଜର୍ସ | ୮ | ୪ | ୪ | ୮ | ୦.୫୪୯ |
| ନାଇଟ ରାଇଡର୍ସ | ୯ | ୪ | ୫ | ୮ | ୦.୨୫୬ |
| ରାଜସ୍ଥାନ ରୟାଲ୍ସ | ୮ | ୨ | ୬ | ୪ | -୦.୫୮୯ |
| ରୟାଲ ଚ୍ୟାଲେଞ୍ଜର୍ସ | ୯ | ୨ | ୭ | ୪ | -୦.୯୩୮ |

# ବିକାଶଙ୍କ ଦ୍ୱିତୀୟ ପ୍ରଫେଶନାଲ ବାଉଟ୍

ନ୍ୟୁୟର୍କ, ୧୯।୪ (ପି.ଟି.)-ଭାରତୀୟ ବକ୍ସର ବିକାଶ କ୍ରିଷନ ତାଙ୍କ ଦ୍ୱିତୀୟ ପ୍ରଫେଶନାଲ ବାଉଟ୍‌ରେ ଆମେରିକାର ନୋଆ କିଡ୍‌ଙ୍କୁ ଭେଟିବେ। ଏହି ମୁକାବିଲା ଶନିବାର ସ୍ଥାନୀୟ ଆଇକନିକ ମାଡିସନ ସ୍କୋୟାର ଗାର୍ଡେନରେ ହେବ। ଭିୱାନୀର ଏହି ୨୭ ବର୍ଷୀୟ ବକ୍ସର କିମ୍ବଦନ୍ତୀ ପ୍ରମୋଟର ବବ୍ ଅରୁମ୍‌ଙ୍କ ଟପ୍ ର୍ୟାଙ୍କ ପ୍ରମୋଶନ୍ସ ସହିତ ସମ୍ପୃକ୍ତ ଅଛନ୍ତି। ଜାନୁୟାରୀରେ ସେ ତାଙ୍କର ପଦାର୍ପଣ ପ୍ରଫେଶନାଲ ବାଉଟ୍‌ରେ ଯୁକ୍ତରାଷ୍ଟ୍ର ଆମେରିକାର ଷ୍ଟିଭେନ ଆଣ୍ଡ୍ରାଡେଙ୍କୁ ଦ୍ୱିତୀୟ ରାଉଣ୍ଡରେ ନକ୍‌ଆଉଟ୍ କରିଦେଇଥିଲେ। ମାଡିସନ ସ୍କୋୟାର ହେଉଛି ବିଶ୍ୱର ଅନ୍ୟତମ ବୃହତ୍ ତଥା ପ୍ରସିଦ୍ଧ ଆରେନା। ଏଠାରେ ଫାଇଟ୍ ପାଇଁ ମୋର ଖୁବ୍ ଉତ୍କଣ୍ଠା ରହିଛି। ପଦାର୍ପଣ ବର୍ଷରେ ୫ଟି ବାଉଟ୍ ପାଇଁ ବିକାଶ ଚୁକ୍ତିବଦ୍ଧ ହୋଇଛନ୍ତି। ବିକାଶ ବର୍ତ୍ତମାନ ନ୍ୟୁଜର୍ସି ଅନ୍ତର୍ଗତ ନେୱାର୍କ ସହରରେ ଭେଟେରାନ ବକ୍ସିଂ କୋଚ୍ ୱାଲି ମୋସେସଙ୍କ ଅଧୀନରେ ଟ୍ରେନିଂ ନେଉଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦୀ ୨୩ ବର୍ଷୀୟ କିଡ୍ ହେଉଛନ୍ତି ମିସୋରି ବାସିନ୍ଦା। ସେ ୨୦୧୬ରେ ପ୍ରଫେଶନାଲ ବକ୍ସିଂରେ ପଦାର୍ପଣ କରିଥିଲେ। ତାଙ୍କର ଦୁଇଟି ନକ୍‌ଆଉଟ୍ ସହ ୩-୧-୧ ରେକର୍ଡ ରହିଛି। ବିକାଶଙ୍କୁ ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ ୨୦୧୪ରୁ ସହାୟତା କରି ଆସୁଛି। ସେ ଏସିଆନ ଗେମ୍ସ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ସେ ଆହୁରି ମଧ୍ୟ ପୂର୍ବତନ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା।

# ନ୍ୟୁଜିଲାଣ୍ଡ-ଅଷ୍ଟ୍ରେଲିଆ ମହିଳା କ୍ରିକେଟରଙ୍କ ସମଲିଙ୍ଗୀ ବିବାହ

ମେଲବୋର୍ନ, ୧୯।୪

ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ଦୁଇଜଣ ମହିଳା କ୍ରିକେଟର। ଏହି କ୍ରିକେଟର ହେଲେ ନ୍ୟୁଜିଲାଣ୍ଡ ଜାତୀୟ ମହିଳା ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ହେଲୀ ଜେନସେନ ଓ ଅଷ୍ଟ୍ରେଲିଆର ନିକୋଲାସ ହାନକକ୍। ନିକୋଲାସ ଅଷ୍ଟ୍ରେଲିଆ ପକ୍ଷରୁ ଖେଳୁ ନ ଥିଲେ ମଧ୍ୟ ଘରୋଇ ପ୍ରତିଯୋଗିତା ମହିଳା ବିଗ୍ ବାସ୍ ଲିଗ୍‌ରେ ମେଲବୋର୍ନ ଷ୍ଟାର୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ଉଭୟ ଗତ ସପ୍ତାହରେ ବିବାହ କରିଥିଲେ ମଧ୍ୟ ଗୁରୁବାର ପ୍ରଥମେ ମେଲବୋର୍ନ ଷ୍ଟାର୍ସ ପକ୍ଷରୁ ଏନେଇ ସୋସିଆଲ ମିଡିଆରେ ଘୋଷଣା କରାଯାଇଥିଲା। ଷ୍ଟାର୍ସ ଦଳ ପକ୍ଷରୁ ଏହି ନବଦମ୍ପତିଙ୍କ ଫଟୋକୁ ଶେୟାର କରାଯିବା ସହ ଶୁଭେଚ୍ଛା ଜଣାଯାଇଛି। ହେଲୀ ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ ପକ୍ଷରୁ ୮ ଦିନିକିଆ ଓ ୨୦ ଟି୨୦ ମ୍ୟାଚ୍ ଖେଳିଛନ୍ତି। ସେ ଅଷ୍ଟ୍ରେଲିଆରେ ଚାଲିଥିବା ମହିଳା ବିଗ୍ ବାସ୍ ଲିଗ୍‌ର ପ୍ରଥମ ୨ଟି ସଂସ୍କରଣରେ ମେଲବୋର୍ନ ଷ୍ଟାର୍ସ ପକ୍ଷରୁ ଖେଳିଥିଲେ। ତେବେ ୩ୟ ସଂସ୍କରଣରୁ ସେ ମେଲବୋର୍ନ ରେନଗାଡେସରେ ଯୋଗ ଦେଇଥିଲେ। ଅପରପକ୍ଷରେ ହାନକକ୍ ବିଗ୍ ବାସ୍ ଲିଗ୍‌ରେ ମେଲବୋର୍ନ ଷ୍ଟାର୍ସ ପକ୍ଷରୁ ଖେଳିଆସୁଛନ୍ତି।

ନ୍ୟୁଜିଲାଣ୍ଡରେ ୧୯ ଅଗଷ୍ଟ ୨୦୧୩ ପରଠାରୁ ସମଲିଙ୍ଗୀ ବିବାହକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଗତବର୍ଷ ମଧ୍ୟ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ ଅଧିନାୟିକା ଡାନ୍ ଭାନ ନିଏକେର୍କ ତାଙ୍କ ଦଳର ସାଥୀ ଖେଳାଳି ମାରିଜନେ କାପ୍ପଙ୍କୁ ବିବାହ କରିଥିଲେ। ଦୁଇଜଣ ଅନ୍ତର୍ଜାତୀୟ ମହିଳା କ୍ରିକେଟର ସମଲିଙ୍ଗୀ ବିବାହ କରିବାରେ ସେମାନେ ବିଶ୍ୱରେ ୨ୟ ଯୋଡ଼ି ହୋଇଥିଲେ। ଡାନ୍-ମାରିଜନେ ଯୋଡ଼ି ପୂର୍ବରୁ ନ୍ୟୁଜିଲାଣ୍ଡର ଆମି ସାଟରଥ୍ୱେଟ୍ ଓ ଲି ତୁହୁହୁ ପରସ୍ପର ଜୀବନ ସାଥୀ ହୋଇଥିଲେ।



ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ହେଲୀ ଜେନସେନ ଓ ଅଷ୍ଟ୍ରେଲିଆର ନିକୋଲାସ ହାନକକ୍।

# ସ୍କଟ୍‌ଲାଣ୍ଡ କ୍ରିକେଟରଙ୍କ ବିୟୋଗ

ଏଡିନବର୍ଗ, ୧୯।୪

ସ୍କଟ୍‌ଲାଣ୍ଡ କ୍ରିକେଟ ଦଳର ଅଲ୍‌ରାଉଣ୍ଡର କନ୍ ଡେ ଲାଙ୍ଗ୍‌ଙ୍କ ଗୁରୁବାର ଅକାଳ ବିୟୋଗ ଘଟିଛି। ତାଙ୍କୁ ୩୮ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଏକବର୍ଷ ହେବ ବ୍ରେନ ଟ୍ୟୁମରରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ଜଣେ ବାମହାତୀ ସ୍ପିନର ଓ ମଧ୍ୟକ୍ରମର ବ୍ୟାଟ୍ସମ୍ୟାନଭାବେ ପରିଚିତ ଲାଙ୍ଗ୍ ଦକ୍ଷିଣ ଆଫ୍ରିକାରେ ଜନ୍ମ ହୋଇଥିଲେ ମଧ୍ୟ ସ୍କଟଲାଣ୍ଡ ପକ୍ଷରୁ ୧୩ ଦିନିକିଆ ଓ ୮ ଟି୨୦ ମ୍ୟାଚ୍ ଖେଳିଛନ୍ତି। ୨୦୧୫ରୁ ୨୦୧୭ ପର୍ଯ୍ୟନ୍ତ ସେ ସ୍କଟ୍‌ଲାଣ୍ଡ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସେହିଭଳି କାଉଣ୍ଟି କ୍ଲବ ନର୍ଥହାମ୍ପଶାୟର ପକ୍ଷରୁ ମଧ୍ୟ ସେ ୨୦୧୨ ଓ ୨୦୧୩ରେ ଲଗାତର ୨ଟି ସିଜନ ଧରି ଖେଳିଥିଲେ। ୨୦୧୭ରେ ସ୍କଟ୍‌ଲାଣ୍ଡ ଜିମ୍ବାୱେକୁ ପରାସ୍ତ କରିଥିଲା। ପ୍ରଥମଥର ଲାଗି ଆଇସିସିର ପୂର୍ଣ୍ଣ ସଦସ୍ୟତା ରାଷ୍ଟ୍ର ମାନ୍ୟତା ପାଇଥିବା ଗୋଟିଏ ଦେଶକୁ ହରାଇଥିବା ସ୍କଟ୍‌ଲାଣ୍ଡ ଦଳର ସେ ସଦସ୍ୟ ରହିଥିଲେ। ୨୦୧୭ ଶେଷ ଭାଗରେ ତାଙ୍କ ଦେହ ଅସୁସ୍ଥ ହୋଇପଡ଼ିଲା ଏବଂ ସେ ମାରାତ୍ମକ ବ୍ରେନ ଟ୍ୟୁମରରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ଦୀର୍ଘ ଦେଢ଼ବର୍ଷ ହେବ ସେ ଚିକିତ୍ସିତ ହୋଇଆସୁଥିଲେ। 'ଲାଙ୍ଗ୍‌ଙ୍କ ଅକାଳ ବିୟୋଗ ଘଟିଛି। ସେ ସ୍କଟ୍‌ଲାଣ୍ଡ କ୍ରିକେଟର ଜଣେ ମହାନ୍ ସେବକ ଥିଲେ। କେବଳ ଜାତୀୟ ଦଳ ପକ୍ଷରୁ ନୁହେଁ ସେ ଆଞ୍ଚଳିକ ଓ କ୍ଲବସ୍ତରର କ୍ରିକେଟରେ ମଧ୍ୟ ସକ୍ରିୟ ଥିଲେ' ବୋଲି ସ୍କଟ୍‌ଲାଣ୍ଡ କ୍ରିକେଟ୍‌ର ମୁଖ୍ୟ ଟୋନୀ ବ୍ରେନ ଶୋକବାର୍ତ୍ତାରେ କହିଛନ୍ତି।



କନ୍ ଡେ ଲାଙ୍ଗ

# ସନ୍ତୋଷ ଟ୍ରଫି: ପଞ୍ଜାବ-ସର୍ଭିସେସ୍ ଫାଇନାଲ

ଲୁଧିଆନା, ୧୯।୪(ପି.ଟି.)

ଭାରତୀୟ ଘରୋଇ ଫୁଟ୍‌ବଲର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ସନ୍ତୋଷ ଟ୍ରଫିର ଫାଇନାଲ ରବିବାର ପଞ୍ଜାବ ଓ ସର୍ଭିସେସ୍ ମଧ୍ୟରେ ହେବ। ଶୁକ୍ରବାର ସ୍ଥାନୀୟ ଗୁରୁ ନାନକ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଘରୋଇ ପଞ୍ଜାବ ୨-୧ ଗୋଲରେ ଗୋଆକୁ ପରାସ୍ତ କରିଛି। ମ୍ୟାଚ୍‌ର ଦ୍ୱାଦଶ ମିନିଟ୍‌ରେ ପଞ୍ଜାବ ପକ୍ଷରୁ ଯଶପ୍ରୀତ୍ ସିଂ ଗୋଲ ଦେଇ ଦଳକୁ ପ୍ରଥମାର୍ଦ୍ଧ ସୁଦ୍ଧା ୧-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଗୋଆ ଗୋଲକୁ ଶୁଝାଇବା ପାଇଁ ଜୋର୍‌ଦାର ପ୍ରୟାସ କରିଥିଲା। ତେବେ ମ୍ୟାଚ୍ ଶେଷ ଭାଗରେ ଗୋଆ ଅଧିନାୟକ ସତବୀର ସିଂଙ୍କଠାରୁ ବଲ୍ ପାସ୍ ପାଇ ବଦଳ ଖେଳାଳି ରୋନାଲ୍ଡୋ ଓଲିଭେରିଆ ବଲ୍‌କୁ ନେଟ୍ ମଧ୍ୟକୁ ପଠାଇଦେବାରେ କୌଣସି ତ୍ରୁଟି କରି ନ ଥିଲେ। ଫଳରେ ମ୍ୟାଚ୍ ୧-୧ ସ୍ଥିତିକୁ ଚାଲିଆସିଥିଲା। ଏହାର କିଛି ସମୟ ପରେ ହରଜିନ୍ଦରଙ୍କ ଗୋଲବଳରେ ପଞ୍ଜାବ ୨-୧ ଗୋଲରେ ବିଜୟୀ ହୋଇଥିଲା। ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ସର୍ଭିସେସ୍ ପେନାଲଟି ଶୁଟ୍‌ଆଉଟରେ କର୍ଣ୍ଣାଟକକୁ ପରାସ୍ତ କରିଥିଲା। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ଶୁଟ୍ ଆଉଟରେ ସର୍ଭିସେସ୍ ସମସ୍ତ ୪ଟି ପେନାଲ୍ଟିକୁ ଗୋଲରେ ପରିଣତ କରିବାରେ ସମର୍ଥ ହୋଇଥିବା ବେଳେ କର୍ଣ୍ଣାଟକ ଦୁଇଟି କିକ୍ ମିସ୍ କରିଥିଲା।

# ଜୋକୋଭିଚ୍‌ଙ୍କୁ ହରାଇଲେ ଡାନିଲ

ମଣ୍ଟେ କାର୍ଲୋ, ୧୯।୪

ବିଶ୍ୱର ଏକ ନମ୍ବର ଟେନିସ ଖେଳାଳି ସର୍ବିୟାର ନୋଭାକ ଜୋକୋଭିଚ୍ ଏଠାରେ ଚାଲିଥିବା ମଣ୍ଟେ କାର୍ଲୋ ମାଷ୍ଟର୍ସ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଡାନିଲ ମେଡଭେଡେଭ ୬-୩, ୪-୬, ୬-୨ ସେଟ୍‌ରେ ଜୋଭୋଭିଚ୍‌ଙ୍କୁ ହରାଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ରୁଷିଆର ଡାନିଲଙ୍କୁ ୨ ଘଣ୍ଟା ୨୦ ମିନିଟ୍ ସମୟ ଲାଗିଥିଲା। ଏହି ବିଜୟ ସହ ଡାନିଲ ଜୋକୋଭିଚ୍‌ଙ୍କ ବିପକ୍ଷରେ ଗତ ଅଷ୍ଟ୍ରେଲିଆନ ଓପନ୍ ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି। ଜୋକୋଭିଚ୍‌ଙ୍କ ବିପକ୍ଷରେ ୪ଟି ମ୍ୟାଚ୍‌ରୁ ଏହା ତାଙ୍କ ପ୍ରଥମ ବିଜୟ ଥିଲା। ଇଣ୍ଡିଆନ୍ ୱେଲ୍ସ, ମିଆମି ଓପନ୍ ପରି ଜୋକୋଭିଚ୍ ପୁଣିଥରେ ପ୍ରଭାବୀ ପ୍ରଦର୍ଶନ କରିବାରେ ଫେଲ୍ ମାରିଛନ୍ତି।

**ମଣ୍ଟେ କାର୍ଲୋ ମାଷ୍ଟର୍ସ**



ବିଜୟ ହାସଲ ପରେ ଡାନିଲ ମେଡଭେଡେଭ

# ରାଜସ୍ଥାନ-ମୁମ୍ବାଇ ମୁକାବିଲା ଆଜି

ଜୟପୁର,୧୯।୪(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୩୬ତମ ମ୍ୟାଚ୍‌ରେ ରୋହିତ ଶର୍ମାଙ୍କ ମୁମ୍ବାଇ ଇଣ୍ଡିଆନ୍ସ ଓ ଘରୋଇ ରାଜସ୍ଥାନ ରୟାଲ୍ସ ଶନିବାର ମୁହାଁମୁହିଁ ହେବେ। ସ୍ଥାନୀୟ ସବାଇ ମାନସିଂ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ରାଜସ୍ଥାନ ପାଇଁ ଅପେକ୍ଷାକୃତ ଅଧିକ ଗୁରୁତ୍ୱ ବହନ କରୁଛି। ଏପର୍ଯ୍ୟନ୍ତ ରାଜସ୍ଥାନ ଲିଗ୍‌ରେ ୮ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ୬ଟି ପରାଜୟ ସହ ୪ ପଏଣ୍ଟ ସହ ତାଲିକାର ସପ୍ତମ ଅର୍ଥାତ ଶେଷଆଡୁ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ମୁମ୍ବାଇ ୯ଟି ମ୍ୟାଚ ଖେଳି ୬ଟି ବିଜୟ ଓ ୩ଟି ପରାଜୟ ସହ ୧୨ ପଏଣ୍ଟ ପାଇ ଚେନ୍ନାଇ ସୁପର କିଙ୍ଗ୍ସ ତଳକୁ ରହି ଦ୍ୱିତୀୟ ସ୍ଥାନରେ ରହିଛି। ପ୍ଲେ- ଅଫ୍ ଦୌଡରେ ସ୍ଥିତି ବଜାୟ ରଖିବାକୁ ହେଲେ ରାଜସ୍ଥାନକୁ ଏହି ମ୍ୟାଚ୍‌ରେ ବିଜୟୀ ହେବାକୁ ପଡିବ। ଗତ ଶନିବାର ରାଜସ୍ଥାନ ମୁମ୍ବାଇକୁ ତା'ର ଘରୋଇ ପରିବେଶରେ ୪ ଉଇକେଟରେ ପରାସ୍ତ କରିଥିଲା। ଏବେ ଏହି ମ୍ୟାଚ୍‌ରେ ବିଜୟୀ ହୋଇ ରାଜସ୍ଥାନ ମୁମ୍ବାଇ ବିପକ୍ଷରେ ଦ୍ୱିତୀୟ ଥର ପାଇଁ ବାଜି ମାରିବା ଲକ୍ଷ୍ୟରେ ରହିଛି। ତେବେ ଘରୋଇ ପରିବେଶରେ ରାଜସ୍ଥାନ ଏଥର ଆଶାନୁରୂପ ପ୍ରଦର୍ଶନ କରିପାରିନାହିଁ। ୪ ଟି ମ୍ୟାଚ୍ ଖେଳି ରାଜସ୍ଥାନ ଏଠାରେ ୩ଟିରେ ପରାଜୟ ବରଣ କରିଥିବା ବେଳେ ଗୋଟିଏରେ ବିଜୟୀ ହୋଇଛି। ଘରୋଇ ଗ୍ରାଉଣ୍ଡରେ ରାଜସ୍ଥାନ କେବଳ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ହରାଇଛି। ଇଂଲଣ୍ଡର ଜୋସ ବଟଲର ରାଜସ୍ଥାନ ପାଇଁ ଅଧିକ ରନ୍ ସଂଗ୍ରହ କରିଛନ୍ତି। ୪୩ ବଲରୁ ୮୯ ରନ କରି ସେ ଦଳକୁ ମୁମ୍ବାଇ ବିପକ୍ଷରେ ୪ ଉଇକେଟରେ ବିଜୟୀ କରାଇଥିଲେ। ତେବେ ଦଳର ବାକି ବ୍ୟାଟ୍ସମ୍ୟାନ ସ୍ଥିର ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି ଓ ସଂଘର୍ଷ କରୁଛନ୍ତି। ଚଳିତ ଆଇପିଏଲ୍‌ର ପ୍ରଥମ ଶତକ ହାସଲ କରିଥିବା ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ପରେ କିନ୍ତୁ ଏହି ପ୍ରଦର୍ଶନକୁ ବଜାୟ ରଖିବାରେ ବିଫଳ ହୋଇଛନ୍ତି। ଅଧିନାୟକ ଅଜିଙ୍କ୍ୟ ରହାନେ ଭଲ ଆରମ୍ଭ କରୁଥିଲେ ମଧ୍ୟ ଏହାକୁ ବଡ଼ ସ୍କୋରରେ ପରିଣତ କରିବାରେ ସଫଳ ହୋଇନାହାନ୍ତି। ଗତ ମ୍ୟାଚ୍‌ରେ ବ୍ୟାଟିଂ କ୍ରମରେ ନିମ୍ନରେ ଆସିଥିଲେ ମଧ୍ୟ ତାହା କାମ ଦେଇ ନ ଥିଲା। ମୋହାଲିରେ ଅନୁଷ୍ଠିତ ଗତ ମ୍ୟାଚ୍‌ରେ କିଙ୍ଗ୍ସ ଇଲେଭେନ ଧାର୍ଯ୍ୟ କରିଥିବା ୧୮୨ ରନର ଟାର୍ଗେଟକୁ ପିଛା କରିବାରେ ବିଫଳ ହୋଇଥିଲା। ଏପରିକି ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍ ଓ ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ମଧ୍ୟ ସଂଘର୍ଷ କରୁଛନ୍ତି। ପେସ୍- ସ୍ପିନ୍ ଯୋଡି ଜୋଫ୍ରା ଆର୍ଚର ଓ ଶ୍ରେୟାସ ଆୟର ଭଲ ପ୍ରଦର୍ଶନ କରିଛନ୍ତି। ତେବେ ଡେଥ୍ ଓଭରରେ ଅତ୍ୟଧିକ ରନ୍ ବ୍ୟୟ କରୁଛନ୍ତି। ଗତ ମ୍ୟାଚ୍‌ରେ ରାହାନେ ଷ୍ଟୁଆର୍ଟ ବିନ୍ନୀ ଓ ଅଷ୍ଟନ ଟର୍ନରଙ୍କୁ ଦଳରେ ନେଇଥିଲେ ମଧ୍ୟ ଏହା କାମ ଦେଇ ନ ଥିଲା। ରାହୁଲ ତ୍ରିପାଠୀ ୪୫ ବଲରୁ ୫୦ ରନ ସଂଗ୍ରହ କରିଥିଲେ। ଅର୍ଦ୍ଧଶତକ ହାସଲ କରିବା ପରେ ସେ ନିଜ ଉଇକେଟ ଫୋପାଡି ଦେଇଥିଲେ।

ଅପରପକ୍ଷରେ ମୁମ୍ବାଇ ଚଳିତ ସେସନରେ ଦମ୍‌ଦାର ପ୍ରଦର୍ଶନ କରିଛି। କ୍ୱାଲିଟି ସ୍ପିନରଙ୍କ ସମେତ କେତେଜଣ ପାୱାର ହିଟର ଓ ପ୍ରତିଭା ସମ୍ପନ୍ନ ଅଲରାଉଣ୍ଡର ଦଳରେ ରହିଛନ୍ତି। ପୂର୍ବରୁ ୩ଥର ଟାଇଟଲ ଜିତିଥିବା ମୁମ୍ବାଇ ଗତ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୪୦ ରନରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସଠାରୁ ମୁମ୍ବାଇ ପ୍ରତିଶୋଧ ନେଇ ପ୍ଲେ-ଅଫ୍‌ର ନିକଟତର ହେବା ଲକ୍ଷ୍ୟରେ ରହିଛି। ଅଧିନାୟକ ରୋହିତ ଶର୍ମା ଟି୨୦ରେ ୮,୦୦୦ ରନ ପୂରଣ କରିଛନ୍ତି। କ୍ୱିଣ୍ଟନ ଡିକକ୍ ଓ ପାଣ୍ଡ୍ୟା ବ୍ରଦର୍ସ ଦଳକୁ ଜିତାଇଥିଲେ। ଦୁଇଜଣ ଡେଥ୍ ଓଭର ସ୍ପେଶାଲିଷ୍ଟ ଯଶପ୍ରୀତ ବୁମ୍‌ରା ଓ ଲସିଥ ମାଲିଙ୍ଗା ଏପର୍ଯ୍ୟନ୍ତ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ବୁମ୍‌ରା ଏପର୍ଯ୍ୟନ୍ତ ୧୦ ଉଇକେଟ ହାସଲ କରିଛନ୍ତି। ଯୁବ ଲେଗ୍ ସ୍ପିନର ରାହୁଲ ଚହର ଦିଲ୍ଲୀ ବିପକ୍ଷରେ ୩ ଉଇକେଟ ନେଇଥିଲେ। କ୍ରୁନାଲ ପାଣ୍ଡ୍ୟା ମଧ୍ୟ ବେଶ୍ ଭଲ ବୋଲିଂ କରିଥିଲେ। ଆଇପିଏଲ୍ ଇତିହାସରେ ଏପର୍ଯ୍ୟନ୍ତ ଦୁଇ ଦଳ ପରସ୍ପରକୁ ୨୨ଥର ଭେଟିଛନ୍ତି। ମୁମ୍ବାଇ ୧୧ଥର ବିଜୟୀ ହୋଇଥିବା ବେଳେ ରାଜସ୍ଥାନ ୧୦ଥର ବାଜି ମାରିଛି। ଗୋଟିଏ ମ୍ୟାଚ୍ ବର୍ଷା କାରଣରୁ ୨୦୦୯ରେ ବାତିଲ ହୋଇଥିଲା।



ଅଭ୍ୟାସ ସେସନ ଅବସରରେ ରାଜସ୍ଥାନ ରୟାଲ୍ସର ଷ୍ଟିଭ ସ୍ମିଥ।





# ଆନ୍ଦୋଳନକାରୀଙ୍କ ମୁଣ୍ଡରେ ରିଭଲଭର



- ରାସ୍ତାରୁ ନ ହଟିବାରୁ ଡରାଇଲା ପୋଲିସ
- ପୋଲିସ କମିଶନର ଦେଲେ ତଦନ୍ତ ନିର୍ଦ୍ଦେଶ

**ଭୁବନେଶ୍ୱର,୧୯।୪(ବ୍ୟୁରୋ)**

ରାତିରେ ଅପରାଧୀମାନଙ୍କୁ ସାବାଡ କରିବା ପାଇଁ ପିସିଆର ଭ୍ୟାନରେ ଜଣେ ତାଲିମପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ରିଭଲଭର ଦିଆଯାଇଛି। ହେଲେ ଅନେକ ସମୟରେ ରିଭଲଭର ପାଇଥିବା କର୍ମଚାରୀ ଏହାର ଦୁରୁପଯୋଗ କରୁଛନ୍ତି। ଖାକିବର୍ଦ୍ଦିର ଦାମ୍ଭିକତା ପ୍ରଦର୍ଶନ ପାଇଁ ରିଭଲଭର ଦେଖାଇ ସାଧାରଣ ଲୋକଙ୍କୁ ଡରାଉଛନ୍ତି। ଏଭଳି ଏକ ଘଟଣା ଶୁକ୍ରବାର ସକାଳେ ଜୟଦେବବିହାର ଓଭରବ୍ରିଜ୍ ତଳେ ଦେଖିବାକୁ ମିଳିଛି।

ବିଏମ୍ସି ସଫେଇ ଠିକା କର୍ମଚାରୀ ଦରମା ପାଇ ନ ଥିବାରୁ ସକାଳ ପ୍ରାୟ ୮ଟାରେ ଜୟଦେବ ବିହାର ଓଭରବ୍ରିଜ୍ ତଳେ ନିଜର ଦାବି ନେଇ ଧାରଣାରେ ବସିଥିଲେ। ଏହି ସମୟରେ ଖବର ପାଇ ନୟାପଲୀ ଥାନାର ପିସିଆର-୧୮ ଘଟଣାସ୍ଥଳରେ ପହଞ୍ଚିଥିଲା। ଗାଡ଼ି ଭିତରୁ ବାହାରିଥିଲେ ହାବିଲଦାର ଇଜାମୁଲ ଅହମ୍ମଦ। ସେ ଆନ୍ଦୋଳନକାରୀଙ୍କୁ ରାସ୍ତାରୁ ହଟିଯିବାକୁ କହିଥିଲେ। ମାତ୍ର ବିଏମ୍ସି କର୍ମଚାରୀ ଏହାକୁ ଭ୍ରୂକ୍ଷେପ କରି ନ ଥିଲେ। ଏହାପରେ ଇଜାମୁଲଙ୍କ ମୁଣ୍ଡ ଗରମ ହୋଇଯାଇଥିଲା। ସେ ତାଙ୍କର ସର୍ଭିସ ରିଭଲଭର ବାହାର କରି ସେମାନଙ୍କୁ ଦେଖାଇ ଡରାଇଥିଲେ। ସେ ଆନ୍ଦୋଳନକାରୀଙ୍କ ମୁଣ୍ଡରେ ରିଭଲଭର ଲଗାଇ ଗାଡିରେ ବସିବା ପାଇଁ ଧମକାଇଥିଲେ। ଭୟରେ ଅନେକ ଆନ୍ଦୋଳନକାରୀ ଗାଡ଼ିରେ ଯାଇ ବସିଥିଲେ। ଏହି ଘଟଣା ଏବେ ରାଜଧାନୀରେ ଚର୍ଚ୍ଚାର ବିଷୟ ପାଲଟିଛି। ଇଜାମୁଲଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି। ଇଜାମୁଲଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ଏହି ଘଟଣା ପୋଲିସ କମିଶନର ସତ୍ୟଜିତ୍ ମହାନ୍ତିଙ୍କ ଦୃଷ୍ଟିକୁ ଆସିବା ପରେ ସେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ଇନ୍ସପେକ୍ଟରସ୍ତରୀୟ ଅଧିକାରୀ ଉକ୍ତ ଘଟଣାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଏ ନେଇ ସତ୍ୟଜିତ୍ ମହାନ୍ତି କହିଛନ୍ତି ଯେ, ଏହି ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି। କେଉଁ ପରିସ୍ଥିତିରେ ହାବିଲଦାର ଜଣଙ୍କ ଏଭଳି କଲେ ତାହାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଘଟଣାକୁ ନେଇ ରାଜନୈତିକ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। କାଳେ ବିଏମ୍ସିର ଗୁମର ପଦାରେ ପଡ଼ିଯିବ ସେଥିପାଇଁ ସରକାର ପୋଲିସ ଲଗାଇ ଲୋକଙ୍କୁ ଘଉଡାଇବାକୁ ପ୍ରୟାସ କରିଥିଲେ ବୋଲି ଭାଜପା ଅଭିଯୋଗ କରିଛି।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଏ ସାରା ସଂସାରର ଗୁରୁ କେବଳ ଜଗନ୍ନାଥ ଅଟନ୍ତି। ଦ୍ୱିତୀୟ ଗୁରୁ କେହି ନାହାନ୍ତି।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ୩୬ ନଂ ଜିଲା ପରିଷଦ ଜୋନରେ ଭାଜପାର ରୋଡ୍ ଶୋ



ବାଙ୍କୀ,୧୯।୪(ସ୍ୱ.ପ୍ର.): ବାଙ୍କୀ ଭାଜପା ପକ୍ଷରୁ ଶୁକ୍ରବାର ୩୬ ନଂ ଜିଲାପରିଷଦ ଜୋନ ସରଣ୍ଡାରେ ଏକ ବିଶାଳ ରୋଡ୍ ଶୋ ଅନୁଷ୍ଠିତ ହୋଇଛି। ୭ ପଞ୍ଚାୟତରେ କର୍ମୀମାନେ ବାଇକ ରାଲିକରି ବାଙ୍କୀରେ ଭାଜପାକୁ କ୍ଷମତାସୀନ କରିବାକୁ ଅନୁରୋଧ କରିଥିଲେ। କଟକ ଲୋକସଭା ଏମ୍‌ପି ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ମିଶ୍ର ଏବଂ ବାଙ୍କୀ ବିଧାୟକ ପ୍ରାର୍ଥୀ ଶୁଭ୍ରାଂଶୁ ମୋହନ ପାଢ଼ୀ ଉପସ୍ଥିତ ରହି ବାଙ୍କୀ ଏବଂ କଟକରୁ କଳା ଶାସନକୁ ହଟାଇ ଏକ ସୁସ୍ଥ ସରକାର ଗଢିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଲକ୍ଷ୍ମୀଧର ବେହେରା, ପ୍ରଭାରୀ ସ୍ମୃତି ପଟ୍ଟନାୟକ, ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ଜୟନ୍ତ ବେଉରା ଓ ପ୍ରସନ୍ନ ସ୍ୱାଇଁଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

### ୩୨ ନଂ ଜୋନରେ କଂଗ୍ରେସର ଶୋଭାଯାତ୍ରା



ବାଙ୍କୀ,୧୯।୪(ସ୍ୱ.ପ୍ର.): କଂଗ୍ରେସ ପକ୍ଷରୁ ଶୁକ୍ରବାର ବାଙ୍କୀ ନିର୍ବାଚନମଣ୍ଡଳୀ ଅଧୀନ ୩୨ନଂ ଜିଲାପରିଷଦ ଜୋନ ବାରଙ୍ଗରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ବାଙ୍କୀ ବିଧାୟକ ପ୍ରାର୍ଥୀ ଡ. ଦେବାଶିଷ ପଟ୍ଟନାୟକ, କଟକ ଏମ୍‌ପି ପ୍ରାର୍ଥୀ ପଞ୍ଚାନନ କାନୁନ୍‌ଗୋ ଶୋଭାଯାତ୍ରା ମାଧ୍ୟମରେ ଭୋଟ୍ ଭିକ୍ଷା କରିଛନ୍ତି। ବାରଙ୍ଗ ବ୍ଲକର କନକ ଦୁର୍ଗା ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ଗଦେଇ କୁଦଦେଇ ଚଣ୍ଡୀପ୍ରସାଦଠାରେ ସମାପ୍ତ ହୋଇଥିଲା। ଶୋଭାଯାତ୍ରା ଜୋନ ସଭାପତି ମଣ୍ଟୁମାଝୀଙ୍କ ନେତୃତ୍ୱରେ ହୋଇଥିଲା। କାର୍ଯ୍ୟକ୍ରମରେ କ୍ଷେତ୍ରବାସୀ ଦାସ, ପ୍ରଫୁଲ୍ଲ ସାହୁ, ଟୁକୁନା ସାହୁ, ଅଜୟ ବେହେରା, ସୁଶ୍ରିତା ସ୍ୱାଇଁ, ବିଶ୍ୱରଞ୍ଜନ ସାହୁ, ରାଜେନ୍ଦ୍ର ବିଶ୍ୱାଳ, ନିରଞ୍ଜନ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

# ସରିଲା ରଘୁନାଥଜୀଉଙ୍କ ପ୍ରସିଦ୍ଧ ଦାଣ୍ଡଯାତ୍ରା

ନିଶ୍ଚିନ୍ତକୋଇଲି,୧୯।୪(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଡାଳ ପଞ୍ଚାୟତ ମଲ୍ଲୀପୁରଠାରେ ଥିବା ଶ୍ରୀଶ୍ରୀ ରଘୁନାଥ ଜୀଉଙ୍କ ଓଡିଶା ପ୍ରସିଦ୍ଧ ଦାଣ୍ଡଯାତ୍ରା ଶୁକ୍ରବାର ଶେଷ ହୋଇଛି। ଏହିଯାତ୍ରା ଶ୍ରୀରାମ ନବମୀଠାରୁ ଆରମ୍ଭ ହୋଇଥିଲା। ଶେଷ ଦିନରେ ଯାତ୍ରା ଦେଖିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ପୋଲିସ, ପ୍ରଶାସନ ଓ ଯାତ୍ରା କମିଟି ପକ୍ଷରୁ ନାନା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟୁଷରୁ ମନ୍ଦିର ମୁଖ୍ୟ ପୂଜକ ସୁଦର୍ଶନ ପତି ଓ ସହଯୋଗୀ ପ୍ରଦୀପ୍ତ ଶତପଥୀ, ସଚିନ୍ଦ୍ର ମିଶ୍ର, ମନମୋହନ ପତି, ପ୍ରତାପ ଶତପଥୀ, କୃପାସିନ୍ଧୁ ପାଢ଼ୀ ପ୍ରମୁଖ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା କରିଥିଲେ। ରାତ୍ର ୧୦ଟା୩୦ରେ ପ୍ରଭୁ ଶ୍ରୀରଘୁନାଥ ମନ୍ଦିରରୁ ବାହାରି ଶୋଭାଯାତ୍ରାରେ କୋଇଲ ଦଧିବାମନ ଜୀଉଙ୍କ ନିକଟକୁ ଗମନ କରିଥିଲେ। ଶୋଭାଯାତ୍ରାରେ ସୁଆଙ୍ଗୀମାନେ ହନୁମାନ, ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ସୀତା, ରାବଣ ଓ ବିଭିଷଣ ଏବଂ ରାମାୟଣର ବିଭିନ୍ନ ଚରିତ୍ରରେ ବେଶହୋଇ ପ୍ରଭୁଙ୍କ ସମ୍ମୁଖରେ ଲୀଳା ପ୍ରଦର୍ଶନ କରି ସାଙ୍ଗରେ ଯାଇଥିଲେ।

ମାନସିକଧାରୀ ଶ୍ରଦ୍ଧାଳୁ କାଳିକା ଦେବୀ ଓ ବିଭିନ୍ନ ଚଣ୍ଡିଚାମୁଣ୍ଡା ବେଶଧାରଣ କରି ଶୋଭାଯାତ୍ରାରେ ନୃତ୍ୟ ପ୍ରଦର୍ଶନ କରିଥିଲେ। କାଳିକା ଦେବୀ ପ୍ରଥମେ ମଲ୍ଲୀପୁର କାଳିଠାକୁରାଣୀ ଓ କୋଟିଳେଇ ଠାକୁରାଣୀଙ୍କ ପାଖରେ ପଣା ଖାଇବା ପରେ ଗାଁଗାଁ ବୁଲି ପଣା ପାନକରି ଭକ୍ତଙ୍କୁ ଆଶିଷ ପ୍ରଦାନ କରିଥିଲେ। ଶ୍ରୀରଘୁନାଥଜୀଉ ଏବଂ ସମସ୍ତ ବେଶଧାରୀ ଦଧିବାମନଜୀଉ ମନ୍ଦିରରେ ରାତ୍ର ୪ଟା୧୫ରେ ପହଞ୍ଚିବାପରେ ସେଠାରେ ରାମ, ଲକ୍ଷ୍ମଣଙ୍କୁ ନାଗଫାସ ବନ୍ଧନରେ ବାନ୍ଧି ଦିଆଯାଇଥିଲା। ପ୍ରଭୁ ଦଧିବାମନଜୀଉ ନିଜେ ରାମବେଶ ହୋଇ ରଘୁନାଥଜୀଉଙ୍କୁ ଭେଟ ପାଇଁ ମନ୍ଦିରରେ ଅପେକ୍ଷା କରିଥିଲେ। ଶ୍ରୀଜୀଉ ମନ୍ଦିରରେ ପହଞ୍ଚିବା ପରେ ଦଧିବାମନ ଏବଂ ରଘୁନାଥଙ୍କ ମହାମିଳନ ହୋଇଥିଲା। ଏହି ମନୋରମ ଦୃଶ୍ୟ ଦେଖିବା ପାଇଁ ଭକ୍ତ ମହଲରେ ଉତ୍ସାହ ଭରିଯାଇଥିଲା। ଏହାପରେ ରଘୁନାଥଜୀଉ ନିଜ ମନ୍ଦିରକୁ ଫେରିଆସିଥିଲେ। ଏହି ଯାତ୍ରାରେ ରାତ୍ର ବ୍ୟାପୀ ଶ୍ରଦ୍ଧାଳୁ ସେମାନଙ୍କ ମାନସିକ ବାଣ ଫୁଟାଇବା ସହିତ ଯାତ୍ରା କମିଟି ପକ୍ଷରୁ ଲକ୍ଷାଧିକ ଟଙ୍କାର ଚିତାକର୍ଷକ ବାଣ ଫୁଟାଯାଇ ପ୍ରଦର୍ଶିତ ହୋଇଥିଲା। ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାତ୍ରା କମିଟି କାର୍ଯ୍ୟକାରୀ ସମ୍ପାଦକ ପ୍ରଭାତ ରଥ, ଗୁମାସ୍ତା ଅକ୍ଷୟ ଭୂୟାଁ, ଗୟାଧର ସ୍ୱାଇଁ, ପ୍ରସନ୍ନ ଦାସଙ୍କ ସମେତ ସମସ୍ତ ସଭ୍ୟ, କର୍ମକର୍ତ୍ତା ଏବଂ ସ୍ୱେଚ୍ଛାସେବୀ ଯାତ୍ରା ପରିଚାଳନାରେ ପୂର୍ଣ୍ଣସହଯୋଗ କରିଥିଲେ। ଦୁଇ ପ୍ଲାଟୁନ ଫୋର୍ସ, ୬ ଇନ୍ସପେକ୍ଟର, କନଷ୍ଟେବଲଙ୍କ ସମେତ ୨୦ ମହିଳା ଓ ପୁରଷ ହୋମ୍ ଗାର୍ଡ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ଏଥିସହିତ ଅଗ୍ନିସମସେବା ସଂସ୍ଥା, ସ୍ୱାସ୍ଥ୍ୟ ବିଭାଗ, ପାନୀୟ ଜଳ ବିଭାଗ ପକ୍ଷରୁ କର୍ମଚାରୀ ସେବା ଯୋଗାଇ ଦେଇଥିଲେ। ରାତ୍ରରେ ଯାତ୍ରା ପଡିଆରେ ଅନୁଷ୍ଠିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶ୍ରଦ୍ଧାଳୁ ଉପଭୋଗ କରିଥିଲେ। ବିଶେଷକରି ଅନେକ ହନୁମାନ ଓ କାଳେସୀ ବେଶଧାରୀ ଟ୍ରାଫିକ୍ ନିୟନ୍ତ୍ରଣ କରୁଥିବା ଦେଖିବାକୁ ମିଳିଥିଲା।



ଶ୍ରୀରଘୁନାଥଜୀଉ।

■ହଜାର ହଜାର ଭକ୍ତଙ୍କ ସମାଗମ

■ମାନସିକଧାରୀ ବିଭିନ୍ନ ବେଶଧାରଣ କରି ନୃତ୍ୟ ପ୍ରଦର୍ଶନ କରିଥିଲେ



ମାହାଙ୍ଗା ବ୍ଲକର ୩୯, ୪୦ ନଂ ଜିଲା ପରିଷଦ ଜୋନ୍‌ରେ ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର।

# ମାହାଙ୍ଗାରେ ବିଜେଡିର ରୋଡ୍ ଶୋ

ମାହାଙ୍ଗା,୧୯।୪(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ୩୯ ଓ ୪୦ନଂ ଜିଲା ପରିଷଦ ଜୋନରେ ଶୁକ୍ରବାର ବିଜେଡିର ରୋଡ୍‌ଶୋ ଅନୁଷ୍ଠିତ ହୋଇଛି। ମାହାଙ୍ଗା ବିଧାୟକ ପ୍ରାର୍ଥୀ ପ୍ରତାପ ଜେନା ଓ କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀ ଅନୁଭବ ମହାନ୍ତି ଏହି ରୋଡ୍ ଶୋ କରିଛନ୍ତି। ଏଥିସହିତ ଏକ କର୍ମୀ ସମାବେଶ ମଧ୍ୟ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ବାଇକ ଶୋଭାଯାତ୍ରା ବିରୂପା-ଗେଙ୍ଗୁଟୀ ଦ୍ୱୀପାଞ୍ଚଳ ଭୋଳିଦାସପୁର ଛକଠାରୁ ବାହାରି ତ୍ରିବେଣୀଶ୍ୱର ପର୍ଯ୍ୟନ୍ତ ଯାଇଥିଲା। ପରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସମାବେଶରେ ବିଧାୟକ ପ୍ରାର୍ଥୀ ଜେନା ଓ ଏମ୍‌ପି ପ୍ରାର୍ଥୀ ମହାନ୍ତି ଯୋଗଦେଇ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ। ଏଥିରେ ବ୍ଲକ୍ ବିଜେଡି ସଭାପତି ରାଜକିଶୋର ଜେନା, ବ୍ଲକ୍ ଅଧ୍ୟକ୍ଷ ଶରତ ନାୟକ, ଉପାଧ୍ୟକ୍ଷା ରଶିଦା ବେଗମ, ଭିକାରୀ ଚରଣ ସ୍ୱାଇଁ, ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ, ଜିଲା ପରିଷଦ ସଭ୍ୟ ହୃଷୀକେଶ ସ୍ୱାଇଁ ଓ ଦୀପକ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ବାଙ୍କୀ ବିଜେଡିର ପ୍ରଚାର

ବାଙ୍କୀ,୧୯।୪(ସ୍ୱ.ପ୍ର.)

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ୧୧ନଂ ୱାର୍ଡ ଚର୍ଚ୍ଚିକା ମନ୍ଦିରସାହି ଓ ହରିଜନ ସାହିରେ ବିଜେଡି ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ପଦଯାତ୍ରା କରି ଭୋଟଭିକ୍ଷା କରିଛନ୍ତି। ୱାର୍ଡ ବିଜେଡି ସଭାପତି ଶରତ ଚନ୍ଦ୍ର ମହାପାତ୍ର ଦେବୀରଞ୍ଜନଙ୍କୁ ସ୍ୱାଗତ କରି ୱାର୍ଡକୁ ପାଛୋଟି ନେଇଥିଲେ। ବାଙ୍କୀ ଉପଖଣ୍ଡ ଯୁବ ବିଜେଡି ସଭାପତି ସନ୍ତୋଷ ରଣା, ପ୍ରତାପ ଚନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ ରଣା, ଭୁତୁ ମହାପାତ୍ର, ନିରଞ୍ଜନ ରଣା, ଜନ୍ମେଜୟ ମହାପାତ୍ର, ବେଣୁଧର ରଣା ଓ ବିଦ୍ୟାଧର ରଣାଙ୍କ ସମେତ ଶତାଧିକ ୱାର୍ଡବାସୀ ପଦଯାତ୍ରାରେ ସାମିଲ ହୋଇଥିଲେ।

ସେହିପରି ବାଙ୍କୀ ବ୍ଲକ କଳାପଥର ଜୋନ ନମ୍ବର ୩୪ର ୭ ପଞ୍ଚାୟତ ଯଥା: କଳାପଥର, ବଳଭଦ୍ରପୁର, କେନ୍ଦୁପଲ୍ଲୀ, ଜଗନାଥପୁର, ବୈଦେଶ୍ୱର, କାଳିପୋଇ ଓ ଖଜୁରୀପଦା(ନୂଆଗାଁ)ର ସମସ୍ତ ଗ୍ରାମରେ ଦେବୀରଞ୍ଜନ ଓ ତାଙ୍କ ବାପା ତଥା ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ରୋଡ୍ ଶୋ କରିଥିଲେ। କାର୍ଯ୍ୟକ୍ରମରେ ବାଙ୍କୀ ବ୍ଲକ ଅଧ୍ୟକ୍ଷ ପୁଷ୍ପଲତା ସାମନ୍ତ, ମହେଶ୍ୱର ମହାପାତ୍ର, ସୁରଞ୍ଜନ ପଣ୍ଡା, ସୁବାସ ଚନ୍ଦ୍ର ସ୍ୱାଇଁ, ସମରେନ୍ଦ୍ର ମହାପାତ୍ର, ପ୍ରଦ୍ୟୁମ୍ନ ସୁବୁଦ୍ଧି, ଜିଲା ପରିଷଦ ସଭ୍ୟ ପ୍ରଣବ ପଟେଲ୍, ବ୍ଲକ ଉପାଧ୍ୟକ୍ଷ ମଦନ ମୋହନ ନାୟକ, ମିର୍ଜା ସର୍ଦ୍ଦାର ଅଲ୍ଲୀବେଗ୍, ଅନନ୍ତ ଦାସ, ପ୍ରଦୀପ ପୃଷ୍ଟି, ଡମପଡ଼ା ବ୍ଲକ ଯୁବ ବିଜେଡି ସଭାପତି ବିଭୁପ୍ରସାଦ ସାମଲ ଏବଂ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ବିଜେଡି ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ନିର୍ବାଚନୀ ପ୍ରଚାର କରୁଛନ୍ତି।

# ତିଗିରିଆରେ ପିସିସି ସଭାପତିଙ୍କ ପ୍ରଚାର

ତିଗିରିଆ,୧୯।୪(ଡି.ଏନ.ଏ.)

ତିଗିରିଆରେ କଂଗ୍ରେସ ପକ୍ଷରୁ ଆଠଗଡ଼ ବିଧାୟକ ଓ କଟକ ଏମ୍‌ପି ଆସନ ପାଇଁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରଚାର କରିଛନ୍ତି। ପଟ୍ଟନାୟକ ଯୋଗଦେଇ ଆଠଗଡ଼ ବିଧାୟକ ପ୍ରାର୍ଥୀ ଉମାବଲ୍ଲଭ ରଥ ଏବଂ କଟକ ଏମ୍‌ପି ପ୍ରାର୍ଥୀ ପଞ୍ଚାନନ କାନୁନଗୋଙ୍କୁ ବିଜୟୀ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ନୂଆପାଟଣାସ୍ଥିତ ଗାନ୍ଧୀ ପଡ଼ିଆରେ ଏହି ସମାବେଶ ଅନୁଷ୍ଠିତ ହୋଇଥିଲା। ସୁବାସ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରଚାର ମଞ୍ଚରେ ଶ୍ରମିକ ନେତା ରାମଚନ୍ଦ୍ର ଖୁଣ୍ଟିଆ, ରବିନାରାୟଣ ମହାନ୍ତି, ପସିସି ସାଧାରଣ ସମ୍ପାଦକ ପଦ୍ମନାଭ ଗୁରୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଚାର କାର୍ଯ୍ୟରେ ତିଗିରିଆ ଓ ଆଠଗଡ଼ର ତୁଙ୍ଗନେତାମାନେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଧାୟକ ପ୍ରାର୍ଥୀ ରଥଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ବହୁ ସମର୍ଥକ ଯୋଗଦେଇଥିଲେ। ସମାବେଶ ଶେଷରେ ପିସିସି ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସାଲେପୁରରେ କଂଗ୍ରେସର ପରିବର୍ତ୍ତନ ସମାବେଶ



ପରିବର୍ତ୍ତନ ସମାବେଶରେ ଯୋଗଦେଇଥିବା ଏମ୍‌ପି,୦ବିଧାୟକ ପ୍ରାର୍ଥୀ ଓ ଅନ୍ୟମାନେ।

ସାଲେପୁର,୧୯।୪(ଡି.ଏନ.ଏ.)

କଂଗ୍ରେସ ପକ୍ଷରୁ ସାଲେପୁର ହାଇସ୍କୁଲ୍ ପଡ଼ିଆରେ ଶୁକ୍ରବାର ସନ୍ଧ୍ୟାରେ ଏକ ପରିବର୍ତ୍ତନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜିଲା କଂଗ୍ରେସ ସଭାପତି ଗୁରୁପଦ ନନ୍ଦ ସଭାପତିତ୍ୱ କରିଥିଲେ। ଦଳର କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀ ଧରଣୀଧର ନାୟକ ଯୋଗଦେଇ ସାଲେପୁରରେ ବିଶ୍ୱାସଘାତକତାର ନିଆଁ ଜଳୁଛି। ଯିଏ ବିଶ୍ୱାସଘାତକତା କରିଛି ତାକୁ କେବେବି କଂଗ୍ରେସ କର୍ମୀ କ୍ଷମା ଦେବେନି ବୋଲି କହିଥିଲେ। ଏଥିସହିତ ସାଲେପୁର ନିର୍ବାଚନମଣ୍ଡଳୀ କଂଗ୍ରେସର ଗଡ଼ବୋଲି କହିବା ସହ ଏହି ଅଞ୍ଚଳ ମଧୁବାବୁଙ୍କ ଅଞ୍ଚଳ ହୋଇଥିବାରୁ ଏଠାକାର ଲୋକେ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଶ୍ଚିତଭାବେ କଂଗ୍ରେସକୁ ବିଜୟ କରିବେ ଆଶବ୍ୟକ୍ତ କରିଥିଲେ। ସାଲେପୁର ବିଧାୟକ ପ୍ରାର୍ଥୀ ରବୀନ୍ଦ୍ରନାଥ କର ଯୋଗଦେଇ ସାଲେପୁରରେ ବିକାଶର ଦ୍ୱାହିଦେଇ ଯେଉଁମାନେ ଭୋଟ ହାତେଇବାକୁ ଚେଷ୍ଟା କରୁଛନ୍ତି ସେମାନେ ସାଲେପୁରର ବିକାଶ କରିଛନ୍ତି ନାଁ ନିଜର ବିକାଶ କରିଛନ୍ତି ବୋଲି ପ୍ରଶ୍ନ କରିବା ସହ ଅଭିଯୋଗ କରିଥିଲେ। ସାଲେପୁର ହେଉଛି ଏକ ଶାନ୍ତିପ୍ରିୟ ଅଞ୍ଚଳ। ଯେଉଁମାନେ ଅଶାନ୍ତ ସୃଷ୍ଟି କରୁଛନ୍ତି ସେମାନଙ୍କୁ କଂଗ୍ରେସ କର୍ମୀ ଏବଂ ଜନସାଧାରଣ କେବେ କ୍ଷମା ଦେବେନି ବୋଲି କହିବା ସହ ଆଗାମୀ ନିର୍ବାଚନରେ କଂଗ୍ରେସ ଏଠାରୁ ବିଜୟଲାଭ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ଡ. ଗୋବିନ୍ଦ ଚନ୍ଦ୍ର ଭୂୟାଁ, ସିପିଆଇ ନେତା ଉଦୟ କେଶରୀ ବର୍ମା, ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଜ୍ଞାନଦେବ ବେହୁରା, ନାରୀନେତ୍ରୀ ପୁଷ୍ପା ସାମଲ, ଜିଲା ସମ୍ପାଦକ ପ୍ରଭାକର ବିଶ୍ୱାଳ, ସାଲେପୁର-ଟାଙ୍ଗୀ ନିର୍ବାଚନମଣ୍ଡଳୀ କଂଗ୍ରେସ ଯୁବନେତା ବିଶେଶ୍ୱର ସ୍ୱାଇଁ, ସଂଖ୍ୟାଲଘୁ ନେତା ଅକମଲ୍ ଭାଇ ପ୍ରମୁଖ ଯୋଗଦେଇ ସାଲେପୁର ଓ ଟାଙ୍ଗୀର ସାମଗ୍ରିକ ବିକାଶ ପାଇଁ ଏମ୍‌ପି ପ୍ରାର୍ଥୀ ଧରଣୀଧର ଓ ବିଧାୟକ ପ୍ରାର୍ଥୀ ରବୀନ୍ଦ୍ରନାଥଙ୍କୁ ବିଜୟୀ କରିବାକୁ ନିବେଦନ କରିଥିଲେ। ବୁଟୁ କର, ଗୌତମ କର, ଶିବପ୍ରସାଦ ବେହେରା, ମକସୁଦ୍ ଖାନ୍, ରିୟାଜ୍ ଖାନ୍, ଭୁବନମୋହନ ପ୍ରଧାନ, ମିସ୍‌ଭା ଉଲ୍ଲାମ୍ ଓ ସେକ୍ ଅନଓର ଅଲ୍ଲୀଙ୍କ ସମେତ ବହୁ କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

# ଆଠଗଡ଼ ବିଜେଡିର ପଦଯାତ୍ରା

ଆଠଗଡ଼,୧୯।୪(ସ୍ୱ.ପ୍ର.)

ଆଠଗଡ଼ ଏନଏସି ଅଞ୍ଚଳରେ ଶୁକ୍ରବାର ବିଜେଡିର ପଦଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରତି ୱାର୍ଡର କର୍ମୀମାନେ ଘରଘର ବୁଲି ଦଳୀୟ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଏମ୍‌ପି ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି। ଆକାଶ ପ୍ରତାପ ସ୍ୱାଇଁଙ୍କ ଉପସ୍ଥିତିରେ ଶତାଧିକ ସମର୍ଥକ ସ୍ଥାନୀୟ ଆଦିଶକ୍ତି ବଜାରଠାରୁ ପଦଯାତ୍ରାରେ ବାହାରି ଚଣ୍ଡୀରୋଡ, ହାଟସାହି, ଦୁର୍ଗାବଜାର, ଶବରସାହି ସମେତ ଅନ୍ୟ ସାହି ବୁଲି ପ୍ରଚାର କରିଥିଲେ। ପୂର୍ବତନ ନଗରପାଳ ରମେଶ ଘଡେଇ, ଉପନଗରପାଳ ଲଳିତମୋହନ ନାୟକ, ବି. ଶୁଭ୍ରଶଙ୍କର ଜ୍ୟୋତି, ହମିଦ୍ ମହମ୍ମଦ, ପ୍ରକାଶ ବେହେରା, ଦିବାକର ମହାନ୍ତି, କରିମ ମହମ୍ମଦ, ପ୍ରଭାତ ପୃଷ୍ଟିଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।



ଆଠଗଡ଼ ଏନ୍‌ଏସି ଅଞ୍ଚଳରେ କର୍ମୀମାନେ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି।

# ଅନୁମତି ଥାଇ ବି ହଟିଲା କଂଗ୍ରେସ ଅସ୍ଥାୟୀ କାର୍ଯ୍ୟାଳୟ

ଆଠଗଡ଼,୧୯।୪(ସ୍ୱ.ପ୍ର.)

ଆଠଗଡ଼ ନିର୍ବାଚନମଣ୍ଡଳୀ ଅଧୀନ ଡାଳିଯୋଡ଼ାଠାରେ ନିର୍ବାଚନ ଅଧିକାରୀଙ୍କ ଅନୁମତିରେ କଂଗ୍ରେସ ପକ୍ଷରୁ କରାଯାଇଥିବା ଏକ ଅସ୍ଥାୟୀ ଦଳୀୟ କାର୍ଯ୍ୟାଳୟକୁ ଶୁକ୍ରବାର ହଟାଇ ଦିଆଯାଇଛି। ଏ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦଳ ପକ୍ଷରୁ ଅଭିଯୋଗ ହୋଇଛି। କଂଗ୍ରେସ ବିଧାୟକ ପ୍ରାର୍ଥୀ ଉମାବଲ୍ଲଭ ରଥଙ୍କୁ ଦାୟିତ୍ୱପ୍ରାପ୍ତ ଅଧିକାରୀ ଚିଠି ନଂ-୧୮୫ ତା: ୧୬-୪-୧୯ରେ ଡାଳିଯୋଡାଠାରେ ଦଳୀୟ କାର୍ଯ୍ୟାଳୟ ଖୋଲିବା ପାଇଁ ଅନୁମତି ପ୍ରଦାନ କରିଥିଲେ। ଏଥି ନିମନ୍ତେ ପ୍ରାର୍ଥୀଙ୍କ ପକ୍ଷରୁ ମୌଜା ବ୍ରହ୍ମପୁର, ଖାତା ନଂ-୧୯୫, ଯାହାକି ଭଞ୍ଜ କିଶୋର ରାଉତ ଓଗେରଙ୍କ ନାମରେ ରେକର୍ଡ ରହିଛି। ସେହି ସ୍ଥାନରେ ଦଳୀୟ କାର୍ଯ୍ୟାଳୟ ଖୋଲିବା ପାଇଁ ରାଉତ ମଧ୍ୟ ସ୍ୱୀକୃତି ପ୍ରଦାନ କରିଥିଲେ। ଉପରୋକ୍ତ ନମ୍ବର ଚିଠି ଅନୁଯାୟୀ ନିର୍ବାଚନ ଅଧିକାରୀ ୧୭ତାରିଖଠାରୁ ୨୧ତାରିଖ ପର୍ଯ୍ୟନ୍ତ ଦଳୀୟ କାର୍ଯ୍ୟାଳୟ ଖୋଲିବା ପାଇଁ ଅନୁମତି ପ୍ରଦାନ କରିଥିଲେ। ଶୁକ୍ରବାର ୩ ନମ୍ବର ଭ୍ରାମ୍ୟମାଣ ଅଧିକାରୀ ତଥା ଆଠଗଡ଼ ଅତିରିକ୍ତ ତହସିଲଦାର ସୁଧାଂଶୁ କୁମାର ସଓ, ଅନ୍ୟ କର୍ମଚାରୀ ଓ ପୋଲିସ କର୍ମଚାରୀ ଉକ୍ତ ସ୍ଥାନରେ ହୋଇଥିବା କାର୍ଯ୍ୟାଳୟକୁ ବେଆଇନ ଦର୍ଶାଇ ହଟାଇଦେଇଥିବା ବିଧାୟକ ପ୍ରାର୍ଥୀ ରଥଙ୍କ ନିର୍ବାଚନ ଏଜେଣ୍ଟ ଅଙ୍କିତା ରଥ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଆଠଗଡ଼ ଉପଜିଲାପାଳ ତଥା ଉପଖଣ୍ଡ ନିର୍ବାଚନ ଅଧିକାରୀ ଅମୀୟ କୁମାର ସାହୁ କହିଛନ୍ତି, ଏ ସମ୍ପର୍କରେ ତାଙ୍କ ନିକଟରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ହେଲେ ଘଟଣାର ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷରେ ପ୍ରଶାସନିକ ଅଧିକାରୀଙ୍କ ଏପରି କାର୍ଯ୍ୟକୁ ଦଳ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି।

# ନିଆଁରେ ଚାଲିଲେ ମାନସିକଧାରୀ

ବାଙ୍କୀ/ଆଠଗଡ଼,୧୯।୪(ସ୍ୱ.ପ୍ର.)

ଚୈତ୍ରପୂର୍ଣ୍ଣିମା ଅବସରରେ ଶୁକ୍ରବାର ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ଦେବୀପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାନସିକ ବ୍ରତଧାରୀ ନିଆଁରେ ଝାମୁ ଚାଲି ବ୍ରତ ସମାପନ କରିଥିଲେ। ଡମପଡ଼ା ବ୍ଲକ ଜାତମୁଣ୍ଡିଆ ମା'ପୋଟଳେଇ, ହରିରାଜପୁରର ମା'ତାରିଣୀ, କୁସପଙ୍ଗିର ଝାଡୁମଲ, ସିଂହାନାଥପୁରର ମା'ମଙ୍ଗଳା, ବେଦପୁରର ମା'ଷଷ୍ଠୀଦେବୀଙ୍କ ପୀଠ ଏବଂ ଅନେକସ୍ଥାନରେ ଚୈତ୍ର ଝାମୁଯାତ୍ରା ପାଳିତ ହୋଇଛି। ଶ୍ରଦ୍ଧାଳୁ ଦିନତମାମ୍ ଉପବାସ ରହି ମାନସିକ ଅନୁସାରେ ଅଗ୍ନି ଉପରେ ଚାଲିଥିଲେ। ଦିନ ପ୍ରାୟ ୨ଟାରେ ମା'ପୋଟଳେଇ ପୀଠରେ ଝାମୁ ଚାଲିବା ପର୍ବ ଆୟୋଜିତ ହୋଇଥିଲା। ମାନସିକଧାରୀ ରତ୍ନାକର ଜେନା ଓ ତ୍ରୈଲୋକ୍ୟ ରାଉତ ୧୨୦ହାତ ଅଗ୍ନିରେ ଝାମୁ ଚାଲିଥିଲେ। ଅତୀତରେ ଚୈତ୍ରି ପୂର୍ଣ୍ଣମୀ ପୂର୍ବ ରାତ୍ରିରେ କେତକ ପୀଠରେ ପଶୁବଳି ପ୍ରଥା ପ୍ରଚଳିତ ଥିଲା। ଏବେ ବଳି ନିଷିଦ୍ଧ ହେବାପରେ ବିରି ପିଠଉ ବଳି ଲାଗି କରିବା ପରେ ମା'ପୋଟଳେଇଙ୍କ ଅଭିଷେକ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ସେହିପରି ବେଦପୁରସ୍ଥିତ ମା'ଷଷ୍ଠୀଦେବୀଙ୍କ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଛି। ବହୁଭକ୍ତ, ଛୋଟ ଓ ବଡପିଲା ନିଜର ମାନସିକ ଚୁଟି ପକାଇଥିଲେ। ଯାତ୍ରାରେ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ମଧ୍ୟାହ୍ନରେ ମା'ଙ୍କ ଘଟ ଗାଁ ପରିକ୍ରମା କରି ପ୍ରତ୍ୟେକ ପରିବାର ଦୁଆରେ ଭୋଗ ଖାଇଥିଲେ। ଦ୍ୱିପ୍ରହରରେ ଝାମୁଚଲା କାର୍ଯ୍ୟ ହୋଇଥିଲା। ମା'ଷଷ୍ଠୀଦେବୀଙ୍କ ପୂଜା କମିଟି ସଭ୍ୟମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

ଆଠଗଡ ଅଞ୍ଚଳର ବିଭିନ୍ନ ଶକ୍ତିପୀଠରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଛି। ମାନସିକ ବ୍ରତଧାରୀ ନିଆଁରେ ଝାମୁ ଚାଲି ବ୍ରତ ସମାପନ କରିଥିଲେ। ସହରର ଆରାଧ୍ୟ ଦେବୀ ମା'ବାଉତୀଙ୍କ ପୀଠରେ ପ୍ରତ୍ୟୁଷରୁ ମା'ଙ୍କ ସ୍ନାନପରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ପ୍ରାୟ ୧୦ଜଣ ମାନସିକଧାରୀ ବ୍ରତ ପାଳନ କରି ମା'ଙ୍କ ଆଜ୍ଞାମାଳ ପାଇଁ ଗୁହାରିଆ ପଡିଥିଲେ। ମଧ୍ୟାହ୍ନରେ ଘଣ୍ଟଘଣ୍ଟା ଖୋଳତାଳ ସହ ସ୍ଥାନୀୟ ଭାଗୀରଥି ସାଗରକୁ ଯାଇଥିଲେ। ସ୍ନାନସାରି ନିସ୍ତାର ସହ ମା'ଙ୍କ ପୀଠକୁ ଆସି ଜ୍ୱଳନ୍ତା ନିଆଁରେ ଝାମୁଚାଲି ବ୍ରତ ସମାପନ କରିଥିଲେ। ସେହିପରି କନ୍ତୋଳ ଆଦ୍ୟାଶକ୍ତି ପୀଠ, ମଙ୍ଗଳା ପୀଠ ଓ ଆଖପାଖ ଗ୍ରାମରେ ଥିବା ଦେବୀପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଛି।



ଆଠଗଡ଼ ଓ ବାଙ୍କୀରେ ମାନସିକଧାରୀ ନିଆଁରେ ଚାଲୁଛନ୍ତି।


## DECLARATION ABOUT CRIMINAL CASES

As per the Judgment dated 25th September, 2018 of Hon'ble Supreme Court WP (Civil) No.536 of 2011 (Public Interest foundation and Ors. Vs. Union of India & Anr). Name and Address of Candidate : **Bijaya Kumar Dalabehera**, S/o- Suresh Chandra Mohanty, At/Po-Ratapata, Ps- Badamba, Dist- Cuttack, Pin-754037, Name of Political Party : Bharatiya Janata Party (BJP), Name of Constituency : **87- Badamba Assembly Constituency**. **I, Bijaya Kumar Dalabehera** a candidate for the above mentioned Election, declare for public information the following details about my criminal antecedents.

| Sl. No. | Pending Criminal Cases | | | Details about cases of conviction for criminal offences | |
|---|---|---|---|---|---|
| | Name of court | Case No. & Status of case | Section(s) of Acts concerned and brief description of offence(s) | Name of court & Date(s) of order(s) | Description of offence(s) & punishment imposed |
| 1 | JMFC Badamba, Cuttack | GR-75/2017 Pending | U/S 147, 148, 149, 427, 120 (B) | NA | NA |
| 2 | JMFC Badamba, Cuttack | 2 (c) C.C.-1/2016 Pending | U/S 70 of E.C. Act | NA | NA |
| 3 | JMFC Badamba, Cuttack | GR-112/2015 Pending | U/S 143, 341, 283, 278, 149 IPC | NA | NA |
| 4 | JMFC Badamba, Cuttack | GR-145/2015 Pending | U/S 143, 145, 147, 148, 341, 294, 336, 353, 427, 506, 149 IPC | NA | NA |
| 5 | JMFC Badamba, Cuttack | GR-25/2012 Pending | U/S 143, 454, 294, 506, 379, 35,4, 34 IPC | NA | NA |
| 6 | JMFC Badamba, Cuttack | GR-178/2006 Pending | U/S 448, 294, 379, 506, 341 IPC | NA | NA |

I have not been convicted in any Criminal offences.

**Sd./- Bijaya Kumar Dalabehera**



ଏ ସାରା ସଂସାରର ଗୁରୁ କେବଳ ଜଗନ୍ନାଥ ଅଟନ୍ତି। ଦ୍ୱିତୀୟ ଗୁରୁ କେହି ନାହାନ୍ତି।

- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ପୋଡ଼ିହୋଇ ମହିଳା ଗୁରୁତର: ୩ ଅଟକ

ଶାଶୁଘର ଲୋକ ନିଆଁ ଲଗାଇ ଦେଇଥିବା ଅଭିଯୋଗ

**କଟକ ଅଫିସ୍, ୧୯।୪:** ନିଆଁରେ ପୋଡି ହୋଇ ରୁସ୍ୱାନା ବିବି ନାମ୍ନୀ ମହିଳା ଗୁରୁତର ହୋଇଛନ୍ତି। ତାଙ୍କ ଦେହର ୫୦ ଭାଗ ପୋଡି ଯାଇଥିବା ବେଳେ ଚିକିତ୍ସା ପାଇଁ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ରୁସ୍ୱାନାଙ୍କ ଉପରେ ଶାଶୁଘର ଲୋକ କିରୋସିନ ଢାଳି ନିଆଁ ଲଗାଇ ଦେଇଥିବା ନେଇ ତାଙ୍କ ପରିବାର ଲୋକ ଜଗତପୁର ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଆଧାରରେ ପୋଲିସ ରୁସ୍ୱାନାଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଜଗତ୍‌ପୁର ଥାନା ଅନ୍ତର୍ଗତ ମହାଜନପୁର ଅଞ୍ଚଳର ରୁସ୍ୱାନାଙ୍କୁ ୬ ବର୍ଷ ତଳେ ଉକ୍ତ ଥାନା ଅଧୀନ ପଦ୍ମପୁର ଅଞ୍ଚଳର ସେଖ୍ ରିଆଜ ବିବାହ କରିଥିଲେ। ଏବେ ତାଙ୍କର ୩ଟି ପିଲା ଅଛନ୍ତି। ଶୁକ୍ରବାର ସକାଳେ ପାରିବାରିକ କଳହକୁ କେନ୍ଦ୍ରକରି ରୁସ୍ୱାନା ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ ବୋଲି ତାଙ୍କ ଶାଶୁଘର ଲୋକେ କହିଥିବା ଆଇଆଇସି ପ୍ରଦୀପ୍ତ କିଶୋର ନାୟକ ପ୍ରକାଶ କରିଛନ୍ତି। ନିଆଁ ଲାଗିବା ଦେଖି ଶାଶୁଘର ଲୋକେ ରୁସ୍ୱାନାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହି ଖବରପାଇ ରୁସ୍ୱନାଙ୍କ ବାପଘର ଲୋକେ ଡାକ୍ତରଖାନାରେ ପହଞ୍ଚିଥିଲେ। ପରେ ବାପଘର ଲୋକେ ଅଭିଯୋଗ କରିବାରୁ ପୋଲିସ ୩ ଜଣଙ୍କୁ ଅଟକ ରଖିଥିଲା।

### ମା' ଧାକୁଲେଇଙ୍କ ବାଣଯାତ୍ରା ମହୋତ୍ସବ

**ଫୁଲନଖରା,୧୯।୪(ଡି.ଏନ୍.ଏ.):** କଟକ ସଦର ଥାନା ପ୍ରତାପନଗରୀ ଗ୍ରାମର ପ୍ରସିଦ୍ଧ ମା' ଧାକୁଲେଇଙ୍କ ବାଣଯାତ୍ରା ମହୋତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଭୋର ୪ଟା ରୁ ମନ୍ଦିର ଦ୍ୱାର ଫିଟାଯାଇ ସ୍ନାନ, ମଙ୍ଗଳଆଳତି ଓ ପୂଜାର୍ଚ୍ଚନା କରାଯାଇଥିଲା। ସକାଳ ୬ଟାରୁ ଭକ୍ତମାନେ ମା'ଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନରେ ମା'ଙ୍କ ପୀଠରେ ମାନସିକ ବଳି ପାଇଁ ଆସିଥିବା ଛେଳି ଓ କୁକୁଡାକୁ ପୂଜକ ଫୁଲ ପାଣି ଦେଇ ଛାଡିଦେଇଥିଲେ। ସନ୍ଧ୍ୟାରେ ମା'ଙ୍କ ପୂଜା ସରିବା ପରେ ମା'ଙ୍କ ଚଳନ୍ତି ପ୍ରତିମାକୁ ଏକ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରାଯାଇଥିଲା। ମା'ଙ୍କ ବିମାନ ମେଳଣ ପଡ଼ିଆରେ ପହଞ୍ଚିବା ପରେ ଆତଶବାଜି କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ବାଣ ଯାତ୍ରା ଦେଖିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ବୋଲି ମା' ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ କୁହାଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ୫ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହି ଯାତ୍ରା ୭ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ଯାତ୍ରାରେ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଅସ୍ଥାୟୀ ଦୋକାନ ଖୋଲିଥିବା ଜଣାପଡିଛି।

### ୮ ବଖରା ଜଳିଗଲା



**ଟାଙ୍ଗୀ(କଟକ), ୧୯।୪(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଶାଳଗାଁ ପଞ୍ଚାୟତର ନେଳିଆ ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି କେଦାର ବେହେରା, ବାବୁଲି ବେହେରା ଓ କୈଳାସ ବେହେରାଙ୍କ ୮ବଖରା ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ନଷ୍ଟ ହୋଇଯାଇଛି। ପୂର୍ବାହ୍ନ ୧୧ଟାରେ କୌଣସି କାରଣରୁ ଗୋଟିଏ ବଖରାରେ ନିଆଁ ଲାଗିଯାଇଥିଲା। ପରେ ନିକଟସ୍ଥ ରୋଷେଇ ଘରକୁ ନିଆଁ ବ୍ୟାପି ଯାଇ ଭିତରେ ଥିବା ଦୁଇଟି ଗ୍ୟାସ୍ ଟାଙ୍କିରେ ଲାଗିଯାଇଥିଲା। ଫଳରେ ଗ୍ୟାସ୍ ଟାଙ୍କି ଦୁଇଟି ଫାଟି ଯିବାରୁ ନିଆଁ ଅନ୍ୟଘରକୁ ବ୍ୟାପି ଯାଇଥିଲା। ସେହି ସମୟରେ ଘର ଭିତରୁ ଜୀବନ ବଞ୍ଚାଇ ତିନି ପରିବାରର ସଦସ୍ୟମାନେ ବାହାରକୁ ଚାଲି ଆସିଥିଲେ। ଖବରପାଇ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। କ୍ଷୟକ୍ଷତିର ପରିମାଣ ଅନୁସନ୍ଧାନ ପରେ ଜଣାପଡିବ ବୋଲି ଅଗ୍ନିଶମ ଅଧିକାରୀ କହିଛନ୍ତି। ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା ଓ ନୟନ କିଶୋର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ଆଶ୍ୱାସନା ଦେଇଥିଲେ। ରାଜସ୍ୱ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିବା ପରେ କ୍ଷୟକ୍ଷତିର ଆକଳନ କରିବା ସହିତ ତୁରନ୍ତ କ୍ଷତିପୂରଣ ରାଶି ଅନୁମୋଦନ କରିବାକୁ ସେମାନେ କହିଥିଲେ।

## ■ଏସ୍‌ସିବି ୟୁଜର୍ସ ଫି' ଦୁର୍ନୀତି

# ଏତଲା ପରେ ବି ଭିଜିଲାନ୍ସ ନୀରବ

**କଟକ ଅଫିସ,୧୯।୪**

ଏସ୍‌ସିବି ମେଡିକାଲରେ ରୋଗୀଙ୍କଠାରୁ ଆଦାୟ ହୋଇଥିବା ୟୁଜର୍ସ ଫି'କୁ ମେଡିକାଲର କର୍ମଚାରୀଙ୍କଠାରୁ ଆରମ୍ଭ କରି ମେଡିକାଲରେ ନିୟୋଜିତ ଘରୋଇ ସଂସ୍ଥାମାନେ ହରିଲୁଟ କରିଛନ୍ତି। ୟୁଜର୍ସ ଫି' ହରିଲୁଟ୍ ହେବା ନେଇ ଭିଜିଲାନ୍ସରେ ପୂର୍ବରୁ ମାମଲା ମଧ୍ୟ ରୁଜୁ ହୋଇଛି। ଏପରିକି ଭିଜିଲାନ୍ସ ପକ୍ଷରୁ ଅତୀତରେ ଏସ୍‌ସିବିରୁ ୟୁଜର୍ସ ଫି' ସମ୍ବନ୍ଧିତ ରେକର୍ଡପତ୍ର ଓ ଆୟବ୍ୟୟର ସମସ୍ତ କାଗଜପତ୍ର ଜବତ କରାଯାଇଛି। ହେଲେ ଇତିମଧ୍ୟରେ ଭିଜିଲାନ୍ସ ମେଡିକାଲର ଜଣେ ହେଲେ କର୍ମଚାରୀ କିମ୍ବା ହରିଲୁଟ୍‌ରେ ସମ୍ପୃକ୍ତ ଘରୋଇ ସଂସ୍ଥାଗୁଡ଼ିକର ମାଲିକମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି। ନିକଟରେ ଏସ୍‌ସିବିରେ ନିୟୋଜିତ ଏକ ଘରୋଇ ସଂସ୍ଥା ରୋଗୀଙ୍କଠାରୁ ଆଦାୟ କରାଯାଇଥିବା ୟୁଜର୍ସ ଫି'କୁ ହରିଲୁଟ କରିଥିଲା। ଲୋକାଲ ଅଡିଟ୍‌ରୁ ଏହି କଥା ଧରାପଡ଼ିଥିଲା। ଅଡିଟ୍ ତଥ୍ୟ ଅନୁଯାୟୀ, ଉକ୍ତ ସଂସ୍ଥା ପାଖାପାଖି ୧୫ରୁ ୨୦ ଲକ୍ଷ ଟଙ୍କା ଆତ୍ମସାତ କରିଥିଲା। ଏହାପରେ ମେଡିକାଲ ପକ୍ଷରୁ ଉକ୍ତ ସଂସ୍ଥାକୁ ଟଙ୍କା ଫେରସ୍ତ ପାଇଁ ନୋଟିସ ଦିଆଯାଇଥିଲା। ନୋଟିସ ପାଇବା ପରେ ସଂସ୍ଥା ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ପାଖାପାଖି ୫ ଲକ୍ଷ ଟଙ୍କା ଫେରସ୍ତ କରାଯାଇଥିଲା। କିସ୍ତିୱାରୀ ସମସ୍ତ ଟଙ୍କା ଶୁଝିଦେବୁ ବୋଲି ମଧ୍ୟ ସଂସ୍ଥା ପକ୍ଷରୁ ମେଡିକାଲକୁ ଅଣ୍ଡରଟେକିଂ ଆକାରରେ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ଏହି କଥା ଲୋକଲୋଚନକୁ ଆସିବା ପରେ ସାମାଜିକ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସରେ ଅଭିଯୋଗ ହେବାକୁ ଇତିମଧ୍ୟରେ ୧ ବର୍ଷ ବିତିଛି। ହେଲେ ଏ ନେଇ ଭିଜିଲାନ୍ସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅନ୍ୟପକ୍ଷରେ ମେଡିକାଲ କର୍ତ୍ତୃପକ୍ଷ ଦୁର୍ନୀତିର ପ୍ରମାଣ ପାଇସାରିବା ପରେ ମଧ୍ୟ ଉକ୍ତ ସଂସ୍ଥାକୁ କାର୍ଯ୍ୟରୁ ଅନ୍ତର କରିନାହାନ୍ତି। ଏଥିସହ ଉକ୍ତ ସଂସ୍ଥାର କାର୍ଯ୍ୟକାଳକୁ ପୁନର୍ବାର ବୃଦ୍ଧି କରାଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଭିଜିଲାନ୍ସ କଟକ ଡିଭିଜନର ଏସ୍‌ପି ଶଶିଭୂଷଣ ମିଶ୍ର କୁହନ୍ତି, ଉକ୍ତ ଘଟଣା ଭିଜିଲାନ୍ସର ତଦନ୍ତ ପରିସରଭୁକ୍ତ ଅଛି। ଖୁବ୍‌ଶୀଘ୍ର ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଏସ୍‌ସିବି ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା କୁହନ୍ତି, ଯେଉଁ ସଂସ୍ଥା ଟଙ୍କା ହଡ଼ପ କରିଥିଲା ଉକ୍ତ ସଂସ୍ଥା ବିଭିନ୍ନ ପର୍ଯ୍ୟାୟରେ ଟଙ୍କା ଫେରସ୍ତ ଦେଉଛି। ସଂସ୍ଥା ନିକଟରୁ ସମସ୍ତ ଟଙ୍କା ଆଦାୟ କରାଯିବା ପରେ ତା' ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଭିଜିଲାନ୍ସ ଓ ମେଡିକାଲ ପକ୍ଷରୁ ଏଭଳି ସଫେଇ ଦିଆଯାଉଥିବା ବେଳେ ଭିତିରି ତଥ୍ୟ ଅନୁଯାୟୀ ଉକ୍ତ ଘରୋଇ ସଂସ୍ଥା ନିଜର ପ୍ରଭାବ ବଳରେ ନିଜ ଦୁର୍ନୀତିକୁ ଚପାଇ ଦେବାରେ ସକ୍ଷମ ହୋଇଛି। ଗରିବ ରୋଗୀଙ୍କଠାରୁ ଆଦାୟ ହୋଇଥିବା ୟୁଜର୍ସ ଫି'କୁ ହରିଲୁଟ କରିବାର ପ୍ରମାଣ ମିଳିବା ପରେ ମଧ୍ୟ ଭିଜିଲାନ୍ସ ଓ ମେଡିକାଲ ନୀରବ ରହିବା ଦୁର୍ନୀତିକୁ ପ୍ରୋତ୍ସାହନ ସଦୃଶ ବୋଲି ଭିଜିଲାନ୍ସରେ ଅଭିଯୋଗ କରିଥିବା ସାମାଜିକ କର୍ମୀ ଅଚ୍ୟୁତ କୁମାର ସାହୁ କହିଛନ୍ତି। ସୂଚନାଥାଉ କି, ଏସ୍‌ସିବିରେ ୟୁଜର୍ସ ଫି' ହରିଲୁଟ କିଛି ନୂଆକଥା ନୁହେଁ। ଏହା ପୂର୍ବରୁ ୨୦୧୪ରେ ୟୁଜର୍ସ ଫି' ହରିଲୁଟ କରି ମେଡିକାଲର କେତେଜଣ କର୍ମଚାରୀ ଅଡୁଆରେ ପଡ଼ିଥିଲେ।

**ପ୍ରମାଣ ପାଇବା ପରେ ଘରୋଇ ସଂସ୍ଥା ପ୍ରତି ମେଡିକାଲର ମୋହ**

ମେଡିକାଲ କର୍ମଚାରୀଙ୍କ ଦ୍ୱାରା ୟୁଜର୍ସ ଫି' ହରିଲୁଟ ହୋଇଥିବା କଥା ତତ୍କାଳୀନ କେନ୍ଦ୍ରାଞ୍ଚଳ ଆରଡିସି ଅରବିନ୍ଦ କୁମାର ପାଢୀ ତଦନ୍ତରୁ ଜାଣିପାରିଥିଲେ। ୨୦୧୧ରୁ ୨୦୧୨ରେ ୟୁଜର୍ସ ଫି' ଆଦାୟରେ ଅନିୟମିତତା ହୋଇଥିଲା। ମେଡିକାଲର ୧୮ଜଣ କର୍ମଚାରୀ ୟୁଜର୍ସ ଫି' ଆଦାୟ କରିବାକୁ ରସିଦ ବହି ନେଇ ଫେରସ୍ତ ଦେଇ ନ ଥିଲେ। ଏ କଥା ପ୍ରଘଟ ହେବା ପରେ ମେଡିକାଲ ପକ୍ଷରୁ ସେମାନଙ୍କୁ ନୋଟିସ ଜାରି କରାଯାଇଥିଲା। ନୋଟିସ୍ ପାଇବା ପରେ ୧୫ଜଣ କର୍ମଚାରୀ ୧୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଫେରସ୍ତ ଦେଇଥିଲେ। ମାତ୍ର ବାକି ୩ଜଣ କର୍ମଚାରୀ ଅଦ୍ୟାବଧି ରସିଦ ବହି କିମ୍ବା ଆଦାୟ କରିଥିବା ଟଙ୍କା ଫେରସ୍ତ ଦେଇ ନ ଥିଲେ। ତଦନ୍ତବେଳେ ଏ କଥା ଜଣାପଡିବା ପରେ ସମ୍ପୃକ୍ତ ୩ଜଣ କର୍ମଚାରୀଙ୍କୁ ନିଲମ୍ବନ କରିବା ସହିତ ସେମାନଙ୍କ ବିରୋଧରେ ଥାନାରେ ଏତଲା ରୁଜୁ କରିବା ପାଇଁ ଆରଡିସି ପାଢୀ ତତ୍କାଳୀନ ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡା. ଶ୍ୟାମା କାନୁନ୍‌ଗୋଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସୂଚନାଥାଉ କି, ୧୯୯୬ରୁ ଏସ୍‌ସିବି ମେଡିକାଲରେ ରୋଗୀଙ୍କ ଠାରୁ ୟୁଜର୍ସ ଫି' ଆଦାୟ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ରୋଗୀଙ୍କଠାରୁ ବିଭିନ୍ନ ଚିକିତ୍ସା ବାବଦରେ ୟୁଜର୍ସ ଫି' ଆଦାୟ କରାଯାଉଥିଲା। ତେବେ ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକାରୀ ହେବା ପରେ ଗତ ଫେବୃୟାରୀ ୧ ତାରିଖରୁ ଏସ୍‌ସିବିରେ କେବଳ କ୍ୟାବିନକୁ ଛାଡ଼ିଦେଇ ଅନ୍ୟ ସମସ୍ତ ସେବାରୁ ୟୁଜର୍ସ ଫି' ଆଦାୟ ବନ୍ଦ କରାଯାଇଛି। ମାତ୍ର ୧୯୯୬ରୁ ୨୦୧୯ ଜାନୁୟାରୀ ପର୍ଯ୍ୟନ୍ତ ଠିକ୍ ଭାବେ ୟୁଜର୍ସ ଫି'ର ତଦନ୍ତ କରାଗଲେ ବହୁ କୋଟି ଟଙ୍କାର ଦୁର୍ନୀତି ଧରାପଡ଼ିବ ବୋଲି ସାମାଜିକ କର୍ମୀ ସାହୁ କହିଛନ୍ତି।

### ବିଜେଡିକୁ ଖଟାଲ ମହାସଂଘର ସମର୍ଥନ



**କଟକ ଅଫିସ,୧୯।୪**

କଟକ ଲୋକ ସଭା କ୍ଷେତ୍ରରେ ବିଜେଡି ଶକ୍ତିବୃଦ୍ଧି କରିବାରେ ଲାଗିଛି। କିଛିଦିନ ତଳେ ଉତ୍କଳ ଯାଦବ ମହାସଭାର ସଭାପତି ଆଶୀର୍ବାଦ ବେହେରା ବିଜେଡିକୁ ସମର୍ଥନ ଘୋଷଣା କରିବା ପରେ ଶୁକ୍ରବାର କଟକ ମହାନଗର ଶ୍ରୀକୃଷ୍ଣ ଖଟାଲ ମହାସଂଘ ମଧ୍ୟ ବିଜେଡିକୁ ସମର୍ଥନ କରିବା ପାଇଁ ଘୋଷଣା କରିଛି। ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡିକୁ ପୁନଃ କ୍ଷମତାସୀନ କରିବା ପାଇଁ ମହାସଂଘ ପକ୍ଷରୁ ବିଜେଡିକୁ ସମର୍ଥନ ଘୋଷଣା କରାଯାଇଥିବା ମହାସଂଘର ମୁଖ୍ୟ ପୃଷ୍ଠପୋଷକ ମହମ୍ମଦ ସକିଲ ଓ ମହାସଚିବ ଅଜୟ ମହାପାତ୍ର ଘୋଷଣା କରିଛନ୍ତି। ସନ୍ଧ୍ୟାରେ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହାସଂଘ ପକ୍ଷରୁ ଏହି ଘୋଷଣା କରାଯିବା ସହିତ ମହାସଂଘର କର୍ମକର୍ତ୍ତାମାନେ ଘର ଘର ବୁଲି ବିଜେଡି ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ବୋଲି କହିଛନ୍ତି। କଟକ ମହାନଗର ନିଗମ ଅଞ୍ଚଳରେ ଗୋପାଳନକୁ ବେଉସା କରି ଜୀବିକା ନିର୍ବାହ କରୁଥିବା ବହୁ ପରିବାର ସେମାନଙ୍କ ସୁରକ୍ଷିତ ଭବିଷ୍ୟତ ଓ ବ୍ୟବସାୟିକ ଅଭିବୃଦ୍ଧିକୁ ଆଖିଆଗରେ ରଖି ବିଜେଡିକୁ ସମର୍ଥନ ଘୋଷଣା କରିଥିବା କୁହାଯାଇଛି। ଏହି ସମ୍ମିଳନୀରେ ମହାସଂଘର ପୃଷ୍ଠପୋଷକ ସଚ୍ଚିଦାନନ୍ଦ ଦାସ, ଆବାହକ ଦୀପକ ବେହେରା, ସଭାପତି ବିଭୂତି ଭୂଷଣ ବେହେରା, ମହାସଚିବ ଅଜୟ ମହାପାତ୍ର, ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଦାସ, ସହସମ୍ପାଦକ ପ୍ରଦୀପ୍ତ ଦାସ, କାଶୀନାଥ ବେହେରା, ଘନଶ୍ୟାମ ବେହେରା ଓ ଉମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ଗୀତିକବି ଗୁରୁକୃଷ୍ଣ ଗୋସ୍ୱାମୀ, ପ୍ରେମଲତା ସାମଲଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

## ଭୋଟର ତାଲିକାରୁ ବାଦ୍ ପଡ଼ିଲେ ଜୀବିତ ବ୍ୟକ୍ତି

**କଟକ ସଦର,୧୯।୪(ଡି.ଏନ୍.ଏ.)**

କଟକ ସଦର ନିର୍ବାଚନମଣ୍ଡଳୀ ପାଇଁ ଶୁକ୍ରବାର ଚୂଡାନ୍ତ ଭୋଟର ତାଲିକା ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏଥିରେ ବହୁ ସଂଖ୍ୟକ ଜୀବିତ ଭୋଟରଙ୍କ ନାମ ବାଦ୍ ତାଲିକାରେ ଥିବାରୁ ସେ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ପରମହଂସ ପଞ୍ଚାୟତ ବୁଥ ନଂ. ୮୯ ରୁ ୧୦୬ ପର୍ଯ୍ୟନ୍ତ ଭୋଟର ତାଲିକାରେ ବହୁ ସଂଖ୍ୟକ ଜୀବିତ ଭୋଟରଙ୍କ ନାମ ବାଦ ଦିଆଯାଇଛି। କେବଳ ମୃତ ଓ ବିବାହ କରିଥିବା ବାଳିକାଙ୍କ ନାମକୁ ବାଦ ଦିଆଯିବା ନିୟମ ରହିଛି। ଏଭଳି ସମସ୍ୟା ୨୦୦୪ ସାଧାରଣ ନିର୍ବାଚନରେ ପରିଲକ୍ଷିତ ହୋଇଥିଲା ବୋଲି ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ନାମ ଗୋପନ ରଖି କହିଛନ୍ତି। କଟକ ଜିଲାର ୯ଟି ନିର୍ବାଚନମଣ୍ଡଳୀର ବିଭିନ୍ନ ବୁଥରେ ଏଭଳି ସମସ୍ୟା ରହିଥିବା କଟକ ଜିଲା ନିର୍ବାଚନ କାର୍ଯ୍ୟାଳୟର ଜଣେ ଅଧିକାରୀ କହିଛନ୍ତି। ଏନେଇ କଟକ ସଦର ଉପଜିଲାପାଳ ସୁକାନ୍ତ କୁମାର ପ୍ରଧାନଙ୍କୁ ପଚାରିବାରୁ କୌଣସି ମତାମତ ଦେବା ପାଇଁ ମନା କରିଦେଇଥିଲେ।

## ଗୀତିକବିତାର ମୂର୍ଚ୍ଛନା ଓଡ଼ିଆ ସାହିତ୍ୟକୁ କରିଛି ମର୍ମସ୍ପର୍ଶୀ

**କଟକ ଅଫିସ, ୧୯।୪**

ଗୀତିକବିତାର ମୂର୍ଚ୍ଛନା ଓଡ଼ିଆ ସାହିତ୍ୟକୁ ମର୍ମସ୍ପର୍ଶୀ କରିଛି। ଏହାର ଏକ ସ୍ୱତନ୍ତ୍ର ଆବେଦନ ରହିଛି। ଗୀତିକବି ଗୁରୁକୃଷ୍ଣ ଗୋସ୍ୱାମୀ, ପ୍ରେମଲତା ସାମଲଙ୍କ ସାହିତ୍ୟ ସାଧନା ଓଡ଼ିଆ ଗୀତିକବିତାକୁ ସମୃଦ୍ଧ ଓ ଋଦ୍ଧିମନ୍ତ କରିଆସିଛି। ଓଡ଼ିଆ ଗୀତିସାହିତ୍ୟକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାରେ ଯେଉଁ ନିଷ୍ପାପର ଉଦ୍ୟମ ହୋଇଥିଲା, ସେଥିରେ ଉଭୟଙ୍କ ଅବଦାନ ଅତୁଳନୀୟ ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଗୁରୁକୃଷ୍ଣ ଗୋସ୍ୱାମୀ ଓ ପ୍ରେମଲତା ସାମଲଙ୍କ ତୈଳଚିତ୍ର ଉନ୍ମୋଚନ ସମାରୋହରେ ଅତିଥି ଓ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ଶୁକ୍ରବାର କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କଣ୍ଠଶିଳ୍ପୀ ଡ. ଶ୍ୟାମାମଣି ଦେବୀ, ସମ୍ମାନିତ ଅତିଥି ସାହିତ୍ୟିକ ଡ. ବାବାଜୀ ଚରଣ ପଟ୍ଟନାୟକ, ଡ. ବୀଣାପାଣି ସିଂ ଯୋଗଦେଇଥିଲେ। ଅନୁଷ୍ଠାନର ଉପସଭାପତି ମନୋଜ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା, ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଉତ୍ସବର ଆଭିମୁଖ୍ୟ ଅବତାରଣା କରିଥିବାବେଳେ ସଙ୍ଗଠନ ସମ୍ପାଦକ ଜୀବନାନନ୍ଦ ଅଧିକାରୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ତପନ କୁମାର ସ୍ୱାଇଁ, ଗୁରୁକୃଷ୍ଣ ଗୋସ୍ୱାମୀଙ୍କ ସହଧର୍ମିଣୀ ଆରତୀ ଗୋସ୍ୱାମୀ ଓ ପ୍ରେମଲତା ସାମଲଙ୍କ ସ୍ୱାମୀ କ୍ଷୀରୋଦ କୁମାର ସାମଲ, ଅନୁଷ୍ଠାନ କାର୍ଯ୍ୟନିର୍ବାହିକା ସମିତିର ସଭ୍ୟାସଭ୍ୟ ଓ ସାରସ୍ୱତ ସାଧକମାନେ ଉପସ୍ଥିତ ଥିଲେ।

## ■କଂଗ୍ରେସ ନେତାଙ୍କ ଦୋକାନକୁ ବୋମାମାଡ଼ ଘଟଣା

# ମୋକିମଙ୍କ ୩ ସହଯୋଗୀ ଗିରଫ

**କଟକ ଅଫିସ, ୧୯।୪**







ଗିରଫ ୩ ଅଭିଯୁକ୍ତ।

ରାଜନୀତିକୁ କେନ୍ଦ୍ରକରି କଂଗ୍ରେସ ନେତା ୱାଲିଦ ପଟେଲଙ୍କ ଦୋକାନ ଉପରକୁ ବୋମାମାଡ଼ କରିବା ଘଟଣାରେ ଦରଘାବଜାର ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ବିଡ଼ାନାସୀ ଥାନା ଅନ୍ତର୍ଗତ ଦେଉଳସାହି ଅଞ୍ଚଳର ଚିନ୍ମୟ ରଞ୍ଜନ ସ୍ୱାଇଁ ଓରଫ ସୋମୁ(୨୭), କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ସିଡିଏ ମାର୍କେଟ ଅଞ୍ଚଳର ଏସ୍.କେ. ଗୁଲଜର ଅହମ୍ମଦ(୩୫) ଓ ଦରଘାବଜାର ଅଞ୍ଚଳର ଏସ୍.କେ. ଜିଆଉଦ୍ଦିନ(୪୦)। ପୋଲିସ ସେମାନଙ୍କଠାରୁ ୫ ମୋବାଇଲ ଓ ସିମ୍‌କାର୍ଡ ଜବତ କରିଛି। କଟକର ବିଭିନ୍ନ ଥାନାରେ ଗୁଲଜରଙ୍କ ବିରୋଧରେ ୧୪ ଓ ଚିନ୍ମୟଙ୍କ ବିରୋଧରେ ଦୁଇଟି ମାମଲା ରହିଛି। ତେବେ ଗିରଫ ଅଭିଯୁକ୍ତମାନେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଇଂ. ମହମ୍ମଦ ମୋକିମଙ୍କ ସହଯୋଗୀ ବୋଲି ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୪ ତାରିଖ ରାତିରେ ପଟେଲଙ୍କୁ ଅଭିଯୁକ୍ତମାନେ ଫୋନ୍‌କରି ନିଜକୁ ମୋକିମଙ୍କ ସହଯୋଗୀ ବୋଲି ପରିଚୟ ଦେଇଥିଲେ। ଆଗାମୀ ନିର୍ବାଚନରେ ମୋକିମଙ୍କୁ ଜିତାଇଦିଅ ନ ହେଲେ ଅସୁବିଧାରେ ପଡିବ ବୋଲି ସେମାନେ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ଗତ ୧୫ ତାରିଖ ଭୋରରୁ ଦରଘାବଜାର ଥାନା ଅନ୍ତର୍ଗତ ତିନିକୋଣିଆ ବଜାର ଅଞ୍ଚଳରେ ଥିବା ପଟେଲଙ୍କ ଲୁଗା ଦୋକାନ ଉପରକୁ ଅଭିଯୁକ୍ତମାନେ ବୋମାମାଡ଼ କରି ପଳାଇ ଯାଇଥିଲେ। ଏ ନେଇ ପଟେଲ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୩/୧୯) ରୁଜୁ କରି ତଦନ୍ତ କରିଥିଲା। ଗୁରୁବାର ବିଳମ୍ବିତ ରାତିରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ସେମାନେ ପଟେଲଙ୍କୁ ଧମକ ଦେବା ସହ ତାଙ୍କ ଦୋକାନ ଉପରକୁ ବୋମାମାଡ଼ କରିଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏ ସମ୍ପର୍କରେ ମତାମତ ନେବା ପାଇଁ ମୋକିମଙ୍କ ମୋବାଇଲ୍(ନଂ.୯୪୩୭୦୩୦୯୯୬)କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

## ନିର୍ବାଚନ ଅଧିକାରୀଙ୍କୁ ଭେଟିଲେ କଂଗ୍ରେସ ପ୍ରତିନିଧି ମଣ୍ଡଳୀ

**କଟକ ଅଫିସ, ୧୯।୪**

ରାଜନୈତିକ ଉଦ୍ଦେଶ୍ୟ ରଖି କମିଶନରେଟ୍ ପୋଲିସ ପକ୍ଷରୁ ବିଭିନ୍ନ ଘଟଣାରେ କଂଗ୍ରେସ କର୍ମୀମାନଙ୍କୁ ଗିରଫ କରାଯାଇଛି। ଏହାର ପ୍ରତିବାଦରେ କଟକ ନଗର (ଜିଲା) କଂଗ୍ରେସ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ଏହା ସମ୍ପୂର୍ଣ୍ଣ ରାଜନୈତିକ ଅଭିସନ୍ଧିମୂଳକ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଦାବିପତ୍ରରେ କଂଗ୍ରେସ କର୍ମୀଙ୍କ ଗିରଫଦାରିକୁ ଏଡାଇବା ଏବଂ ଗିରଫ ହୋଇଥିବା କଂଗ୍ରେସ କର୍ମୀମାନଙ୍କୁ ତୁରନ୍ତ ଖଲାସ ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ପିସିସି ଲିଗାଲ ସେଲ୍ ଅଧ୍ୟକ୍ଷ ରତିକାନ୍ତ ମହାପାତ୍ର, ପିସିସି ପ୍ରବକ୍ତା ଅଶୋକ ସାମଲ, ନିକୁଞ୍ଜ ପଶାୟତ ଓ ଗଙ୍ଗାଧର ସାମଲ ପ୍ରମୁଖ ସାମିଲ ଥିଲେ।

# ବିଭିନ୍ନ ଦଳର ରୋଡ୍ ଶୋ'

**ଫୁଲନଖରା,(ଡି.ଏନ୍.ଏ.)/ନରାଜ/କଟକ ଅଫିସ,୧୯।୪**

କଟକ ସଦର ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଚନ୍ଦ୍ରସାରଥି ବେହେରାଙ୍କ ନେତୃତ୍ୱରେ ଶୁକ୍ରବାର ରୋଡ୍ ଶୋ' କରାଯାଇଥିଲା। ଏହି ରୋଡ୍ ଶୋ' ଫୁଲନଖରା ନିକଟସ୍ଥ ଅଢାଳିଆ ଗ୍ରାମର ମହାବୀରଙ୍କ ପୀଠରୁ ଆରମ୍ଭ ହୋଇ ନୂଆକାଚରାମାଳ, ବର୍ଣ୍ଣକୁଦ, ମୁଗଭଙ୍ଗା, ବାଗଧରାପୁର, ଶାସୋଳ, ଆମଣ, ବିଶ୍ୱାଳପଡା, ନାଗବାଲି, ଧାନଘରପଡା, ଖଣ୍ଡେୟତା, ଶଙ୍ଖତ୍ରାସ, ବାଲିସାହି ସମେତ କଟକ ମହାନଗର ନିଗମର ୪ଟି ୱାର୍ଡ ପରିକ୍ରମା କରିଥିଲା। କଂଗ୍ରେସର ଲୋକ ସଭା ପ୍ରାର୍ଥୀ ପଞ୍ଚାନନ କାନୁନ୍‌ଗୋ ଓ ବିଧାନସଭା ପ୍ରାର୍ଥୀ ଡ. ଦେବାଶିଷ ପଟ୍ଟନାୟକ ଶୁକ୍ରବାର ୩୨ ନଂ. ଜୋନ୍‌ରେ ପ୍ରଚାର କରିଥିଲେ। ପୂର୍ବାହ୍ନରେ ଶତାଧିକ କର୍ମୀଙ୍କ ଗହଣରେ ଉପରୋକ୍ତ ଦୁଇ ନେତା ବାରଙ୍ଗ କନକଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ପରେ ବାଇକ ଶୋଭାଯାତ୍ରାରେ ବାରଙ୍ଗ ୩୨ନଂ. ଜୋନ୍‌ର ଦାଢାପାଟଣା ପଞ୍ଚାୟତ, ଶ୍ରୀବନ୍ତପୁର, ମଧୁପୁର, ବେଲଗଛିଆ, କୁହ୍ନେଇପଡା, ରାମଦାସପୁର, ନରାଜ ଓ ମୁଣ୍ଡଳୀ ପଞ୍ଚାୟତର ବିଭିନ୍ନ ଗ୍ରାମରେ ରୋଡ୍ ଶୋ କରିଥିଲେ। ଏଥିରେ ପୂର୍ବତନ ସରପଞ୍ଚ ରୀତାଞ୍ଜଳି ସାମଲ, ଅରୁଣ ସାହୁ, ଜୋନ୍ ଯୁବ ସଭାପତି ରାଜା ବିଶ୍ୱାଳ, ମୁରଲୀ ସ୍ୱାଇଁ, ସଞ୍ଜୟ ବିଶୋଇ, ବାବୁଲି ସାହୁ, ମନୋଜ ବେହେରା, ଟୁକୁନା ସାହୁ, ଅଞ୍ଜନ ରାଉତଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ସାମିଲ ହୋଇ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ଦେଇ ବିଜୟୀ କରିବାକୁ ଲୋକଙ୍କୁ ନିବେଦନ କରିଥିଲେ। ମଣ୍ଟୁ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଚୌଦ୍ୱାର/ ଖୁଣ୍ଟୁଣୀ,(ଡି.ଏନ୍.ଏ.):** ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀରେ ବିଭିନ୍ନ ଦଳ ପକ୍ଷରୁ ଜୋରଦାର ନିର୍ବାଚନ ପ୍ରଚାର କରାଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ସମର୍ଥକଙ୍କ ସହ ପୌରପାଳିକା ୧୧ନଂ. ଓ ୮ନଂ. ୱାର୍ଡ ଅନ୍ତର୍ଗତ ଓଟିଏମ୍ କଲୋନୀରେ ପଦଯାତ୍ରା କରିବା ସହ ବିଜେଡି ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ ଓ ଏମ୍‌ପି ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ପୌରପାଳିକାର ୧, ୨ ଓ ୩ନଂ. ୱାର୍ଡର ବିଭିନ୍ନ ସାହି ବସ୍ତିରେ ମଧ୍ୟ ବିଧାୟକ ବିଶ୍ୱାଳ ସୌଭିକ୍‌ଙ୍କୁ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ। ଅନ୍ୟପକ୍ଷରେ ଚୌଦ୍ୱାର ଭାଜପା ପକ୍ଷରୁ ପ୍ରାର୍ଥୀ ନୟନ କିଶୋର ମହାନ୍ତି ସମର୍ଥକଙ୍କ ସହ ବାଇକ୍ ଶୋଭାଯାତ୍ରା କରିବା ସହ ଭୋଟ ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। କଂଗ୍ରେସ ପ୍ରାର୍ଥୀ ଜଗଦୀଶ ମହାନ୍ତି ଓ ସ୍ୱାଧୀନ ପ୍ରାର୍ଥୀ ଦୀପକ କୁମାର ବାରିକ ସମର୍ଥକଙ୍କ ସହ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିବା ଦେଖିବାକୁ ମିଳିଛି।

ଆଠଗଡ଼ ନିର୍ବାଚନମଣ୍ଡଳୀର ନ'ବେଢା ଓ ଚୌଦ୍ୱାର ପାଞ୍ଚ ପଞ୍ଚାୟତରେ ବିଜେଡି ଏମ୍‌ପି ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ଆଠଗଡ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶୁକ୍ରବାର ବାଇକ୍ ଶୋଭାଯାତ୍ରାରେ ପ୍ରଚାର କରିଛନ୍ତି। ଟାଙ୍ଗୀ-ଚୌଦ୍ୱାର ବ୍ଲକର ଶଙ୍କରପୁର, ପଦାଗାଁ, ଡାଳିଯୋଡା, ବରହମପୁର, ଗୋବରା, ଛଅଗାଁ, ଓରନ୍ଦା, ଗୁରୁଡିଝାଟିଆ, କୁସପଙ୍ଗୀ, ରାଧାକିଶୋରପୁର ଦେଇ ଶତାଧିକ କର୍ମୀଙ୍କ ସହ ଖୁଣ୍ଟୁଣୀଠାରେ ପହଞ୍ଚି ଏକ ପଥପ୍ରାନ୍ତ ସଭା କରିଥିଲେ। ସଭାରେ ଉଭୟ ପ୍ରାର୍ଥୀ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ।



## DECLARATION ABOUT CRIMINAL CASES

As per the Judgment dated 25th September, 2018 of Hon'ble Supreme Court WP (Civil) No.536 of 2011 (Public Interest foundation and Ors. Vs. Union of India & Anr). Name and Address of Candidate : **Bijaya Kumar Dalabehera**, S/o- Suresh Chandra Mohanty, At/Po-Ratapata, Ps- Badamba, Dist- Cuttack, Pin-754037, Name of Political Party : Bharatiya Janata Party (BJP), Name of Constituency : **87- Badamba Assembly Constituency**. **I, Bijaya Kumar Dalabehera** a candidate for the above mentioned Election, declare for public information the following details about my criminal antecedents.

| Sl. No. | Pending Criminal Cases | | | Details about cases of conviction for criminal offences | |
|---|---|---|---|---|---|
| | Name of court | Case No. & Status of case | Section(s) of Acts concerned and brief description of offence(s) | Name of court & Date(s) of order(s) | Description of offence(s) & punishment imposed |
| 1 | JMFC Badamba, Cuttack | GR-75/2017 Pending | U/S 147, 148, 149, 427, 120 (B) | NA | NA |
| 2 | JMFC Badamba, Cuttack | 2 (c) C.C.-1/2016 Pending | U/S 70 of E.C. Act | NA | NA |
| 3 | JMFC Badamba, Cuttack | GR-112/2015 Pending | U/S 143, 341, 283, 278, 149 IPC | NA | NA |
| 4 | JMFC Badamba, Cuttack | GR-145/2015 Pending | U/S 143, 145, 147, 148, 341, 294, 336, 353, 427, 506, 149 IPC | NA | NA |
| 5 | JMFC Badamba, Cuttack | GR-25/2012 Pending | U/S 143, 454, 294, 506, 379, 35,4, 34 IPC | NA | NA |
| 6 | JMFC Badamba, Cuttack | GR-178/2006 Pending | U/S 448, 294, 379, 506, 341 IPC | NA | NA |

I have not been convicted in any Criminal offences.

**Sd./- Bijaya Kumar Dalabehera**



ଏ ସାରା ସଂସାରର ଗୁରୁ କେବଳ ଜଗନ୍ନାଥ ଅଟନ୍ତି। ଦ୍ୱିତୀୟ ଗୁରୁ କେହି ନାହାନ୍ତି।

- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ମହିଳାଙ୍କୁ ଆକ୍ରମଣ କରି ଯୁବକ ଗିରଫ

ବେଗୁନିଆ,୧୯।୪ (ଡି.ଏନ.ଏ.) ବେଗୁନିଆ ଥାନା ମାଣିବନ୍ଧ ଗ୍ରାମ ଆଦିବାସୀବସ୍ତିର ଜନୈକା ମହିଳାଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅଧୀନ ତାଳତୁମ୍ବ ଗ୍ରାମର ସର୍ବେଶ୍ୱର ପରିଡା(୨୪)। ଧଳାପଥର ଫାଣ୍ଡି ପୋଲିସ ସୂଚନା ଅନୁସାରେ, ସର୍ବେଶ୍ୱର ମାଣିବନ୍ଧ ଗ୍ରାମସ୍ଥିତ ନିଜ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଆସିଥିଲେ। କୌଣସି କାରଣକୁ ନେଇ ସେହି ବସ୍ତିର ମିଟୁ ଦେହୁରୀଙ୍କ ସହ ସର୍ବେଶ୍ୱରଙ୍କର ଝଗଡା ହୋଇଥିଲା। ଝଗଡା ସ୍ଥଳରେ ମିଟୁଙ୍କ ସ୍ତ୍ରୀ କୁନି ପହଞ୍ଚି ଉଭୟଙ୍କୁ ରୋକିବାକୁ ଉଦ୍ୟମ କରିଥିଲେ। ହେଲେ ସର୍ବେଶ୍ୱରଙ୍କ ଠେଙ୍ଗା ପ୍ରହାରରେ କୁନିଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଏ ନେଇ କୁନି ଫାଣ୍ଡିରେ ଶୁକ୍ରବାର ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଦଫା ୩୪୧, ୨୯୪, ୩୨୩, ୩୨୫, ୩୫୪, ୫୦୬ରେ ନଂ. ୬୪/୧୯ ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଗ୍ରାମରକ୍ଷୀଙ୍କୁ ମାଡ଼ ମାରି ଜଣେ ଗିରଫ

ଖୋର୍ଦ୍ଧା ଅଫିସ,୧୯।୪:କାର୍ଯ୍ୟରତ ଗ୍ରାମରକ୍ଷୀଙ୍କୁ ମାଡ ମାରିବା ଓ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ଅଭିଯୋଗରେ ଖୋର୍ଦ୍ଧା ଜିଲା ବାଘମାରୀ ଥାନା ପୋଲିସ ବିରେନ୍ଦ୍ର କୁମାର ଜୟସିଂଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ, ଗତ ୧୭ ତାରିଖ ରାତିରେ ଦିନିଆରୀ ପଣାଯାତ୍ରାରେ ରହିମ ଖାଁ ନାମକ ଜଣେ ଗ୍ରାମରକ୍ଷୀ ଡ୍ୟୁଟି କରୁଥିଲେ। ମଦ ଧରାକୁ ଆୟୁଧ କରି ଯାତ୍ରାରେ ଭୋଗଡା ଗାଁର ମଦ ବ୍ୟବସାୟୀ ବୀରେନ୍ଦ୍ର ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ତଣ୍ଟିଚିପି ମାରି ଦେବାକୁ ଉଦ୍ୟମ କରିଥିଲେ। ପାଟି ଖୋଲିଲେ ତୁଳସୀପୁର ଗୁଣ୍ଡା ଲଗାଇ ମାରି ଦେବାର ଧମକ ଦେଇଥିଲେ। ଏହି ମଦ ଧରା ଘଟଣାରେ ଅନ୍ୟ ଜଣେ ଗ୍ରାମରକ୍ଷୀ ମଦ ବ୍ୟବସାୟୀଙ୍କୁ ସହଯୋଗ କରୁଥିବା ଅଭିଯୋଗ ରହିମ ଆଣିଥିଲେ। ସମ୍ପୃକ୍ତ ଗ୍ରାମରକ୍ଷୀ ପୋଲିସର ମଦ ଧରା ଅଭିଯାନର ଗୁପ୍ତ କଥା କହି ତାଙ୍କୁ ମରଣମୁହଁକୁ ଠେଲି ଦେଇଥିବା ରହିମ ଅଭିଯୋଗ କରିଥିଲେ। ଏସବୁ ସତ୍ତ୍ୱେ ପୋଲିସର ସହଯୋଗ ନ ମିଳିବାରୁ ରହିମ ଆତ୍ମହତ୍ୟା କରିବାକୁ ଆଇଆଇସିଙ୍କୁ ଅନୁମତି ମାଗିଥିଲେ। ହେଲେ ଆଇଆଇସି ଚୁପ ରହିବାରୁ ଆତ୍ମହତ୍ୟା କରିବାକୁ ଗୁରୁବାର ବସ୍ ଆଗରେ ଶୋଇ ପଡିଥିଲେ।

### ଭାଜପାର ବିଜୟ ସଂକଳ୍ପ ସମାବେଶ

ଟାଙ୍ଗୀ(ଖୋର୍ଦ୍ଧା), ୧୯।୪ (ଡି.ଏନ.ଏ.)- ଖୋର୍ଦ୍ଧା ଭାଜପା ପ୍ରାର୍ଥୀ କାଳୁଚରଣ ଖଣ୍ଡେଇତରାୟଙ୍କ ବିଜୟ ସଂକଳ୍ପ ନେଇ ବାଇକ୍ ଶୋଭାଯାତ୍ରା ଶୁକ୍ରବାର ମଧ୍ୟାହ୍ନରୁ ଆରମ୍ଭ ହୋଇଛି। ଏହା ଟାଙ୍ଗୀ ବ୍ଲକର ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଥିଲା। ମଙ୍ଗଳାଯୋଡି ପଞ୍ଚାୟତ ଭଜାଗଡ ଗ୍ରାମର ମା' ବୁଢ଼ୀ ଠାକୁରାଣୀଙ୍କ ପୀଠରୁ ଶୋଭାଯାତ୍ରା ଆରମ୍ଭ ହୋଇ ସୁନ୍ଦରପୁର, ଉଜ୍ଜଳା ଗୋପୀନାଥପୁର, କନ୍ତଳବାଇ, ବାଲିପାଟପୁର ଓ ଭୂଷଣ୍ଡପୁର ଆଦି ପଞ୍ଚାୟତ ପରିକ୍ରମା କରି ମା' ଉଗ୍ରତାରା ଠାକୁରାଣୀଙ୍କ ପୀଠରେ ସମାବେଶ ହୋଇଥିଲା। କାର୍ଯ୍ୟକ୍ରମରେ ଭାଜପା ପ୍ରାର୍ଥୀ ଖଣ୍ଡେଇତରାୟ, ଡିଆ ସମିତି ସଭ୍ୟା ପୁଷ୍ପଲତା ବେହେରା(ଲିଲି), ବରିଷ୍ଠ ନେତା ରାଜା ମିଶ୍ର ପ୍ରମୁଖ ନେତୃତ୍ୱ ନେଇ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ନାରୀ ନିର୍ଯାତନା, ଟଙ୍କିକିଆ ଚାଉଳ ନେଇ ମିଛ କହିବା ଆଦି ପ୍ରସଙ୍ଗ ଉପରେ ସମାଲୋଚନା କରିଥିଲେ। ନବୀନ ସରକାରକୁ ହଟାଇ ଭାଜପାକୁ ଭୋଟ ଦେବାକୁ କହିଥିଲେ। ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ଭାଜପା କର୍ମୀ ଓ ଜନ ସାଧାରଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

### ବିଜେଡି ପାର୍ଟି ଅଫିସ୍ ପୋଡି ଦେଲେ

ପୁରୁଣା ଭୁବନେଶ୍ୱର, ୧୯। ୪(ଡି.ଏନ.ଏ.)- ରାଜଧାନୀ ଭୁବନେଶ୍ୱର ଏକାମ୍ର, ମଧ୍ୟ ଓ ଉତ୍ତରର ତିନୋଟି ଯାକ ବିଧାନସଭା ଏବଂ ଗୋଟିଏ ଲୋକ ସଭା ପାଇଁ ଆସନ୍ତା ୨୩ ରେ ଭୋଟ ଗ୍ରହଣ କରାଯିବ। ତେବେ ନିର୍ବାଚନ ପ୍ରଚାର ସମୟରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ଗୁରୁବାର ବିଳମ୍ବିତ ରାତିରେ ସୁନ୍ଦରପଦାସ୍ଥିତ ଶଙ୍କରାବଜାରଠାରେ ଥିବା ୬୭ ନଂ. ୱାର୍ଡର ବିଜେଡିର ଏକ ପାର୍ଟି ଅଫିସ୍‌କୁ କେହି ଦୁର୍ବୃତ୍ତ ପେଟ୍ରୋଲ ପକାଇ ଜାଳି ଦେଇଥିବା ନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ ହୋଇଛି।

## ବାଣପୁରରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା

# ନିର୍ବାଚନ ଆସିଲେ ମନେପଡ଼େ ଓଡ଼ିଶା

ଖୋର୍ଦ୍ଧା ଅଫିସ/ବାଲୁଗାଁ, ୧୯।୪(ଡି.ଏନ୍.ଏ.)



ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାଷଣ ଦେଉଛନ୍ତି ।

ନିର୍ବାଚନ ଆସିଲେ ଓଡ଼ିଶା କଥା ମନେପଡୁଛି। ଭୋଟରଙ୍କୁ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ଶାସନକୁ ଆସିବାକୁ ଭାଜପା ଅଭିନୟ କରୁଛି। ହେଲେ ବିଜେଡି ଲୋକଙ୍କ ସାଥିରେ ଅଛି ଓ ରହିବ। ବିଜେଡି ମହିଳାମାନଙ୍କୁ ସେମାନଙ୍କର ହକ୍ ଦେଇଛି। କେନ୍ଦ୍ର ଯୋଜନାରେ ମହିଳାମାନଙ୍କ ସ୍ୱାସ୍ଥ୍ୟ ସୁବିଧା ପାଇଁ ୫ ଲକ୍ଷ ଟଙ୍କା ରହିଥିବା ବେଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଦୁଇ ଗୁଣା ୧୦ ଲକ୍ଷ ଟଙ୍କା ମିଳିବ ବୋଲି ଶୁକ୍ରବାର ପୂର୍ବାହ୍ନରେ ବାଣପୁରର ଐତିହାସିକ ପଲଟଣ ପଡିଆରେ ଆୟୋଜିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ କହିଥିଲେ, ମହିଳାମାନେ ହେଉଛନ୍ତି ବିକାଶର ପ୍ରକୃତ ଡବଲ ଇଞ୍ଜିନ। ମହିଳାମାନଙ୍କ ଉନ୍ନତିରେ ପରିବାର ଓ ରାଜ୍ୟର ବିକାଶ। ଏଣୁ ମିଶନ ଶକ୍ତି ଦ୍ୱାରା ମା' ମାନଙ୍କୁ ଅର୍ଥନୈତିକ ସ୍ୱାବଲମ୍ବୀ କରାଯିବ। ରାଜ୍ୟରେ ମିଶନ ଶକ୍ତିର ବ୍ୟବସାୟ ୫ ହଜାର କୋଟି ଟଙ୍କାରେ ପହଞ୍ଚାଇବାକୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପ୍ରୋତ୍ସାହନ ଦିଆଯିବ। ଏହାଦ୍ୱାରା ରାଜ୍ୟର ବିକାଶରେ ମହିଳାମାନେ ଭାଗୀଦାର ହୋଇପାରିବେ। ରାଜ୍ୟରେ କାଳିଆ ଯୋଜନାକୁ କେନ୍ଦ୍ର ସରକାର ବନ୍ଦ କରିବାକୁ ହୀନଚକ୍ରାନ୍ତ କରୁଛନ୍ତି। ମୁଁ ଥିବା ପର୍ଯ୍ୟନ୍ତ କାଳିଆ ଯୋଜନାକୁ କେହି ବନ୍ଦ କରିପାରିବେ ନାହିଁ। ବିଜେଡି ସରକାର ଆସିବାର ପ୍ରଥମ ଦିବସରେ ହିଁ ଚାଷୀଙ୍କୁ କାଳିଆ ଯୋଜନାର ୨ଟି କିସ୍ତିର ଟଙ୍କା ପ୍ରଦାନ କରାଯିବ ବୋଲି କହିଥିଲେ। ଭାଜପାର ୫ ବର୍ଷ ଶାସନ କାଳରେ କୌଣସି ଉନ୍ନତି ହୋଇ ନ ଥିବା ବେଳେ ଧନୀ ଅଧିକା ଧନୀ ଓ ଗରିବ ଅଧିକା ଗରିବ ହେଲେ। ଏହା ହିଁ ଭାଜପାର ସଫଳତା ବୋଲି ମୁଖ୍ୟମନ୍ତ୍ରୀ ଆକ୍ଷେପ କରିଥିଲେ। ଚିଲିକା ଓଡ଼ିଶାର ଗୌରବ, ଆମର ମା'। ହେଲେ ଭାଜପା ସରକାର ଏହାକୁ ବିକ୍ରି କରି ଦେବାକୁ ଚକ୍ରାନ୍ତ ଚଳାଇ ଥିଲେ। ହଜାର ହଜାର ମତ୍ସ୍ୟଜୀବୀଙ୍କ ଦାନାରେ ଧୂଳି ପଡିଥାନ୍ତା। ତେବେ ବିଜେଡି ସରକାର ଏହାକୁ ପଣ୍ଡ କରି ଦେଇଥିବା ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଅପରପକ୍ଷେ କହିଥିଲେ, ରାଜ୍ୟର ସାଢେ ୪ କୋଟି ଲୋକ ମୋର ପରିବାର। ମୁଁ ସର୍ବଦା ଆପଣଙ୍କ ସାଥିରେ ଅଛି। ଶଙ୍ଖ ଚିହ୍ନରେ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ପାଇଁ ଦୁଇଥର ଭୋଟ ଦେଇ ବିଜେଡି ସରକାରକୁ ଆଶୀର୍ବାଦ କରିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏଥିରେ ପୁରୀ ଲୋକ ସଭା ପ୍ରାର୍ଥୀ ପିନାକୀ ମିଶ୍ର ଯୋଗଦେଇ କହିଥିଲେ, ନବୀନ ପଟ୍ଟନାୟକଙ୍କ ପ୍ରତି ଜନସାଧାରଣଙ୍କ ଆଶୀର୍ବାଦ ରହିଥିବାରୁ ଦୀର୍ଘ ୧୯ ବର୍ଷ ହେବ ସେ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟରେ ଶାସନ କରୁଛନ୍ତି। ଆଗକୁ ମଧ୍ୟ ଲୋକମାନେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଏପରି ଆଶୀର୍ବାଦ ରଖିଥାନ୍ତୁ ବୋଲି କହିଥିଲେ। ବାଣପୁର ଏକ ସଂସ୍କୃତିସମ୍ପନ୍ନ ବୀର ପାଇକ ମାଟି, ଏ ମାଟିର ଉନ୍ନତି କରିବା ସହ ଚିଲିକା ନିର୍ବାଚନମଣ୍ଡଳୀକୁ ସବୁ କ୍ଷେତ୍ରରେ ୧ ନଂ. କରିବାକୁ ପଦକ୍ଷେପ ନେବେ ବୋଲି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବ କହିଛନ୍ତି। ବରିଷ୍ଠ ବିଜେଡି ନେତା ତଥା ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ଏବଂ ପୂର୍ବତନ ମନ୍ତ୍ରୀ ଡ. ଦେବେନ୍ଦ୍ରନାଥ ମାନସିଂହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନପ୍ରିୟ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ପୂର୍ବତନ ବିଧାୟକ ରଘୁନାଥ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟପକ୍ଷେ ବାଲୁଗାଁ ମଣ୍ଡଳ ଭାଜପାର ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ବେହେରା, ସାଧାରଣ ସମ୍ପାଦକ ଅକ୍ଷୟ ରଣସିଂହ, ଯୁବମୋର୍ଚ୍ଚା ସଭାପତି ରଞ୍ଜିତ ସାହୁ, ସଂଖ୍ୟାଲଘୁ ମଣ୍ଡଳ ସଭାପତି ବୁଲୁ ଖାଁ ପ୍ରମୁଖ ୧୦୦ ଜଣ ବିଜେଡିରେ ଯୋଗ ଦେଇଛନ୍ତି।

## ଅଧିକ ସଂଖ୍ୟାରେ ଶୃଙ୍ଖଳିତ ମତଦାନ ପାଇଁ ପ୍ରସ୍ତୁତି

ବୋଲଗଡ଼,୧୯।୪(ଡି.ଏନ.ଏ.)

ଚଳିତ ସାଧାରଣ ନିର୍ବାଚନରେ ଅଧିକରୁ ଅଧିକ ସଂଖ୍ୟାରେ ମତଦାତା ଯେପରି ଶାନ୍ତିପୂର୍ଣ୍ଣ ଭାବେ ଅବାଧ ଓ ନିରପେକ୍ଷ ଭୋଟ ଦେଇପାରିବେ ସେଥିନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ବୋଲଗଡ଼ ବ୍ଲକ ଅଞ୍ଚଳରେ ୧୨୧ଟି ବୁଥ୍‌ରେ ମତଦାନ କରାଯିବ। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ବ୍ଲକ ଅଞ୍ଚଳରେ ଥିବା ୧୭ଟି ବୁଥ୍ ସମ୍ବେଦନଶୀଳ ଭାବେ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଛି। ଏଥିରୁ ୧୦ଟି ବୁଥ୍‌ରେ ମାଇକ୍ରୋ ଅବ୍‌ଜର୍ଭର ନିଯୁକ୍ତି ହେବେ । ସେହିପରି ଅନ୍ୟ କେତେକ ବୁଥ୍‌ରେ ଲାଇଭ୍ କ୍ୟାମେରା ବ୍ୟବସ୍ଥା କରାଯିବ। ଅତି ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ ସ୍ଥାନରେ କେନ୍ଦ୍ରୀୟ ଶସ୍ତ୍ରବଳ ମୁତୟନ ହେବ । ଭୌଗୋଳିକ ଅବସ୍ଥିତି ଓ ରାସ୍ତା ଯୋଗାଯୋଗ ଆଧାରରେ ବ୍ଲକ ଅଞ୍ଚଳର ସମସ୍ତ ବୁଥ୍‌କୁ ନିର୍ବାଚନ ପାଇଁ ୧୦ଟି ସେକ୍ଟରରେ ବିଭକ୍ତ କରାଯାଇଛି। ଏଥିପାଇଁ ୧୦ଜଣ ସେକ୍ଟର ଅଫିସର୍ ନିଯୁକ୍ତ ହୋଇଛନ୍ତି। ୩ ଜଣ ସେକ୍ଟର ମାଜିଷ୍ଟ୍ରେଟ ନିଯୁକ୍ତ ହୋଇଛନ୍ତି। ବୋଲଗଡ଼ ବିଡିଓ ଓ ତହସିଲଦାର ମାଜିଷ୍ଟ୍ରେଟ ଦାୟିତ୍ୱରେ ରହି ନିର୍ବାଚନକୁ ପ୍ରତ୍ୟକ୍ଷ ଭାବେ ପରିଚାଳନା କରିବେ। ପ୍ରତି ବୁଥ୍‌ରେ ଜଣେ ଲେଖାଏ ପ୍ରିଜାଇଡିଂ ଅଫିସର ଏବଂ ୫ଜଣ ଲେଖାଏ ପୋଲିଂ ଅଫିସର ନିଯୁକ୍ତ ହେବେ। ଏଥିସହିତ ପ୍ରତି ବୁଥ୍‌ରେ ଜଣେ ଲେଖାଏ ପୋଲିସ କର୍ମଚାରୀ ମଧ୍ୟ ରହିବେ। ସମସ୍ତ ବୁଥ୍ ପାଇଁ ୧୨୧ଜଣ ପ୍ରିଜାଇଡିଂ ଅଫିସର, ୬୦୫ ଜଣ ପୁଲିଂ ଅଫିସର ନିଯୁକ୍ତ ହେବେ ବୋଲି ସୂଚନା ମିଳିଛି। ନିର୍ବାଚନ ପ୍ରକ୍ରିୟାକୁ ଠିକ୍ ଭାବେ ପରିଚାଳନା କରିବାକୁ ପୋଲିଂପାର୍ଟିମାନଙ୍କୁ ତାଲିମ ଦିଆଯାଇଛି। ପୋଲିଂପାର୍ଟିଙ୍କୁ ଦିବ୍ୟାଙ୍ଗଙ୍କ ପାଇଁ ନିର୍ବାଚନ କମିଶନରଙ୍କ ପକ୍ଷରୁ ସ୍ୱତନ୍ତ୍ର ପରିବହନ ବ୍ୟବସ୍ଥା ସହ ବୁଥ୍ ଅଞ୍ଚଳରେ ର୍‍ୟାମ୍ପ, ହୁଇଲ୍‌ଚେୟାର ବ୍ୟବସ୍ଥା କରାଯିବ। ଏଥିସହିତ ଦୃଷ୍ଟିବାଧିତଙ୍କ ପାଇଁ ଡେମୋ ବ୍ରେଲି ବାଲାଟ ପେପର୍ ବ୍ୟବସ୍ଥା ମଧ୍ୟ ରହିଛି । ନିର୍ବାଚନରେ ଅଧିକରୁ ଅଧିକ ସଂଖ୍ୟାରେ ଭୋଟର୍ ଯେପରି ମତଦାନରେ ସାମିଲ ହୋଇପାରିବେ ସେଥିପାଇଁ ୨ଟି ସ୍ଥାନରେ ମଡେଲ୍ ବୁଥ୍‌ର ବ୍ୟବସ୍ଥା କରାଯିବ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବୁଥ୍ ଅଞ୍ଚଳରେ ଅସ୍ଥାୟୀ ଛାମୁଡିଆ ଏବଂ ପାନୀୟ ଜଳର ବ୍ୟବସ୍ଥା କରାଯିବ । ଦୃଷ୍ଟିହୀନଙ୍କ ପାଇଁ ଶାନ୍ତିଶୃଙ୍ଖଳା, ନିରପେକ୍ଷ ଓ ଅବାଧ ମତଦାନ ଲାଗି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ବୋଲଗଡ ବିଡିଓ ମଧୁସୂଦନ ବେହେରା ସୂଚନା ଦେଇଛନ୍ତି। ବୋଲଗଡ଼ ବ୍ଲକ ବେଗୁନିଆ ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ। ଭୁବନେଶ୍ୱର ଲୋକ ସଭା ସଦସ୍ୟ ପାଇଁ ୧୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ବେଗୁନିଆ ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପଦବୀ ପାଇଁ ମୋଟ ୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

## ଗୋଳବାଇରେ ଭାଜପାର ପଥପ୍ରାନ୍ତ ସଭା




ଗୋଳାବାଇ ମେଲଣ ପଡିଆରେ ଭାଜପା ପକ୍ଷରୁ ଅନୁଷ୍ଠିତ ସଭା ।

ଖୋର୍ଦ୍ଧା ଅଫିସ,୧୯।୪:

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ଗୋଳବାଇ ମେଲଣ ପଡିଆରେ ଭାଜପା ପକ୍ଷରୁ ଶୁକ୍ରବାର ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନେତା କେଲୁ ଜଗଦେବ, ସ୍ଥାନୀୟ ସରପଞ୍ଚ ବିପିନ ସେଠୀ, ମଣ୍ଡଳ ସଭାପତି ଉମାକାନ୍ତ ଜେନା, କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ ପ୍ରମୁଖ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ସଫଳତା ଓ ବିଜେଡି ସରକାରଙ୍କ ବିଫଳତା ଉପରେ ଟିପ୍ପଣୀ ଦେଇଥିଲେ। ଭାଜପାକୁ କ୍ଷମତାକୁ ଆସିଲେ ଲୋକଙ୍କର ବିକାଶକୁ ଗୁରୁତ୍ୱ ଦେବ କହି ଏମ୍‌ପି ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଓ ବିଧାୟକ ପ୍ରାର୍ଥୀ କାଳୁ ଚରଣ ଖଣ୍ଡେଇତରାୟଙ୍କୁ ବିଜୟୀ କରିବାକୁ ନିବେଦନ କରିଥିଲେ।

## ନିର୍ବାଚନରେ ମିଶନ ଶକ୍ତିର ସହାୟତା ଅଭିଯୋଗ

ଟାଙ୍ଗୀ(ଖୋର୍ଦ୍ଧା),୧୯।୪ (ଡି.ଏନ.ଏ.)

ଚଳିତ ନିର୍ବାଚନ ପ୍ରଚାରବେଳେ ନିଜ ଭୋଟ ସଂଗ୍ରହ କରିବା ଲକ୍ଷ୍ୟରେ ମିଶନ ଶକ୍ତିର ସହାୟତା ନେବା ପାଇଁ ବିଜେଡି ଦଳ ତରଫରୁ ଉଦ୍ୟମ ହୋଇଥିବା କୁହାଯାଇଛି। ଶୁକ୍ରବାର ସରକାରୀ ଛୁଟି ସତ୍ତ୍ୱେ ରାମଚନ୍ଦ୍ରପୁର ପଞ୍ଚାୟତରେ ମିଶନ ଶକ୍ତିର ଏକ ବୈଠକ ଡକାଯାଇଥିଲା । ତେବେ ସେଠାରେ ସରପଞ୍ଚ ବିରୋଧୀ ଦଳର ସମର୍ଥକ ହୋଇଥିବା ଯୋଗୁ ବୈଠକକୁ ଭଣ୍ଡୁର କରିଦିଆଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ବଡପାରୀ ପଞ୍ଚାୟତରେ ମଧ୍ୟ ମିଶନ ଶକ୍ତିର ଏକ ବୈଠକ ମା' ଭଗବତୀଙ୍କ ପୀଠରେ ଆହ୍ୱାନ କରାଯାଇଥିଲା। ତେବେ ସେଠାରେ ବିଜେଡିର କୌଣସି ନେତା ପହଞ୍ଚି ନ ଥିବାରୁ ମହିଳାମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

## ମଦ କାରବାରକୁ ଆୟତ୍ତ କରିପାରୁନି ପୋଲିସ

ବେଗୁନିଆ,୧୯।୪ (ଡି.ଏନ.ଏ.)

ଆଉ ୨ ଦିନ ପରେ ୩ୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ସେଥିପାଇଁ ସହରଠୁ ଗାଁ ସବୁଠି ଜନସାଧାରଣ ଓ ରାଜନେତାମାନଙ୍କର ଭିଡ ଦେଖିବାକୁ ମିଳୁଛି। ତେବେ ଅନେକ ସ୍ଥାନରେ ମଦ କାରବାର ଖୁଲମଖୁଲା ଚାଲିଛି। ବିଶେଷ କରି ବେଗୁନିଆ ଥାନା ଅଞ୍ଚଳରେ ଏବେ ଦେଶୀ ରନ୍ଧାମଦ ପ୍ରସ୍ତୁତ ହେଉଥିବା ଅଭିଯୋଗ ଉଠୁଛି। ଚଳିତ ନିର୍ବାଚନକୁ ଶୃଙ୍ଖଳାର ସହ ଶେଷ କରିବାକୁ ପ୍ରଶାସନ ଓ ପୋଲିସ ବିଭାଗ ପ୍ରସ୍ତୁତ ରହିଥିବା କୁହାଯାଉଛି। ହେଲେ ମାଫିଆମାନଙ୍କୁ ଆୟତ୍ତ କରିବାରେ ପୋଲିସ ବିଫଳ ହେଉଥିବା ଲୋକଙ୍କ ଅଭିଯୋଗ ହେଉଛି। ବେପାରୀମାନେ ଗାଁ ଦାଣ୍ଡ, ରାସ୍ତା କଡ, ନିଛାଟିଆ ସ୍ଥାନ, ମଠ ଓ ମନ୍ଦିର ପରିସରରେ ଏହି ବେପାର ବୃଦ୍ଧି କରି ଚାଲିଛନ୍ତି। ଗତ ୧୫ ଦିନ ହେଲା ଚାପରେ ପଡି ପୋଲିସ ଏଠିସେଠି ନାମକୁ ମାତ୍ର ଚଢାଉ କରିଛି। କେବଳ ୨ ଶହ ଲିଟରରୁ ଉର୍ଦ୍ଧ୍ୱ ରନ୍ଧା ମଦ, ୪୦ ପେଟି ବିଦେଶୀ ମଦକୁ ଜବତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଥିବା ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କୁହନ୍ତି, ନିର୍ବାଚନ ସମୟରେ ମଦ କାରବାରକୁ ରୋକିବାକୁ ସ୍କ୍ୱାଡ୍ ଗଠନ କରାଯାଇ ବିଭିନ୍ନ ଗ୍ରାମରେ ଚଢାଉ ଜାରି ରହିଛି।

## ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଶ୍ରମିକଙ୍କ ମୃତ୍ୟୁ

### ଗ୍ରାମବାସୀ ସେସୁ କର୍ମଚାରୀଙ୍କୁ ଘେରିଲେ

ନିରାକାରପୁର,୧୯।୪(ଡି.ଏନ.ଏ.)



କର୍ମଚାରୀଙ୍କୁ ଗ୍ରାମବାସୀ ଘେରାଉ କରିଛନ୍ତି।

ଖୋର୍ଦ୍ଧା ଜିଲା ନିରାକାରପୁର ବିଦ୍ୟୁତ୍ ବିଭାଗ ଅଧୀନ ଲେଣ୍ଡୋ ପଞ୍ଚାୟତ ଭଗବତୀପଡ଼ାଠାରେ ଖୁଣ୍ଟରେ କାମ କରୁଥିବାବେଳେ ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସୌଭାଗ୍ୟ ଯୋଜନାରେ କାମ କରୁଥିବା ବେଳେ ୧୧କେ.ଭି. ତାର ସଂସ୍ପର୍ଶରେ ଆସିବାରୁ ଏହି ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି କେନ୍ଦୁଝର ଅଞ୍ଚଳର ଦିଲୀପ ମୁଣ୍ଡା(୨୭) । ସେ ଜଣେ ଠିକାଦାରଙ୍କ ପାଖରେ କାମ କରୁଥିଲେ। ଉକ୍ତ ଘଟଣା ନେଇ ନିରାକାରପୁର କନିଷ୍ଠ ଯନ୍ତ୍ରୀ ଗୌରାଙ୍ଗ ମଣ୍ଡଳ ପୁରୀ ଜିଲା ଗଡ଼ିଶାଗଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ କର୍ମଚାରୀ ଖାମଖିଆଲ ଭାବେ ବିଦ୍ୟୁତ୍ ସଂଯୋଗ ନ କାଟି ଦିଲୀପଙ୍କୁ ଖୁଣ୍ଟରେ ଚଢ଼ାଇବାରୁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଉତ୍ତେଜିତ ଗ୍ରାମବାସୀ ସେସୁ କର୍ମଚାରୀଙ୍କୁ ଘେରାଉ କରିଥିଲେ। ଉଲ୍ଲେଖଯୋଗ୍ୟ, ବିଦ୍ୟୁତ୍ ସଂଯୋଗ ବ୍ୟାହତ କରାଗଲା କି ନାହିଁ ତାହା ତଦାରଖ କରି କର୍ମଚାରୀଙ୍କୁ ଖୁଣ୍ଟରେ ଚଢ଼ାଇବା ଆବଶ୍ୟକ। କିନ୍ତୁ ଏଥିରେ ବ୍ୟତିକ୍ରମ ହେବାରୁ ଜଣେ ଶ୍ରମିକଙ୍କ ଅକାଳରେ ଜୀବନ ଚାଲିଯାଇଥିବା ବିଭିନ୍ନ ମହଲରେ କୁହାଯାଇଛି। ଦିଲୀପଙ୍କୁ ବିଦ୍ୟୁତ୍ ଆଘାତ ଲାଗିବା ପରେ ଉପସ୍ଥିତ କର୍ମଚାରୀଙ୍କ ମଧ୍ୟରୁ ଜଣେ ଦୌଡ଼ି ଯାଇ ବାଉଁଶ ବାଡ଼ିରେ ତାଙ୍କୁ ପିଟି ଜୀବନରକ୍ଷା କରିବାକୁ ଚାହିଁଥିଲେ ବୋଲି ଭଗବତୀପଡ଼ା ଗ୍ରାମର କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏ ନେଇ ବିଦ୍ୟୁତ୍ ସଂଯୋଗ କାଟିବା ଦାୟିତ୍ୱରେ ଥିବା ନିରାକାରପୁର ସେସୁ କର୍ମଚାରୀ ଉମ୍ଭୁରଧର ମହାପାତ୍ର କହିଛନ୍ତି, ଆମେ ଟ୍ରାନ୍ସଫର୍ମର ପାଖରୁ ବିଦ୍ୟୁତ୍ କାଟି ହ୍ୟାଣ୍ଡେଲରେ ଚାବି ପକାଇଥିଲୁ, ତେବେ କରେଣ୍ଟ କେମିତି ଆସିଲା ଜାଣିହେଉନି। ସେଠାରେ ଉପସ୍ଥିତ ଅନ୍ୟ ଜଣେ କର୍ମଚାରୀ ବିପିନ ବିହାରୀ ରାଉତ କହିଥିଲେ, ଆମେ ହାଣ୍ଡେଲରେ ଚାବିପକାଇଛୁ, ତା, ଛଡ଼ା ଏଠାକୁ ବାଉଁଶ କେଉଁଠୁ ଆଣିବୁ । ଲୋକେ ମିଛ କହୁଛନ୍ତି ବୋଲି ରାଉତ କହିଥିଲେ । ଠିକାଦାରଙ୍କ ପାଖରେ ଉପସ୍ଥିତ ଜଣେ ଶ୍ରମିକ କାଳୁ ନାୟକ କହିଥିଲେ, ଡିସ୍‌ଚାର୍ଜ ରଡ୍ ପକାଇ ଆମେ ବିଦ୍ୟୁତ୍ ବିଷୟରେ ଚେକ୍ କରିବା କଥା । ତାହା ଚେକ୍ କରିନୁ କି ଡିପାର୍ଟମେଣ୍ଟ କର୍ମଚାରୀ ଚେକ୍ କରିନାହାନ୍ତି । ଫଳରେ ଏଭଳି ଅଘଟଣ ଘଟିଥିବା ସେ ପ୍ରକାଶ କରିଛନ୍ତି । ନିରାକାରପୁର ବିଦ୍ୟୁତ୍ କନିଷ୍ଠ ଯନ୍ତ୍ରୀ ଗୌରାଙ୍ଗ ମଣ୍ଡଳ ଏ ଘଟଣା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ଦେଇଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ସେ କହିଥିଲେ। ଏଚ୍ ଟି ରଥ ଏଣ୍ଟରପ୍ରାଇଜର୍ ଏହି କାର୍ଯ୍ୟ ନେଇଛି। ଉକ୍ତ କାର୍ଯ୍ୟର ଠିକାଦାର ଏସ୍ କେ ରଥ ବୋଲି ସେ ସୂଚନା ଦେଇଛନ୍ତି ।

# ସମସ୍ୟା ଅନେକ, ସମାଧାନ ନାହିଁ

ଖୋର୍ଦ୍ଧା ଅଫିସ,୧୯।୪



ପୃଥ୍ୱୀରାଜ ହରିଚନ୍ଦନ



ପ୍ରଶାନ୍ତ ଜଗଦେବ



ପ୍ରଦୀପ କୁମାର ସ୍ୱାଇଁ



ଲଲାଟେନ୍ଦୁ ଶତପଥୀ

**ଚିଲିକା ନିର୍ବାଚନମଣ୍ଡଳୀ**

- ଭାଜପା, ବିଜେଡି , କଂଗ୍ରେସ ମଧ୍ୟରେ କଡା ଟକ୍କର
- ସ୍ୱାଧୀନ ପ୍ରାର୍ଥୀ ବଢ଼ାଉଛନ୍ତି ଚିନ୍ତା

ଚିଲିକା ନିର୍ବାଚନମଣ୍ଡଳୀ ପର୍ଯ୍ୟଟନ ପ୍ରାଚୁର୍ଯ୍ୟରେ ଭରପୂର। ମରାଳ ମାଳିନୀ ନୀଳାମ୍ବୁ ଚିଲିକା ରହିଥିଲେ ମଧ୍ୟ ଏହାର ବିକାଶ ପାଇଁ ପଦକ୍ଷେପ ନାହିଁ। ଏ ଅଞ୍ଚଳରୁ ଶ୍ରମିକମାନେ ରାଜ୍ୟ ଓ ରାଜ୍ୟ ବାହାରକୁ ଯାଇ ନିର୍ଯାତିତ ହୋଇ ଫେରିବା ଚିନ୍ତାର କାରଣ। ଅଞ୍ଚଳରେ ଜମିକୁ ମାଫିଆମାନେ ନିଜ ଅକ୍ତିଆରକୁ ନେଇ ଯାଉଛନ୍ତି। ଏଠାରେ ଅନେକ ସମସ୍ୟା ଥିଲେ ମଧ୍ୟ ସମାଧାନ ନାହିଁ। ନିର୍ବାଚନ ସମୟରେ ନେତାମାନେ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବାର ଅଭିଯୋଗ ରହିଛି। ୨୦୧୯ ନିର୍ବାଚନରେ ପୁଣି ଭୋଟରମାନଙ୍କୁ ପ୍ରାର୍ଥୀମାନେ ରଙ୍ଗିନ ସ୍ୱପ୍ନ ଦେଖାଇ ଚାଲିଛନ୍ତି। ଦେଖାଯାଉ ଭୋଟର କିଭଳି ପ୍ରଭାବିତ ହୋଇ ସେମାନଙ୍କର ଲୋକ ପ୍ରତିନିଧି ବାଛୁଛନ୍ତି। ଏଠାରେ ଭାଜପାର ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ, କଂଗ୍ରେସର ପ୍ରଦୀପ କୁମାର ସ୍ୱାଇଁ, ବିଜେଡି ପ୍ରଶାନ୍ତ କୁମାର ଜଗଦେବ, ବହୁଜନ ସମାଜ ପାର୍ଟିର ବସନ୍ତ ବେହେରା, କମ୍ୟୁନିଷ୍ଟ ପାର୍ଟିର ମୁରଲୀଧର ବେହେରା, ହିନ୍ଦୁସ୍ତାନ ନିର୍ମାଣ ଦଳର ସୁବ୍ରତ କୁମାର ହାବଡାସିଂହ ପ୍ରମୁଖ ୬ ଜଣ ଦଳୀୟ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ସ୍ୱାଧୀନ ପ୍ରାର୍ଥୀ ବାଣପୁର ପଞ୍ଚୁଗାଁର ଶଶାଙ୍କ ଶେଖର ମହାପାତ୍ର, ହାତୀମୁଣ୍ଡାର ଶିଶିର କୁମାର ମିଶ୍ର ଓ କୋଟ ବିଦ୍ୟାଧରପୁରର ଲଲାଟେନ୍ଦୁ ଶତପଥୀ ଅନୁରୂପ ଭାବେ ନିର୍ବାଚନ ଲଢୁଛନ୍ତି। ସ୍ୱାଧୀନ ପ୍ରାର୍ଥୀ ବିଜେଡି, କଂଗ୍ରେସ ଓ ଭାଜପା ପାଇଁ ଚିନ୍ତାର କାରଣ ପାଲଟିଛନ୍ତି। ଏଠାରେ ପ୍ରମୁଖ ତିନି ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ନିର୍ବାଚନମଣ୍ଡଳୀ ଭାଜପା ଦଖଲରେ ଥିବାରୁ ବିଜେଡି ହାତେଇବାକୁ ଉଦ୍ୟମ ଚଳାଇଛି।

ସ୍ୱାଧୀନ ପ୍ରାର୍ଥୀ ଲଲାଟେନ୍ଦୁ କୁହନ୍ତି, ଚିଲିକାରେ ସମସ୍ୟା ଅନେକ। ତେବେ ଚିଲିକାରେ କେଉଁଠି ନାଁ କେଉଁଠି ଏକ ରାଜନୈତିକ ଅଚଳାବସ୍ଥା ଓ ଅରାଜକତା ଦୀର୍ଘଦିନ ଧରି ଚାଲିଛି। ନେତା ଓ କୁଜି ନେତାମାନଙ୍କ ଦଲାଲି ରାଜ ଚାଲିଛି। ଏହାକୁ ଶେଷ କରିବାକୁ ମୋ ପରି ଯୁବକମାନେ ଗୋଟାଏ ପଣ କରିଛନ୍ତି। ମାଟି ପ୍ରୀତି ପାଇଁ ଭାଜପା ଛାଡି ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇଛି। ନେତାଙ୍କ ଭଳି ପ୍ରତିଶ୍ରୁତି ମୁଁ ଦେଇ ପାରିବିନି। ଭରସା କର ଚିଲିକାର ପରିବର୍ତ୍ତନ ନିଶ୍ଚିତ ହେବ କହି ଆସୁଛି। ଦୀର୍ଘ ୫ ବର୍ଷ ଧରି ଦିନ ରାତି ଏକାଠି କରି ସେବା ଓ ପରିଶ୍ରମ କରି ଚାଲିଛି। ସେବାର ମୂଲ୍ୟ ଥିବାରୁ ମୁଁ ନିଶ୍ଚିତ ଜିତିବାକୁ ଆଶା ରଖିଛି।

ଭାଜପାର ପ୍ରାର୍ଥୀ ପୃଥ୍ୱୀରାଜ କୁହନ୍ତି, ଭାଜପାର ବିଧାୟକ ବିଭୂତି ଭୂଷଣ ହରିଚନ୍ଦନ ଓ ପୂର୍ବତନ ମନ୍ତ୍ରୀ ବିଶ୍ୱ ଭୂଷଣ ହରିଚନ୍ଦନଙ୍କ ସମୟରେ ଚିଲିକା ନିର୍ବାଚନମଣ୍ଡଳୀରେ ଆଖି ଦୃଶିଆ ଭିତ୍ତିଭୂମିର ବିକାଶ କରାଇଛନ୍ତି। ଲୋକଙ୍କୁ ଅର୍ଥନୈତିକ ସ୍ୱାବଲମ୍ବୀ କରାଇବାକୁ ବିସ୍ତୃତ ଯୋଜନାର ରୂପରେଖ କରାଯାଇଛି। ଚିଲିକା ହ୍ରଦର ସମ୍ପୂର୍ଣ୍ଣ ପୁନରୁଦ୍ଧାର, କାଳୁପଡା ଘାଟଠାରୁ ବଡକୁଳ ପର୍ଯ୍ୟନ୍ତ ବେଳାଭୂମିର ବିକାଶ କରାଯିବ। ଚିଲିକା ଅଞ୍ଚଳରେ ୫ ହଜାର କୋଟି ଟଙ୍କାର ପର୍ଯ୍ୟଟନ ଶିଳ୍ପର ବିକାଶ ଓ ପ୍ରତିଷ୍ଠା, କୃଷି ଭିତ୍ତିକ ଶିଳ୍ପାଞ୍ଚଳ ପ୍ରତିଷ୍ଠା ସହ ଖାଦ୍ୟ ପ୍ରକ୍ରିୟାକରଣ ପ୍ରକଳ୍ପ, ୨୦ ହଜାର ସ୍ୱୟଂ ସହାୟିକା ମହିଳାଙ୍କ ପାଇଁ କ୍ଲଷ୍ଟର ଭିତ୍ତିକ ଶିଳ୍ପାଞ୍ଚଳରେ ସିଧା ରୋଜଗାରର ବ୍ୟବସ୍ଥାର ସ୍ୱପ୍ନ ରହିଛି। ୧୦ ହଜାର କ୍ଷୁଦ୍ର ଉଦ୍ୟୋଗୀଙ୍କୁ ମୁଦ୍ରାଋଣ ଦ୍ୱାରା ସଶକ୍ତ କରିବା, ଚିଲିକା ମତ୍ସ୍ୟଚାଷୀଙ୍କ ପାଇଁ ମତ୍ସ୍ୟ ପ୍ରଜନନ ଓ ଗବେଷଣା କେନ୍ଦ୍ର, ୫ ବର୍ଷ ଭିତରେ ସବୁ ଜମିକୁ ଜଳସେଚନର ବ୍ୟବସ୍ଥା, ବାଣପୁର ମାଳ ଅଞ୍ଚଳର ଜନଜାତି ଲୋକଙ୍କୁ ଜଙ୍ଗଲ ଜମିର ଅଧିକାର ଓ ୪୯ ଜଙ୍ଗଲ ଜାତ ପଦାର୍ଥର ସରକାରୀ କ୍ରୟ ପାଇଁ ମଣ୍ଡି ଖୋଲିବାକୁ ଅନୁରୂପ ଲକ୍ଷ୍ୟ ରହିଛି। ୨୦୨୨ ସୁଦ୍ଧା ସବୁ ଘରକୁ ପକ୍କା, ଶୌଚାଳୟ, ବିଦ୍ୟୁତ୍ ସଂଯୋଗ, ପାଣି ଯୋଗାଣ କରାଯିବ। ମା' ଭଗବତୀ, ବିରଜାଇ, ପାଣ୍ଡବାଶୁଣୀ ଓ ମା' ଉଗ୍ରତାରା ଶକ୍ତିପୀଠର ବିକାଶ, ବାଣପୁର ଓ ବାଲୁଗାଁ ଅଞ୍ଚଳକୁ ସ୍ମାର୍ଟ ମ୍ୟୁନିସିପାଲିଟି ମାନ୍ୟତା ପରି ଅନେକ ଦାବି ରହିଛି।

ବିଜେଡିପ୍ରାର୍ଥୀ ପ୍ରଶାନ୍ତ କୁହନ୍ତି, କ୍ଷମତାକୁ ଆସିଲେ ଚିଲିକା ଭିତ୍ତିଭୂମି ସହ ପର୍ଯ୍ୟଟନ ଶିଳ୍ପର ବିକାଶ, ବାଲୁଗାଁ ଓ ବାଣପୁର ସହରକୁ ସହରର ପର୍ଯ୍ୟାପ୍ତ ବ୍ୟବସ୍ଥା ପ୍ରଦାନ, ଶାଳିଆ ଡ୍ୟାମର ଉନ୍ନତୀକରଣ କରାଯିବ। ସେହିଭଳି ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନର ଉନ୍ନତୀକରଣ, ଚିଲିକା ମତ୍ସ୍ୟଜୀବୀଙ୍କ ଆର୍ଥିକ ଉନ୍ନତି ପ୍ରତି ଗୁରୁତ୍ୱ ଦିଆଯିବାକୁ ଲକ୍ଷ୍ୟ ରଖିଛି। ଶିକ୍ଷିତ ଯୁବକମାନଙ୍କ ପାଇଁ ସ୍ୱାବଲମ୍ବୀ ବ୍ୟବସ୍ଥା ଓ ସ୍ୱରୋଜଗାର ମାଧ୍ୟମ, ମା' ଭଗବତୀ ପୀଠକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦିଆଯିବ ବୋଲି ଭୋଟରଙ୍କୁ ବୁଝାଉଛନ୍ତି। କଂଗ୍ରେସ ପ୍ରାର୍ଥୀ ପ୍ରଦୀପ କୁହନ୍ତି, ଜିତିଲେ ସ୍ଥାନୀୟ ପ୍ରଶାସନକୁ ଦୁର୍ନୀତିମୁକ୍ତ କରିବି, ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ବିଦ୍ୟୁତ୍ ସେବାର ସୁବନ୍ଦୋବସ୍ତ କରାଇବି। ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତମାନେ ଯେପରି ଟଙ୍କା ଫେରି ପାଇବେ, ଶିକ୍ଷିତ ବେକାରଙ୍କୁ କର୍ମ ସଂସ୍ଥାନ, ଅଶିକ୍ଷିତ ଓ ସ୍ୱଳ୍ପ ଶିକ୍ଷିତଙ୍କୁ ବୈଷୟିକ କୌଶଳ ଯୋଗାଇ ଦେବା, ଚିଲିକା ମତ୍ସ୍ୟଜୀବୀଙ୍କ ଜୀବିକାକୁ ସମୃଦ୍ଧ କରାଯିବ। କୃଷି, କୃଷକଙ୍କ ସମସ୍ୟାର ନିରାକରଣ ସହ ଜଳସେଚନର ବ୍ୟବସ୍ଥା, ଚିଲିକା ହ୍ରଦ, ଶାଳିଆ ଡ୍ୟାମ, ପର୍ଯ୍ୟଟନ କେନ୍ଦ୍ରର ବିକାଶ ଓ ବାଲୁଗାଁ ବାଣପୁର ସହରର ଆଧୁନିକୀକରଣ କରିବାକୁ ଅନୁରୂପ ଭାବେ ଗୁରୁତ୍ୱ ଦେବି।

## ଟାଙ୍ଗୀ ବ୍ଲକ ଅଞ୍ଚଳରେ ବିଜେଡିର ବାଇକ୍ ଶୋଭାଯାତ୍ରା

ଟାଙ୍ଗୀ(ଖୋର୍ଦ୍ଧା), ୧୯।୪ (ଡି.ଏନ.ଏ.)

ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଜିତୁ ମିତ୍ରଙ୍କ ନେତୃତ୍ୱରେ ଏକ ବାଇକ୍ ଶୋଭାଯାତ୍ରା ଶୁକ୍ରବାର ଟାଙ୍ଗୀ ବ୍ଲକର ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଛି। ଖୋର୍ଦ୍ଧା ଜିଲା ପରିଷଦ ୧୧ ନଂ ଜୋନ୍ ଟାଙ୍ଗୀ, ମଙ୍ଗଳାଯୋଡି, ସୁନ୍ଦରପୁର, ଉଜ୍ଜଳା ଗୋପୀନାଥପୁର, କନ୍ତଳବାଇ, ବାଲିପାଟପୁର ଓ ୧୨ ନଂ ଜୋନ୍‌ର ଭୂଷଣ୍ଡପୁର ପଞ୍ଚାୟତ ପରିକ୍ରମା କରିଥିଲା। ପରେ ଶୋଭାଯାତ୍ରା ୧୦ ନଂ ଜୋନ୍‌ର ବଡପାରି, ରାମଚନ୍ଦ୍ରପୁର, ପରିଓରଡ, କୁଞ୍ଜୁରୀ, କୁହୁଡି, ରତନପୁର ଇତ୍ୟାଦି ପଞ୍ଚାୟତ ପରିକ୍ରମା କରି ବିଜେଡି ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ ଦେବାପାଇଁ ଦଳ ପକ୍ଷରୁ ନିବେଦନ କରାଯାଇଥିଲା। ଶୋଭାଯାତ୍ରରେ ବିଧାୟକ ପ୍ରାର୍ଥୀ ମିତ୍ରଙ୍କ ସମେତ ଏମ୍‌ପି ପ୍ରାର୍ଥୀ ଅରୂପ ପଟ୍ଟନାୟକ, ଖୋର୍ଦ୍ଧା ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ଜେନା, ଜିଲା ପରିଷଦ ସଭ୍ୟ ସ୍ୱଦେଶ ରାଉତରାୟ ପ୍ରମୁଖ ସାମିଲ ଥିଲେ ।



ଏ ସାରା ସଂସାରର ଗୁରୁ କେବଳ ଜଗନ୍ନାଥ
ଅଟନ୍ତି ଦ୍ୱିତୀୟ ଗୁରୁ କେହି ନାହାନ୍ତି।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ଦେଢ଼କୁଇଣ୍ଟାଲ ଗଞ୍ଜେଇ ଜବତ, ଜଣେ ଗିରଫ

ପୁରୀ ଅଫିସ, ୧୯।୪ : ନିର୍ବାଚନ ଦୃଷ୍ଟିରୁ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ଅବକାରୀ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ପୁରୀ ଅବକାରୀ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ ବ୍ରହ୍ମଗିରି ଥାନା ଅଧୀନ ଗୋଛିଆ ଗ୍ରାମରେ ଚଢାଉ କରିଥିଲା। ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦେଙ୍କ ଘରୁ ଦେଢ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିଲା। ଗଚ୍ଛିତ ଗଞ୍ଜେଇ କେଉଁଠୁ ଆଣିଲେ, ତାହାର କୌଣସି ଠିକ୍ ଉତ୍ତର ଦେଇ ନ ଥିଲେ। ଚଢାଉବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲେ। ଜବତ ଗଞ୍ଜେଇର ହାରାହାରି ମୂଲ୍ୟ ୭ଲକ୍ଷ ଟଙ୍କା ହେବା ବୋଲି ଅବକାରୀ ପକ୍ଷରୁ କୁହାଯାଇଛି। ଅବକାରୀ ପକ୍ଷରୁ କ୍ରମାଗତ ଭାବେ ବେଆଇନ ଚାଲିଥିବା ମଦଭାଟି, ମଦ ବିକ୍ରି ଏବଂ ଗଞ୍ଜେଇ, ଭାଙ୍ଗ ବିକ୍ରି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

### ମଦ ଜବତ, ୨ ଗିରଫ

ବଳଙ୍ଗା,୧୯।୪(ଡି.ଏନ୍.ଏ.): ଚୋରା ମଦ ବିକ୍ରି ଅଭିଯୋଗରେ ବଳଙ୍ଗା ପୋଲିସ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବଳଙ୍ଗା ଥାନା ଅଧୀନ ବରିମୁଣ୍ଡା ଗ୍ରାମର ସୁରେନ୍ଦ୍ର ମାଝି ଓ ଘୋଡକ ଗ୍ରାମର ଉନ ନାଥ। ଏମାନଙ୍କଠାରୁ ୮ଲିଟର ମଦ ଓ ୫ଲିଟର ଆଷ୍ଟା ଫର୍ଟି ଜବତ ହୋଇଛି। ଏ ନେଇ ଥାନାରେ ଦୁଇଟି ମାମଲା(ନଂ. ୫୫, ୫୬/୧୯)ରୁଜୁ ହୋଇଛି। ସୂଚନା ଅନୁଯାୟୀ, ବଳଙ୍ଗା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚୋରା ମଦ ବିକ୍ରି ହେଉଥିବା ନେଇ ପୋଲିସକୁ ଖବର ମିଳିଥିଲା। ଶୁକ୍ରବାର ପୋଲିସ ଉଭୟ ଗ୍ରାମରେ ଚଢାଉ କରି ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏକ ମାସ ମଧ୍ୟରେ ୧୨ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ କହିଛି।

### ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

ପୁରୀ ଅଫିସ, ୧୯।୪: ବିଶ୍ୱମ୍ଭର ବିଦ୍ୟାପୀଠରେ ଗୁରୁବାର ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ଶିକ୍ଷାଧିକାରୀ ଡ. ହୃଷୀକେଶ କାଣ୍ଡି ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଶିକ୍ଷକ ଭାବେ ମୌସୁମୀ ଦାସ, ନିହାର ନଳିନୀ ଦେବୀ ଓ ଚିନ୍ମୟୀ ଚିରଞ୍ଜୀବି ମହାନ୍ତି ଯୋଗଦେଇଥିଲେ। ପୁରୀ ମ୍ୟୁନିସିପାଲିଟି ଅଧୀନ ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟୀ କ୍ରୀଡ଼ା ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ସୁଶୀଲ କୁମାର ବ୍ରହ୍ମା ସଂଯୋଜନା କରିଥିଲେ। ଶେଖ୍ ସେରାତୁଲ୍ଲା, ଆଲମ ଅହମ୍ମଦ, ଗୋପାଳ ଚନ୍ଦ୍ର ପରିଡ଼ା, ଲଲାଟେନ୍ଦୁ ସ୍ୱାଇଁ, ନିରଞ୍ଜନ ମିଶ୍ର, କବିତା ପଟ୍ଟନାୟକ, ପ୍ରିୟମ୍ବଦା ଜେନା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### କଣାସରେ ଧୀବର ସମ୍ପ୍ରଦାୟର ବୋଇତବନ୍ଦାଣ

କଣାସ,୧୯।୪(ସ୍ୱ.ପ୍ର.): କଣାସ ବ୍ଲକର ଧୀବର ସମ୍ପ୍ରଦାୟର ପାରମ୍ପରିକ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ବହୁ କାଳରୁ ପ୍ରତିବର୍ଷ ଚୈତ୍ରମାସ ପୂର୍ଣ୍ଣିମା ତିଥିରେ ଅନୁଷ୍ଠିତ ହୋଇଥାଏ। ଧୀବର ସମ୍ପ୍ରଦାୟର ବ୍ୟକ୍ତିମାନେ ନିଜ କୌଳିକ ବୃତ୍ତିକୁ ପାଥେୟ କରି ଚିଲିକାରେ ଅହରହ ବ୍ୟସ୍ତ ରହିଥିଲେ ମଧ୍ୟ ପୂଜା ପୂର୍ବଦିନ ସମସ୍ତେ ଡଙ୍ଗା ସହିତ ଗ୍ରାମକୁ ଫେରି ଆସନ୍ତି। ସକାଳୁ ସକାଳୁ ସମସ୍ତଙ୍କର ଗୃହ ଲିପାପୋଛା ହେବା ସହ ଗ୍ରାମର ସମସ୍ତ ଧୀବର ନୂଆବସ୍ତ୍ର ପରିଧାନ କରି ସମବେତ ଭାବେ ଚଇତିଘୋଡା ନାଚ ସହିତ ଗ୍ରାମର ପ୍ରାନ୍ତରେ ବିଜେ କରିଥିବା ବାସେଲୀ ଠାକୁରାଣୀଙ୍କୁ ମହାସମାରୋହରେ ମାଜଣା ଓ ପୂଜାର୍ଚ୍ଚନା କରିଥାନ୍ତି। ଏହାପରେ ନଦୀକୂଳକୁ ଯାଇ ପ୍ରତ୍ୟେକଙ୍କ ଡଙ୍ଗାପୂଜା କରିବା ସହ କାଳୀଜାଇ ଠାକୁରାଣୀଙ୍କୁ ଭୋଗ ନୈବେଦ୍ୟ ଅର୍ପଣ କରନ୍ତି। ଏହିପର୍ବ କଣାସ ବ୍ଲକର ନୂଆଦୋକନ୍ଦା, ନଈକୂଳପାଟଣା, ଜାଗୁଲାଇପଦର, କଉଡିଖଣି, କରମଳା, ଜଂଘାର, ବଡଓରା ଓ ସରସ୍ୱତୀନଗରରେ ଅନୁଷ୍ଠିତ ହୋଇଥାଏ।

### କଂଗ୍ରେସ, ବିଜେଡିର ନିର୍ବାଚନୀ ପ୍ରଚାର

କଣାସ,୧୯।୪(ଡି.ଏନ୍.ଏ.): କଣାସ ବ୍ଲକରେ ଶୁକ୍ରବାର କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରସାଦ ହରିଚନ୍ଦନ ଓ ଏମ୍‌ପି ପ୍ରାର୍ଥୀ ସତ୍ୟପ୍ରକାଶ ନାୟକ ନିର୍ବାଚନୀ ପ୍ରଚାର କରିଛନ୍ତି। କଣାସର ବିଭିନ୍ନ ପଞ୍ଚାୟତରେ ଲୋକମାନଙ୍କ ସହ ଆଲୋଚନା କରି କଂଗ୍ରେସକୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ପ୍ରଦୀପ ହରିଚନ୍ଦନ, ସରପଞ୍ଚ ମନମୋହନ ସାମନ୍ତରାୟଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ସେହିପରି ବିଜେଡି ପ୍ରାର୍ଥୀ ପ୍ରଦୀପ ମହାରଥୀ ଡେଲାଙ୍ଗ ବ୍ଲକର ଅଚିଶଲ, ଡେଲାଙ୍ଗ-କୋଠବାଡ, ସାଉରିଆ, ଘନିପୁର, କଲ୍ୟାଣପୁର, ମୁନିନ୍ଦା ପଞ୍ଚାୟତରେ ଘରକୁ ଘର ବୁଲି ଶଙ୍ଖ ଚିହ୍ନରେ ଭୋଟ୍ ଦେବା ପାଇଁ କହିଥିଲେ।

■ ହଜିଯାଉଛି ଭକ୍ତି ଭାବ

# ରଥକାଠ ଉପରେ ଚାଲିଛି ବେପାର

ପୁରୀ ଅଫିସ, ୧୯।୪:

ଆସନ୍ତା ଜୁଲାଇ ୪ ତାରିଖରେ ରଥଯାତ୍ରା। ତିନିରଥ ନିର୍ମାଣ ପାଇଁ ବଡ଼ଦାଣ୍ଡରେ ଗଦାହେଲାଣି ରଥ କାଠ। ମେ ୭ ତାରିଖ ପବିତ୍ର ଅକ୍ଷୟ ତୃତୀୟାରୁ ଆରମ୍ଭ ହେବ ରଥ ନିର୍ମାଣ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପ୍ରସ୍ତୁତି ତ୍ୱରାନ୍ୱିତ କଲାଣି। ହେଲେ ବଡ଼ଦାଣ୍ଡରେ ଗଦା ହୋଇଥିବା ରଥକାଠକୁ ଅସମ୍ମାନ କରାଯାଉଛି। ଏହା ଉପରେ ଲୋକେ ବସୁଥିବା ବେଳେ ଉଠାଦୋକାନୀ ପସରା ମେଲାଇଛନ୍ତି। କେହି କେହି ରଥକାଠ ଉପରେ ଗୋଡ ରଖି ମଧ୍ୟ ବସୁଛନ୍ତି। ଏହାକୁ ନେଇ ଅନେକ ଭକ୍ତ ଅସନ୍ତୋଷ ପ୍ରକାଶ କରିଛନ୍ତି। ମହାପ୍ରଭୁଙ୍କ ରଥ ନିର୍ମାଣରେ ବ୍ୟବହାର ହେବାକୁ ଥିବା କାଠ ପ୍ରତି ଭକ୍ତି ଭାବ କିପରି ତାହା ପ୍ରମାଣିତ କରୁଛି ବୋଲି କହିଛନ୍ତି।



ରଥକାଠ ଉପରେ ଉଠାଦୋକାନୀ ବ୍ୟବସାୟ କରୁଛନ୍ତି।

ରଥକାଠ ସଂଗ୍ରହର ବିଧି ରହିଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ଟିମ୍ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ, ମାଳ, ମହାପ୍ରସାଦ ନେଇ ନୟାଗଡ଼ ଯାଇଥାନ୍ତି। ବଡ଼ମୂଳସ୍ଥିତ ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ଏ ସବୁ ଲାଗି ହୋଇ ପୂଜାର୍ଚ୍ଚନା ପରେ ରଥ ପାଇଁ କାଠ କଟା ଆରମ୍ଭ ହୁଏ। ଏହି କାଠ ରଥଖଳାରେ ପହଞ୍ଚିବା ପରେ ବସନ୍ତ ପଞ୍ଚମୀରେ କାଠ ଅନୁକୂଳ ହୁଏ। ଶ୍ରୀରାମ ନବମୀରେ ମହାପ୍ରଭୁଙ୍କ ଲାଗିମାଳ ଏବଂ ମହାର୍ଦ୍ଧ ଲାଗି ହୋଇ କାଠ ଚିରଟ ଅନୁକୂଳ ହୁଏ। ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୁଏ ରଥ ନିର୍ମାଣ। କାଠ ସଂଗ୍ରହଠାରୁ ରଥ ନିର୍ମାଣ ପର୍ଯ୍ୟନ୍ତ ପ୍ରତିଟି ଜିନିଷ ରୀତିନୀତି ଅନୁଯାୟୀ ହୋଇଥାଏ। ରଥରେ ମହାପ୍ରଭୁ ବିରାଜମାନ କରିବା ପରେ ରଥ, ପଥ ସବୁ ବ୍ରହ୍ମମୟ ହୋଇଯାଏ। ତେଣୁ ଶ୍ରୀକ୍ଷେତ୍ରକୁ ଆସୁଥିବା ଯାତ୍ରୀ ଏବଂ ଭକ୍ତମାନେ ବଡ଼ଦାଣ୍ଡରେ ଯାତାୟାତ କଲା ବେଳେ ରଥକାଠକୁ ଛୁଇଁ ମୁଣ୍ଡିଆ ମାରିଥାନ୍ତି। କିନ୍ତୁ କିଛି ଉଠାଦୋକାନୀଙ୍କ ଏଥିପ୍ରତି ନିଘା ନାହିଁ। ସେମାନେ ରଥକାଠ ପ୍ରତି ଖୁଲମଖୁଲା ଅସମ୍ମାନ କରୁଛନ୍ତି। ପସରା ମେଲାଇ ଗୋଡ଼ହାତ ଲମ୍ବାଇ ବସୁଛନ୍ତି। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି କେନ୍ଦ୍ରାପଡ଼ାରୁ ଆସିଥିବା ସମ୍ପଦ ସାହୁ। ସେ କହିଛନ୍ତି ଏହି କାଠରେ ମହାପ୍ରଭୁଙ୍କ ରଥ ନିର୍ମାଣ କରାଯାଉଛି। ହେଲେ ଏହା ଉପରେ ଏମିତି ବେପାରୀମାନେ ବସି ବେପାର କରିବା ଠିକ୍ ହେଉନାହିଁ। ଭକ୍ତିଭାବନାର ଅଭାବ ଏହା ପ୍ରମାଣିତ କରୁଛି। ଦୂରଦୂରାନ୍ତରୁ ଆସିଥିବା ଅନେକ ଭକ୍ତ ଏପରି ଦୃଶ୍ୟକୁ ଦେଖି ନାପସନ୍ଦ କରିଛନ୍ତି।

## ବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା

ପୁରୀ ଅଫିସ, ୧୯।୪ :

ବିଦ୍ୟାଳୟ ହେଉଛି ଏକ ମଣିଷ ତିଆରି କାରଖାନା। ଯେଉଁଠି ଦେଶର ଭବିଷ୍ୟତ ଛାତ୍ର ତଥା ଚରିତ୍ର ନିର୍ମାଣ ହୋଇଥାଏ। ଜଣେ ଉତ୍ତମ ଛାତ୍ର ଗଠନରେ ବିଦ୍ୟାଳୟର ବଡ଼ ଭୂମିକା ରହିଛି। ଗୁଣାତ୍ମକ ମାନର ଶିକ୍ଷାର ବିକାଶ, ଶୃଙ୍ଖଳିତ ବାତାବରଣ ସୃଷ୍ଟି ଲାଗି ପ୍ରତ୍ୟେକ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବଉଳ ମଠସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ମୁକ୍ତାକାଶ ରଙ୍ଗମଞ୍ଚଠାରେ ଆୟୋଜିତ ବାର୍ଷିକୋତ୍ସବ ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ଏହା କହିଛନ୍ତି। ଇଂ.ମୀନକେତନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସାହିତ୍ୟ ଏକାଡେମୀ ସଭାପତି ଡ.ହରିହର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶୃଙ୍ଖଳା ଜ୍ଞାନ ଉପରେ ଗୁରୁତ୍ୱାରୋପ କରିଥିଲେ। ସାମାଜିକ କର୍ମୀ ପ୍ରତିମା ମିଶ୍ର, ରଶ୍ମିରେଖା ସାମନ୍ତରାୟ ଓ ଆଲୋକ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଏବଂ ସଦର ମଣ୍ଡଳ ଶିକ୍ଷାଧିକାରୀ ମମତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟା ଡ.ଚାରୁବାଳା ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମସ୍ତ ଗୁରୁମା, ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମା’ ମଙ୍ଗଳାଙ୍କ ଚଇତି ପର୍ବ ଉଦ୍‌ଯାପିତ

କଣାସ,୧୯।୪(ଡି.ଏନ୍.ଏ.):

କଣାସ ବ୍ଲକ ଅଧୀନ ଜଳିଆପଡାସ୍ଥିତ ମା’ ମଙ୍ଗଳାଙ୍କ ପୀଠରେ ଶୁକ୍ରବାର ଚଇତି ପର୍ବ ଉଦ୍‌ଯାପିତ ହୋଇଯାଇଛି। ଏହି ପୀଠରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କାକଟପୁର ମା’ ମଙ୍ଗଳାଙ୍କଠାରୁ ଆଜ୍ଞାମାଳ ଅଣାଯାଇ ମହାଯଜ୍ଞର ପୂର୍ଣ୍ଣାହୁତି ସମାପନ କରାଯାଇଥିଲା। ଏହି ଚଇତି ପର୍ବକୁ ଦେଖିବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଭୋର ୪ଟାରୁ ମା’ଙ୍କ ଅବକାଶ ପରେ ମଙ୍ଗଳାଙ୍କ ମହିଷମର୍ଦ୍ଦିନୀ ବେଶ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣାହୁତି ପରେ ମା’ ମଙ୍ଗଳାଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା।



ମା’ ମଙ୍ଗଳାଙ୍କ ମହିଷମର୍ଦ୍ଦିନୀ ବେଶ।

## ଶତ ପ୍ରତିଶତ ମତଦାନ ଲାଗି ଆହ୍ୱାନ

ପୁରୀ ଅଫିସ, ୧୯।୪ :

ଚାଲିଛି ସାଧାରଣ ନିର୍ବାଚନ। ଦୁଇଟି ପର୍ଯ୍ୟାୟ ନିର୍ବାଚନ ସରିଛି। ଆସନ୍ତା ଏପ୍ରିଲ ୨୩ତାରିଖରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ସବୁବର୍ଗର ମତଦାତା ସାମିଲ ହେବା ଲାଗି ସାମାଜିକ ଅନୁଷ୍ଠାନ ସାହିଭାଇ ଆହ୍ୱାନ କରିଛି। ଏନେଇ ଅନୁଷ୍ଠାନ ପକ୍ଷରୁ ସୋସିଆଲ ମିଡିଆକୁ ପ୍ରଚାରର ମାଧ୍ୟମ କରିଛନ୍ତି। ଶତପ୍ରତିଶତ ମତଦାନ ଲାଗି ବ୍ୟାନର ପୋଷ୍ଟର, ସଚେତନତା ଶୋଭାଯାତ୍ରା ଆୟୋଜନ କରୁଛନ୍ତି। ଅନୁଷ୍ଠାନ ସମ୍ପାଦକ ଚନ୍ଦ୍ରଶେଖର ମିଶ୍ର ଓ ସୂର୍ଯ୍ୟନାରାୟଣ ପ୍ରଧାନ କୁହନ୍ତି, ଭାରତ ହେଉଛି ଏକ ବୃହତ୍ ଗଣତନ୍ତ୍ର ରାଷ୍ଟ୍ର। ଜଣେ ଭୋଟର ସିଧାସଳଖ ଭାବେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେଇଥାନ୍ତି। ନିର୍ବାଚନ ହେଉଛି ଗଣତନ୍ତ୍ରର ଏକ ମୁଖ୍ୟ ଅଙ୍ଗ। ଏଥିରେ ସମସ୍ତେ ସାମିଲ ହେବା ଉଚିତ। ତେବେ ଲୋକେ ନିଜ ସାମ୍ବିଧାନିକ ଅଧିକାରକୁ ସାବ୍ୟସ୍ତ କରିବାକୁ ବି କୁଣ୍ଠାବୋଧ କରୁଛନ୍ତି। ଏକ ସମୃଦ୍ଧ, ସଶକ୍ତ ରାଷ୍ଟ୍ର ଗଠନ ଲାଗି ସମସ୍ତ ମତଦାତା ମତଦାନ କେନ୍ଦ୍ରରେ ନିଜ ମତଦାନ ସାବ୍ୟସ୍ତ କରିବାକୁ ଅନୁରୋଧ କରିଛନ୍ତି। ସେହିପରି ଅନ୍ୟତମ ସାମାଜିକ ଅନୁଷ୍ଠାନ ଜଗତ ଉଦ୍ଧାର ସଂଘ ପକ୍ଷରୁ ଭୋଟଦାନ କରିବାକୁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି। ଶତ ପ୍ରତିଶତ ମତଦାନ ଲାଗି ନିର୍ବାଚନ କମିଶନର ବିଶେଷ ଭାବେ ଗୁରୁତ୍ୱାରୋପ କରିଛନ୍ତି। ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଚଳିତ ବର୍ଷ ମତଦାନ କେନ୍ଦ୍ରରେ ମତଦାତାଙ୍କ ଲାଗି ବିଭିନ୍ନ ବ୍ୟବସ୍ଥା କରାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କଲେ ମହିଳା

ସାକ୍ଷୀଗୋପାଳ, ୧୯।୪(ଡି.ଏନ୍.ଏ.)

ପୁରୀ ଜିଲାକୁ ନିର୍ବାଚନ ପ୍ରଚାରରେ ଆସିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସାକ୍ଷୀଗୋପାଳରେ ରୋଡ ଶୋ’ କରିଥିଲେ। ଏହି ଅବସରରେ ବହୁସଂଖ୍ୟକ ମହିଳା ହାତରେ ଦଳୀୟ ପତାକା, ଫୁଲମାଳ ଧରି ହୁଳହୁଳି ଓ ଶଙ୍ଖଧ୍ୱନୀ ଦେଇ ତାଙ୍କୁ ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡରେ ସ୍ୱାଗତ ଜଣାଇ ବଜାରକୁ ପାଛୋଟି ଆଣିଥିଲେ। ସାକ୍ଷୀଗୋପାଳ ମନ୍ଦିର ଦୋଳବେଦୀ ଛକରେ ହାଇଟେକ୍ ବସ ଉପରକୁ ଉଠି ନବୀନ ଚିରାଚରିତ ଢଙ୍ଗରେ ଆପଣମାନେ ଖୁସି ତ କହିବା ପରେ ଉପସ୍ଥିତ ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିଲା। ପରେ ପ୍ରଚାର ସାରି ବାଇପାସ୍ ରାସ୍ତାରେ ଫେରିଯାଇଥିଲେ। ଶୋଭାଯାତ୍ରାରେ ପୁରୀ ଏମ୍‌ପି ପ୍ରାର୍ଥୀ ପିନାକୀ ମିଶ୍ର, ସତ୍ୟବାଦୀ ବିଧାୟକ ପ୍ରାର୍ଥୀ ଉମାକାନ୍ତ ସମନ୍ତରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜନ ମହାପାତ୍ର, ଜିଲା ସମ୍ପାଦକ ପ୍ରଶାନ୍ତ କୁମାର ନନ୍ଦ, ରାମଚନ୍ଦ୍ର ମହାନ୍ତି, ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ଉପାଧ୍ୟକ୍ଷ ବିକ୍ରମ କୁମାର ଜେନା, ଜିଲା ପରିଷଦ ସଭ୍ୟ ପ୍ରହଲ୍ଲାଦ ଘଟୁଆରୀ, ଧ୍ରୁବ ଚରଣ ଦାଶ ସାମିଲ ହୋଇଥିଲେ।

## ୨୨ଗାଁରେ ବିଜେଡି, ଭାଜପାର ବାଇକ୍ ଶୋଭାଯାତ୍ରା

ନିମାପଡ଼ା,୧୯।୪(ଡି.ଏନ୍.ଏ.):

ନିମାପଡ଼ାର ୨୨ଟି ଗ୍ରାମରେ ଶୁକ୍ରବାର ବିଜେଡି ବିଧାୟକ ପ୍ରାର୍ଥୀ ସମୀର ରଞ୍ଜନ ଦାଶ ବାଇକ୍ ଶୋଭାଯାତ୍ରା କରିଛନ୍ତି। ନିମାପଡ଼ା ବ୍ଲକ ଅଧୀନ ଅରିଷଣ୍ଡ ଓ ସଲଙ୍ଗ ପଞ୍ଚାୟତର ଅରିଷଣ୍ଡ, ବାମଦେଇପୁର, ବାମଖଟିପାଟଣା, ବିଜିପୁର, ଡଗରାସାହି, ତେରବାଟିଆ, ମୁରାରୀପୁର, କୋଟରାଙ୍ଗ, ସଲଙ୍ଗ, ଓହଳ, ମଠସାହି, ଆମରଙ୍ଗ, ଇଣ୍ଡୋଳ ଆଦି ଗ୍ରାମରେ ପ୍ରଚାର କରବା ସହ ବିଜେଡିକୁ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ। ଏହି ବାଇକ୍ ଶୋଭାଯାତ୍ରାରେ ବିଜେଡି ନେତା ନବଘନ ବଳ, ମହେନ୍ଦ୍ର ବିଶ୍ୱାଳ, ଅଶୋକ ସାହୁ, ସନାତନ ପ୍ରଧାନ, ବିଜୟ ପଟ୍ଟନାୟକ, ନୀହାର ରଞ୍ଜନ ପରିଡାଙ୍କ ସମେତ ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ। ବିଜେଡି ଏମ୍‌ପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକ ଓ ବିଧାୟକ ପ୍ରାର୍ଥୀ ଦାଶ ଗୁରୁବାର ନିମାପଡ଼ା ବ୍ଲକର କଳାପାଞ୍ଚଣ ଓ ତମ୍ପାଳୋ ପଞ୍ଚାୟତରେ ଲୋକମାନଙ୍କୁ ଭେଟି ଭୋଟ ପାଇଁ ନିବେଦନ କରିଥିଲେ। ବିଭିନ୍ନ ଗ୍ରାମରେ ଉଭୟ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟପକ୍ଷରେ ଭାଜପା ପ୍ରାର୍ଥୀ ପ୍ରଭାତୀ ପରିଡା ଶତାଧିକ ଦଳୀୟ କର୍ମୀଙ୍କ ସହ ନିମାପଡ଼ା ବ୍ଲକର କଳାପାଞ୍ଚଣ, ଭୋଦର, ବାମନାଳ, ସଲଙ୍ଗ, ବଳଙ୍ଗା ଆଦି ୫ଟି ପଞ୍ଚାୟତର ୨୨ଟି ଗ୍ରାମରେ ବାଇକ୍ ଶୋଭାଯାତ୍ରା କରିବା ସହ ଭାଜପାକୁ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ। ନିମାପଡ଼ା ସମେତ ରାଜ୍ୟରେ ପରିବର୍ତ୍ତନର ହାୱା ବହିଲାଣି, ଏଥର ନିମାପଡ଼ାରେ ପଦ୍ମ ଫୁଟିବ ବୋଲି ପ୍ରାର୍ଥୀ ପରିଡା କହିଛନ୍ତି। ଏହି ବାଇକ୍ ଶୋଭାଯାତ୍ରାରେ ଭାଜପା ନେତା କୃଷ୍ଣ ସ୍ୱାଇଁ, ବାସୁଦେବ ବେହେରା, ବୃନ୍ଦାବନ ଜେନା, ନରେନ୍ଦ୍ର ପଣ୍ଡା, ସିଲା ସାହୁ, ଦିଲ୍ଲୀପ ପରିଡା, ସଞ୍ଜୟ ମହାପାତ୍ର ସାମିଲ ହୋଇ ପ୍ରାର୍ଥୀ ପରିଡାଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ।



ବିଜେଡି ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ନାବାଳିକା ଅପହରଣକାରୀ ଗିରଫ

ପୁରୀ ଅଫିସ, ୧୯।୪:

ଜଣୈକା ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଶୁକ୍ରବାର ଟାଉନ ଥାନା ପୋଲିସ ମନୋଜ ଭୋଇ(୨୫) ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ପ୍ରକାରେ, ସପ୍ତାହ ତଳେ ଟାଉନ ଥାନା ଅଞ୍ଚଳରେ ଗିରଫ ଅଭିଯୁକ୍ତ ସଂପୃକ୍ତ ନାବାଳିକାଙ୍କୁ ଏକ ବଗିଚାରୁ ଅପହରଣ କରି ନେଇଥିଲେ। ନାବାଳିକା ଏହାର ବିରୋଧ କରିବାରୁ ତାଙ୍କ ପରିବାର ଲୋକଙ୍କୁ ହତ୍ୟା ଧମକ ଦେଇଥିଲେ।

## ଶାନ୍ତିଶୃଙ୍ଖଳା ଭଙ୍ଗ ଅଭିଯୋଗରେ ୩୬ଜଣଙ୍କ ନାଁରେ ମାମଲା

କଣାସ,୧୯।୪(ସ୍ୱ.ପ୍ର.)

କଣାସ ବ୍ଲକରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଏପ୍ରିଲ ୨୩ରେ ଅନୁଷ୍ଠିତ ହେବ। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବାକୁ ଲକ୍ଷ୍ୟ ରଖି ଗଡିଶାଗୋଦା ଥାନାର ଆଇଆଇସି ଶଙ୍କର୍ଷଣ ଦଳାଇ ଅଞ୍ଚଳର ୩୬ଜଣଙ୍କ ନାମରେ ଆଇପିସି ୧୦୭ ଧାରାରେ ଏକ ମାମଲା ରୁଜୁ କରିଛନ୍ତି। ଏହି ମାମଲା ଥାନାର ଏଏସ୍‌ଆଇ ପି.ଡି ବିଶ୍ୱାଳଙ୍କ ଏତଲା ଅନୁସାରେ ଗଡିଶାଗୋଦା ଥାନା ନନ୍ ଏଫଆଇଆର ନମ୍ବର ୧୬/୨୦୧୯ ଏକ୍‌ଜ୍ୟୁକିଟିଭ୍ ମାଜିଷ୍ଟ୍ରେଟ ତଥା ତହସିଲଦାରଙ୍କ କୋର୍ଟକୁ ପଠାଯାଇଛି। ଏଥିରେ ଉଲ୍ଲେଖ ଅଛି ଯେ, ଏହି ଅଭିଯୁକ୍ତମାନେ ବିଭିନ୍ନ ରାଜନୈତିକ ଦଳର ଦୃଢ଼ ସମର୍ଥକ ଏବଂ ନିର୍ବାଚନ ସମୟରେ ଯେକୌଣସି ମୁହୂର୍ତ୍ତରେ ଶାନ୍ତିଶୃଙ୍ଖଳା ଭଙ୍ଗ ସହିତ ହିଂସାକାଣ୍ଡ ଘଟାଇବାର ଆଶଙ୍କା ରହିଛି। ଏମାନେ ବିରୋଧୀ ପ୍ରାର୍ଥୀଙ୍କ ଫ୍ଲାଗ, ବ୍ୟାନର, ପୋଷ୍ଟର, ପାମ୍ପଲେଟ୍ ଓ ଦଳୀୟ ସଙ୍କେତ ଚିରିବାର ଅଭିଯୋଗ ହୋଇଛି। ଏମାନେ ଭୋଟ କେନ୍ଦ୍ରରେ ପଶି ନିର୍ବାଚନକୁ ଭଣ୍ଡୁର କରିବା ଆଶଙ୍କା ଥିବାରୁ ସେମାନଙ୍କଠାରୁ ଭାରତୀୟ ପିଙ୍ଗଳ କୋଡର ୧୧୬ (୩) ଧାରା ଅନୁଯାୟୀ ବଣ୍ଡରେ ସ୍ୱାକ୍ଷର କରାଇ ନେବାକୁ ସୁପାରିସ କରାଯାଇଛି। ଏହାସହ ଯଦି ଏମାନେ କୌଣସି ବିଶୃଙ୍ଖଳା ସୃଷ୍ଟି କରନ୍ତି, ତେବେ ଆଇପିସି ୧୧୩ ଧାରା ଅନୁଯାୟୀ ଅଭିଯୁକ୍ତମାନଙ୍କୁ ଦଣ୍ଡ ବିଧାନ ନିମନ୍ତେ ଅନୁରୋଧ କରାଯାଇଛି।

## ଚନ୍ଦନଯାତ୍ରା ଖୁଣ୍ଟି ଅନୁକୁଳ

ସାକ୍ଷୀଗୋପାଳ, ୧୯।୪(ଡି.ଏନ୍.ଏ.)

ସାକ୍ଷୀଗୋପାଳ ଠାକୁରଙ୍କ ଚନ୍ଦନଯାତ୍ରା ନିମନ୍ତେ ଶୁକ୍ରବାର ଚୈତ୍ର ପୂର୍ଣ୍ଣମୀ ତିଥୀରେ ଖୁଣ୍ଟି ଅନୁକୂଳ ହୋଇଯାଇଛି। ଚନ୍ଦନ ପୋଖରୀ ଠାରେ ଚନ୍ଦନ ଛାମୁଁଡିଆ ପ୍ରସ୍ତୁତି ପାଇଁ ଠାକୁରଙ୍କ ନିକଟରୁ ଅଣାଯାଇଥିବା ଆଜ୍ଞାମାଳ ପ୍ରଥମେ ଖୁଣ୍ଟ ଉପରେ ବନ୍ଧାଯାଇଥିଲା। ମହାପ୍ରସାଦ ସମର୍ପଣ ଓ ନଡିଆ ବାଡେଇବା ପରେ ଭୋଇ ସେବକ ମାନେ ଧୂପକାଠି ଦେଇ ଖୁଣ୍ଟ ପୂଜା କରିଥିଲେ। ଦକ୍ଷିଣ ପୂର୍ବ କୋଣରେ ଖୁଣ୍ଟଟି ପୋତାଯାଇଥିଲା। ସର୍ଦ୍ଦାର ଭୋଇ ସେବକ କେଶବ ଭୋଇ, ଲଖିଆ ଭୋଇ, ପୁନିଆ ଭୋଇ, ବାବାଜି ଭୋଇ ଓ ଛୋଟା ଭୋଇ ଖୁଣ୍ଟ ଅନୁକୂଳ କାର୍ଯ୍ୟରେ ନିୟୋଜିତ ହୋଇଥିଲେ।



ଖୁଣ୍ଟି ଅନୁକୂଳ କରାଯିବା ପରେ ଚନ୍ଦନ ମଣ୍ଡପ, ବିଜେଦାଣ୍ଡ, ଦୋଳବେଦୀ ଛକ ଓ ସିଂହଦ୍ୱାର ଓ ଗୁଆପାହଚ ନିକଟରେ ଛାମୁଁଡିଆ କରାଯିବ।

■ ଭାଜପା ଘୋଷଣା ପତ୍ର ଉନ୍ମୋଚିତ

# ପୁରୀରେ ମଲ୍ଟି ସ୍ପେଶିଆଲିଟି ଡାକ୍ତରଖାନା

ପୁରୀ ଅଫିସ, ୧୯।୪:

କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଶୁକ୍ରବାର ନୟାଗଡ଼ଠାରେ ଭାଜପାର ବିଜୟ ସଂକଳ୍ପ ସଭାରେ ଯୋଗଦେଇ ପୁରୀ ଲୋକ ସଭା ପାଇଁ ଘୋଷଣା ପତ୍ର ଉନ୍ମୋଚନ କରିଛନ୍ତି। ଏହି ଘୋଷଣାପତ୍ରରେ ଭାଜପା ତାର ଲକ୍ଷ୍ୟ ଏବଂ ଆଭିମୁଖ୍ୟ ପ୍ରକାଶ କରିଛି।

ଏଥିରେ ଭାଜପା ପୁରୀକୁ ଶାନ୍ତି, ସଦ୍‌ଭାବନା, ମୈତ୍ରୀର ଆଦର୍ଶ ସହର ତଥା ଭାରତର ଆଧ୍ୟାତ୍ମିକ ରାଜଧାନୀ ଭାବେ ଗଢ଼ିବା, ଶ୍ରୀମନ୍ଦିର ବିଧି ଏବଂ ପରମ୍ପରାକୁ ଅକ୍ଷୁଣ୍ଣ ରଖିବା, ପୁରୀ ସହରରୁ କୃତ୍ରିମ ବନ୍ୟା ଦୂର ପାଇଁ ତ୍ୱରିତ ବ୍ୟବସ୍ଥା କରିବା, ବିଭିନ୍ନ ଧର୍ମ ପୀଠର ବିକାଶ ଏବଂ ପର୍ଯ୍ୟଟକଙ୍କୁ ସୁରକ୍ଷା ପ୍ରଦାନର ବ୍ୟବସ୍ଥା, ସତ୍ୟବାଦୀ ବନ ବିଦ୍ୟାଳୟ ଏବଂ ପଞ୍ଚସଖାଙ୍କ ସମାଧି ପୀଠକୁ ଜାତୀୟ ସ୍ମାରକୀ ମାନ୍ୟତା ପ୍ରଦାନ ଲାଗି ବ୍ୟବସ୍ଥା କରିବା, ଶ୍ରୀଜଗନ୍ନାଥ ସଂସ୍କୃତିର ବିଶ୍ୱବ୍ୟାପୀ ପ୍ରଚାର, ଚିଲିକା ହ୍ରଦର ସମ୍ପୂର୍ଣ୍ଣ ପୁନରୁଦ୍ଧାର ସାଙ୍ଗକୁ କାଲୁପଡ଼ାଠାରୁ ବଡ଼କୂଳ ପର୍ଯ୍ୟନ୍ତ ଚିଲିକା ବେଳାଭୂମିର ଭିତ୍ତିଭୂମି ବିକାଶ, ସତ୍ୟବାଦୀ ଏବଂ ସାକ୍ଷୀଗୋପାଳରେ ନଡ଼ିଆଭିତ୍ତିକ ଶିଳ୍ପ ସଂସ୍ଥା ପ୍ରତିଷ୍ଠା, ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ, ପିପିଲି, ରଣପୁର, ଚିଲିକା ଏବଂ ନୟାଗଡ଼ଠାରେ କୌଶଳଭିତ୍ତିକ ତାଲିମ କେନ୍ଦ୍ର ସ୍ଥାପନ, ନୟାଗଡ଼ରେ ବନ୍ଦ ହୋଇରହିଥିବା ଚିନି କାରଖାନାର ପୁନରୁଦ୍ଧାର କିମ୍ବା ନୂଆ ଚିନି କଳ ପ୍ରତିଷ୍ଠା ଏବଂ ପୁରୀ ପେଣ୍ଠକଟାରେ ଅତ୍ୟାଧୁନିକ ସାମୁଦ୍ରିକ ମତ୍ସ୍ୟ ଶିଳ୍ପ ପ୍ରତିଷ୍ଠା ଲକ୍ଷ୍ୟ ରଖାଯାଇଛି। ରଣପୁର ବିଧାନସଭାରେ ଭେଙ୍ଗାବର ଏବଂ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ପୁନରୁଦ୍ଧାର ଏବଂ ଆଧୁନିକୀକରଣ କରାଯିବା, ଏସ୍‌ସିଏସ୍ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା, ପୁରୀ ମେଡିକାଲ କଲେଜକୁ ସମ୍ପୂର୍ଣ୍ଣ କରିବା, ପୁରୀ ସହରରେ ଅତ୍ୟାଧୁନିକ ମଲ୍ଟି ସ୍ପେଶିଆଲିଟି ଡାକ୍ତରଖାନା ନିର୍ମାଣ ସାଙ୍ଗକୁ ବ୍ଲକସ୍ତରୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ କରାଯିବା, ସିଦ୍ଧମହାବୀର ରେଳ ଫାଟକ ଉପରେ ଓଭରବ୍ରିଜ୍ ନିର୍ମାଣ, ପୁରୀ ଧାମକୁ ଅପରାଧ ମୁକ୍ତ କରାଯିବ ବୋଲି ମଧ୍ୟ ଏହି ଘୋଷଣାପତ୍ରରେ ଉଲ୍ଲେଖ କରାଯାଇଛି।